# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪ (୨୦ ପୃଷ୍ଠା) Bhubaneswar, Monday, February 26/2024 Page 20 ₹ 7.00
୫୦ଶ ଭାଗ ୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 94 ମୂଲ୍ୟ₹୭/-



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪ Bhubaneswar, Monday, February 26/2024




# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪

Bhubaneswar, Monday, February 26/2024



भारतीय रेल INDIAN RAILWAYS

## ଆଧୁନିକ ଏବଂ ଦ୍ରୁତ ରେଳସେବା
## ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ₹41 ହଜାର କୋଟି ବ୍ୟୟରେ ସାରା ଦେଶରେ
554ଟି ରେଳ ଷ୍ଟେସନର ପୁନର୍ବିକାଶ ଏବଂ 1500 ରୋଡ୍ ଓଭର ବ୍ରିଜ୍/ ଅଣ୍ଡରପାସ୍‌ର
ଶିଳାନ୍ୟାସ/ ଉଦ୍‌ଘାଟନ/ ରାଷ୍ଟ୍ର ପ୍ରତି ସମର୍ପଣ





## ଓଡ଼ିଶା ରେ
## 21ଟି ଷ୍ଟେସନର ପୁନର୍ବିକାଶ

| | | | | | |
|---|---|---|---|---|---|
| ରାୟଗଡ଼ା | କେସିଙ୍ଗା | ଜୟପୁର | ପାନପୋଷ | କେନ୍ଦୁଝରଗଡ଼ | ବ୍ରଜରାଜ ନଗର |
| ଭଦ୍ରକ | କୋରାପୁଟ ଜଙ୍କସନ୍ | ରଘୁନାଥପୁର | ବେତନଟି | ବିମଳାଗଡ଼ | |
| ବାଲେଶ୍ୱର | ସମ୍ବଲପୁର ସିଟି | ବେଲପାହାଡ଼ | ତାଳଚେର | ଜରୋଲି | |
| ଟିଟିଲାଗଡ଼ ଜଙ୍କସନ୍ | ଝାରସୁଗୁଡ଼ା ରୋଡ୍ | ପାରାଦୀପ | ପାରଳାଖେମୁଣ୍ଡି | ରାଇରଙ୍ଗପୁର | |

- ରୁଫ୍ ପ୍ଲାଜା, ସପିଙ୍ଗ୍ ଜୋନ୍, ଫୁଡ୍ କୋର୍ଟ, ପିଲାମାନଙ୍କ ଖେଳ ପରିସର ଇତ୍ୟାଦି ସୁବିଧା ସହିତ ସିଟି ସେଣ୍ଟର ରୂପରେ ପୁନର୍ବିକାଶ
- ଭିନ୍ନ ଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ବହୁସ୍ତରୀୟ ପାର୍କିଙ୍ଗ୍, ଲିଫ୍ଟ, ଏସ୍କାଲେଟର୍, ଏକ୍‌ଜିକ୍ୟୁଟିଭ୍ ଲାଉଞ୍ଜ, ପ୍ରତୀକ୍ଷାଳୟ, ଟ୍ରାଭେଲେଟର୍, ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ସୁବିଧା
- ମଲ୍ଟିମୋଡାଲ୍ କନେକ୍ଟିଭିଟିର ଏକୀକରଣ ଦ୍ୱାରା ଏହି ପୁନର୍ବିକଶିତ ଷ୍ଟେସନ ପରିସରଗୁଡ଼ିକ ସାମାଜିକ-ଆର୍ଥିକ କାରବାରର ପେଣ୍ଠସ୍ଥଳୀ ପାଲଟିବ

ଏବଂ

## 52ଟି ରୋଡ୍ ଓଭର୍ ବ୍ରିଜ୍/ଅଣ୍ଡରପାସ୍ ନିର୍ମାଣ

- ସଡ଼କ ଏବଂ ରେଳ ଯାତାୟାତରେ ଅବାଧ ଗମନାଗମନ
- ସ୍ଥାନୀୟ ଅଧିବାସୀଙ୍କୁ ରେଳପଥର ଉଭୟ ଦିଗକୁ ଯିବା ଆସିବାର ସୁରକ୍ଷିତ ଏବଂ ସୁଗମ ବ୍ୟବସ୍ଥା
- ଟ୍ରାଫିକ ସମସ୍ୟା ଦୂର, ଯାତ୍ରାକାଳୀନ ସମୟ ହ୍ରାସ

## ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା

26 ଫେବୃଆରୀ, 2024 | ପୂର୍ବାହ୍ଣ 11 ଘଟିକାରୁ

(ଭିଡିଓ କନ୍‌ଫରେନ୍ସିଙ୍ଗ୍ ମାଧ୍ୟମରେ)

ଗରିମାମୟ ଉପସ୍ଥିତି

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରୀୟ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ରାଓସାହେବ ପାଟିଲ୍ ଦାନଭେ**
କେନ୍ଦ୍ରୀୟ ରେଳ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ

**ଦର୍ଶନା ଜରଦୋଶ**
କେନ୍ଦ୍ରୀୟ ରେଳ ଓ ବସ୍ତ୍ର ରାଷ୍ଟ୍ରମନ୍ତ୍ରୀ

D-21/23-24

DD NEWS ରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

**ଆଜିର ମନ୍ତବ୍ୟ**

"ଆଇଏନ୍ଏଲଡି ନେତା ନଫେ ସିଂ ରାଠୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ ଉଦିଷ୍ଟ ପୋଲିସକୁ ହରିୟାଣା-ପଞ୍ଜାବ ସୀମାରେ କୃଷକଙ୍କୁ ଅଟକାଇବା କାମରେ ଲଗାଯାଇଛି। ହରିୟାଣାର ଆଇନଶୃଙ୍ଖଳା ସ୍ଥିତିକୁ ଭାଜପା ବିପର୍ଯ୍ୟସ୍ତ କରିଦେଇଛି।"
– ଅରବିନ୍ଦ କେଜ୍ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ଆହ୍ୱାନରେ ସଫେଇ କର୍ମଚାରୀଙ୍କ ବିଏମ୍‌ସି ଅଫିସ ଘେରାଉ, ସ୍ଥାନ: ଅଫିସ ପରିସର, ସମୟ: ସକାଳ ୯ଟା।
- ରାସ୍ତା ଓଭରବ୍ରିଜ୍‌ର ଶିଳାନ୍ୟାସ, ସ୍ଥାନ: ବାରଙ୍ଗ ଏବଂ ମଞ୍ଚେଶ୍ୱର ରେଳ ଷ୍ଟେଶନ, କଳାରାହାଙ୍ଗ ରାସ୍ତା ପାଖ, ପଟିଆ ପାଖ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନର ପ୍ରଥମ ରାଜ୍ୟ ସମ୍ମିଳନୀ, ସ୍ଥାନ: ଅଶୋକ ନଗରସ୍ଥିତ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ଗାଁ ଅନୁଭୂତିକୁ ନେଇ ସଙ୍ଗୀତ କାର୍ଯ୍ୟକ୍ରମ 'ଏଇ ଆମରି ଗାଁ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୧୫।
- ୨୪ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ସଦର ବ୍ଲକ ଅଧୀନ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମ ହସ୍ପିଟାଲର ଲୋକାର୍ପଣ, ସ୍ଥାନ– ବେଣ୍ଟକାର, ସମୟ ଅପରାହ୍ନ ୪ଟା।
- ଥିଏଟର ମାରାଥନ୍ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ କନ୍ୟାଭ୍ରୁଣ ହତ୍ୟାର ମହାପାପ, ସ୍ଥାନ: କଟକ ଅନ୍ନପୂର୍ଣ୍ଣା ଥିଏଟର–ବି ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସାମୂହିକ ନିଃଶୁଳ୍କ ବ୍ରତୋପନୟନ, ସ୍ଥାନ: ପୁରୀସ୍ଥିତ ଗଣେଶ ମଣ୍ଡପ, ଗୁଡ଼ିଆବଗିଚା, ସକାଳ: ସକାଳ ୮ଟା।
- ଅଭାସି ମାଧ୍ୟମରେ ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଭିତି ପ୍ରସ୍ତର ସ୍ଥାପନ, ସ୍ଥାନ: ରେଳ ଷ୍ଟେଶନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଭୁବନେଶ୍ୱରୀ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଫନି କ୍ଷତିଗ୍ରସ୍ତଙ୍କ ହକ ପାଇଁ ପଦଯାତ୍ରା ଓ ବିକ୍ଷୋଭ, ସ୍ଥାନ: ସାକ୍ଷୀଗୋପାଳସ୍ଥିତ ପଞ୍ଚସଖୀ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗାୟତ୍ରୀ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ପୁରୀସ୍ଥିତ ତାଳବଣିଆ, ସମୟ: ଅପରାହ୍ନ ୨ଟା।
- ସତ୍ୟବାଦୀ ପ୍ରାଥମିକ ଶିକ୍ଷକ ସଂଘ ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ, ସ୍ଥାନ: ବାସୁକେରା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ନବମ ଦିନରେ ନୁପୁର ଅନୁଷ୍ଠାନର ନାଟକ ସନ୍ଦେଶ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ–ସଂଜୀ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲୀପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ୧୦ଟା।
- ଜିଲା ସଡ଼କ ସୁରକ୍ଷା ସମିତି (ଡିଆର୍‌ଏସ୍‌ସି) ମାସିକ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ ପରିସର, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦ୍ରାପଡ଼ା

- ଗବେଷଣା ପଦ୍ଧତି ଓ ଶୈକ୍ଷିକ ଲିଖନ ଶିର୍ଷକ ଆଲୋଚନା ଚକ୍ର, ସ୍ଥାନ: ଡେରାବିଷ କଲେଜ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ସାନଅଢ଼ଙ୍ଗା,ଗରଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ନରେନ୍ଦ୍ରପୁର, ଆଳି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ନହୁଣୀ, ରାଜକନିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଗୋଲରହାଟ, ଡେରାବିଶ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଡିରା, ରାଜନଗର ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ବରକନ୍ଧା, ମହାକାଳପଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ତାରେଣୀ ମେଳା ମହୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଅଢ଼ଙ୍ଗା, ଡେରାବିଶ, ସମୟ: ସକାଳ ୮ଟା।

## ଯାଜପୁର

- ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦଶରଥପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ବୈରୀ ରେଳ ଷ୍ଟେଶନ ରୋଡ଼ ଓଭର ବ୍ରିଜ୍‌ର ଶିଳାନ୍ୟାସ ଉତ୍ସବ। ସ୍ଥାନ– ବୈରୀ, ସମୟ ପୂର୍ବାହ୍ନ ୧୧ଟା।
- ଗ୍ରାମ ଉନ୍ନୟନ ବିଭାଗ ଅଧୀନ ବରଜପୁର–ଫୁଲାଡି ଗ୍ରାମ ସଂଯୋଗୀକରଣ ରାସ୍ତା ଶିଳାନ୍ୟାସ ଉତ୍ସବ। ସ୍ଥାନ–ବାରବାଟୀ ପଞ୍ଚାୟତ, ସମୟ–ମଧ୍ୟାହ୍ନ ୧୨ଟା।
- ଧର୍ମଶାଳା ମହାବିଦ୍ୟାଳୟର ନୂତନ ଗୃହ ଓ ସ୍ମାର୍ଟ କ୍ଲାସ ନବୀକରଣ ପାଇଁ ଶିଳାନ୍ୟାସ, ସ୍ଥାନ–ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ–ପୂର୍ବାହ୍ନ ୧୦ଟା।
- ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟର ନୂତନ ଗୃହ ଓ ସ୍ମାର୍ଟ କ୍ଲାସ ନବୀକରଣ ପାଇଁ ଶିଳାନ୍ୟାସ। ସ୍ଥାନ–ମହାବିଦ୍ୟାଳୟ ପରିସର, ସମୟ–ପୂର୍ବାହ୍ନ ୧୧ଟା ୩୦।
- କବାଟବନ୍ଧ ମେଡିକାଲର ନୂତନ ଗୃହ ଶିଳାନ୍ୟାସ, ସ୍ଥାନ–ମେଡିକାଲ ପରିସର, ସମୟ–ପୂର୍ବାହ୍ନ ୧୧ଟା ୪୫।

## ନୟାଗଡ଼

- ନୟାଗଡ଼ ବ୍ଲକ କନଫେରେନ୍ସ ହଲ ଉଦ୍‌ଘାଟନ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ସମିତି ବୈଠକ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୧. ୩୦ ମିନିଟ୍।
- ସାହିତ୍ୟ ସଭା, ସ୍ଥାନ: ନୟାଗଡ଼ ବ୍ଲକ କନଫେରେନ୍ସ ହଲ, ସମୟ: ଅପରାହ୍ନ ୪ଟା।
- ଆମ ହସ୍ପିଟାଲର ଆଭାସି ମାଧ୍ୟମରେ ଲୋକାର୍ପଣ ଉତ୍ସବ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ଅପରାହ୍ନ ୪.୩୦ ମିନିଟ୍।
- ନୀଳ ମାଧବ ଜୀଉଙ୍କର ମାଘମେଳା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡିଆ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଖଣ୍ଡପଡ଼ା ଆମ ହସ୍ପିଟାଲର ଆଭାସି ମାଧ୍ୟମରେ ଲୋକାର୍ପଣ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ୪. ୩୦ ମିନିଟ୍।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ଖାଉଟି ସଚେତନତା କର୍ମଶାଳା, ସ୍ଥାନ: ନୂଆଗାଁ ବ୍ଲକ ଲୁଣିସରା ଯୋଗ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପାର୍ବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୂଆଗାଁ ବ୍ଲକର ମହିପୁର ନିମସାହି, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଖଇରା ବ୍ଲକ ଗୋଳିହା ଚଣ୍ଡିମାତା କ୍ଲବ ଆନୁକୂଲ୍ୟରେ ଚିରନ୍ତନ ଚନ୍ଦ୍ରଶେଖର ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ, ସ୍ଥାନ:ପଡିରାଜପୁର ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଖଇରା ରୂପାନ୍ତରିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଖଇରା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ଆମ ହସ୍ପିଟାଲ ଉଦ୍‌ଘାଟନ,ସ୍ଥାନ: କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ଭୋଗରାଇ,ସମୟ: ଅପରାହ୍ନ ୪ଟା।
- 'ଅମେ ହସ୍ପିଟାଲ' ଉତ୍ସବ ଉଦ୍‌ଘାଟନ, ସ୍ଥାନ: ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର,ସମୟ: ଅପରାହ୍ନ ୪ଟା୩୦।
- ଅଭିରାମ ପରମହଂସ ପରିବାରର ବନ୍ଧୁମିଳନ ଏବଂ ଖବରଦାତା ସମ୍ମିଳନୀ, ସ୍ଥାନ: ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ଧାନହଣ୍ଡା, ବସ୍ତା, ସମୟ: ଅପରାହ୍ନ ୫ଟା।
- ବସନ୍ତ ପଞ୍ଚମୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଅମର୍ଦ୍ଦାରୋଡ୍ ମେଳା ପଡ଼ିଆ,ବସ୍ତା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାରୁଣୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ଭଦ୍ରକ ରେଳଷ୍ଟେଶନ ନବୀକରଣର ଶିଳାନ୍ୟାସ, ସ୍ଥାନ: ଚରମ୍ପା ରେଳ ଷ୍ଟେଶନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ରାଣୀତାଲଠାରେ ଫ୍ଲାଏଓଭର ବ୍ରିଜ ଭିତ୍ତିପ୍ରସ୍ତର, ସ୍ଥାନ: ରାଣୀତାଲ, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ଲାଏଓଭର ବ୍ରିଜ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କେନ୍ଦୁଆପଦା ଷ୍ଟେଶନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମିଶନ ଶକ୍ତି ଭବନ ଓ କାଫେ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ଅପରାହ୍ନ ୧ଟା ୩୦।
- ପୌରପାଳିକା ପକ୍ଷରୁ ଭତ୍ତା ବଣ୍ଟନ ସଭା, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଆମ ଡାକ୍ତରଖାନା ଯୋଜନାରେ ସ୍ୱାସ୍ଥ୍ୟସେବା ଓ ସୁବିଧା ସଭା, ସ୍ଥାନ: ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା।
- ଶିବ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣାହୁତି ଯଜ୍ଞ, ସ୍ଥାନ: ହନୁମାନ ବାଟିକା, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଆମ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ବିଧାନସଭା ପବ୍ଲିକ ଅକାଉଣ୍ଟସ କମିଟିର ଜିଲା ପ୍ରଶାସନ ଓ ବିଭିନ୍ନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ସର୍କିଟ ହାଉସ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ରେଳ ଷ୍ଟେଶନ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବଡବିଲ ରେଳ ଷ୍ଟେଶନ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ୪୫।
- ଅମୃତ ଭାରତ ଷ୍ଟେଶନ ଯୋଜନାରେ ଜୁରୁଡ଼ି ରେଳ ଷ୍ଟେଶନ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର, ସ୍ଥାନ: ଜୁରୁଡ଼ି ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅମୃତ ଭାରତ ଷ୍ଟେଶନ ଯୋଜନାରେ ରେଳ ଷ୍ଟେଶନର ପୁନର୍ବିକାଶର ଶିଳାନ୍ୟାସ ଉତ୍ସବ, ସ୍ଥାନ: କେନ୍ଦୁଝର ଗଡ଼ ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ପବ୍ଲିକ୍ ଆକାଉଣ୍ଟସ କମିଟିର ଯୋଡ଼ା, ବଡ଼ବିଲ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଯୋଡ଼ା, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ଟା।
- ପୌର ପାଳିକାର ନୂତନ ସିପିଂ ମେସିନର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବ୍ୟାଙ୍କ୍ ଅଫ ଇଣ୍ଡିଆ ନିକଟସ୍ଥ ଭେଣ୍ଡିଂ ଜୋନ୍‌ର ଭୂମିପୂଜା, ସ୍ଥାନା: ଯୋଡ଼ା ପୌରପାଳିକା, ସମୟ: ଅପରାହ୍ନ ୧ଟା।

## ମୟୂରଭଞ୍ଜ

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଚକ୍ର ସ୍ଥାପନ, ଧ୍ୱଜୋତ୍ତୋଳନ, ଶ୍ରୀ ବିଗ୍ରହମାନଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ବଡ଼ସାହି ବ୍ଲକ ସୁହାଗପୁର କଉଡ଼ିଖିଣି ମା' ହିଙ୍ଗୁଳା ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଦଳା,ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ବେତନଟୀ ରେଲୱେ ଷ୍ଟେଶନର ଶିଳାନ୍ୟାସ, ସ୍ଥାନ: ବେତନଟୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାରାଣୀ ଓ ଦୟାଭାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ 'ଫାଲ୍‌ଗୁନୀ–୨୦୨୪', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ବାଲ୍ୟ ବିବାହ ରୋକିବା ସମ୍ପର୍କିତ କର୍ମଶାଳା, ସ୍ଥାନ:ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦.୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦.୩୦।
- ଭାଗୀରଥି ସାଗର ସୁରକ୍ଷା ପାଇଁ ବୈଠକ, ସ୍ଥାନ: ଢେଙ୍କାନାଳ ନେହେରୁ ପାର୍କ, ସମୟ:ଅପରାହ୍ନ ୪.୩୦।

## ଅନୁଗୋଳ

- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ଅନୁଗୋଳ ମନ୍ଦରଗିରି, ସମୟ: ସକାଳ ୭ଟା ୫୦।
- ଗାଁକୁ ଚାଲ ଅଭିଯାନ, ସ୍ଥାନ: ଧରମପୁର, ତାଳଚେର, ସମୟ: ସକାଳ ୮ଟା ୪୫।
- ରେଳ ବିଭାଗର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ, ସ୍ଥାନ: ତାଳଚେର ରେଳଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ନୂଆ–ଓ ସ୍କଲାରଶିପ୍ ସାର୍ଟିଫିକେଟ୍ ବଣ୍ଟନ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ଅପରାହ୍ନ ୨ଟା ୩୫।
- କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କଙ୍କରେଇ ଛେଣ୍ଡିପଦା, ସମୟ:ଅପରାହ୍ନ ୨ଟା ୪୫।
- ମାଘ ମେଳା ଓ ମହିମା ମହୋତ୍ସବ, ସ୍ଥାନ: ଅନୁଗୋଳର ଅଙ୍ଗାରବନ୍ଧ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ତଟୀୟ ସାମୁଦ୍ରିକ ବିଜ୍ଞାନ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା
- ନିଯୁକ୍ତିପତ୍ର ବଣ୍ଟନ, ସ୍ଥାନ:ବ୍ରହ୍ମପୁର ଆଇଟିଆଇ, ସମୟ:ପୂର୍ବାହ୍ନ ୧୦ଟା
- ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବିକ୍ଷୋଭ, ସ୍ଥାନ: ଟିପିଏସଓଡିଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଗଞ୍ଜାମ

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଭଞ୍ଜନଗର ବ୍ଲକ ସାନକୋଦଣ୍ଡା, ସମୟ: ସକାଳ ୯ ଟା।
- କ୍ରିକେଟ ଖେଳ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବିଭିନ୍ନ ଦାବୀ ନେଇ ଆଦିବାସୀ ଭାରତ ମହାସଭା ପକ୍ଷରୁ ଗଣଧାରଣା, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭଗବତ କଥା ଓ ପ୍ରବଚନ, ସ୍ଥାନ: ଭଞ୍ଜନଗର ଘୁମୁସର ବୈଶ୍ୟ ଧର୍ମଶାଳା, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଦିଗପହଣ୍ଡି(ସିଂହଦ୍ୱାର), ସମୟ: ସନ୍ଧ୍ୟା ୭ ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ନବରଙ୍ଗପୁର

- ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ଅପରାହ୍ନ ୪ଟା ୩୦
- ଡାଇଲିସିସ୍ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଉମରକୋଟ ଡିଏନ୍‌କେମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦

## କୋରାପୁଟ

- ମିଡ଼ିଆ ହାଉସ ଦାମନଯୋଡ଼ିର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ କମ୍ୟୁନିଟି ସେଣ୍ଟର, ସମୟ : ସନ୍ଧ୍ୟା ୬ଟା
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: କୋଟପାଡ଼, ସମୟ : ଅପରାହ୍ନ ୪ଟା ୩୦
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା
- କୋରାପୁଟ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ରେଳ ଷ୍ଟେସନ, ସମୟ: ପୂର୍ବାହ୍ନ ୧୦ଟା ୪୫
- ଆମ ହସ୍ପିଟାଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପଟ୍ଟାଙ୍ଗି, ଲକ୍ଷ୍ମୀପୁର ମିନି ଷ୍ଟାଡିୟମ, ବୈପାରୀଗୁଡ଼ା, ସମୟ: ଅପରାହ୍ନ ୪ଟା.୩୦
- କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠା ଉଦ୍‌ଘାଟ, ସ୍ଥାନ: ଜୟପୁର, ସମୟ ଅପରାହ୍ନ ୪ଟା.୩୦।

## ସମ୍ବଲପୁର

- କଲମ ଅନୁଷ୍ଠାନ ପକ୍ଷରୁ ପାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗାଁ ସାଥୀ ପକ୍ଷରୁ ବୈଠକ, ସ୍ଥାନ: ପର୍ଶୁରାମ ଭବନ, ସମୟ : ଅପରାହ୍ନ ୪ଟା।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବୀରସା ମଇଦାନ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ମହିଳା କ୍ରିକେଟ୍ ଉଦ୍‌ଯାପିତ, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ରେଲୱେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମସ୍ୟାକୁ ନେଇ ଦାବିପତ୍ର ପ୍ରଦାନ, ସ୍ଥାନ: ଡିଆରଏମ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅମୃତ ଷ୍ଟେଶନ ଶୁଭାରମ୍ଭ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଜଗଦା(ବାଟମଙ୍ଗଳା), ସମୟ: ଅପରାହ୍ନ ୫ଟା।
- ମହିଳା କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ସେକ୍ଟର–୬, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆର୍ଯ୍ୟ ସମାଜ ଉପରେ ବୈଠକ, ସ୍ଥାନ: ମହର୍ଷି ଦୟାନନ୍ଦ ନଗର, ସମୟ: ସକାଳ ୮ଟା।
- ଦକ୍ଷିଣ ରାଉରକେଲାରେ ମାର୍କେଟ ପରିଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ଫର୍ଟିଲାଇଜର, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟବାଦୀ–୨୪ର ଦ୍ୱିତୀୟ ସନ୍ଧ୍ୟା ନାଟ: ରାବଣ, ଟୁକୁ ଓ ଲୀଳା ନାଟକ: ସୂର୍ପଣଖା ନାସା ଛେଦନ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ନାଟ୍ୟମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ସମୟ: ସନ୍ଧ୍ୟା ୬।୧୪।
- ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୯୮ତମ ଜୟନ୍ତୀ ସମାରୋହ, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ ବଲାଙ୍ଗୀର, ସମୟ: ସନ୍ଧ୍ୟା ୬।୩୦।
- ୧୪ତମ ଆନ୍ତଃଜିଲା ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁଭ ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମୋ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ଟିଟିଲାଗଡ ବ୍ଲକ ପିପଲପଦର, ସମୟ: ଅପରାହ୍ନ ୪ଟା।
- କଣ୍ଟାବାଞ୍ଜିରେ ୨ୟ ଭୂତଳ ରେଲ ପୋଲର ଶିଳାନ୍ୟାସ, ସ୍ଥାନ: ଚୈତନ୍ୟ ପ୍ରଧାନ ଛକ, କଣ୍ଟାବାଞ୍ଜି ଷ୍ଟେଶନ ୟାର୍ଡ, ସମୟ:ପୂର୍ବାହ୍ନ ୧୦।୩୦।
- ୫–ଟିରେ ରୂପାନ୍ତର ଆମ ହସ୍ପିଟାଲର ଶୁଭ ଉଦ୍‌ଘାଟନ, ସ୍ଥାନ: ଲୋଇସିଂହା କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।
- ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ ହସ୍ପିଟାଲର ଶୁଭ ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪।୩୦।
- କଣ୍ଟାବାଞ୍ଜିରେ ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: କଣ୍ଟାବାଞ୍ଜି ହସ୍ପିଟାଲ ପରିସର, ସମୟ: ଅପରାହ୍ନ ୪।୩୦।

## ସୁନ୍ଦରଗଡ଼

- ସାମାଜିକ ସେବା ସଦନ ପକ୍ଷରୁ ଦ୍ୱିଦିବସୀୟ ହକି ଟୁର୍ନାମେଣ୍ଟ ଆରମ୍ଭ,ସ୍ଥାନ: ବଡ଼ଗାଁ ବ୍ଲକ କିସାନପଡା, ସମୟ: ପୂର୍ବାହ୍ନ ୧୦ଟା।
- କୁତ୍ରା ଜନ ବିକାଶ ସଂଗଠନ ପକ୍ଷରୁ ମଣ୍ଡିରେ ମାଣ୍ଡିଆ କ୍ରୟ ଆରମ୍ଭ, ସ୍ଥାନ: ଦାଣ୍ଡଜମରା ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୦ ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବଣାଇଁଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କ ଟ୍ରାକ୍ଟର ରାଲି, ସ୍ଥାନ: ହଳଦୀପାଲି ଛକ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ନୀଳଚକ୍ର ସ୍ଥାପନ, ରତ୍ନ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କେ, ସ୍ଥାନ: ଲାଞ୍ଜିଗଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୨।
- ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରେଳଷ୍ଟେଶନ ନବୀକରଣର ଶିଳାନ୍ୟାସ, ସ୍ଥାନ: କେସିଙ୍ଗା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣାରୁ କେସିଙ୍ଗା ବ୍ଲକ, ସମୟ: ସକାଳ ୯ଟାରୁ ଅପରାହ୍ନ ୫ଟା ୪୦।
- ଭବାନୀପାଟଣା କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପନୀ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତର ଖଲିଆପାଲି ମାତାକୁପାରେ ନାଗବାଚା ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ମଣ୍ଡପ ମାତାକୁପା, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ରାଜ୍ୟ ସ୍ତରୀୟ ବଜରଙ୍ଗ କ୍ରିକେଟ କପ ତୃତୀୟ ଦିବସ,ସ୍ଥାନ: ମହୁଲିଡିପା ସାହି, ନାଳପଡିଆ, ସମୟ: ଅପରାହ୍ନ ୧୧ଟା।
- ଆମ ହସ୍ପିଟାଲ ଲୋକାର୍ପଣ ଉତ୍ସବ: ସ୍ଥାନ: ଦେବଗଡ ନୂଆ ବସ୍ ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା ୩୦।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦।୩୦।
- ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୪।୩୦।
- ବିନିକା ସବ୍‌ଡିଭିଜନ ଦାବି ନେଇ ସର୍ବଦଳୀୟ ବୈଠକ, ସ୍ଥାନ: ସ୍ପୋର୍ଟ୍ସ କ୍ଲବ ବିନିକା, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଦୃଷ୍ଟିହୀନ ବାଳିକା କ୍ରିକେଟ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋମନା ବ୍ଲକ ବଞ୍ଜାରୀ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ୨୯ ପର୍ଯ୍ୟନ୍ତ ମେଘୁଆ ପାଗ

**ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)**

ସପ୍ତାହ ଆରମ୍ଭରୁ ରାଜ୍ୟରେ ଗ୍ରୀଷ୍ମ ଅନୁଭୂତ ହେଉଥିବାବେଳେ ୨ଦିନ ହେଲା ପାଗ ପରିବର୍ତ୍ତନ ହୋଇଛି। ରାଜ୍ୟରେ ମେଘୁଆ ପାଗ ସହ ସ୍ଥାନେ ସ୍ଥାନେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାରାଦୀପ ରାଡ଼ାରରୁ ମିଳୁଥିବା ସୂଚନାନୁଯାୟୀ, ରବିବାର ଦକ୍ଷିଣ ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ନୟାଗଡ, ଗଞ୍ଜାମ ଜିଲାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ସୋମବାର ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ସମ୍ଭବନା ରହିଛି। ସୋନପୁର, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମଙ୍ଗଳବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ଅନୁଗୋଳ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସମ୍ବଲପୁର ଦେବଗଡ଼ ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବୁଧବାର ବେଳକୁ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ବର୍ଷା ସମ୍ଭାବନା ରହିଛି। ୨୯ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାରେ ବର୍ଷା ହେବାକୁ ଥିବାବେଳେ ଅନ୍ୟ ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଶୁକ୍ର ସହ ମଙ୍ଗଳ ଯୁକ୍ତ ଯୋଗୁ ବିଳାସ ଉପକରଣ କ୍ରୟ ସକାଶେ ମନ ବଳାଇବେ। ଅସ୍ଥିରତାଯୁକ୍ତ କାମରେ ସଫଳତା ପାଇବା କଷ୍ଟକର ହେବ। ଆଶଙ୍କା କରୁଥିବା ଅଫିସିଆଲି କ୍ଷେତ୍ରରେ ସେମିତି କିଛି ଅସୁବିଧା ହେବ ନାହିଁ। ଆତ୍ମୀୟସ୍ୱଜନଙ୍କ ପାରିବାରିକ ସମସ୍ୟା ସମାଧାନ ପାଇଁ ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିପାରେ।

**ବୃଷ**
ଭାଗ୍ୟସ୍ଥ ରାଶ୍ୟାଧିପ ହେତୁ ସାମଗ୍ରିକ ଦୃଷ୍ଟିକୋଣରୁ ସଫଳତା ଲାଭକରିବେ। ପରିଜନଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ। କଳା, ସାହିତ୍ୟ ଓ ବାଣିଜ୍ୟ, ପରିବହନ, ପ୍ରଶାସନ, ଏଜେନ୍‌ସିପ୍ରୁ ସୁଫଳ ପାଇବେ। ସରକାରୀ ସ୍ତରରୁ ଦୀର୍ଘ ପ୍ରତୀକ୍ଷା ପରେ ଆଶା କରୁଥିବା ଖବରଟି ଆଜି ପାଇପାରନ୍ତି।

**ମିଥୁନ**
ଆଜିର ଚନ୍ଦ୍ର ଏକାଧିକ ଗ୍ରହଙ୍କ ଦୃଷ୍ଟି ପଥାରୂଢ଼ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧି ଅବଶ୍ୟମ୍ଭାବୀ। କେତେକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ପାରିବାରିକ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ପୂର୍ବଭଳି ରହିବ।

**କର୍କଟ**
ଭାଗ୍ୟାଧିପ କର୍ମଭାବରେ ଚନ୍ଦ୍ରଙ୍କୁ ଦେଖୁଥିବାରୁ ସମସ୍ୟାର ଅଡୁଆ ସୂତାକୁ ସଜାଡ଼ିବାରେ ସମର୍ଥ ହେବେ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା, ଗାଡ଼ି ମରାମତି, ଜମି କିଣା ପ୍ରତି ଆଗ୍ରହ ବଢ଼ିପାରେ। ମନ ଅସ୍ଥିର ରହିବାରୁ କାମ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ବନ୍ଧୁଙ୍କ କାମ ସକାଶେ ବାହାରକୁ ଯିବାକୁ ବାଧ ହୋଇପାରନ୍ତି।

**ସିଂହ**
ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ କୌଶଳପୂର୍ଣ୍ଣ ବ୍ୟବହାର ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ମନକୁ ଆକର୍ଷିତ କରିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଅତୀତ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସଭାସମିତିରେ ସାଧାରଣ କଥାକୁ ଜଟିଳ କରି ଅଶାନ୍ତ ରହିବେ ।

**କନ୍ୟା**
ଉଚ୍ଚାରୋହୀ ଶୁକ୍ରଙ୍କ ସମ୍ପର୍କରୁ ପରିବାରରୁ ଆଦର, ବାହାର ଲୋକଙ୍କଠାରୁ ସମ୍ମାନ, ବ୍ୟବସାୟରେ ଉନ୍ନତି କରିବେ। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପଦସ୍ଥ ହେବେ। ସାମୟିକ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମ୍ପୂର୍ଣ୍ଣ ନିରାମୟ ରହି ନ ପାରେ।

**ତୁଳା**
ଏକାଦଶସ୍ଥ ଚନ୍ଦ୍ରଜନିତ ଆନୁଷଙ୍ଗିକ ସୁବିଧା, ସୁଯୋଗ ପାଇ କାମ ହାସଲ କରିପାରିବେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିବାକୁ ପଡ଼ିପାରେ। ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଏକଜିଦିଆ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ବିଛା**
ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ବନ୍ଧୁଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସମ୍ଭାବନା ରହିଛି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ସହିତ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ। ଶତ୍ରୁତା କରୁଥିବା ଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ**
ରାହୁ ଚତୁର୍ଥସ୍ଥ ଯୋଗୁ କାମରେ ପ୍ରତିବନ୍ଧକ ସୃଷ୍ଟି ଆଶଙ୍କା ରହିଛି। ତଥାପି ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ମଧ୍ୟ ରହିଛି। ଅସୁସ୍ଥ ମାନସିକତା କାରଣରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର**
ଗୁରୁଙ୍କ ପ୍ରଭାବରୁ ଜୀବନଚର୍ଯ୍ୟାର ପ୍ରତ୍ୟେକ ଦିଗ ଠିକ୍ ଥିଲେ ମଧ୍ୟ ବାକ୍ ସଂଯମର ଅଭାବ ସମସ୍ୟାକୁ ଆମନ୍ତ୍ରଣ କରିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ପୂରଣ ହୋଇଯିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାରେ ଆପଣଙ୍କ କୌଶଳ ସହାୟ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**
ଆଜି ରାଶିରେଏକାଧିକ ଗ୍ରହଯୋଗ ଲକ୍ଷ୍ୟଭ୍ରଷ୍ଟ କରାଇପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ବିବାଦ, ମାଲିମକଦ୍ଦମା କ୍ଷେତ୍ରରେ ଜିତାପଟ ଆପଣଙ୍କର ହିଁ ହେବ। ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବା ଫଳରେ ଚିନ୍ତାମୁକ୍ତ ହେବେ। କର୍ମକ୍ଷେତ୍ରରେ ସମସ୍ୟା ବହୁଳ ପରିସ୍ଥିତି ଲାଗି ରହିଥିଲେ ହେଁ ସମସ୍ୟାକୁ ସୁଧାରି ନେବେ।

**ମୀନ**
ବ୍ୟୟଭାବରେ ପାପଗ୍ରହ ହେତୁ ଆଜିର ଖର୍ଚ୍ଚ ସୀମା ଟପିଯିବ ଏବଂ ପାଇପାରୁ ନ ଥିବା ଜିନିଷଟି ଆଜି ପାଇବେ। ପାରିବାରିକ ସ୍ଥିତିରେ ସମସ୍ୟାଗୁଡ଼ିକ ସମାଧାନ କରିବା ସକାଶେ ବ୍ୟସ୍ତ ହୋଇପାରନ୍ତି। ଅଫିସରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଫେବୃଆରୀ ୨୬ ତାରିଖ, ଫାଲଗୁନ୍ କୃଷ୍ଣ ଦ୍ୱିତୀୟା ସୋମବାର, ରାଶିନକ୍ଷତ୍ର–ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୦୮।୧୦ ଗତେ, କନ୍ୟାଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା, ନବବଧୂ ଯାତ୍ରାଦି ପାଇଁ ଶୁଭ ଦିନ । ଦିବା ଘ.୦୬।୧୨ ଗତେ ୦୭।୩୯ ମଧ୍ୟେ, ଘ.୧୦।୫୦ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୩୯ ମି. ଗତେ ଘ.୦୯।୦୬ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୬/୨୦୨୪ | Bhubaneswar, Monday, February 26/2024 | ପୃଷ୍ଠା-୧



**ମା'ଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି ଶାହରୁଖ୍**

ମା'ଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଶାହରୁଖ୍ ଖାନ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ ପାଇଁ ମନ ବଳାଇଥିଲେ।

୧୧

୦୪

**ପ୍ରମୋଦଙ୍କୁ ୫ମ ବିଶ୍ୱ ଟାଇଟଲ**

ଓଡ଼ିଶା ପାରାଲିମ୍ପିଆନ ପ୍ରମୋଦ ଭଗତ ୫ମ ଥରପାଇଁ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଟାଇଟଲ ହାସଲ କରିଛନ୍ତି।



# ଆଇଏନ୍‌ଏଲ୍‌ଡି ନେତା ରାଠୀଙ୍କୁ ହତ୍ୟା

## ଗୁଳିପାଡ଼ରେ ସହଯୋଗୀ ନିହତ, ୨ ଘରୋଇ ସୁରକ୍ଷା କର୍ମୀ ଆଇସିୟୁରେ

**ଚଣ୍ଡିଗଡ଼/ବାହାଦୁରଗଡ଼,୨୫।୨**

ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ର ହରିୟାଣା ସଭାପତି ତଥା ପୂର୍ବତନ ବିଧାୟକ ନଫେ ସିଂ ରାଠୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ ରବିବାର ସନ୍ଧ୍ୟାରେ ଝାଜ୍ଜର ଜିଲାର ବାହାଦୁରଗଡ଼ ସହରରେ ଗୁଳିକରି ହତ୍ୟା କରାଯାଇଛି। ଏହି ରାଜନୈତିକ ହତ୍ୟାକାଣ୍ଡ ପରେ ଭାଜପାଶାସିତ ହରିୟାଣାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠିଛି। ଆଇଏନ୍‌ଏଲ୍‌ଡି ମୁଖ୍ୟ ଅଭୟ ଚୌତାଲା ହତ୍ୟା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ରାଠୀ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ପୂର୍ବରୁ ହରିୟାଣା ସରକାରଙ୍କୁ ସୁରକ୍ଷା ମାଗିଥିଲେ। କିନ୍ତୁ ସରକାର ଶୁଣି ନ ଥିଲେ। ସୁରକ୍ଷା ପ୍ରଦାନ କରାଯାଇଥିଲେ ଏହି ହତ୍ୟାକାଣ୍ଡ ଘଟି ନ ଥାନ୍ତା। ତେଣୁ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଓ ଗୃହମନ୍ତ୍ରୀ ଅନିଲ ଭିଜ୍ ଇସ୍ତଫା ଦିଅନ୍ତୁ ବୋଲି ଅଭୟ ଦାବି କରିଛନ୍ତି। ବିରୋଧୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଖଟ୍ଟର ସରକାରଙ୍କୁ ଟାର୍ଗେଟ କରିଛନ୍ତି।



ଆଇଏନ୍‌ଏଲ୍‌ଡି ହରିୟାଣା ସଭାପତି ନଫେ ସିଂ ରାଠୀ।



ଗୁଳିବିଦ୍ଧ କାର।

୭୦ ବର୍ଷୀୟ ନଫେ ସିଂ ରାଠୀ ହରିୟାଣା ରାଜନୀତିରେ ଏକ ଜଣାଶୁଣା ନାମ। ସେ ୨ ଥର ବିଧାୟକ ନିର୍ବାଚିତ ହୋଇଥିଲେ। ୨ ଥର ବାହାଦୁରଗଡ଼ ନଗର ପରିଷଦର ଅଧ୍ୟକ୍ଷ ମଧ୍ୟ ଥିଲେ। ଅଲ୍ ଇଣ୍ଡିଆନ୍ ଷ୍ଟାଇଲ୍ ରେସ୍‌ଲିଂ ଆସୋସିଏଶନ୍‌ର ସଭାପତି ଦାୟିତ୍ୱ ତୁଲାଇଥିଲେ। ଅଭୟ ଚୌତାଲାଙ୍କ ଘନିଷ୍ଠ ରାଠୀ ହରିୟାଣାରେ ପରିବର୍ତ୍ତନ ଯାତ୍ରାର ନେତୃତ୍ୱ ନେଉଥିଲେ। ରବିବାର ସନ୍ଧ୍ୟାରେ ସେ ଏକ ଏସ୍‌ୟୁଭିରେ ଦିଲ୍ଲୀ ନିକଟସ୍ଥ ବାହାଦୁରଗଡ଼ରେ ଯାଉଥିବାବେଳେ ଆତତାୟୀମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଅଜ୍ଞାତ ବନ୍ଧୁକଧାରୀଙ୍କ ଆଖିବୁଜା ୫୦ ରାଉଣ୍ଡ ଗୁଳି ତାଙ୍କ କାର୍‌କୁ ଭେଦ କରି ରାଠୀ ଓ ତାଙ୍କ ଦଳୀୟ ସହଯୋଗୀ ଜୟକିଷନଙ୍କ ଦେହରେ ବାଜିଥିଲା। ଉଭୟଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଠୀଙ୍କ ୨ ଘରୋଇ ସୁରକ୍ଷା କର୍ମୀ ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ଼ା କହିଛନ୍ତି, ରାଠୀଙ୍କୁ ଗୁଳିକରି ହତ୍ୟା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିରୁ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ପ୍ରତିଫଳିତ ହେଉଛି। ଆଜି ହରିୟାଣାରେ କେହି ସୁରକ୍ଷିତ ନୁହନ୍ତି ବୋଲି ହୁଡ଼ା ପ୍ରକାଶ କରିଛନ୍ତି। ଏଏପି ନେତା ସୁଶୀଲ ଗୁପ୍ତା କହିଛନ୍ତି, ହରିୟାଣାରେ ଆଇନର ଶାସନ ଚାଲୁନାହିଁ। ଏଠି ଜଙ୍ଗଲରାଜ ଚାଲିଛି। କେହି ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଇତିମଧ୍ୟରେ ଗୃହମନ୍ତ୍ରୀ ଭିଜ୍ ହତ୍ୟାକାରୀମାନଙ୍କୁ ତୁରନ୍ତ ଧରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଆରମ୍ଭ ହୋଇଛି। ସ୍ପେଶାଲ ଟାସ୍କଫୋର୍ସ ତତ୍ପରତା ସହ ତନାଘନା ଚଳାଇଛି ବୋଲି ଭିଜ୍ କହିଛନ୍ତି। ହତ୍ୟାକାରୀଙ୍କୁ ଯଥାଶୀଘ୍ର ସମ୍ଭବ ଧରାଯିବ ବୋଲି ଝାଜ୍ଜର ଏସ୍‌ପି ଅର୍ପିତ ଜୈନ କହିଛନ୍ତି। ବ୍ରହ୍ମା ଶକ୍ତି ସଞ୍ଜୀବନୀ ହସ୍ପିଟାଲର ଡାକ୍ତର ମନୀଷ ଶର୍ମା କହିଛନ୍ତି, ଆଇଏନ୍‌ଏଲ୍‌ଡି ନେତା ରାଠୀ ଏବଂ ତାଙ୍କ କର୍ମୀଙ୍କ ବେକ, ଛାତି, କାନ୍ଧ ଓ ପିଠିରେ ଗୁଳି ବାଜିଥିଲା। ☞ପୃଷ୍ଠା–୧୩

**ଆଜିର ସମ୍ପାଦକୀୟ**

**ଅଙ୍କୁଶ ଲାଗୁ**

# ଧରାପଡ଼ିବା ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

## ଏଆଇ ଧରୁଛି ମାଟ୍ରିକ ତ୍ରୁଟି

**ଭୁବନେଶ୍ୱର, ୨୫।୨**
**(ଅସମାପିକା ସାହୁ)**

ପ୍ରତିବର୍ଷ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ, ଲିକ୍, ବିଭ୍ରାଟ ଘଟଣା ସୋସିଆଲ ମିଡିଆରେ ଘୂରିବୁଲେ। ମାତ୍ର ତାହାର ସତ୍ୟାସତ୍ୟ ଧରାପଡ଼େ ନାହିଁ କି ଜଣାପଡ଼େ ନାହିଁ। ଏପରି କି ଅନେକ ଘଟଣାକୁ ଚପାଇ ଦିଆଯାଉଥିବା ନେଇ ମଧ୍ୟ ବହୁ ସମୟରେ ଅଭିଯୋଗ ଉଠିଛି। କିନ୍ତୁ ଏଥର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଦ୍ୱାରା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ହୋଇଥିବା ବିଭ୍ରାଟ ସାମ୍ନାକୁ ଆସିଛି। କପି ଧରିବା ଓ ବିଶୃଙ୍ଖଳା ରୋକିବାରେ ଏଆଇ ବିଶେଷ ଫଳପ୍ରଦ ହୋଇଛି। କେଉଁଠି ମାଲ୍ ପ୍ରାକ୍ଟିସ୍ ରୋକିଛି ତ' ଆଉ କେଉଁଠି ହଲ୍ ଭିତରେ ଅନଧିକାର ପ୍ରବେଶ କରିଥିବା ପୋଲିସ କର୍ମଚାରୀଙ୍କୁ ଧରିଛି ଏହି ଅତ୍ୟାଧୁନିକ ଟେକ୍ନୋଲୋଜି କୃତ୍ରିମ ବୁଦ୍ଧିମତ୍ତା। ତେବେ ପ୍ରମାଣ ଥାଇ ସତ୍ତ୍ୱେ କାହିଁକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ମନ୍ତ୍ରୀ, ଅଧିକାରୀ ସମସ୍ତେ ଏହାକୁ ଏଆଇର ସଫଳତା ବୋଲି କହୁଥିଲେ ମଧ୍ୟ ବିଭ୍ରାଟ ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ମୁହଁ ଖୋଲୁନାହାନ୍ତି। ଫଳରେ ପରୀକ୍ଷା ବିଭ୍ରାଟ ପାଇଁ ଛାତ୍ରୀଛାତ୍ର, ଅଭିଭାବକ ଆଶଙ୍କା ଭିତରେ ରହିଥିବାବେଳେ ବୋର୍ଡ ଓ ଶିକ୍ଷା ବିଭାଗର ନୀରବତାକୁ ନେଇ ଛାତ୍ରନେତାମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ରବିବାର ଛାତ୍ର କଂଗ୍ରେସ ଓ ଏବିଭିପି ପକ୍ଷରୁ ପୃଥକ୍ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇ ଦୃଢ଼ ପ୍ରତିବାଦ କରାଯାଇଛି।

ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦେଶରେ ପ୍ରଥମ ଥର ପାଇଁ ଏଆଇର ସହାୟତା ନେଇଛି। ରାଜ୍ୟର ପ୍ରାୟ ୧୦୦ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ୭ରୁ ୮ଟି ଏଆଇ ସର୍ଭେଲାନ୍ସ କ୍ୟାମେରା ଲାଗିଥିବାବେଳେ ଶତାଧିକ ସମ୍ବେଦନଶୀଳ କେନ୍ଦ୍ର ଏବଂ ସମସ୍ତ ନୋଡାଲ ସେଣ୍ଟରରୁ ଲାଇଭ୍ ଷ୍ଟ୍ରିମିଂ ହେଉଛି। ଏହାଦ୍ୱାରା ବିଭିନ୍ନ ☞ପୃଷ୍ଠା–୧୩

# ବିରୋଧ ପରେ ବୀରମହାରାଜପୁର ଏନ୍‌ଏସି

**ଭୁବନେଶ୍ୱର,୨୫।୨**
**(ସୁନିତ୍ ମିଶ୍ର)**

ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶନିବାର ୨୦ ଜିଲାର ୩୪ଟି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିଥିଲେ। ତେବେ ଏହି ତାଲିକାରେ ନଥିବା ରାଜ୍ୟର ଆଉ କେତେକ ଅଞ୍ଚଳର ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ବୌଦ୍ଧ ଜିଲାର ପୁରୁଣା କଟକ ସମେତ କେତେକ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ରବିବାର ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁରକୁ ଏନ୍‌ଏସି ଘୋଷଣା କରିଛନ୍ତି। ଆସନ୍ତା ନିର୍ବାଚନ ପୂର୍ବରୁ ଆଉ କେତେକ ସ୍ଥାନକୁ ମଧ୍ୟ ଏନ୍‌ଏସି ଘୋଷଣା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ବୀରମହାରାଜପୁରକୁ ମିଶାଇଲେ ନୂଆ ବିଜ୍ଞାପିତ ପରିଷଦ ସଂଖ୍ୟା ୩୫ରେ ପହଞ୍ଚିଛି। ବୀରମହାରାଜପୁର ସୁବର୍ଣ୍ଣପୁର ଜିଲାର ସବ୍‌ଡିଭିଜନ ମୁଖ୍ୟାଳୟ ଅଟେ।



କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମ୍ଭମାନଙ୍କ ହୃଦୟରେ ପ୍ରଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧୁର୍ଯ୍ୟରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ। -ଶ୍ରୀମା

-ସବେ-ବରାତ୍ (ପୂର୍ବରାତ୍ରି)



# ଅଙ୍କୁଶ ଲାଗୁ

ମଣିପୁର ହିଂସାକୁ ପାଖାପାଖି ବର୍ଷେ ହେବାକୁ ଯାଉଛି। ଏହା ପଛରେ ସେଠାକାର ହାଇକୋର୍ଟଙ୍କ ନିଷ୍ପତ୍ତି ଥିଲା ଅନ୍ୟତମ କାରଣ। ୨୭ ମାର୍ଚ୍ଚ ୨୦୨୩ରେ ମଣିପୁର ହାଇକୋର୍ଟ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ମାନ୍ୟତା ଦିଆଯିବା ନିମନ୍ତେ ରାଜ୍ୟ ସରକାରଙ୍କୁ ବିଚାର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସରକାର ସେହି ରାୟକୁ କାର୍ଯ୍ୟକାରୀ କରାଇବାକୁ ଚେଷ୍ଟା କରିବାରୁ ହିଂସା ଜନ୍ମ ନେଇଥିଲା। ଏଥିରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ମହିଳାଙ୍କୁ ବଳାତ୍କାର କରାଯିବା ପରେ ଏବେ ସେହି ହାଇକୋର୍ଟ ପୂର୍ବ ନିଷ୍ପତ୍ତିକୁ ରଦ୍ଦ କରିଛନ୍ତି।

ଇମ୍ଫାଲ ଉପତ୍ୟକାରେ ରହୁଥିବା ମେଇତିମାନେ ସମୁଦାୟ ଜନସଂଖ୍ୟାର ୫୩ ଭାଗ। ଅନ୍ୟପକ୍ଷରେ ପାହାଡ଼ିଆ ଜିଲାରେ କୁକି, ନାଗା ଓ ଅନ୍ୟ ତଫସିଲଭୁକ୍ତ ଜନଜାତିର ଲୋକଙ୍କ ସଂଖ୍ୟା ଦେଖିଲେ ପ୍ରାୟ ୪୦ ପ୍ରତିଶତ। ମେଇତିମାନେ ଅପେକ୍ଷାକୃତ ସ୍ୱଚ୍ଛଳ ବର୍ଗର ହୋଇଥିବା ବେଳେ ବିଶେଷକରି କୁକିମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ। ହାଇକୋର୍ଟ ମେଇତିମାନଙ୍କୁ ଏସ୍‌ଟି ସମ୍ପ୍ରଦାୟରେ ସାମିଲ ନେଇ ରାୟ ଦେବା ପରେ ନିଜ ଅଧିକାରରୁ ବଞ୍ଚିତ ହେବା ଭୟରେ କୁକିମାନେ ତାହାର ପ୍ରତିବାଦ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ବ୍ୟାପକ ସଂଘର୍ଷ ଘଟିଥିଲା। ଏବେ ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିଥିବାରୁ କୁକିମାନେ ଏହାକୁ ସ୍ୱାଗତ କରିଥିବା ବେଳେ ମେଇତିମାନେ ଏସ୍‌ଟି ମାନ୍ୟତା ପାଇଁ ସଂଗ୍ରାମ କରିବେ ବୋଲି କହିଛନ୍ତି। ଏବେ ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ରଦ୍ଦର ବେଳାକୁ ଦେଖିଲେ ଭିନ୍ନ ଚିତ୍ର ଦର୍ଶାଉଛି। କାରଣ ଆଉ କିଛି ମାସ ପରେ ଦେଶ ସାଧାରଣ ନିର୍ବାଚନ ଦେଖିବାକୁ ଯାଉଛି।

୨୨ ଫେବୃଆରୀ ୨୦୨୪ରେ ଜଷ୍ଟିସ୍ ଗୋଲମେଇ ଗୈଫୁଲଶିଲୁଙ୍କ ଜଣିକିଆ ଖଣ୍ଡପୀଠ ଏକ ରିଭ୍ୟୁ ପିଟିଶନର ଶୁଣାଣି କରି ପୂର୍ବ ନିର୍ଦ୍ଦେଶନାମାକୁ ରଦ୍ଦ କରିଦେଇଛନ୍ତି। ଗତବର୍ଷର ରାୟ ଭୁଲ୍ ଥିଲା ବୋଲି ହାଇକୋର୍ଟ ସ୍ୱୀକାର କରିବା ସହ ଏହା ଆଇନର ଭୁଲ ତର୍ଜମା ବୋଲି କହିଛନ୍ତି। କୌତୂହଳର କଥା ଯେ, ୨୦୨୩ ମାର୍ଚ୍ଚ ୨୭ରେ ମଣିପୁର ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତି ଜଷ୍ଟିସ୍ ଏମ୍. ଭି. ମୁରଲୀଧରନ୍‌ଙ୍କ ଜଣିକିଆ ଖଣ୍ଡପୀଠ ମେଇତିଙ୍କୁ ଏସ୍‌ଟି ମାନ୍ୟତା ଦେବା ସଂକ୍ରାନ୍ତରେ ବିଚାର କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଟେ ଜାତି କିମ୍ବା ସମ୍ପ୍ରଦାୟର ମାମଲା ସଂକ୍ରାନ୍ତ ବିଚାର କାହିଁକି ଜଣିକିଆ ଖଣ୍ଡପୀଠରେ କରାଯାଇଥାଏ, ତାହା ବୁଝିବା କଷ୍ଟକର। ଆଜିର ଭାରତରେ ସବୁ ସାମାଜିକ ସମସ୍ୟା ଅତି ସହଜରେ ରାଜନୈତିକ ରୂପ ଧାରଣ କରିଯାଉଛି। ସେଭଳି ସ୍ଥିତିରେ ନ୍ୟାୟପାଳିକାର ଦାୟିତ୍ୱ ବଢୁଥିବା ବେଳେ ବିଚାରପତିମାନଙ୍କ ଦକ୍ଷତା ଓ ନିରପେକ୍ଷତା ବୃଦ୍ଧି କରାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ।

> **ଗଣତନ୍ତ୍ର ପ୍ରତି ଘୋର ବିପଦ ଘନୀଭୂତ ହୋଇସାରିଲାଣି। ଏହି ବିପଦ ସାଧାରଣ ନାଗରିକଙ୍କ ସମେତ ଅଦାଲତକୁ ମଧ୍ୟ କଷ୍ଟ ଦେବ। ସେଥିପାଇଁ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେଲେ କ୍ଷମତାସୀନ ବ୍ୟକ୍ତି ଉପରେ ଅଦାଲତ ଓ ଅମଲାତନ୍ତ୍ର ମିଶିକରି ଅଙ୍କୁଶ ଲଗାଇବାକୁ ହେବ।**

ଉଦାହରଣସ୍ୱରୂପ ନିକଟରେ ସୁପ୍ରିମ୍‌କୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠ ଶୁଣାଣି କରି ମୋଦି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଇଲେକ୍ଟୋରାଲ୍ ବଣ୍ଡ୍ ବ୍ୟବସ୍ଥାକୁ ଅସାମ୍ବିଧାନିକ ଏବଂ ବେଆଇନ ବୋଲି ଦର୍ଶାଇଥିଲେ। ତତ୍‌ସହିତ ଇଲେକ୍ଟୋରାଲ୍ ବଣ୍ଡ୍ ସଂଗ୍ରହ କରୁଥିବା ଏକମାତ୍ର ବ୍ୟାଙ୍କ-ଷ୍ଟେଟ୍ ବ୍ୟାଙ୍କ-କୁ ଅର୍ଥଦାତାଙ୍କ ସଂକ୍ରାନ୍ତରେ ତଥ୍ୟ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ସରକାରଙ୍କ ଉଦ୍ଦେଶ୍ୟ ଥିଲା ଏହି ଅର୍ଥଦାତାମାନଙ୍କ ନାମ ଗୋପନୀୟ ରହିବ। ଏହି ଇଲେକ୍ଟୋରାଲ୍ ବଣ୍ଡ୍ ଯୋଗୁ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଅନେକ ହଜାର କୋଟି ଟଙ୍କା ସଂଗ୍ରହ କରିପାରିଛି। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ନିଶ୍ଚିତ ଭାବେ ଗଣତନ୍ତ୍ର ସପକ୍ଷବାଦୀ ଓ ସ୍ୱାଗତଯୋଗ୍ୟ। ଅନ୍ୟପଟେ ସେହି ସୁପ୍ରିମ୍‌କୋର୍ଟ କୌଣସି ଭାବେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଏବଂ ପ୍ରିଭେନ୍‌ଶନ୍ ଅଫ୍ ମନି-ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ଭଳି ଆଇନରେ ଅତି ଖରାପ ବ୍ୟବସ୍ଥାକୁ ଅତ୍ୟନ୍ତ ସହଜରେ ସିଦ୍ଧ କରିଚାଲିଛନ୍ତି। ଏହି ଦୁଇ ଆଇନ ସାହାଯ୍ୟରେ କେନ୍ଦ୍ର ସରକାର ସବୁ ରାଜନୈତିକ ଦଳର ମୁଖ୍ୟ ନେତାମାନଙ୍କୁ ଭାଙ୍ଗିଦେବା ପାଇଁ ସହଜରେ ସକ୍ଷମ ହେଉଛନ୍ତି। ବିନା ଶୁଣାଣି ଓ ବିନା ଜାମିନରେ ୧୯୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ଶଢୁଥିବା ରାଜନୈତିକ ବ୍ୟକ୍ତିମାନଙ୍କୁ ଯେତେବେଳେ ପୋଲିସ ତରଫରୁ ନ୍ୟାୟାଳୟରେ ହାଜର କରାଯାଉଛି, ସେତେବେଳେ ଜାମିନ ମିଳୁନାହିଁ। ସତେଯେମିତି ବିଚାରପତିଙ୍କ ସନ୍ଦେହ ହେଉଛି ସବୁ ବିରୋଧୀ ଚୋର ପାଲଟିଯାଇଛନ୍ତି ଏବଂ ସମସ୍ତ କ୍ଷମତାସୀନ ବ୍ୟକ୍ତି ନିଜେ ସଚ୍ଚୋଟ ରହି କେବଳ ଚୋର ଧରିବା କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏହିଭଳି ଦ୍ୱନ୍ଦ୍ୱକୁ ସମାଧାନ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ଏଥିରୁ ବୁଝିବାକୁ ହେବ ଯେ, ଗଣତନ୍ତ୍ର ପ୍ରତି ଘୋର ବିପଦ ଘନୀଭୂତ ହୋଇସାରିଲାଣି। ଏହି ବିପଦ ସାଧାରଣ ନାଗରିକଙ୍କ ସମେତ ଅଦାଲତକୁ ମଧ୍ୟ କଷ୍ଟ ଦେବ। ସେଥିପାଇଁ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେଲେ କ୍ଷମତାସୀନ ବ୍ୟକ୍ତି ଉପରେ ଅଦାଲତ ଓ ଅମଲାତନ୍ତ୍ର ମିଶିକରି ଅଙ୍କୁଶ ଲଗାଇବାକୁ ହେବ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 2 | 6 | | | | | |
| | | 3 | | 1 | | 6 | | |
| | | | | | | | | |
| | 6 | | | | | | 8 | |
| 9 | 5 | | | | | | 2 | 3 |
| | | | | 5 | 9 | | | |
| 4 | | 1 | | 3 | | | | 9 |
| | | | 4 | | | | | |
| 5 | | | 8 | | | | 6 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 8 | 9 | 4 | 2 | 6 | 1 |
| 8 | 9 | 1 | 6 | 7 | 2 | 4 | 3 | 5 |
| 4 | 2 | 6 | 5 | 1 | 3 | 8 | 7 | 9 |
| 3 | 5 | 7 | 1 | 6 | 8 | 9 | 2 | 4 |
| 9 | 6 | 8 | 2 | 4 | 7 | 5 | 1 | 3 |
| 2 | 1 | 4 | 3 | 5 | 9 | 6 | 8 | 7 |
| 5 | 4 | 2 | 7 | 8 | 1 | 3 | 9 | 6 |
| 6 | 7 | 3 | 9 | 2 | 5 | 1 | 4 | 8 |
| 1 | 8 | 9 | 4 | 3 | 6 | 7 | 5 | 2 |

ଗତକାଲିର ଉତ୍ତର

# ଭଲ ସ୍ୱପ୍ନ ଦେଖ



ମାୟାଧର ନାୟକ

ପୃଥିବୀରେ ରାତି କ'ଣ ପାଇଁ ଆସେ, କ'ଣ ଅନ୍ଧାର ଓଜାଡି ଦେବାପାଇଁ-ନା-ଅନ୍ଧାରକୁ ବତି ଦେଖାଇବା ପାଇଁ। ପୃଥିବୀକୁ ରାତି ଆସେ ବଛା ବଛା ଭଲ ଭଲ ସ୍ୱପ୍ନ ଦେଖିବା ପାଇଁ । ଏହି ହିସାବରେ ରାତିର ଏ ଅନ୍ତର୍ବେଦନାକୁ ବୁଝ, ବଡ ବଡ ସ୍ୱପ୍ନ ଦେଖ। ଭଲ ଭଲ ସ୍ୱପ୍ନ ନ ଦେଖିଲେ ଭଲମଣିଷ ହେବାର ଭବିଷ୍ୟତ ଭସ୍ମ ଆଉ ଭଲ ଭଲ ସମ୍ଭାବନାର ବାଧ୍ୟତାମୂଳକ ସମାଧି।

ଜନ୍ମ ହେବା ଦିନରୁ ମୃତ୍ୟୁର ପୂର୍ବ ପର୍ଯ୍ୟାୟ ପର୍ଯ୍ୟନ୍ତ ଏ ମଣିଷ ୧ଲକ୍ଷ ୩୬ହଜାର ସ୍ୱପ୍ନ ଦେଖେ, ଦେଖିଥାଏ, ଦେଖିବାଟା ବିଜ୍ଞାନର ପରିସଂଖ୍ୟାନଗତ ସୂଚନା। ମାତ୍ର ଏବେ ଆସିଛି ବିଭୀଷିକାମୟ ଏକ ବ୍ୟତିକ୍ରମର ବିଡମ୍ବନା। ଯେତେବେଳେ ଜୀବନ ଦୁଃସହ ଦୁଃସ୍ଥିତିରେ ବଞ୍ଚି ଥାଉ ଥାଉ ଅହୋରାତ୍ର ମରଣ ଆତଙ୍କରେ ଜର୍ଜରିତ ସେତେବେଳେ ବଡ ଶୋଚନୀୟ ଭାବରେ ଏ ସଂସାର ସାମ୍ନା କରୁଛି ଏକ ସ୍ୱପ୍ନ ହ୍ରାସର ବିଷମ ସଙ୍କଟକାଳ। ପ୍ରତ୍ୟେକ ଦିନ ଏହି ପୃଥିବୀରେ ଜନ୍ମ ହାର ଅନୁଯାୟୀ ଲୋକସଂଖ୍ୟା ବଢୁଛି। ଅଥଚ ସେହି ଅନୁପାତରେ ସ୍ୱପ୍ନର ସଂଖ୍ୟା କମି ଚାଲିଛି। ଔଷଧ ଆଉ କାମ କରିବନି ନିଦ ଦେବାକୁ। ଯଦି ନିଦ ନାହିଁ ତ ସ୍ୱପ୍ନ କାହିଁ ? ଯଦି ସ୍ୱପ୍ନ ନାହିଁ ତ ମଣିଷ କାହିଁ ? ଯଦି ମଣିଷ ନାହିଁ ତ ସଂସାର କାହିଁ ? ଯଦି ସଂସାର ନାହିଁ ତ ସାର କାହିଁ ? ଯଦି ସାର ନାହିଁ ତ ସ୍ପନ୍ଦନ କାହିଁ ? ଯଦି ସ୍ପନ୍ଦନ ନାହିଁ ତ ତା'ହେଲେ ଜିଇବା ଲାଗି ଏକ ଜୀବନ କାହିଁ ? ଯଦି ଜୀବନ ନାହିଁ ତ ତା'ହେଲେ ଜୀବତୀର୍ଥ ଜଗତ କାହିଁ ?

ଏ ଜଗତ କ'ଣ ଗତ ହୋଇ ଚିରକାଳ କେବଳ ଭବିଷ୍ୟତରେ କେଉଁ ରୂପକାହାଣୀକାରର ଏକ ଅର୍ଦ୍ଧବିସ୍ମୃତ ଅଧ୍ୟାୟ ପାଲଟିଯିବ ? ଅସୁମାରୀ ପ୍ରଶ୍ନ ଆସେ- ଯାହାର ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ସହଜ ଉତ୍ତର ହେଉଛି ଭଲ ଭଲ ସ୍ୱପ୍ନ ଦେଖ। ଆଖି ବୁଜିଲେ ତ ଏତେ ଏତେ ସ୍ୱପ୍ନର ରଙ୍ଗବେରଙ୍ଗ ବଜାର ଏହି ବଜାରର କୋଉ ଦୋକାନରୁ ମୁଁ ବିନା କଉଡିରେ ମନଲାଖି ସ୍ୱପ୍ନଟିଏ କିଣିପାରିବି! ଅବଦୁଲ କଲାମ କହୁଥିଲେ 'ଆଖି ଖୋଲି ସ୍ୱପ୍ନ ଦେଖ'। ଆଖି ଖୋଲିଲାବେଳେ ତ ଦିଶେ ଯେତେ ଯେଉଁଠି ଲୋକସଂଖ୍ୟା ସେତେ ସେଇଠି ତା'ର ଦି'ଗୁଣା ତି'ଗୁଣା ଶୋକସଂଖ୍ୟା। ଏହି ଲୋକସଂଖ୍ୟାର ମଝିରେ ଭଲ ଭଲ ସ୍ୱପ୍ନ ଦେଖ। ବିଜୁ ପଟ୍ଟନାୟକ କହିଥିଲେ 'ବଡ ବଡ ସ୍ୱପ୍ନ ଦେଖିବା ଭଲ'। ହେଲେ ମୁଁ କହେ ଛୋଟ ଛୋଟ ସ୍ୱପ୍ନ ଦେଖ - ଆଉ ସବୁ ଛୋଟ ଛୋଟ ସ୍ୱପ୍ନକୁ ମିଶାଇଦେଇ ଗୋଟାଏ ବଡ ପୃଥିବୀ ତିଆରି କର - ଯାହା ସାମ୍ନାରେ ସେ ସାତସ୍ୱର୍ଗ



ସୁଦ୍ଧା ତୁଚ୍ଛ, ସପ୍ତପାତାଳର ହୀରାଲୀଳା, ମଣିମାଣିକ ଭଣ୍ଡାର ମଧ୍ୟ ତୁଚ୍ଛାତିତୁଚ୍ଛ ମନେହେବାକୁ ବାଧ୍ୟ।

ଭଲ ଭଲ ସ୍ୱପ୍ନ ଦେଖ। ଦାନ କରିବାର ସ୍ୱପ୍ନ, ଓଜାଡି ଦେବାର ସ୍ୱପ୍ନ, ଅର୍ପି ଦେବାର ସ୍ୱପ୍ନ, ସମର୍ପି ଦେବାର ସ୍ୱପ୍ନ, ପରକୁ ଆପଣାର କରିବାର ଅସରନ୍ତି ସ୍ୱପ୍ନ। ଏ ପରିବାର ହେବ ବିଶ୍ୱ ପରିବାର। ଯାହା ଭଲ ସ୍ୱପ୍ନର ନିଅଁ ଉପରେ ଆଶାଆକାଂକ୍ଷାକୁ ସାକାର କରିବା ଦିଗରେ ହୋଇଉଠିବ ଏକ ଐକାନ୍ତିକ ସଂକଳ୍ପ। ଭଲ ସ୍ୱପ୍ନଟିଏ କେତେକ ସମୟରେ ବିଶ୍ୱାସ ଓ ମୂଲ୍ୟବୋଧକୁ ନେଇ ବିରଳ ଶୁଭ ସୂଚନାଟିଏ ମଣିଷର ସଭ୍ୟତା ଏଭଳି ଧାରଣାଟିକୁ ଗ୍ରହଣ କରିଆସିଛି କାହିଁ କେଉଁ କାଳରୁ। ଖ୍ରୀଷ୍ଟପୂର୍ବ ୫୬ରେ ଏପରି ଏକ ଅପୂର୍ବ ସ୍ୱପ୍ନ ଦେଖିଥିଲେ ମାୟାଦେବୀ ମହାମନା ଗୌତମ ବୁଦ୍ଧଙ୍କର ଜନନୀ। ସେ ଥିଲା ଏକ ପୂର୍ଣ୍ଣମୀ ତିଥିର ଜ୍ୟୋତ୍ସ୍ନାଧୌତ ରାତ୍ରି ଗଭୀର ନିଦ୍ରାର ଆବେଶ ମଧ୍ୟରେ ଥାଇ ମାୟାଦେବୀ ସ୍ୱପ୍ନ ଦେଖିଥିଲେ ଏକ ଶ୍ୱେତଶୁଭ୍ର ଶିଶୁହସ୍ତୀ ତାଙ୍କର ଗର୍ଭରେ ପ୍ରବେଶକରି ଆଶ୍ରୟ ନେଲା। ଏହାର ୧୦ମାସ ପରେ ବୈଶାଖୀ ପୂର୍ଣ୍ଣମୀରେ ଜନ୍ମଗ୍ରହଣ କଲେ ବୁଦ୍ଧ - ପିତ୍ରାଳୟକୁ ଗମନ କରିଯିବା ମାୟାଦେବୀ ତାଙ୍କୁ ଜନ୍ମ ଦେଇଦେଲେ ଲୁମ୍ବିନୀ ଉଦ୍ୟାନରେ, ଏକ ପୁଷ୍ପିତ ବୃକ୍ଷକୁ ଆଉଜି ରହି ଦଣ୍ଡାୟମାନ ଥିବା ଅବସ୍ଥାରେ। ସୂକ୍ଷ୍ମତଃ ବିଶ୍ଳେଷଣ କଲେ ଗୌତମ ବୁଦ୍ଧଙ୍କର ସମଗ୍ର ଜୀବନ ଜନସମୁଦାୟର ଉରଣ ଉଦ୍ଦେଶ୍ୟରେ ନିବେଦିତ ଏକ ଉଜ୍ଜୀବନମୟ ମହାଜୀବନ, ଯାହାର ବୀଜ ରୋପିତ ହୋଇଥିଲା ଗୋଟିଏ ଭଲ ସ୍ୱପ୍ନର ଶୁଭରାତ୍ରିରେ। ସେ ସ୍ୱପ୍ନ ମଣିଷ ସଭ୍ୟତା ସକାଶେ ଅଭୂତପୂର୍ବ ଏକ ସକାଳର ଆହ୍ୱାନ। ଯେଉଁ ମହାନ୍ କରୁଣାବତାରଙ୍କ ଜନ୍ମକାଳ ଗଣନାଭିତ୍ତିରେ ପୃଥିବୀରେ ପ୍ରଥମକରି ଖ୍ରୀଷ୍ଟାବ୍ଦ ପ୍ରଚଳନ ଘଟିଲା, ସେଇ ଯୀଶୁଙ୍କୁ ଜନ୍ମ ଦେଇଥିଲେ କୁମାରୀ ମାତା ମେରୀ। ଜଣେ ଦେବଦୂତ ଆସି ତାଙ୍କୁ ସେ ଈଶ୍ୱରପୁତ୍ରଙ୍କ ମହାଯଶସ୍ୱିନୀ ଜନ୍ମଦାତ୍ରୀ ହେବାକୁ ଯାଉଛନ୍ତି ବୋଲି ସ୍ୱପ୍ନାଇଥିଲେ। ଆମେ ବୋଲୁଥିଲେ ଏଇ ମନ ବୃନ୍ଦାବନ, ଏଇ ମନ କାଶୀ। ଏବେ କିନ୍ତୁ ଏଇ ମନ ମରୁଭୂମି ଏଇ ମନ ନିଜ ପାଇଁ ବିଦେଶୀ ବିଦେଶୀ। ଅଚିହ୍ନା ଏ ମନ, ଅଜଣା ଏ ମନ, ଏ ମନର ମରୁରେ ମଥାପିଟେ ଅଧୁରା ସପନ! ଚଉଠେ ଚଉଠେ ମନର ଏସବୁ ଅନ୍ଧାଦୁନିଆ ଅଧା ଅଧା ସ୍ୱପ୍ନ ଦୁନିଆ । ଏଠି ଭଲ ଭଲ ସ୍ୱପ୍ନ ନ ଦେଖିଲେ ମଣିଷ ତା'ର ନିଜ ଶେଷର ସକାଳକୁ ସାର୍ଥକ କରିପାରିବ କେମିତି! ଏଇଥିପାଇଁ ତ ଆଜିର ଆବେଦନ; ଭଲ ଭଲ ସ୍ୱପ୍ନ ଦେଖ!

ଦିନେ ଗୋଟିଏ ଛୁଆଦିନର ରାତିଏ ସ୍ୱପ୍ନ ଜଣେ ଭାରତୀୟ କିଶୋର କାନରେ ଶୁଣାଇଥିଲା ଛେଳିଛୁଆର କରୁଣ କାନ୍ଦଣା। ପେଟ ଭିତରେ ହଜମ ହୋଇ ନ ଥିବା ଛାଗମାଂସ ଖଣ୍ଡରୁ ସେ ଥିଲା ଯେମିତି ଛଟପଟ କଲିଜାର କାନ୍ଦବୋବାଳି ! ସେ କିଶୋରକୁ ଏ ସ୍ୱପ୍ନ ଅସ୍ତବ୍ୟସ୍ତ କଲା ଅବିଶିଷ୍ଟ ପ୍ରହର। ସେ ଶପଥ କଲା - ଆଜିଠାରୁ ମାଂସାହାର ବର୍ଜନ। ଏହି ଶପଥ ପରବର୍ତ୍ତୀ କାଳରେ ଅହିଂସାର ପଥ ପ୍ରବର୍ତ୍ତକ କଲା ସେ କିଶୋର ମନରେ ଜାଗି ଉଠିଥିବା ଜଣେ ସତ୍ୟନିଷ୍ଠ ମହାତ୍ମାଙ୍କୁ। ସେ ମହାତ୍ମାଙ୍କୁ ଜାଣିଲା ସାରା ସଂସାର। ସେ ଏଇ ମହାତ୍ମା ଗାନ୍ଧୀ।

ଭଲ ଭଲ ସ୍ୱପ୍ନ ଏ ଦୁନିଆକୁ ଉପହାର ଦେଇଛି ମହାବୀର ଜୈନ, ଗୌତମ ବୁଦ୍ଧ, ଯିଶୁ, ଗାନ୍ଧୀ, ଲିଙ୍କନ୍, ମାର୍କିନ୍ ଲୁଥର ପ୍ରମୁଖଙ୍କ ଭଳି ବିଭିନ୍ନ ଯୁଗାବତାରଙ୍କୁ। ଏ ସମସ୍ତେ ବିଲ୍‌କୁଲ୍ ନିଆରା। ଏମାନେ ମଣିଷ ସଭ୍ୟତାର ସେଇ ମହାପଥିକ, ଯେଉଁମାନଙ୍କ ପାଦଚିହ୍ନ ପଛେ ପଛେ ଛାଏଁ ଖୋଲିଯାଏ ବନ୍ଦ ବିବେକର ଅବାଟ ସବୁ। ପ୍ରସ୍ତୁତ ହୋଇଯାଏ ଆତ୍ମପ୍ରସ୍ତୁତିର ପ୍ରଶସ୍ତ ପଥ। ଶାନ୍ତି ପଥ, ପଦଯାତ୍ରା ପଥ, ପଟୁଆରୀ ପଥ - ପରିବର୍ତ୍ତନର ପଥ - ଗଢିଉଠେ ବିପ୍ଳବର ବିଶେଷ ଚିହ୍ନିତ ଛକସବୁ, ଇତିହାସର ଇସାରାରେ। ସେ ଛକରେ ଟ୍ରାଫିକ୍‌ର ଲାଲବତି ନାହିଁ। ଅବାଳିତ ଗତିପଥରେ ପ୍ରଗତିର ପ୍ରେରଣା ପାଏ ଜନଜୁଆର ଜୀବନସ୍ରୋତ। ସେ ଛକରେ ନିଚ୍ଛକ ଜୀବନର ସ୍ୱର ଶୁଭେ ; ଭଲ ଭଲ ସ୍ୱପ୍ନ ଦେଖ...

ଆଧୁନିକ ମଣିଷ ବିନିଦ୍ର ବିବ୍ରତ ଜୀବନଟାଏ ଏବେ। ତାକୁ ନିଜ ଊଣା, ସୁତରାଂ ସ୍ୱପ୍ନ ଅଲଣା ! ଯଦି ସରସସୁନ୍ଦର ଜୀବନଶୈଳୀଟିକୁ ପାଳିପୋଷି ମଣିଷ ବଡ ହେବାକୁ ଚାହେଁ, ତା'ହେଲେ ଛୋଟ ଛୋଟ ସ୍ୱପ୍ନର ମଧୁର ମିଶାଣଟିଏ ନିତାନ୍ତ ଜରୁରୀ। କୁଟିଳତା ନୁହେଁ, ଜଟିଳତା ନୁହେଁ ସରଳ ସ୍ୱଚ୍ଛନ୍ଦ ସତ୍ୟ ଜୀବନର ଛନ୍ଦ ଦରକାର। ଏଥିପାଇଁ ସବୁଠୁ ଦରକାର ଛୋଟ ଛୋଟ ସ୍ୱପ୍ନ ଦେଖ ପଛେ, ମାତ୍ର ଭଲ ଭଲ ସ୍ୱପ୍ନ ଦେଖ!

**ଯାଜପୁର ରୋଡ୍, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ଆତ୍ମଜୀବନୀର ଆତ୍ମକଥା



ରାଧାଶ୍ୟାମ ରାଉଳ

'ଆତ୍ମଜୀବନୀର ଆତ୍ମକଥା' ଶୀର୍ଷକ ଏକ ସାହିତ୍ୟ ଚର୍ଚ୍ଚାରେ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୌଭାଗ୍ୟ ସାହୁ, ଆତ୍ମଜୀବନୀ କ'ଣ, ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ପାର୍ଥକ୍ୟ କ'ଣ, କେଉଁମାନେ ଆତ୍ମଜୀବନୀ ଲେଖନ୍ତି ଓ କାହିଁକି ଲେଖନ୍ତି, ଆତ୍ମଜୀବନୀର ବୈଶିଷ୍ଟ୍ୟ ଓ ସ୍ୱରୂପ କ'ଣ, ଅତୀତରୁ ଆଜି ପର୍ଯ୍ୟନ୍ତ ଆତ୍ମଜୀବନୀ ଲେଖିଥିବା କେତେଜଣ ବିଶେଷ ବ୍ୟକ୍ତିଙ୍କର ନାମ ଏବଂ ସେମାନେ ଲେଖିଥିବା ସେମାନଙ୍କ ଆତ୍ମଜୀବନୀ ପୁସ୍ତକର ନାମ, ଅନ୍ୟମାନଙ୍କର ଆତ୍ମଜୀବନୀ ପୁସ୍ତକଗୁଡ଼ିକୁ କାହିଁକି ଜଣେ ପଢ଼ିବ, କ'ଣ ସେଇସବୁ ପୁସ୍ତକରୁ ଜାଣିବାକୁ ଏବଂ ଶିଖିବାକୁ ମିଳେ ଇତ୍ୟାଦି ଇତ୍ୟାଦି ସମ୍ପର୍କରେ ଦୀର୍ଘ ୧ଘଣ୍ଟାର ଲମ୍ବା ବକ୍ତବ୍ୟ ପ୍ରଦାନକଲେ। ପ୍ରଫେସର ମହାଶୟ ମଧ୍ୟ ନିଜ ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଲେ,ସେ ତାଙ୍କର ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ଚାକିରି ଜୀବନକାଳ ଭିତରେ କିଛି ସାହିତ୍ୟ ଫାହିତ୍ୟ ରଚନା କିମ୍ବା କିଛି ଲେଖାଲେଖି କରିପାରି ନ ଥିଲେ। ଚାକିରିରୁ ଅବସର ନେବା ପରେ କିଛି ଲେଖାଲେଖି କରିବାକୁ ଆଗ୍ରହୀ ଥିଲେ ହେଁ କ'ଣ ଲେଖିବେ,କ'ଣ ନାଇଁ-ଏଇ ଦ୍ୱନ୍ଦ୍ୱ ଭିତରେ ଧନ୍ଦିହୋଇ ଶେଷକୁ ଆତ୍ମଜୀବନୀ ଲେଖିବାକୁ ସ୍ଥିରକଲେ ଏବଂ ତାକୁ ଲେଖିଲେ ମଧ୍ୟ। ତା'ପରେ ଛାଆଁକୁ ଛାଆଁ ଗଳ୍ପ,କବିତା, ପ୍ରବନ୍ଧ, ନାଟକ, ଉପନ୍ୟାସ ଆଦି ଲେଖିବା ପାଇଁ ତାଙ୍କୁ ପର୍ଯ୍ୟାପ୍ତ ଉତ୍ସାହ ଓ ପ୍ରେରଣା ମିଳିଗଲା। ତେବେ ପ୍ରଫେସର ମହାଶୟଙ୍କର କହିବାର କଥା, ତାଙ୍କ ସାହିତ୍ୟ ସାଧନାର ଭିତ୍ତିଭୂମି ଓ ପହିଲି ପୁଲକ ହେଉଛି ତାଙ୍କର ଆତ୍ମଜୀବନୀ ଲେଖା!

ଏବେ ଏ ଚର୍ଚ୍ଚାକୁ ନିର୍ଦ୍ଦିଷ୍ଟ ଭବନ ବା କକ୍ଷ ଭିତରେ ସୀମିତ ନ ରଖି ସାର୍ବଜନୀନ କରିବାର ଆବଶ୍ୟକତା ରହିଛି। ଆତ୍ମଜୀବନୀ ହେଉଛି ଆତ୍ମଚରିତ ବା ଆତ୍ମକାହାଣୀ; ନିଜ ଜୀବଦ୍ଦଶାରେ ଘଟିଥିବା ଘଟଣା,ଦୁର୍ଘଟଣା, ସୁଖଦୁଃଖ, ଆବେଗ ଉଦ୍‌ବେଗ,ଉତ୍ଥାନ ପତନ ଆଦିର ବର୍ଣ୍ଣନାତ୍ମକ ଦଲିଲ! ଯେଉଁମାନେ ସାମାଜିକ ଜୀବନରେ, ରାଜନୀତି କ୍ଷେତ୍ରରେ, ସାହିତ୍ୟ, ସଂସ୍କୃତି, ସମାଜସେବା,କ୍ରୀଡ଼ା,ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ଲବ୍ଧପ୍ରତିଷ୍ଠ,ସ୍ୱନାମଧନ୍ୟ, ଖ୍ୟାତିସମ୍ପନ୍ନ, ସେମାନେ ଆତ୍ମଜୀବନୀ ଲେଖନ୍ତି, ଲେଖିବା ମଧ୍ୟ ଉଚିତ। କାରଣ ସାଧାରଣ ପାଠକ ସେସବୁ ତଥାକଥିତ ବଡ଼ଲୋକମାନଙ୍କର ଜୀବନ କାହାଣୀ ଜାଣିବାକୁ ଚାହାନ୍ତି,ପଢ଼ିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରନ୍ତି। ସେମାନଙ୍କର ସଂଗ୍ରାମ, ସଂଘର୍ଷ,ସଫଳତା,କୃତି, ସ୍ୱୀକୃତି, ଖ୍ୟାତି,ସ୍ମୃତି, ଅନୁଭୂତି, ବିଚାର,ଆଚାର, ଦୃଷ୍ଟିଭଙ୍ଗୀ ବାବଦରେ ମଧ୍ୟ ଜାଣିବାକୁ ଚାହାନ୍ତି। ଅବଶ୍ୟ ଅନ୍ୟମାନଙ୍କ ପାଇଁ ଆତ୍ମଜୀବନୀ ଲେଖିବା ମନା ନାହିଁ।

ନିଜ ସହ ସମକାଳୀନ ଘଟଣା ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଓ ଉଲ୍ଲେଖନୀୟ ଘଟଣା ,ଲୋକ ସମ୍ପର୍କ, ସାମ୍ନା କରୁଥିବା ସମସ୍ୟା,ଆହ୍ୱାନ, ପାଇଥିବା ସଫଳତା, ବିଫଳତା ଏବଂ ଜୀବନର ଶିକ୍ଷଣୀୟ ତଥା ଉପାଦେୟ ଉପାଦାନ ଆଦି ଆତ୍ମଜୀବନୀରେ ସ୍ଥାନିତ ହେବା ନିହାତି ଆବଶ୍ୟକ। ନିଜ ଜୀବନାନୁଭୂତି, ସମକାଳର ସାହିତ୍ୟ, ସଂସ୍କୃତି, ଶାସନ, ସରକାର, ପାରିବାରିକ ସମ୍ପର୍କ, ସାମାଜିକ ଚଳଣି, ରାଜନୀତି, ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ଆଦି ତଥ୍ୟ ପାଠକମାନଙ୍କୁ ଅବଗତ ଓ ଆମୋଦିତ କରିବା ହେଉଛି ଆତ୍ମଜୀବନୀ



ଲେଖକଙ୍କର ଉଦ୍ଦେଶ୍ୟ । ଶତାବ୍ଦୀ ଶତାବ୍ଦୀ ଧରି ଆତ୍ମଜୀବନୀ ଏକ ବିଶେଷ ଶୈଳୀର ସାହିତ୍ୟ ଭାବରେ ଜନମାନସରେ ମାନ୍ୟତା ପାଇଆସୁଛି।

ଏବେ ପ୍ରଶ୍ନ ଆସୁଛି, ଆତ୍ମଜୀବନୀ ଲେଖୁଥିବା ଲେଖକମାନଙ୍କର ଆତ୍ମଜୀବନୀର ଆତ୍ମକଥା କେତେ ମୌଳିକ,କେତେ ମନଗଢ଼ା,କେତେ ସତ୍ୟ କେତେ ଛଳନା,କେତେ ସ୍ୱୀକାରୋକ୍ତି କେତେ ବାହାନା ? ଆୟର୍ଲାଣ୍ଡର ବିଶ୍ୱ ପ୍ରସିଦ୍ଧ ନାଟ୍ୟକାର ଜର୍ଜ ବର୍ନାଡ୍ ଶ'ଙ୍କ ମତରେ 'ସବୁ ଆତ୍ମଜୀବନୀ ହେଉଛି ଉଦ୍ଦେଶ୍ୟମୂଳକ ମିଛ'।'All autobiographies are deliberate lies'. ଆତ୍ମଜୀବନୀ ପ୍ରକୃତ, ଯଥାର୍ଥ,ବିଶ୍ୱାସଯୋଗ୍ୟ ନୁହେଁ। କାରଣ ଜଣେ ତାଙ୍କର ଦୃଷ୍ଟିଭଙ୍ଗୀ, ବିଚାରବୋଧ, ସ୍ମୃତି, ଅନୁଭୂତିକୁ ନେଇ ତାଙ୍କ ଆତ୍ମକଥା ଲେଖିଥାନ୍ତି, ଯାହା ସମ୍ପୂର୍ଣ୍ଣ ସତ୍ୟ ଆଧାରିତ ନୁହେଁ। ଅଧିକନ୍ତୁ ଏହା ସୁନିର୍ବାଚିତ , କପୋଳକଳ୍ପିତ,ମନଗଢ଼ା, ଅବାସ୍ତବ ଏବଂ ସର୍ବୋପରି ଉଦ୍ଦେଶ୍ୟଭିତ୍ତିକ ହେବାର ସମ୍ଭାବନା ଯଥେଷ୍ଟ ଥାଏ! ଏହା ମଧ୍ୟ କୁହାଯାଇପାରେ ଯେ, ଆତ୍ମଜୀବନୀର ଆତ୍ମକଥାରେ ଘଟଣା ଓ ଚରିତ୍ରର ବ୍ୟାଖ୍ୟା, ବ୍ୟୁତ୍ପତ୍ତି ଓ ସେ ସମ୍ବନ୍ଧୀୟ ମତାମତରେ ଯଥେଷ୍ଟ ନାଟକୀୟତା ରହୁଥିବାରୁ ଏହା ସତ୍ୟଠାରୁ ଦୂରେଇଯାଏ। ଆତ୍ମଜୀବନୀ ଲେଖୁଥିବା ଲେଖକ ନିଜେ ନିଜକୁ ସବୁ ଭଲଗୁଣ,ସକାରାତ୍ମକ ଲକ୍ଷଣର ଅଧିକାରୀ ବୋଲି ବିଦିତ କରିବା ପୁଣି ନିଜ ସପକ୍ଷରେ ନିଜେ ଅକାଟ୍ୟ ଯୁକ୍ତି ବାଢ଼ିବା ସାଧାରଣତଃ ପରିଲକ୍ଷିତ ହୁଏ। ଅପ୍ରିୟ ସତ୍ୟ ଓ ନିଷ୍ଠୁର ବାସ୍ତବତାକୁ ଚାପିଦେଇ ନିଜେ ଭଲ, ନିଜର ସବୁ କାର୍ଯ୍ୟ ଓ ଗୁଣ ଭଲ ବୋଲି ରଙ୍ଗିନ ଅବତାରଣା ଓ ଉପସ୍ଥାପନା ରହୁଛି ପ୍ରାୟ ପ୍ରତ୍ୟେକ ଆତ୍ମଜୀବନୀରେ। ଅତଏବ ଏଇ ଦୃଷ୍ଟିରୁ ଆତ୍ମଜୀବନୀକୁ ଆତ୍ମ ବିଜ୍ଞାପନ କହିଲେ ହୁଏତ ଅଧିକ ପ୍ରାସଙ୍ଗିକ ହେବ! କାରଣ ଆତ୍ମଜୀବନୀରେ ଆତ୍ମକଥା ବଖାଣିବା ବେଳେ ଲେଖକ ନିଜ ଗୁଣ ଓ କାର୍ଯ୍ୟର ଉଭୟ ପାର୍ଶ୍ୱ (ଭଲ ଓ ମନ୍ଦ ଗୁଣ ) ପ୍ରାୟତଃ ବଖାଣନ୍ତି ନାହିଁ । ନିଜର ଯଶ,ଖ୍ୟାତି, କୃତିତ୍ୱ, ସୌଭାଗ୍ୟ, ସଫଳତା ଦିଗକୁ ଅଧିକ ଗୁରୁତ୍ୱ ଦେଇ ଲେଖୁଥିବାବେଳେ ନିଜର ପରାଜୟ, ବିଫଳତା ଅପଯଶ, କୁଖ୍ୟାତି ଓ ଅନ୍ୟାନ୍ୟ ଅବିଗୁଣକୁ ଗୁରୁତ୍ୱ ନ ଦେଇ ଚାପିଦିଅନ୍ତି। ଦାମ୍ପତ୍ୟ ଜୀବନରେ କଳହ, ବିବାଦ, ସନ୍ଦେହ,ଭୁଲ୍ ବୁଝାମଣା, ପାରିବାରିକ ଅଶାନ୍ତି, ବାପପୁଅ ଭିତରେ, ଭାଇ ଭାଇ ଭିତରେ ତିକ୍ତତା, ମନୋମାଳିନ୍ୟ,ମତ ପାର୍ଥକ୍ୟ ଆଦିକୁ ଆତ୍ମଜୀବନୀରେ କ୍ୱଚିତ କେଉଁଠି ଦେଖିବାକୁ ମିଳେ। ଇଏ ବଡ଼ ବିପର୍ଯ୍ୟୟ, ଅଭାବନୀୟ ପରିସ୍ଥିତି! ଏ ଦିଗଟି ଅଭାବ ରହିଲେ, 'ଆତ୍ମଜୀବନୀର ଆତ୍ମକଥା'କୁ ଶତ ପ୍ରତିଶତ ଠିକ୍ କହିବା ସତ୍ୟର ଅପଳାପ ହେବ ନିଶ୍ଚୟ!

ଆତ୍ମଜୀବନୀର ଆତ୍ମକଥା ସ୍ୱଚ୍ଛ, ସ୍ୱଷ୍ଟ, ପ୍ରାଞ୍ଜଳ, ନିଷ୍କପଟ ହେବା ଉଚିତ । ଉଦ୍‌ଭଟ, ଉଦ୍‌ଭଟ, କପୋଳକଳ୍ପିତ,ଅତିରଞ୍ଜିତ ହେବା ଅନୁଚିତ। ଆତ୍ମପ୍ରଶଂସା ସର୍ବସ୍ୱ ହେବା ମଧ୍ୟ ଅନୁଚିତ। ଏଥିରେ ନିର୍ଦ୍ଦିଷ୍ଟ ବାର୍ତ୍ତା ରହୁ ; ଯାହା ବ୍ୟକ୍ତି ଚରିତ୍ର ଓ ସମାଜରେ ସୁଧାର ଓ ସଂଶୋଧନ ଆଣିବା କ୍ଷେତ୍ରରେ ସହାୟକ ହେବ। ସମକାଳୀନ ବା ତତ୍କାଳୀନ ସମାଜର ଚିତ୍ର, ଘଟଣା, ସୁଖଦୁଃଖ , ଆଶ୍ୱାସନା, ଅବସୋସ ମଧ୍ୟ ଏଥିରେ ରହୁ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଆତ୍ମଜୀବନୀର ମଧ୍ୟ ନିରପେକ୍ଷ ଓ ଯଥାଯଥ ସମୀକ୍ଷା, ମୂଲ୍ୟାୟନ ହେବା ଉଚିତ। ବୃହତ୍ତର ପାଠକ ସମାଜ ନ ଚାହିଁବା ଯାଏଁ ଆତ୍ମଜୀବନୀ ଲେଖିବା କେବଳ ତୁଚ୍ଛା ଅହଂର ପ୍ରଦର୍ଶନ!

**ମର୍କତନଗର,କଟକ**
**ମୋ: ୯୪୩୭୦୯୦୯୮୫**

## ଏଇ ଭାରତରେ

ରାକେଶ ପଞ୍ଚାଲ। ବୟସ ୪୪। ସେ ଏବେ ଅସହାୟ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଖାଦ୍ୟ ଯୋଗାଉଛନ୍ତି। ଗୁଜରାଟର ଭାସୋ ବ୍ଲକରେ ରାକେଶ ଏବେ ୫୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଛନ୍ତି। ସେ ତାଙ୍କ ପିତାଙ୍କ ନିର୍ମାଣ ଉପକରଣ ବ୍ୟବସାୟରେ କାମ କରୁଥିବା ସମୟରେ ଏହି ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ ଓ ତାଙ୍କ ପିତାଙ୍କ ଦେହାନ୍ତ ପରେ ଏହା ଆରମ୍ଭ କରିଥିଲେ। କାରଣ ଗରିବଙ୍କୁ ମାଗଣାରେ ଖାଦ୍ୟ ଦେବା ତାଙ୍କ ପିତାଙ୍କ ଇଚ୍ଛା ଥିଲା। ପ୍ରଥମେ ରାକେଶ ହସ୍ପିଟାଲରେ ପ୍ରସୂତିମାନଙ୍କୁ ଖେରା( ଘିଅ, ଚିନି ଓ ଡ୍ରାଏଫ୍ରୁଟ୍ସରେ ତିଆରି) ଲଡ୍ଡୁ ଦେଉଥିଲେ। ପରେ ହସ୍ପିଟାଲକୁ ଦୂରରୁ ଆସୁଥିବା କିଛି ଲୋକଙ୍କୁ ମାଗଣାରେ ଖାଦ୍ୟ ଦେବା ଆରମ୍ଭ କଲେ। ଏବେ ସେ ଭିସାମୋ ସାର୍ବଜନିକ ଚାରିଟେବଲ ଟ୍ରଷ୍ଟ ଗଠନ କରି ତା'ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଉଛନ୍ତି। ମୁଖ୍ୟତଃ ଭାତ, ରୁଟି, ଡାଲି ଓ ତରକାରି ସେ ଦେଉଛନ୍ତି। ଗାଡ଼ିରେ ନେଇ ବରିଷ୍ଠ ନାଗରିକଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି। ଏବେ ଏଥିପାଇଁ ସେ ଦୈନିକ ୨୧,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଫେବୃଆରୀ ୧୯୭୫**

- ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ ଟେମ୍ପଲେଟନ ପୁରସ୍କାର ପ୍ରଦାନ।
- ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ରୂପେ ଶେଖ୍ ମହମ୍ମଦ ଅବଦୁଲ୍ଲାଙ୍କ ଶପଥ ଗ୍ରହଣ।
- ରାଷ୍ଟ୍ରପତି ଶେଖ୍ ମୁଜିବୁର ରହମାନଙ୍କ ନେତୃତ୍ୱରେ 'ବାଂଲାଦେଶ କୃଷକ ଶ୍ରମିକ ଆୱାମୀ ଲିଗ୍' ନାମକ ଏକ ନୂତନ ରାଜନୈତିକ ଦଳ ଗଠିତ।

## ଚିରନ୍ତନୀ

ନିତି ଏହି କୋଉତୁକ
ଦେଖାଇ ଥରକୁ ଥର
ସେହିମିତି ଜର କଫ
ସେହି ତ କୁଡିଆ ଘର।
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ବଢ଼ିଚାଲିଛି

ମହାଶୟ,

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ତରଫରୁ ୨୦୨୩ ମସିହା ପାଇଁ ବିଶ୍ୱର ୧୮୦ ଦେଶକୁ ନେଇ ପ୍ରସ୍ତୁତ ରିପୋର୍ଟରେ ଦର୍ଶାଯାଇଛି ଯେ ବିଶ୍ୱର ୧୮୦ ଦେଶ ମଧ୍ୟରେ ଭାରତ ଦୁର୍ନୀତି କ୍ଷେତ୍ରରେ ୯୩ ସ୍ଥାନକୁ ଖସି ଆସିଛି। ଏହି ତାଲିକାରେ ୧ ନମ୍ବର ସ୍ଥାନରେ ଥିବା ଦେଶରେ ସବୁଠାରୁ କମ୍ ଦୁର୍ନୀତି ହୋଇଥିବା ବେଳେ ୧୮୦ତମ ସ୍ଥାନରେ ଥିବା ଦେଶ ସର୍ବାଧିକ ଦୁର୍ନୀତିଗ୍ରସ୍ତ ଭାବେ ବିବେଚିତ ହୋଇଛି। ୨୦୧୫ ମସିହାରେ ଭାରତ ୭୬ ତମ ସ୍ଥାନରେ ଥିଲା। ୨୦୨୨ ମସିହାରେ ୮୫ତମ ସ୍ଥାନ ଅର୍ଥାତ୍ ଅପେକ୍ଷାକୃତ ଭଲ ସ୍ଥିତିରେ ଥିଲା। ଉପା ସରକାର ସମୟରେ ଭାରତର ସ୍ଥିତି ଭଲ ଥିଲା। ସେତେବେଳେ ଭାରତ ୭୦ରୁ ୭୨ସ୍ଥାନ ମଧ୍ୟରେ ଥିଲା। ଏହି ରିପୋର୍ଟରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଗତ ୧୦ ବର୍ଷ ମଧ୍ୟରେ ଭାରତରେ ଦୁର୍ନୀତି ଲଗାତର ଭାବେ ବଢ଼ି ବଢ଼ି ଚାଲିଛି। ଏଣୁ କେନ୍ଦ୍ର ସରକାର ଗତ ୧୦ ବର୍ଷ ଦେଶକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଦେଇଛନ୍ତି ବୋଲି ଯେଉଁ ଦାବି କରୁଛନ୍ତି ସେଥିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବଡ଼ମାଲ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ

**ସଇଁତଲା, ୨୫।୨**
**(ରାଖାଲ ପ୍ରସାଦ ଶତପଥୀ)**


ବଡ଼ମାଳ ଗୋଳାବାରୁଦ କାରଖାନା ପରିସରରେ ରବିବାର ବିସ୍ଫୋରଣ ବେଳର ଦୃଶ୍ୟ।

- ବିସ୍ଫୋରଣର କାରଣ ଜଣାପଡ଼ିନାହିଁ
- ବହୁ ଦୂରରୁ ଦେଖାଗଲା ନିଆଁ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଲସ୍ଥିତ ଗୋଳାବାରୁଦ କାରଖାନାରେ ରବିବାର ସନ୍ଧ୍ୟା ସମୟରେ ବିସ୍ଫୋରଣ ଘଟିଛି। କାରଖାନା ଜନସମ୍ପର୍କ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସନ୍ଧ୍ୟା ପ୍ରାୟ ୬ଟା୩୦ରେ କାରଖାନା ୧୨ନମ୍ବର ୟୁନିଟର ମାଗାଜିନ ବିଲ୍ଡିଂରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ମାତ୍ରା ଏତେ ଭୟଙ୍କର ଥିଲା ଯେ, ପ୍ରାୟ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ନିଆଁହୁଲା ଦେଖାଯାଇଥିଲା। ଏହି ଘଟଣା ପରେ କାରଖାନା ପରିସରରେ ରହୁଥିବା କର୍ମଚାରୀ ଏବଂ ନିକଟସ୍ଥ ଗାଁର ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ରବିବାର ହୋଇଥିବାରୁ କାରଖାନାର କୌଣସି କର୍ମଚାରୀ ଉକ୍ତ ଅଞ୍ଚଳରେ ନଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା କୁହାଯାଉଛି। ଉକ୍ତ ମାଗାଜିନ ବିଲ୍ଡିଂ ଆବଶ୍ୟକ ସମୟରେ ଖୋଲା ଯାଇଥାଏ। ତେବେ କେଉଁ କାରଣରୁ ଏଠାରେ ଅଗ୍ନିକାଣ୍ଡ ଘଟିଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏବେ ସେଇ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଥିବାରୁ କ୍ଷୟକ୍ଷତିର ଆକଳନ କରାଯାଇ ପାରି ନ ଥିବା ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ୨୦୦୭ ମସିହାରେ ଏଭଳି ଏକ ବିସ୍ଫୋରଣ କାରଖାନାରେ ଘଟିଥିଲା। ସେତେବେଳେ ନିଆଁକୁ ଆୟତ୍ତ କରିବା ପାଇଁ ଦମକଳ ବାହିନୀକୁ ଦୀର୍ଘ ୮ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା।

## ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

**ମାଲକାନଗିରି, ୨୫।୨**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ର କାଙ୍କେର ଜିଲାରେ ରବିବାର ସୁରକ୍ଷାବାହିନୀ ଯବାନ-ମାଓବାଦୀଙ୍କ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବା ବେଳେ ଘଟଣାସ୍ଥଳରୁ ଅନେକ ସାମଗ୍ରୀ ଜବତ ହୋଇଛି।
ସୂଚନାନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କୋଇଲିବେଡ଼ା ଜଙ୍ଗଲରେ ମାଓବାଦୀମାନେ ଥିବା ନେଇ ସୁରକ୍ଷାକର୍ମୀଙ୍କୁ ଗୋଇନ୍ଦା ସୂଚନା ମିଳିଥିଲା। ଏ ନେଇ ଡିଆରଜି ଓ ବିଏସ୍‌ଏଫ୍ ବାହିନୀ ପକ୍ଷରୁ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ାଉ କରି ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସମୟରେ ପୂର୍ବରୁ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ। କିଛି ସମୟ ଉଭୟ ପକ୍ଷରୁ ଗୁଳିଚାଳନା ହେବା ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିବା ବେଳେ ଯବାନମାନେ ତଲାସି ବେଳେ ୩ ମାଓବାଦୀଙ୍କ ମୃତଦେହ ଏବଂ ଅନେକ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ, ଯେଉଁଥିରେ ଦୁଇଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ରହିଥିଲା।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଅଲଗା କଲେ ଦୁର୍ବୃତ୍ତ

**ବିଜେଡି ପକ୍ଷରୁ ଥାନାରେ ଅଭିଯୋଗ**

**ରଣପୁର, ୨୫।୨**
**(ସୁକାନ୍ତ କିଶୋର ଡାକୁଆ)**



ନୟାଗଡ଼ ଜିଲା ରଣପୁର ଏନ୍‌ଏସି ଅନ୍ତର୍ଗତ ମା' ମଣିନାଗ ପୀଠ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଥିଲା। ଶନିବାର ମଧରାତ୍ରିରେ କେହି ଦୁର୍ବୃତ୍ତ କଟର ମେଶିନ ସାହାଯ୍ୟରେ ପ୍ରତିମୂର୍ତ୍ତିରୁ ମୁଣ୍ଡକୁ କାଟି ଅଲଗା କରି ଦେଇଛନ୍ତି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ବିଜେଡିରେ ଚାପା ଉତ୍ତେଜନା ଦେଖାଦେଇଛି। ଏ ନେଇ ରବିବାର ଏନ୍‌ଏସି ଅଧକ୍ଷା ରଙ୍ଗିନୀ ମହାନ୍ତିଙ୍କ ନେତୃତ୍ୱରେ ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ଦଳର କେତେଜଣ କର୍ମୀ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଖବର ଲେଖାହେବା ସୁଦ୍ଧା ପୋଲିସ କୌଣସି ଦୁର୍ବୃତ୍ତଙ୍କୁ ଗିରଫ କରିପାରିନାହିଁ। ଏହାକୁ ନେଇ ବିଜେଡିରେ ଅସନ୍ତୋଷ ଦେଖାଦେଇଛି। ୨୦୧୯ ମାର୍ଚ୍ଚରେ ଏହି କଲ୍ୟାଣ ମଣ୍ଡପରେ ରଣପୁରର ପୂର୍ବତନ ବିଧାୟକ ରବିନାରାୟଣ ମହାପାତ୍ର ଓ ରଣପୁରବାସୀ ବିଜୁବାବୁଙ୍କୁ ମନେପକାଇବା ପାଇଁ ତାଙ୍କ ଉଦ୍ଦେଶ୍ୟରେ ବଉଳମାଳିଆ ପଥରରେ ବିଜୁବାବୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ଏହାକୁ ସେତେବେଳେ ପୁରୀ ଏମ୍‌ପି ପିନାକୀ ମିଶ୍ର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ମା' ମଣିନାଗ ମନ୍ଦିରରେ କିଛିବର୍ଷ ତଳେ ଚୋରି ହୋଇଥିବାରୁ ଥାନା ପକ୍ଷରୁ ପ୍ରତ୍ୟେକ ରାତ୍ରିରେ ସେଠାରେ ପୋଲିସ ନିୟୋଜିତ ହେଉଛନ୍ତି। କଲ୍ୟାଣ ମଣ୍ଡପଟି ମନ୍ଦିରଠାରୁ ମାତ୍ର ୫୦ ହାତ ଦୂରରେ ଥିବାବେଳେ ଦୁର୍ବୃତ୍ତମାନେ କଟର ମେଶିନ ସାହାଯ୍ୟରେ କାଟିଲା ବେଳେ କିଭଳି ପୋଲିସ ଜାଣିପାରିଲା ନାହିଁ ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ରଣପୁର ଆଇଆଇସି ନୀହାର ରଞ୍ଜନ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ୭୪/୨୦୨୪ରେ ଏକ ମାମଲା ରୁଜୁ କରାଯାଇଛି। ମୂର୍ତ୍ତି ଭଙ୍ଗା ଘଟଣାର ତଦନ୍ତ ଚାଲିଛି। ରାତିରେ ମନ୍ଦିର ଜଗୁଥିବା ପୋଲିସ କର୍ମଚାରୀମାନେ ଯିବା ପୂର୍ବରୁ ଦୁର୍ବୃତ୍ତ ମୂର୍ତ୍ତିକୁ ଭାଙ୍ଗି ପଳାଇଯାଇଥିଲେ ବୋଲି ଆଇଆଇସି ମହାନ୍ତି କହିଛନ୍ତି।

## ୬ବର୍ଷ ବୟସରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୫।୨**
**(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହେବ। ଏହା ପୂର୍ବରୁ ବିଭିନ୍ନ ଶ୍ରେଣୀରେ ନାମଲେଖା ଚାଲିବ। ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ୬ବର୍ଷ ବୟସ ହୋଇଥିବା ଆବଶ୍ୟକ। ଏହାକୁ ପାଳନ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ମନ୍ତ୍ରଣାଳୟ ଚିଠି ଲେଖି ଅବଗତ କରାଇଛି। ନ୍ୟାଶନାଲ ଏଜୁକେଶନ ପଲିସି, ରାଇଟ ଟୁ ଏଜୁକେଶନର ନିୟମାନୁସାରେ ଏହି ନାମଲେଖା ନିୟମକୁ ମାନିବା ପାଇଁ କୁହାଯାଇଛି।

# ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

**କଟକ, ୨୫।୨ (ଶିଳ୍ପା ପ୍ରିୟଦର୍ଶିନୀ)**

**ବାରବାଟୀ ଷ୍ଟାଡିୟମର ନବୀକରଣ କାର୍ଯ୍ୟ**


ସଞ୍ଜୟ ବେହେରା

## ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

- ଆକର୍ଷଣ ସାଜିବେ ବଲିଉଡ୍ କଣ୍ଠଶିଳ୍ପୀ ନେହା କକ୍କର
- ଯୋଗଦେବେ ବିସିସିଆଇ ସଭାପତି, କ୍ରିକେଟ୍ ଖେଳାଳି
- ବିନା ମୂଲ୍ୟରେ କାର୍ଯ୍ୟକ୍ରମ ଉପଭୋଗ କରିବେ ଦର୍ଶକ

ଆସନ୍ତା ୨୭ ତାରିଖରେ ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହ ୩୦ ଜିଲା ପାଇଁ ୪୧ଟି କ୍ରିକେଟ୍ ଏକାଡେମୀକୁ ମଧ୍ୟ ସେ ଉଦ୍‌ଘାଟନ କରିବେ। ଏହି ଅବସରରେ ୨୭ ତାରିଖ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବଲିଉଡ୍ କଣ୍ଠଶିଳ୍ପୀ ନେହା କକ୍କର ଓ ଗ୍ରୁପ ସଙ୍ଗୀତ ପରିବେଷଣ କରିବେ। ସେହିପରି ଓଡ଼ିଶାର କଳାକାରଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ସମେତ ଭାରତର ପ୍ରତିଷ୍ଠିତ କ୍ରିକେଟ୍ ଖେଳାଳିଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ବାରବାଟୀ ଷ୍ଟାଡିୟମରେ ବିଶାଳ ମଞ୍ଚ ପ୍ରତିଷ୍ଠା କରାଯାଉଛି। ବିଶେଷକରି ପଡିଆ ଭିତରେ ୫୦୦୦ ଓ ୧, ୨, ୬ନଂ. ଗ୍ୟାଲେରିରେ ୧୫,୦୦୦ ଦର୍ଶକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଉଛି। ବିନା ମୂଲ୍ୟରେ ଦର୍ଶକମାନେ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଏବିଭିପି, ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଇସ୍ତଫା ଦାବି



**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

**ମାଟ୍ରିକ ପରୀକ୍ଷାପତ୍ର ଲିକ୍ ଘଟଣା**

ମାଟ୍ରିକ ପରୀକ୍ଷା ଇଂଲିଶ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରତିବାଦ କରିବା ସହ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଏଜି ଛକ ନିକଟସ୍ଥ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି। କେବଳ ଛାତ୍ର କଂଗ୍ରେସ ନୁହେଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ମଧ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଉଦ୍ୟମ କରାଯାଇଛି। ଅନ୍ୟପଟେ ଛାତ୍ର କଂଗ୍ରେସ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସଙ୍ଗେ ସଙ୍ଗେ ତାଙ୍କ କୁଶପୁତ୍ତଳିକା ମଧ ଦାହ କରିଛି। ଅପରାହ୍ନରେ ୟାସିରଙ୍କ ନେତୃତ୍ୱରେ ଶତାଧିକ ଛାତ୍ର କଂଗ୍ରେସ ନେତା ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ପିଏମ୍‌ଜି ଏବଂ ଏଜି ଛକ ହୋଇ ମନ୍ତ୍ରୀଙ୍କ ବାସଭବନ ପାଖରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ପୋଲିସ ଫୋର୍ସ ମୁତୟନ ଥିଲେ। ମନ୍ତ୍ରୀଙ୍କ ବାସଭବନ ଭିତରକୁ ଛାତ୍ର କଂଗ୍ରେସ ପଶିବାକୁ ଉଦ୍ୟମ କରିବା ବେଳେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହାପରେ ପୋଲିସ କିଛି ଛାତ୍ର ନେତାଙ୍କୁ ସେଠାରୁ ଉଠାଇ ନେଇଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।
ଏହି ଘଟଣାକୁ ନେଇ ୟାସିର ନୱାଜ କହିଛନ୍ତି ଯେ, ଏ ସରକାରରେ ପରୀକ୍ଷା ପୂର୍ବରୁ ସବୁବେଳେ ପ୍ରଶ୍ନପତ୍ର ପ୍ରଘଟ ହୋଇଯାଉଛି। ଦଶମ ବୋର୍ଡ ପରୀକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଛାତ୍ରୀଛାତ୍ରମାନେ ବର୍ଷସାରା ପାଠପଢ଼ି ନିଜର କ୍ୟାରିୟର ଗଠନ ପାଇଁ ଯତ୍ନଶୀଳ ହେଉଥିବା ବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ଘୂରିବୁଲିବା ଦୁର୍ଭାଗ୍ୟଜନକ। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଏଭଳି ପ୍ରଶ୍ନପତ୍ର ଲିକ୍ ହୋଇଛି। ଏ ସରକାର ଛାତ୍ରୀଛାତ୍ରଙ୍କ କ୍ୟାରିୟର ସହ ଖେଳୁଛି। ଏହି ବିଫଳତା ପାଇଁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ୟାସିର ଦାବି କରିଛନ୍ତି।
ଏବିଭିପି ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ଗତ କିଛିବର୍ଷ ଧରି ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ମୁଖ୍ୟତଃ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସୁଛି। ହେଲେ ସରକାର ଏବଂ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ଘଟଣାରେ ପାଟି ବି ଖୋଲୁ ନାହାନ୍ତି। ଗତ ୨୩ ତାରିଖରେ ମୟୂରଭଞ୍ଜ ଏବଂ କେଉଁଝର ଜିଲାରେ ମାଟ୍ରିକ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ଆଗରୁ ଇଂଲିଶ ପ୍ରଶ୍ନପତ୍ର ସାମାଜିକ ଗଣମାଧମରେ ଚାରିଆଡ଼େ ବୁଲିଲା। ପରବର୍ତ୍ତୀ ସମୟରେ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହ ମଧ ତା'ର ସାମଞ୍ଜସ୍ୟ ରହିଲା, ଯାହା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ସହ ଖେଳିବା ସହିତ ସମାନ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏହାର ପ୍ରତିବାଦରେ ଏବିଭିପି ପକ୍ଷରୁ ଭୁବନେଶ୍ୱର ସ୍ଥିତ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଘର ଘେରାଉ ଉଦ୍ୟମ କରାଯାଇଛି। ତେବେ ମନ୍ତ୍ରୀଙ୍କ ବାସଭବନ ଘେରିବା ବେଳେ ପୋଲିସ ଏବଂ ଏବିଭିପି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଏବିଭିପିର ୧୬ ଜଣଙ୍କୁ ଅଟକ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଛି।






# 'ଆବାସ ଯୋଜନାରେ ଓଡ଼ିଶା ପାଇଁ ୩୪ ଲକ୍ଷ ଘର ଦିଆଯାଇଛି'

**ସମ୍ବଲପୁର,୨୫।୨ (ଭବାନୀଶଙ୍କର ଭୋଇ)**

ଘରେ ଘରେ ମୋଦି ଗ୍ୟାରେଣ୍ଟିର ନାରା ଶୁଭୁଛି। ସମସ୍ତଙ୍କ ସେବା ଓ କଲ୍ୟାଣ କରିବା ମୋଦି ଗ୍ୟାରେଣ୍ଟିର ସଂକଳ୍ପ ହୋଇଛି ବୋଲି ରବିବାର ସମ୍ବଲପୁରର ଭତରାଠାରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ ସାମିଲ ହେବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକଥା କହିଛନ୍ତି। ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ସ୍ଥାନୀୟ ଲାଭାର୍ଥୀମାନଙ୍କୁ ଭେଟିବା ସହ ଆଲୋଚନା କରିଥିଲେ। ଘର ଘର ବୁଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୋଦିଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ୍ ବାଣ୍ଟିଥିଲେ। ସେ କହିଥିଲେ ଯେ, ଆଜି ମୋଦିଙ୍କ କାରଣରୁ ଦେଶରେ ଭବ୍ୟ ରାମ ମନ୍ଦିର ନିର୍ମାଣ ହୋଇଛି। ଦେଶ ପ୍ରଗତି ପଥରେ ଗତି କରୁଛି। ମୋଦି ସରକାର ଲୋକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୩୪ ଲକ୍ଷ ଘର ଓଡ଼ିଶା ପାଇଁ ଯୋଗାଇ ଦେଇଛନ୍ତି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ପହଞ୍ଚାଯାଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଉଜ୍ଜଳା ଯୋଜନାରେ ମାଗଣାରେ ରନ୍ଧନ ଗ୍ୟାସ ସହ କରୋନା ସମୟରେ ଟିକା ଉପଲବ୍ଧ କରାଇଛନ୍ତି। ମନ୍ତ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦିଙ୍କ କଲ୍ୟାଣକାରୀ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଭାଜପା ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗ ଦେଇଥିଲେ। ସମ୍ବଲପୁରରେ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଶିଳ୍ପ, ବ୍ୟବସାୟ ଜରିଆରେ ଅଞ୍ଚଳର ବିକାଶ ପାଇଁ ସେ ଆହ୍ୱାନ କରିଥିଲେ।


ଲାଭାର୍ଥୀ ସମ୍ପର୍କ ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର,୨୫।୨(ତପନ ସ୍ୱାଇଁ)**



**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

- ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ରେକର୍ଡର ସମକକ୍ଷ
- ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ପାରାଲିମ୍ପିକ୍ସ ଚାମ୍ପିୟନ ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଏସଏଲ୍୩ ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ବିଜୟରେ ହ୍ୟାଟ୍ରିକ କରିଥିବା ପ୍ରମୋଦ ୫ ଥର ଏହି ସଫଳତା ହାସଲ କରି ଚାଇନାର ଲିନ୍ ଡାନ୍ (୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ)ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ପ୍ରମୋଦ ୨୦୦୯, ୨୦୧୫. ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲର ଗୌରବ ଅର୍ଜନ କରିଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଁ ପ୍ରମୋଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏପରି ପ୍ରଦର୍ଶନ ବଜାୟ ରଖି ଦେଶ ପାଇଁ ଆହୁରି ଗୌରବ ଆଣିବା ନିମନ୍ତେ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବେଥେଲ ପ୍ରଥମ ସେଟ୍‌କୁ ୨୧-୧୪ରେ ଜିତିବାପରେ ପ୍ରମୋଦ ସଫଳ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍‌ରେ ୨୧-୧୫ରେ ବିଜୟଲାଭ କରିଥିଲେ। ଫଳରେ ତୃତୀୟ ସେଟ୍ ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇ ଯାଇଥିଲା। ମାତ୍ର ଶେଷରେ ପ୍ରମୋଦ ୨୧-୧୪ରେ ଜିତିବା ସହ ବିଜୟ ମୁକୁଟ ପିନ୍ଧିଥିଲେ। ଥାଇଲାଣ୍ଡ ପ୍ରତିଯୋଗିତାରେ ପ୍ରମୋଦ ସ୍ୱର୍ଣ୍ଣ ସହ ୨ଟି ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ସେ ସୁକାନ୍ତ କଦମଙ୍କ ସହ ପୁରୁଷ ଡବଲ୍ସ ଓ ମନୀଷା ରାମଦାସଙ୍କ ସହ ମିକ୍ସଡ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ''ଅନେକ ଦୃଷ୍ଟି କୋଣରୁ ଏହି ବିଜୟ ମୋ ପାଇଁ ସ୍ୱତନ୍ତ୍ର। ପ୍ରଥମତଃ ମୁଁ ମୋର ଆଦର୍ଶ ଖେଳାଳି ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ରେକର୍ଡର ସମକକ୍ଷ ହୋଇଛି। ଦ୍ୱିତୀୟତଃ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛି। ଉଭୟ ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ବେଥେଲଙ୍କ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ଥିଲା। ଗତ କିଛିମାସ ଧରି ମୁଁ ବେଥେଲଙ୍କ ବିପକ୍ଷରେ ଭଲ ଖେଳିପାରୁ ନ ଥିଲି। ତେଣୁ ଏଠାରେ ମୋତେ ଅନେକ କିଛି ପ୍ରମାଣ କରିବାର ଥିଲା। ଫାଇନାଲରେ ବେଥେଲ ବହୁତ ଭଲ ଖେଳିଥିଲେ, ମାତ୍ର ଆଜି ଦିନଟି ମୋର ଥିଲା'' ବୋଲି ସ୍ୱର୍ଣ୍ଣ ବିଜୟୀ ପ୍ରମୋଦ ପ୍ରକାଶ କରିଛନ୍ତି।

# ନବରଙ୍ଗପୁରରେ ଲୋକଙ୍କ ସହ ଆଲୋଚନା କଲେ ରାଜ୍ୟପାଳ



**ପାପଡ଼ାହାଣ୍ଡି/ନବରଙ୍ଗପୁର, ୨୫।୨ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ପ୍ରହରାଜ)**

ରାଜ୍ୟପାଳ ରଘୁବର ଦାସ ରବିବାର ଦିନିକିଆ ନବରଙ୍ଗପୁର ଜିଲା ଗସ୍ତ କରିଛନ୍ତି। ସେ ପାପଡ଼ାହାଣ୍ଡି ଓ ନବରଙ୍ଗପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଛନ୍ତି। ପାପଡ଼ାହାଣ୍ଡି ଗସ୍ତବେଳେ ମଇଦଲପୁରକୁ ବ୍ଲକ ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବିପତ୍ର ଦେଇଛନ୍ତି। ନବରଙ୍ଗପୁର ଅନ୍ୱେଷା ହଷ୍ଟେଲ ଗସ୍ତବେଳେ ଦାରିଦ୍ର୍ୟତା ଦୂର କରିବା ପାଇଁ ଶିକ୍ଷା ହିଁ ସବୁକିଛି ବୋଲି ସେ କହିଥିଲେ। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତବେଳେ ନବରଙ୍ଗପୁର ଜିଲାର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଜ୍ୟପାଳ ପ୍ରଥମେ ପାପଡ଼ାହାଣ୍ଡି ବ୍ଲକର ଶିରିଶି ପଞ୍ଚାୟତ ଗସ୍ତ କରିଥିଲେ। ସେଠାରେ ଥିବା ଶୀତଳ ଭଣ୍ଡାର କେନ୍ଦ୍ରରେ ୨୫୦ଜଣ ଚାଷୀ ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ବାଲ୍ୟ ବିବାହ କିପରି ରୋକାଯାଇ ପାରିବ ସେ ନେଇ କହିଥିଲେ। ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ରାଜ୍ୟପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ସେଠାରୁ ତଣ୍ଡାଗୁଡା ଯାଇ ଟେରାକୋଟା ହସ୍ତଶିଳ୍ପ କାରିଗରଙ୍କ ସହ ଆଲୋଚନା କରିଥିଲେ। ଦଳେଇଗୁଡ଼ାର ଅଙ୍ଗନୱାଡି କେନ୍ଦ୍ର, ପ୍ରଧାନୀଗୁଡ଼ା ବଟନ ଛତୁ ୟୁନିଟ ପରିଦର୍ଶନ, ଢୁମାଗୁଡ଼ାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଘର ବୁଲି ଦେଖିଥିଲେ। ସେମଲାରେ ମାତୃଶକ୍ତି ଉତ୍ପାଦକ ଉଦ୍ୟୋଗର ଶିଆଳି ପତ୍ରରେ ଖଲି ତିଆରି କରୁଥିବା ମହିଳାଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳ ଅପରାହ୍ନରେ ନବରଙ୍ଗପୁର ଅନ୍ୱେଷା ହଷ୍ଟେଲକୁ ଯାଇଥିଲେ। ସେଠାରେ ବାଜା, ଗୀତ ଓ ନୃତ୍ୟରେ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଥିବା ସରକାରୀ ଯୋଜନା ସମ୍ପର୍କରେ ରାଜ୍ୟପାଳ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଅତି ନମ୍ରତାର ସହିତ ଦେବାକୁ ପଡ଼ିବ ବୋଲି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା ସେ ପ୍ରଦାନ କରିଥିଲେ। ସେଠାରୁ ଗୁମାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ଆଶାକର୍ମୀଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୁଝିଥିଲେ। ପରେ କଳାହାଣ୍ଡି ଜିଲା ଗସ୍ତ କରିଥିଲେ।

# ସିମି ଆତଙ୍କବାଦୀ ହନିଫ୍ ଶେଖ୍ ଗିରଫ



**ନୂଆଦିଲ୍ଲୀ, ୨୫।୨**

ଦିଲ୍ଲୀ ପୋଲିସକୁ ବଡ଼ ସଫଳତା ମିଳିଛି। ୨୨ ବର୍ଷ ଧରି ଫେରାର ଥିବା ବେଆଇନ ସଂଗଠନ ସିମି (ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ)ର ସଦସ୍ୟ ହନିଫ୍ ଶେଖ୍‌ଙ୍କୁ ମହାରାଷ୍ଟ୍ରର ଭୁସାୱଲରୁ ପୋଲିସ ଗିରଫ କରିଛି। ହନିଫ୍ ନିଜ ନାମ ପରିବର୍ତ୍ତନ କରି ମହମ୍ମଦ ନାମରେ ଭୁସାୱଲରେ ଜଣେ ଉର୍ଦ୍ଦୁ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀ ପୋଲିସ ଜାଣିବାକୁ ପାଇଥିଲା ବୋଲି ସ୍ୱତନ୍ତ୍ର ସେଲ୍‌ର ଡିସିପି ଅଙ୍କିତ ସିଂ କହିଛନ୍ତି। ୨୦୦୧ରେ ଦେଶଦ୍ରୋହ ଅଭିଯୋଗରେ ଅଭିଯୁକ୍ତ ହନିଫ୍‌ଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି।

ସୂଚନାଯୋଗ୍ୟ, ହନିଫ୍ ୧୯୯୭ରୁ ସିମି ସଂଗଠନ ସହ ଜଡ଼ିତ ହୋଇ ନିଜ ପ୍ରଭାବ ବିସ୍ତାର କରିବାରେ ଲାଗିଥିଲେ। ହନିଫ୍ ମୁସଲମାନ ଯୁବକଙ୍କୁ ସଂଗଠନରେ ସାମିଲ କରି ସେମାନଙ୍କୁ କଠୋରପନ୍ଥୀ ଶିକ୍ଷା ଦେଉଥିଲେ। ଦିଲ୍ଲୀର ଏକ ଅଦାଲତ ହନିଫ୍‌ଙ୍କୁ ୨୦୦୨ରେ ପଳାତକ ଘୋଷିତ କରିଥିଲେ।

# ସୟେଦ ଶବାନ ବୁଖାରୀ ନୂଆ ଶାହି ଇମାମ୍

**ନୂଆଦିଲ୍ଲୀ,୨୫।୨**

## ଜାମା ମସ୍‌ଜିଦରେ ନୂଆ ଯୁଗ ଆରମ୍ଭ

ପୁରୁଣା ଦିଲ୍ଲୀରେ ଥିବା ଜାମା ମସ୍‌ଜିଦରେ ନୂଆ ଯୁଗ ଆରମ୍ଭ ହୋଇଛି। ବର୍ତ୍ତମାନର ଶାହି ଇମାମ୍ ସୟେଦ ଅହମଦ ବୁଖାରୀ ରବିବାର ରାତିରେ ନିଜ ପୁଅ ମୌଲାନା ସୟେଦ ଶବାନ ବୁଖାରୀଙ୍କୁ ଉତ୍ତରାଧିକାରୀ ତଥା ନୂଆ ଶାହି ଇମାମ୍ ଘୋଷଣା କରିଛନ୍ତି। ଏହା ପୂର୍ବରୁ ୨୦୧୪ରେ ୨୯ ବର୍ଷୀୟ ଶବାନଙ୍କୁ ଏହି ଐତିହାସିକ ମସ୍‌ଜିଦର ନାଏବ ଇମାମ୍ ଘୋଷଣା କରାଯାଇଥିଲା। ରବିବାର ଆୟୋଜିତ ଦସ୍ତରବନ୍ଦୀ (ଅଳଙ୍କରଣ) କାର୍ଯ୍ୟକ୍ରମରେ ଶାହି ଇମାମ୍ ତାଙ୍କୁ ରାଜକୀୟ ପଗଡ଼ି ପିନ୍ଧାଇ ମସ୍‌ଜିଦର ଦାୟିତ୍ୱ ଭାର ଅର୍ପଣ କରିଛନ୍ତି। ଏହି ସାଂସ୍କୃତିକ ତଥା ଧର୍ମୀୟ କାର୍ଯ୍ୟକ୍ରମ ଅବସରରେ ମସ୍‌ଜିଦକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯାଇଥିଲା। ବିଭିନ୍ନ ମସ୍‌ଜିଦର ଉଲେମା (ଇସ୍‌ଲାମିକ ବିଦ୍ୱାନ)ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ସୟେଦ ଅହମଦ ବୁଖାରୀ


ସୟେଦ ଶବାନ ବୁଖାରୀ

ସପ୍ତଦଶ ଶତାବ୍ଦୀରେ ସମ୍ରାଟ ଶାହାଜାହାନଙ୍କ ଦ୍ୱାରା ନିର୍ମିତ ଏହି ମୋଗଲ ସ୍ଥାପତ୍ୟ ରହିଥିବା ପୁରୁଣା ଦିଲ୍ଲୀ ବା ଶାହାଜାହାନବାଦ ମୁସଲମାନ ସମ୍ପ୍ରଦାୟର ଏକ ପ୍ରମୁଖ ଧର୍ମପୀଠ। ସୟଦ ଅହମଦ ବୁଖାରୀ ହେଉଛନ୍ତି ଜାମା ମସ୍‌ଜିଦର ତ୍ରୟୋଦଶ ଶାହି ଇମାମ୍। ତାଙ୍କ ବାପା ତଥା ଦ୍ୱାଦଶ ଶାହି ଇମାମ୍ ସୟଦ ଅବଦୁଲ୍ଲା ବୁଖାରୀଙ୍କର ୮୭ ବର୍ଷ ବୟସରେ ୨୦୦୯ରେ ପରଲୋକ ହୋଇଥିଲା। ୨୦୦୦ ଅକ୍ଟୋବର ୧୪ରେ ସୟଦ ଅହମଦ ବୁଖାରୀଙ୍କୁ ଇମାମ୍ ଘୋଷଣା କରାଯାଇଥିଲା। ୧୯୯୫ ମାର୍ଚ୍ଚ ୧୩ରେ ଜନ୍ମିତ ଶବାନ ଏମିଟି ୟୁନିଭର୍ସିଟିରେ ସମାଜସେବାରେ ସ୍ନାତକ ପଢୁଥିବାବେଳେ ଜଣେ ହିନ୍ଦୁ ଝିଅଙ୍କୁ ବିବାହ କରିଥିଲେ।

# ଚଳଚ୍ଚିତ୍ର ନିର୍ଦ୍ଦେଶକ କୁମାର ସାହାଣୀଙ୍କ ପରଲୋକ

**କୋଲକାତା, ୨୫।୨**



ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ କୁମାର ସାହାଣୀଙ୍କର ୮୩ ବର୍ଷ ବୟସରେ କୋଲକାତାରେ ପରଲୋକ ଘଟିଛି। ଜଣେ ଦକ୍ଷ ଫିଲ୍ମ ନିର୍ଦ୍ଦେଶକ ହେବା ସହ ସେ ଜଣେ ପ୍ରସିଦ୍ଧ ଲେଖକର ପରିଚୟ ପାଇଥିଲେ। ହିନ୍ଦୀ ଲେଖକ ନୀଲମ ବର୍ମାଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର 'ମାୟା ଦର୍ପଣ'ର ନିର୍ଦ୍ଦେଶନାରୁ ସେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଫିଲ୍ମଟି ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିଲା। 'ତରଙ୍ଗ', 'ଖ୍ୟାଲ୍ ଗାଥା', 'କସ୍‌ବା', 'ଚାର୍ ଅଧ୍ୟାୟ' ଆଦି ବିଭିନ୍ନ ଚଳଚ୍ଚିତ୍ରର ସେ ନିର୍ଦ୍ଦେଶନା ଦେଇଥିଲେ। ୨୦୦୪ରୁ ସେ ଫିଲ୍ମ ଜଗତରୁ ଦୂରେଇ ରହିଥିଲେ।

# ଭାଜପାରେ ବିଏସ୍‌ପି ଏମ୍‌ପି ରିତେଶ ପାଣ୍ଡେ



**ନୂଆଦିଲ୍ଲୀ, ୨୫।୨**

ଲୋକ ସଭା ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ଆମ୍ବେଡକର ନଗର ଏମ୍‌ପି ରିତେଶ ପାଣ୍ଡେ ରବିବାର ଦଳ ତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଏବଂ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ଏହାପୂର୍ବରୁ ସେ ନିଜ ଇସ୍ତଫା ପତ୍ର ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ନିକଟକୁ ପଠାଇଥିଲେ। ଲମ୍ବା ସମୟ ଧରି ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ସେ ବିଏସ୍‌ପିରୁ ଇସ୍ତଫା ଦେଇଛନ୍ତି। ୨୦୧୭ ୟୁପି ବିଧାନସଭା ନିର୍ବାଚନରେ ବିଏସ୍‌ପି ଟିକେଟ୍‌ରୁ ରିତେଶ ପ୍ରଥମ ଥର ପାଇଁ ଜଲାଲ୍‌ପୁର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୧୯ ଲୋକ ସଭା ନିର୍ବାଚନରେ ସେ ଆମ୍ବେଡକର ନଗର ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ।

# ଏଆଇଆର୍‌ଆର୍‌ବିଇଏ ପକ୍ଷରୁ ଦିନିକିଆ ଧର୍ମଘଟ




**ଭୁବନେଶ୍ୱର,୨୫।୨ (ଅନୁରାଧା ମହାରଣା)**

ଅଲ୍ ଇଣ୍ଡିଆ ରିଜିଓନାଲ ରୁରାଲ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇଆର୍‌ଆର୍‌ବିଇଏ) ପକ୍ଷରୁ ବିଭିନ୍ନ ଦାବି ନେଇ ରବିବାର ସର୍ବଭାରତୀୟ ସ୍ତରରେ ଧର୍ମଘଟ କରାଯାଇଛି। ଆସୋସିଏସ୍‌ନ ଅଫ୍ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର୍ସ (ଏଓଜିବିଓ), ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଓଜିବିଇଏ) ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରିଟାୟାର୍ସ ଆସୋସିଏଶନ (ଓଜିବିଆରଏ) ଏଥିରେ ସାମିଲ ହୋଇଥିଲେ। ଏଓଜିବିଓ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏଓଜିବିଓର ନେତା ଓ ସଦସ୍ୟମାନେ ନାନା ସ୍ଲୋଗାନ ଦେଇଥିଲେ। ଏଓଜିବିଓ ସଭାପତି ଅସିତ୍ ଖଣ୍ଡାଇ, ସାଧାରଣ ସମ୍ପାଦକ ସାଗର ଗୁରୁ, ଚିଫ୍ ଆଡ୍‌ଭାଇଜର ସତ୍ୟବ୍ରତ ନନ୍ଦ, ଓଜିବିଆର୍‌ଏର ସଭାପତି ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ବସନ୍ତ ଦାଶ, ଏନ୍‌ଏଫ୍‌ଆର୍‌ଆର୍‌ବିଓର ଜଏଣ୍ଟ ସେକ୍ରେଟାରୀ ମହେଶ୍ୱର ମହାରଣା, ଓଜିବିଇଏର ସଭାପତି ପ୍ରୀତମ ପୁହାଣ, ସାଧାରଣ ସମ୍ପାଦକ କୈବଲ୍ୟ ନାୟକଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ରହି ସଂଘ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧ୍ୟକ୍ଷ ଋଷି ସିଂଙ୍କୁ ଭେଟି ୯ ଦଫା ଦାବି ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସିଂ ଆସୋସିଏଶନର ସମସ୍ତ ଦାବିକୁ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ (ଡିଏଫଏସ୍) ସାମ୍ନାରେ ଉପସ୍ଥାପନ କରିବେ ବୋଲି ଆଶ୍ୱାସନା ଦେଇଥିଲେ।

# ୫ ବର୍ଷରେ ୨୭୫ ହାଜତ ବଳାତ୍କାର ମାମଲା

**ନୂଆଦିଲ୍ଲୀ,୨୫।୨(ପି.ଟି.)**

**ଶୀର୍ଷରେ ଉତ୍ତରପ୍ରଦେଶ**

୨୦୧୭ରୁ ୨୦୨୨ ଗତ ୫ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ହାଜତରେ ୨୭୫ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଏହା ଜଣାପଡ଼ିଛି। ଉତ୍ତରପ୍ରଦେଶରେ ସର୍ବାଧିକ ୯୨ ହାଜତ ବଳତ୍କାର ଘଟଣା ଘଟିଥିବାବେଳେ ୪୩ ମାମଲା ସହ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି।

ଆଇନ ପ୍ରଣୟନ ବ୍ୟବସ୍ଥାରେ ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱର ଅଭାବରୁ ଏଭଳି ଘଟଣା ଘଟୁଥିବା ମାନବାଧିକାର କର୍ମୀମାନେ ବିଶ୍ୱାସ କରୁଛନ୍ତି। ଅପରାଧୀଙ୍କ ମଧ୍ୟରେ ପୋଲିସ କର୍ମଚାରୀ, ସରକାରୀ କର୍ମଚାରୀ, ସଶସ୍ତ୍ର ବଳର ସଦସ୍ୟ, ଜେଲ୍ କର୍ମଚାରୀ ରହିଛନ୍ତି। ହାଜତ, ରିମାଣ୍ଡ ହୋମ୍, ହସ୍ପିଟାଲ ଆଦି ସ୍ଥାନରେ ମହିଳା କଏଦୀଙ୍କୁ ବଳାତ୍କାର କରାଯାଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ୨୦୧୭ରେ ୮୯ଟି ହାଜତ ବଳାତ୍କାର ଘଟଣା ଘଟିଥିବାବେଳେ ୨୦୧୮ରେ ୬୦, ୨୦୧୯ରେ ୪୭, ୨୦୨୦ରେ ୨୯, ୨୦୨୧ରେ ୨୬ ଏବଂ ୨୦୨୨ରେ ୨୪ଟି ମାମଲା ଘଟିଛି। ଭାରତୀୟ ଦଣ୍ଡ ସଂହିତାର ଦଫା ୩୭୬(୨)ରେ ହାଜତ ବଳାତ୍କାର ମାମଲା ରୁଜୁ ହୋଇଥାଏ। ଦେଶର ହାଜତ ବ୍ୟବସ୍ଥା ଯୌନ କେଳେଙ୍କାରୀ ଘଟାଇବା ପାଇଁ ସୁଯୋଗ ସୃଷ୍ଟି କରିଛି। ଅଧିକାରୀମାନେ ନିଜ କ୍ଷମତାର ଦୁରୁପଯୋଗ କରି ଜେଲ ଭିତରେ ଯୌନ ଅନୁଗ୍ରହ କରୁଛନ୍ତି ବୋଲି ପପୁଲେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପୁନମ୍ ମୁତ୍ତ୍ରେଜା କହିଛନ୍ତି। ଏପରିକି ଅନେକ ସ୍ଥଳେ ଚାଲାଣ ଓ ଘରୋଇ ହିଂସାର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ସୁରକ୍ଷା ଦେବା ଆଳରେ ହାଜତକୁ ନେଇ ଯୌନ ଉତ୍ପୀଡ଼ନ କରାଯିବାର ନଜିର ରହିଛି। ସରକାରୀ ସୁରକ୍ଷା ଆଳରେ କ୍ଷମତାର ଅପବ୍ୟବହାର କରାଯାଉଥିବା ଏଥିରୁ ପ୍ରତିଫଳିତ ହେଉଛି ବୋଲି ମୁତ୍ତ୍ରେଜା କହିଛନ୍ତି।




# ଓଡ଼ିଶା ଦମ୍ପତିଙ୍କ 'ଗୋଟ୍ ବ୍ୟାଙ୍କ' ଉପକ୍ରମକୁ ପ୍ରଶଂସା

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ନୂଆଦିଲ୍ଲୀ,୨୫।୨

'ଗୋଟ ବ୍ୟାଙ୍କ' ଉପକ୍ରମ ମାଧ୍ୟମରେ ଗୋଷ୍ଠୀ ସ୍ତରରେ ଛେଳି ପାଳନ ବଢ଼ାଇବା ସହ ପ୍ରାଣୀପାଳନ କ୍ଷେତ୍ରରେ ଗ୍ରାମବାସୀଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରିଥିବା ଓଡ଼ିଶାର ଏକ ଦମ୍ପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀ କହିଥିଲେ, ପଶୁପାଳନ କଥା କହିଲେ, ଲୋକେ ସାଧାରଣତଃ ଗାଈ ଏବଂ ମଇଁଷିରେ ସୀମିତ ରହିଥାନ୍ତି। କିନ୍ତୁ ଛେଳି ସମ୍ପର୍କରେ ଆଲୋଚନା କରି ନ ଥାନ୍ତି। ଦେଶର ବିଭିନ୍ନ ଭାଗରେ ଲୋକେ ଛେଳି ପାଳୁଥିବାବେଳେ ଓଡ଼ିଶାର କଳାହାଣ୍ଡି ଜିଲା ଅନ୍ତର୍ଗତ ଏକ ଗ୍ରାମରେ ଏହା ଲୋକଙ୍କ ରୋଜଗାର ବଢ଼ାଇବାରେ ଏକ ବଡ଼ ମାଧ୍ୟମ ପାଲଟିଛି। ବେଙ୍ଗାଲୁରୁରେ ମ୍ୟାନେଜ୍‌ମେଣ୍ଟ ବୃତ୍ତିରେ ନିୟୋଜିତ ଥିବା ଜୟନ୍ତୀ ମହାପାତ୍ର ଓ ତାଙ୍କ ସ୍ୱାମୀ ବୀରେନ୍ ସାହୁ ଉକ୍ତ କାର୍ଯ୍ୟରୁ ବିରତି ନେଇ କଳାହାଣ୍ଡିର ସାଲେଭଟା ଗ୍ରାମକୁ ଆସି ଗ୍ରାମାଞ୍ଚଳ ଲୋକଙ୍କ ସମସ୍ୟା ସମାଧାନ ଲାଗି କିଛି କରିବାକୁ ଚାହିଁଥିଲେ। ସେମାନେ ମନିକାସ୍ତୁ ଆଗ୍ରା ନାମରେ ସଂସ୍ଥା ସ୍ଥାପନ କରି ଚାଷୀଙ୍କ ସହ କାମ କରିବାକୁ ଲାଗିଲେ। ଏଥିସହିତ ସେମାନେ ମଣିକାସ୍ତୁ ଗୋଟ୍ ବ୍ୟାଙ୍କ ପ୍ରତିଷ୍ଠା କରି ଗୋଷ୍ଠୀ ସ୍ତରରେ ଛେଳିପାଳନକୁ ପ୍ରୋତ୍ସାହିତ କଲେ। ଏଥିରେ ଚାଷୀଙ୍କୁ ୨ଟି ଛେଳି ଦିଆଯାଉଥିବାବେଳେ ସେମାନେ ୨ ବର୍ଷରେ ୯ରୁ ୧୦ଟି ଛୁଆ ଜନ୍ମ କରୁଥିଲେ। ସେଥିରୁ ୬ଟି ଛୁଆଙ୍କୁ ବ୍ୟାଙ୍କ ପାଖରେ ରଖୁଥିଲା। ଅନ୍ୟ ୩ କିମ୍ବା ୪ଟିକୁ ସମ୍ପୃକ୍ତ ଚାଷୀଙ୍କୁ ଦିଆଯାଉଥିଲା। ଏଥିସହିତ ଆବଶ୍ୟକ ଚିକିତ୍ସା ସୁବିଧା ମଧ୍ୟ ଯୋଗାଯାଉଥିଲା। ଏବେ ୫୦ଟି ଗାଁରୁ ୧,୦୦୦ରୁ ଊର୍ଦ୍ଧ୍ୱ ଚାଷୀ ଛେଳିପାଳନକୁ ପେସା କରି ଆତ୍ମନିର୍ଭରଶୀଳ ହୋଇପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଯୁବ ଭୋଟରମାନେ ଦେଶ ପାଇଁ ଭୋଟ ଦେବାକୁ ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମ ଜରିଆରେ ପରାମର୍ଶ ଦେଇଛନ୍ତି। ନୂଆ ଭୋଟରମାନେ ରେକର୍ଡ ସଂଖ୍ୟାରେ ମତଦାନ କରିବାକୁ ସେ କହିଛନ୍ତି। ନିର୍ବାଚନ ଥିବାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

# ଅଧ୍ୟାପକ ନିଯୁକ୍ତି ପାଇଁ ସ୍ଥାନ ଚୟନ ପ୍ରକ୍ରିୟା ଆରମ୍ଭ

## ୧ରେ ମାର୍ଗଦର୍ଶନ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୨
(ଅସମାପିକା ସାହୁ)

ରାଜ୍ୟରେ ନୂତନ ଭାବେ ୮୫୯ଜଣ ଏସ୍ଏସ୍‌ବି ଅଧ୍ୟାପକ ଭାବେ ନିଯୁକ୍ତି ପାଇବେ। ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍ଏସ୍‌ବି) ପକ୍ଷରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଏହି ନିଯୁକ୍ତି ପାଇଁ ରବିବାରଠାରୁ ସ୍ଥାନ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଅଫ୍‌ଲାଇନ୍‌ରେ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ପୁସ୍ତକ ଭବନଠାରେ ଅନୁଷ୍ଠିତ ହେଉଛି। ଦିନକୁ ଦୁଇଟି ପର୍ଯ୍ୟାୟରେ ଏହି ପ୍ରକ୍ରିୟା କରାଯାଉଛି। ନିଯୁକ୍ତି ପାଇଁ ଚୟନ ହୋଇଥିବା ପ୍ରାର୍ଥୀମାନେ ୨୮ତାରିଖ ମଧ୍ୟରେ ନିଜ ପସନ୍ଦର ସ୍ଥାନ ଚୟନ କରିବେ। ଆସନ୍ତା ୧ ତାରିଖରେ ଏହି ନିଯୁକ୍ତି ଦିଆଯିବ। ଲୋକସେବା ଭବନ କନ୍‌ଭେନଶନ ହଲ ଓ ରବୀନ୍ଦ୍ର ମଣ୍ଡପରେ ଏକକାଳୀନ ନିଯୁକ୍ତି ପର୍ବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନବ ନିଯୁକ୍ତ ଅଧ୍ୟାପକଙ୍କୁ ମାର୍ଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ସକାଳ ୯ଟାରେ ସମସ୍ତ ସଦସ୍ୟଙ୍କୁ ଉପସ୍ଥିତ ରହିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ତେବେ ପଦାର୍ଥ ବିଜ୍ଞାନ ବିଭାଗର ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏହାକୁ ନିଯୁକ୍ତି ପର୍ବରୁ ବାଦ୍ ଦିଆଯାଇଛି। ଇଂଲିଶ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ରସାୟନ ବିଜ୍ଞାନ, ଇତିହାସ, ବାଣିଜ୍ୟ ଓ ଶିକ୍ଷା ବର୍ଗର ପ୍ରାର୍ଥୀ ରବୀନ୍ଦ୍ର ମଣ୍ଡପ ଏବଂ ଅବଶିଷ୍ଟ ବର୍ଗର ପ୍ରାର୍ଥୀ ଲୋକସେବା ଭବନରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଟ୍ରକ୍-କାର୍ ଧକ୍କା, ୨ ମୃତ

ବାଲେଶ୍ୱର,୨୫।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡ଼ା ଓଭରବ୍ରିଜ୍‌ରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ଟ୍ରକ୍‌କୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଔପଦା ଅଞ୍ଚଳର ବିଦ୍ୟାଧର ପଣ୍ଡାଙ୍କ ପୁଅ ଶ୍ରୀକାନ୍ତ ଏବଂ ନୀଳଗିରି ଥାନା ଅଧୀନ ବାଙ୍କିପଦା ଅଞ୍ଚଳର ଶମ୍ଭୁନାଥ ରାଜଙ୍କ ପୁଅ ମାୟାଧର। ଉଭୟ ସୋର ସହରରେ ରହୁଥିଲେ। ସଦର ଥାନା ଅଧିକାରୀ ଦୟାନିଧି ଦାସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଓ ଟ୍ରକ୍‌କୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ମୃତ ମାୟାଧର ଏବଂ ଶ୍ରୀକାନ୍ତ ଓଡ଼ି୦୧ଏକ୍ସ- ୦୨୪୧ନମ୍ବର ବିଶିଷ୍ଟ ଏକ କାର୍ ଯୋଗେ ବାଲେଶ୍ୱର ଆସୁଥିଲେ। କୁରୁଡ଼ା ଓଭର ବ୍ରିଜ୍ ନିକଟରେ ଏକ ଡାଇଭର୍ସନକୁ ଅତିକ୍ରମ କରି ଆଗକୁ ଯାଉଥିଲା ବେଳେ କୋଲକାତା ପଟୁ ସୋର ଅଭିମୁଖେ ଯାଉଥିବା ଓଡ଼ି୦୨ସିଜେ- ୨୫୧୬ନମ୍ବର ବିଶିଷ୍ଟ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ କାର୍‌ରେ ଥିବା ମାୟାଧର ଏବଂ ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ମଧ୍ୟ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବୀରେନ୍ ମିଶ୍ର ପାଇଲେ ଜୀବନବ୍ୟାପୀ ସାଧନା ସମ୍ମାନ

କଟକ,୨୫।୨ (କାର୍ତ୍ତିକ ସାହୁ)- ମା' କାଳୀ ପ୍ରଡକ୍ସନ ପକ୍ଷରୁ ପ୍ରଥମ ଥର ପାଇଁ ତାମିଲ, ତେଲୁଗୁ, ବଙ୍ଗଳା, ମରାଠା, ହିନ୍ଦୀ, କର୍ନାଟକୀ ଭାଷାର ଧାରାବାହିକରେ ଓଡ଼ିଆ ଭାଷାରେ ଭଏସ୍ ପ୍ରଦାନ କରୁଥିବା କଳାକାରମାନଙ୍କୁ ଡବିଂଷ୍ଟାର ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। କଟକ ସାରଳା ଭବନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଭଏସ୍ ଡବର ବୀରେନ୍ ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଅଭିନେତ୍ରୀ ଶୀତଲଙ୍କୁ ଜହ୍ନରାତିର ସାଥୀ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନାୟିକା ସମ୍ମାନ, ପଦ୍ମାବତୀ ଦ୍ୱିବେଦୀଙ୍କୁ ଜି ସାର୍ଥକ ଧାରାବାହିକ ମାଟିର ବନ୍ଧନ ପାଇଁ ଶ୍ରେଷ୍ଠ ନାୟିକା ଭଏସ୍ ସମ୍ମାନ, ରଶ୍ମିରେଖା ଜେନାଙ୍କୁ ଶ୍ରେଷ୍ଠ ନାୟିକା ଭଏସ୍ ସମ୍ମାନ ଓ ଅବକାଶ ମିଶ୍ରଙ୍କୁ ଶ୍ରେଷ୍ଠ ଭଏସ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବାରିଶ ବିଶ୍ୱଜିତ୍, ପୁଷ୍ପିତା ମନ୍ତ୍ରୀ, ନାରାୟଣ ମହାନ୍ତି, ଶ୍ରୁତିରେଖା ମହାପାତ୍ର, ବୁଲୁ ପଣ୍ଡା, ଜ୍ୟୋତିପ୍ରକାଶ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ରାଉତଙ୍କୁ ବିଭିନ୍ନ ଭଏସ୍‌ରେ ଶ୍ରେଷ୍ଠ ଭାବେ ସମ୍ମାନିତ କରାଯାଇଛି। ମା' କାଳୀ ପ୍ରଡକ୍ସନର ସ୍ୱତ୍ୱାଧିକାରୀ ଦିଲ୍ଲୀପ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବେ ରାଜ୍ୟ ଭାଜପା ମୁଖପାତ୍ର ସଜ୍ଜନ ଶର୍ମା, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଯାଜପୁର ଜିଲା ସଭାପତି ଗୌତମ ରାୟ, ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗଦେଇ ପ୍ରତିଭାଧାରୀଙ୍କୁ ସମ୍ମାନିତ କରିଥିଲେ। ଶ୍ରୁତିରେଖା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ମାନସ ପାଣି ଧନ୍ୟବାଦ ଦେଇଥିଲେ। କିଶୋର ଦାସ, ଗୁରୁଚରଣ ଦାସ, ବସନ୍ତ ଭୂୟାଁ, ମନୋଜ ମହାପାତ୍ର, ପ୍ରଶାନ୍ତ ପଣ୍ଡା, ଅଜୟ କୁମାର ସାହୁ, ବିଜୟ ଜେନା, ନବଘନ ଭୂୟାଁ, ସୁରେଶ ମଲ୍ଲିକ, ପ୍ରସନ୍ନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନିର୍ମାଣ ୟୁଥ୍ ଫେଷ୍ଟିଭାଲ ଉଦ୍‌ଯାପିତ

ବାଲକାଟୀ,୨୫।୨(ମନୋଜ ମଣ୍ଡଳ): ବାଲକାଟୀସ୍ଥିତ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ୨ ଦିନିଆ ୟୁଥ୍ ଫେଷ୍ଟିଭାଲ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ପରାମର୍ଶଦାତା ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଳାପକାର ଡ. ରଜନୀ ରଞ୍ଜନ, ବ୍ୟଙ୍ଗ କବି ସତ୍ୟାନାଶ, କୈଳାସ ମିଶ୍ର, ଇଣ୍ଡିଆନ ବ୍ୟାଙ୍କ ଶାଖା ପ୍ରବନ୍ଧକ ଗଣେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ମହୋତ୍ସବ ନୂତନ ପିଢ଼ିକୁ ଶିକ୍ଷା ଦିଏ'

**ଆମ ଗାଁ ମହୋତ୍ସବ ତୃତୀୟ ସନ୍ଧ୍ୟା**

ଖୋର୍ଦ୍ଧା,୨୫।୨(ପ୍ରଭାତ ପାଣିଗ୍ରାହୀ)



ଆମ ଗାଁ ମହୋତ୍ସବ'ର ତୃତୀୟ ସନ୍ଧ୍ୟାରେ ଖବରଦାତା ଦେବବ୍ରତ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଆମ ଗାଁ ମହୋତ୍ସବର ସଭାପତି ବିଦ୍ୟାଧର ମହାରଣାଙ୍କ ଆବାହକତ୍ୱରେ ରବିବାର 'ଆମ ଗାଁ ମହୋତ୍ସବ'ର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ସଂଯୋଜନା କରିଥିଲେ। ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟ ଅତିଥି, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ମୁଖ୍ୟ ବକ୍ତା, ବୋଲଗଡ଼ ଶିକ୍ଷକ ସଂଘ ସଭାପତି ଶୈଳିନ୍ଦ୍ର ପଟ୍ଟନାୟକ, ସମାଜସେବୀ ସୁବାସ ଚନ୍ଦ୍ର ମହାନ୍ତି, ବ୍ରଜବନ୍ଧୁ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ନୂତନ ପିଢ଼ିକୁ ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ମୃତ୍ୟୁଞ୍ଜୟ ପଣ୍ଡା ବେଦପାଠ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଖବରଦାଦେବବ୍ରତ ହୋତା, ସତ୍ୟ ନାରାୟଣ ବାରିକ, ଆଦର୍ଶ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପ୍ରଦୀପ କୁମାର ବାରିକ, ଓଡ଼ିଶୀ ନୃତ୍ୟଶିଳ୍ପୀ ଅଞ୍ଜଳିରାଣୀ ସିଂହଦେଓ, ଚିତ୍ରଶିଳ୍ପୀ ସୁପ୍ରୀତି ମହାପାତ୍ର, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସମାଜସେବୀ ନୀରଜ ଭଞ୍ଜ, ରାମଚନ୍ଦ୍ର ଦାସ, ଅଭିନେତ୍ରୀ ପ୍ରିୟଙ୍କା ସାହୁ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ, ଲୋଇସିଙ୍ଗା ସୁର ସଙ୍ଗୀତ, ଭୁବନେଶ୍ୱର ନୃତ୍ୟାଶୀ ଓଡ଼ିଶୀ, ରାଜରଣପୁର ଅଞ୍ଜଳିସିଂହଦେଓ ଗଅଁପୁର ଲରେନସ ଡ୍ୟାନ୍ସ, ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ନିରାକାରପୁର,୨୫।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ଶରତ କୁମାର ଚଉଁରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିୟାରସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଶିକ୍ଷାବିତ୍ ବିପିନ ବିହାରୀ ମିଶ୍ର, ସୁସାହିତ୍ୟକ ଗୋପାଳ ଚନ୍ଦ୍ର ତ୍ରିପାଠୀ, ସିଆରସିସି ପ୍ରଶାନ୍ତ ମହାପାତ୍ର, ରମାବିଲି ସ୍କୁଲର ପ୍ରଧାନ ଶିକ୍ଷକ ଟୁଲୁ ମାଝୀ, ବିଜୟକୁମାର ସେଠୀ, ରୀତାଞ୍ଜଳି ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଡ.ଚଉଁରୀଙ୍କ ଗୁଣଗାନ କରିବା ସହ ସେ ଅତିରିକ୍ତ ଶିକ୍ଷାଧିକାରୀଭାବେ ଭୁବନେଶ୍ୱରକୁ ପଦୋନ୍ନତି ପାଇଁ ତାଙ୍କର ଦୀର୍ଘ ଜୀବନ କାମନା କରାଯାଇ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ 'ପ୍ରଣାମ ଆଦର୍ଶ ଗୁରୁଜୀ ଓ ପୁଣି ଫେରିବ ମାହାଲ ମଣ୍ଡା' କ୍ଷୁଦ୍ର ନାଟିକା ପରିବେଷଣ ହୋଇଥିଲା। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଦୟା ଶଙ୍କର ବେହେରା ଧନ୍ୟବାଦ ଦେଇଥିଲେ।



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ପ୍ରତିଯୋଗୀ।

## ଚିଲିକା ସୁରକ୍ଷା ପାଇଁ ସଚେତନତା ଜରୁରୀ



ବାଲୁଗାଁ,୨୫।୨(ସଂଗ୍ରାମ ପାଇକରାୟ)

ଚିଲିକା ଦିନକୁ ଦିନ ସଙ୍କୁଚିତ ହେବା ସହ ଏହାର ପରିବେଶ ଦୂଷିତ ହେବାରେ ଲାଗିଛି। ତେଣୁ ଏହାର ସଂରକ୍ଷଣ ଓ ସୁରକ୍ଷା ସହିତ ପରିବେଶ ସଫା ରଖିବା ଲକ୍ଷ୍ୟ ନେଇ ରବିବାର ବଡ଼କୁଳ ପାନ୍ଥନିବାସଠାରେ ସନ୍ଥ ନିରଂକାରୀ ମିଶନ ଆନୁକୂଲ୍ୟରେ ଏକ ସଚେତନତା ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପାନ୍ଥନିବାସର ପରିଚାଳକ ସବ୍ୟସାଚୀ କର ଯୋଗଦେଇ ଚିଲିକା ଆମର ମା' ବୋଲି ସମ୍ବୋଧନ କରିବା ସହ ପରିବେଶ ଓ ମାନବ ସମାଜ ପରସ୍ପର ପରିପୂରକ। ତେଣୁ ଏହାର ସୁରକ୍ଷା ଦିଗରେ ସମସ୍ତେ ସଚେତନ ହୋଇ ପରିବେଶକୁ ସଫା ରଖିବା ଜରୁରୀ ବୋଲି କହିଥିଲେ। ସଦ୍‌ଗୁରୁ ସୁଦୀକ୍ଷାଜୀଙ୍କ ନିର୍ଦ୍ଦେଶମତେ ପ୍ରତ୍ୟେକ ଜନହିତକର କାର୍ଯ୍ୟ କରିବା ସେବାଦଳର ମୁଖ୍ୟ ଉଦ୍ଦେଶ୍ୟ ଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ଆମର ଲକ୍ଷ୍ୟ ବୋଲି ମିଶନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଚିଲିକାକୂଳ ଜେଟି ପାର୍ଶ୍ୱରେ ପଡିଥିବା ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁକୁ ସଫା କରାଯିବା ସହିତ ପର୍ଯ୍ୟଟକଙ୍କୁ ସ୍ୱଚ୍ଛ ଚିଲିକା ନେଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ଚିଲିକା ଶାଖାର ମୁଖ୍ୟ ସଞ୍ଜୟ କୁମାର ପାତ୍ର ଓ ସେବାଦଳ ମୁଖ୍ୟ ଅଶ୍ୱିନୀ କୁମାର ପଲାଇ ପରିଚାଳନା କରିଥିଲେ।

### ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମହେଶ୍ୱରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ,୨୫।୨(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ସାହୁ ବର୍ତ୍ତମାନର ଓସେପାର ଉପନିର୍ଦ୍ଦେଶକଭାବେ କାର୍ଯ୍ୟ କରୁଛନ୍ତି। ରବିବାର ସାହୁ ଭୂଷଣ୍ଡପୁର ସ୍ଥିତ ମା'ଉଗ୍ରତାରାଙ୍କ ଦର୍ଶନ କରିବା ପାଇଁ ଆସିଥିବା ଅବସରରେ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷକ ସଂଘ ସଭାପତି ସଲୀଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲା ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ପ୍ରସନ୍ନ କୁମାର ମଙ୍ଗରାଜ, ରବୀନ୍ଦ୍ର ବେହେରା, ସିଦ୍ଧାର୍ଥ ମିଶ୍ର, ବଳରାମ ବେହେରା ପ୍ରମୁଖ ଯୋଗଦେଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ୫୭ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୨୫।୨(ପ୍ରଭାତ ପାଣିଗ୍ରାହୀ)

ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧା ଆନୁକୂଲ୍ୟରେ ଶ୍ରୀହାଇଟ୍ସ କମ୍ପ୍ଲେକ୍ସଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ରକ୍ତଭଣ୍ଡାର ଡା. ସୌରଭ ରାୟ, ମଞ୍ଚର ଜିଲା ସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨ୟୁବତୀଙ୍କ ସମେତ ୫୭ଜଣ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାରର ଅରୁଣ ସାହୁଙ୍କ ସମେତ ଟିମ୍ ମୋଟ୍ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ମହତଦାନ, ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଛି। ଏହି ଅଭିଯାନ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ବ୍ଲକ ସଂଯୋଜକ ରାଧାମୋହନ ପ୍ରଧାନ, ନଗର ସଂଯୋଜକ ତୁଷାରକାନ୍ତ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ ୟଙ୍ଗ୍ ଉତ୍କଳ କ୍ଲବ କଟକ



ବେଗୁନିଆ,୨୫।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରବିବାର କଟକର ୟଙ୍ଗ୍ ଉତ୍କଳ କ୍ଲବ ଓ ଭୁବନେଶ୍ୱର ଉପକଣ୍ଠ ଘାଟିକିଆର ବଜରଙ୍ଗବାଲୀ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୪ - ୧ ଗୋଲରେ ୟଙ୍ଗ୍ ଉତ୍କଳ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ ନାୟକ, ପ୍ରିୟବ୍ରତ ବାହିନୀପତି ଓ ପ୍ରଫୁଲ୍ଲ ବେହେରା ଲାଇନ୍ସରେ ସହଯୋଗ କରିଥିଲେ। ରମାକାନ୍ତ ପାତ୍ର ଓ ଫୈଜଲ ହୁସେନ ଖାଁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। କଂଗ୍ରେସର ରାଜ୍ୟ ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଗଣେଶ୍ୱର ସୁବୁଦ୍ଧି, କୃଷକ ସଙ୍ଗଠନର ନେତା ମଦନ ମୋହନ ସାହୁ, ଗ୍ରାମ୍ୟ କମିଟିର ସମ୍ପାଦକ ଅଜମତ ଖାଁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଥଲେଟିକ ଆସୋସିଏଶନର ଉପଦେଷ୍ଟା ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ହାଓଡା ଫ୍ରେଣ୍ଡ୍ସ କ୍ଲବ ଓ ଚୌଦ୍ୱାରସ୍ଥିତ ଏଫ୍ଏଓଇସି ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

### ସ୍ୱଚ୍ଛ ଜଳ ସ୍ୱଚ୍ଛ ମଳ କାର୍ଯ୍ୟକ୍ରମ

ଟାଙ୍ଗୀ,୨୫।୨(ରଘୁନାଥ ସାହୁ): ଭୂଷଣ୍ଡପୁର ସନ୍ଥ ନୀରଙ୍କାରି ମଣ୍ଡଳର ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସ୍ୱଚ୍ଛ ଜଳ ସ୍ୱଚ୍ଛ ମଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୂଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତ ଅନ୍ତର୍ଗତ ବାଲିପୋଖରୀ, ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ପରିଷ୍କାର ପରିଚ୍ଛନ୍ନ ସେବା ଦଳ ଓ ସନ୍ଥମାନଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାଶ ମହାପାତ୍ର, ବାଲିପାଟପୁର ସରପଞ୍ଚ ଭାବୀ ବେହେରା, ପୂର୍ବତନ ସରପଞ୍ଚ ବିନୋଦିନୀ ମହାରଣା, ଶିକ୍ଷାବିତ୍ ଶୈଳନ୍ଦ୍ର ନାରାୟଣ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସନ୍ଥ ନୀରଙ୍କାରି ମଣ୍ଡଳର ମୁଖ୍ୟ ଯୁଧିଷ୍ଠିର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣ: ୬ ଗିରଫ

ପୁରୀ,୨୫।୨(ଅଜିତ୍ ମହାନ୍ତି)

୨ଜଣ ଖବରଦାତାଙ୍କୁ ଆକ୍ରମଣ ଓ ଲୁଟ୍ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଉତ୍ତରଣା ପ୍ରଧାନ ସାହିର ଦେବେନ୍ଦ୍ର ବିଶ୍ୱାଳ, ଶୁକଦେବ ବିଶ୍ୱାଳ, ଉତ୍ତରଣାର ଲାଲକୃଷ୍ଣ ବିଶ୍ୱାଳ, ଶିବସୁନ୍ଦର ଜେନା, ସୁଂଧାଂଶୁ ପ୍ରଧାନ ଏବଂ ମଠ ସାହିର କାଲୁ ନାୟକ। ଏମାନଙ୍କଠାରୁ ଗୋଟିଏ କାର୍, ବ୍ରେସ୍‌ଲେଟ୍, ଆଇକାର୍ଡ ଏବଂ ବାଇକ୍ ଚାବି ଜବତ ହୋଇଛି। ଏନେଇ ଏକ କେସ୍ (ନଂ. ୪୩/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପୋଲିସ ପକ୍ଷରୁ ଶୁକ୍ରବାର ରାତିରେ ପୁରୀ-କୋଣାର୍କ ବେଳାଭୂମି ରାସ୍ତାରେ ଗାଡ଼ି ଚେକିଂ କରାଯାଉଥିଲା। ଏହି ସମୟରେ ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟ ଓ ପ୍ରଦୀପ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଖବର ସଂଗ୍ରହ କରିଥିଲେ। ପରେ ଦୁହେଁ ବାଇକ ଯୋଗେ ପୁରୀ ଫେରୁଥିଲେ। ହେଲିପ୍ୟାଡ୍ ନିକଟରେ କିନ୍ନରଙ୍କ ପାଟି ଶୁଣି ଦୁଇଜଣ ଗାଡ଼ି ଅଟକାଇଥିଲେ। ୩ଜଣ କିନ୍ନରଙ୍କୁ ୬ଜଣ ଯୁବକ ଟଣାଓଟରା କରୁଥିବା ଦେଖିବାକୁ ପାଇଥିଲେ। ଅଭିଯୁକ୍ତମାନେ ଖବରଦାତା ଦ୍ୱୟଙ୍କୁ ଘେରିଯାଇ ଆକ୍ରମଣ କରିବା ସହ ବ୍ରେସ୍‌ଲେଟ, ଟଙ୍କା ଛଡ଼ାଇ ନେଇଯାଇଥିଲେ।

## ବେଗୁନିଆ ସାହିତ୍ୟାନୁଷ୍ଠାନର ବାର୍ଷିକୋତ୍ସବ

ବେଗୁନିଆ,୨୫।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସାହିତ୍ୟାନୁଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ସୁଧାକର ସାମନ୍ତରାୟ ପୌରୋହିତ୍ୟ କରିଥିଲେ । ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ସମ୍ପାଦକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ସ୍ତମ୍ଭକାର ଡ.ଅଲେଖ ଚନ୍ଦ୍ର ପଡ଼ିଆରୀ ମୁଖ୍ୟ ବକ୍ତା ଓ ସୁସାହିତ୍ୟିକା ଡ. ଶୁଭଶ୍ରୀ ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟ ସମାଜର ପ୍ରତିବର୍ଗ ଲୋକଙ୍କୁ ଯୋଡିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାହିତ୍ୟଘରର ମୁଖପତ୍ର 'ସ୍ୱୟଂସିଦ୍ଧା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଉପଦେଷ୍ଟା ଡ.ହରିପ୍ରସାଦ ଦାସ, ସୁଶ୍ରୀ ସଂଘମିତ୍ରା ରଥ, ଉପ ସଭାନେତ୍ରୀ ପ୍ରତିମା ପ୍ରଧାନ, ସହ ସମ୍ପାଦକ ସୋମନାଥ ସାହୁ, କୋଷାଧ୍ୟକ୍ଷ ବିଜୟ ପ୍ରଧାନ, କବି କେତନ ଗୌରଚରଣ ସାମନ୍ତସିଂହାର, କବି ଗୋପୀନାଥ ସେଠୀ, ଶିକ୍ଷାବିତ ହରିବନ୍ଧୁ ସାହୁ, ସମାଜସେବୀ ପ୍ରସନ୍ନ ବାରିକ, ସୁରେନ୍ଦ୍ର ପାଲଟାସିଂହଙ୍କ ସମେତ ଶତାଧିକ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ। ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ଅମରେନ୍ଦ୍ର ନାଥ ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ଗାୟକ ପ୍ରଦୀପ କିଶୋରେ ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ।



ସାହିତ୍ୟାନୁଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବରେ ସାହିତ୍ୟଘରର ମୁଖପତ୍ର 'ସ୍ୱୟଂସିଦ୍ଧା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## 'ଶ୍ରୀଜଗନ୍ନାଥ ହିଁ ସୂର୍ଯ୍ୟସ୍ୱରୂପ ପ୍ରଜ୍ଞାନ ବ୍ରହ୍ମ'

ପୁରୀ,୨୫।୨(ଅଜିତ୍ ମହାନ୍ତି)





ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନରେ 'ଶ୍ରୀଜଗନ୍ନାଥ ଚେତନା ଓ ସୂର୍ଯ୍ୟ ଉପାସନା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିଦ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ହିଁ ସୂର୍ଯ୍ୟ ସ୍ୱରୂପ ପ୍ରଜ୍ଞାନ ବ୍ରହ୍ମ। ପ୍ରଭୁଙ୍କ ଦକ୍ଷିଣ ନେତ୍ର ସୂର୍ଯ୍ୟ ସ୍ୱରୂପ ଓ ବାମ ନେତ୍ର ଚନ୍ଦ୍ର ସ୍ୱରୂପ। ଶ୍ରୀମନ୍ଦିରରେ ନିତ୍ୟ ମଙ୍ଗଳ ଆଳତି ପରେ ସୂର୍ଯ୍ୟ ଯନ୍ତ୍ର ସୂର୍ଯ୍ୟ ପୂଜା ହୋଇଥାଏ। ବ୍ରହ୍ମ ପୁରାଣ ଅନୁଯାୟୀ, କୋଣାର୍କର ସୂର୍ଯ୍ୟ ମନ୍ଦିର ଐଶାନ୍ୟ କୋଣ ମିତ୍ର ଖଣ୍ଡ ଚକଡାରେ ଅବସ୍ଥିତ। ସେହିପରି ଶ୍ରୀମନ୍ଦିର ବରୁଣ ଖଣ୍ଡ ଚକଡ଼ାରେ ରହିଛି। ବୈଦିକ ଶ୍ରୁତିଶାସ୍ତ୍ର ଅନୁଯାୟୀ ଦିନରେ ସୂର୍ଯ୍ୟ ମିତ୍ର ଓ ରାତିର ସୂର୍ଯ୍ୟ ବରୁଣ ଅଟନ୍ତି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବ୍ରଜକିଶୋର ପରିଡ଼ା, ଭଗବାନ ସୁଆର, ଡ. ରମାକାନ୍ତ କର, ଐତିହ୍ୟ ଗବେଷକ ମଦନ ମୋହନ ମହାପାତ୍ର, ଟ୍ରଷ୍ଟ ସଦସ୍ୟା ପ୍ରତିଭା ତ୍ରିପାଠୀ, ଶାନ୍ତିଲତା ପ୍ରଧାନ, ବିଜୟଲକ୍ଷ୍ମୀ ଦାଶ, ସଂଯୋଜକ ଶିବସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ଏବଂ ଐତିହ୍ୟ ଗବେଷକ ମଦନ ମୋହନ ମହାପାତ୍ର ପ୍ରସଙ୍ଗଭିତ୍ତିକ ସୂଚନା ଦେଇଥିଲେ। ଡ. ପ୍ରମୋଦ କୁମାର ଦଳାଇ, ଦୟାନିଧି ତ୍ରିପାଠୀ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ସତ୍ୟନାରାୟଣ ମିଶ୍ର, ଇଂ. କେଶବ ଚନ୍ଦ୍ର ପାତ୍ର, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି, ମାରୁତି ନନ୍ଦନ ମହାପାତ୍ର, ବସନ୍ତ କୁମାର ମିଶ୍ର, ଆଶାଲତା ପ୍ରଧାନ, କ୍ରିଷ୍ଣା ମହାପାତ୍ର, ଅଧ୍ୟାପକ ସହଦେବ ସାହୁ, ଦାଶରଥୀ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସତ୍ୟ ନାରାୟଣ ରାଉତରାୟ, ବିକ୍ରମ କେଶରୀ ଆଚାର୍ଯ୍ୟ, ମଧୁସୂଦନ ମିଶ୍ର, ନାରାୟଣ ମିଶ୍ର, କରୁଣାକର ଭୋଳ, ତୁଳିକା ମିଶ୍ର, ପ୍ରଭାତ କୁମାର ତରାଇ, ମାନସ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁପିଟର ଦାସ, ଭବାନୀ ପ୍ରସାଦ ବଳିୟାରସିଂ, ଭାଗବତ ପ୍ରସାଦ ପଟ୍ଟନାୟକ, ଅଶୋକ କୁମାର ମିଶ୍ର, ଅନୁକୂଳ ଚନ୍ଦ୍ର ସେଠୀ, ତପନ କୁମାର ସେଠୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ମଧୁବନ ଗ୍ରାମ କମିଟି ସଭାପତିଙ୍କୁ ଆକ୍ରମଣ

ବାରଙ୍ଗ,୨୫।୨(ଲିଙ୍ଗରାଜ ରାଉତ)

ପୂର୍ବ ଶତ୍ରୁତାକୁ ନେଇ ବାରଙ୍ଗ ଥାନା ଅଧୀନ ମଧୁବନ ଗାଁରେ ରବିବାର ସକାଳେ ଗ୍ରାମ କମିଟି ସଭାପତିଙ୍କୁ ଭୁଜାଲିରେ ଆକ୍ରମଣ କରାଯାଇଛି। ସେ ଆହତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ଚାପା ଉତ୍ତେଜନା ଦେଖା ଦେଇଥିବାରୁ ପୋଲିସ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରି ଗଣ୍ଡଗୋଳ ନ ବଢିବା ଉପରେ ଗୁରୁତ୍ୱ ଦେଇଛି। ଏନେଇ ପୋଲିସ ୯୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗ୍ରାମ କମିଟି ସଭାପତି ପବିତ୍ର ପ୍ରଧାନ ଗ୍ରାମର କୋଠଘର ନିକଟ ଏକ ଦୋକାନରେ ବସି ଚା' ପିଉଥିଲେ। ଏହି ସମୟରେ ଗ୍ରାମର ୬ ଜଣ ଯୁବକ ଭରତ ମାଝୀ, ନିଳେଇ ମାଝୀ, ଫିଲୁ ମାଝୀ ଓ ତାଙ୍କର ଅନ୍ୟ ୩ ସହଯୋଗୀ ଏକ କାର୍‌ରେ ଆସି ପବିତ୍ରଙ୍କୁ ଅତର୍କିତ ପଛପଟୁ ଚାପଡ଼, ଭୁଜାଲି, ଲୁହାରଡ଼ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପବିତ୍ରଙ୍କ ମୁଣ୍ଡରେ ଗଭୀର ଏବଂ ଡାହାଣ ହାତରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସେଠାରେ ଉପସ୍ଥିତ ଲୋକ ଏହାର ପ୍ରତିବାଦ କରିବାରୁ ଘଟଣାସ୍ଥଳରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ଆକ୍ରମଣକାରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇ ଯାଇଥିବା ପବିତ୍ର ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ପବିତ୍ରଙ୍କୁ କଟକ ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ଏହି ଘଟଣା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅନ୍ୟପଟେ ଆକ୍ରମଣକାରୀ ଆସିଥିବା କାର୍ (ଓଡ଼ି ୦୫- ବିଏଫ୍ -୩୭୮୬)କୁ ଭଙ୍ଗାରୁଜା କରାଯାଇଥିବା ଦେଖିବାକୁ ମିଳିଛି।

### ଉବିଂଷ୍ଟାର ଆୱାର୍ଡ ପ୍ରଦାନ ସମାରୋହ

କଟକ,୨୫।୨ (କାର୍ତ୍ତିକ ସାହୁ)

ମା' କାଳୀ ପ୍ରଡକ୍ସନ ପକ୍ଷରୁ ପ୍ରଥମଥର ପାଇଁ ତାମିଲ, ତେଲୁଗୁ, ବଙ୍ଗଳା, ମରାଠୀ, ହିନ୍ଦୀ, କର୍ନାଟକୀ ଭାଷାର ଧାରାବାହିକରେ ଓଡ଼ିଆ ଭାଷାରେ ଭଏସ୍ ପ୍ରଦାନ କରୁଥିବା କଳାକାରମାନଙ୍କୁ ଉବିଂଷ୍ଟାର ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। କଟକ ସାରଳା ଭବନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଭଏସ୍ ଡବର ବୀରେନ୍ ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଅଭିନେତ୍ରୀ ଶୀତଲଙ୍କୁ ଜହ୍ନରାତିର ସାଥୀ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନାୟିକା ସମ୍ମାନ, ପଦ୍ମାବତୀ ଦ୍ୱିବେଦୀଙ୍କୁ ଜି ସାର୍ଥକ ଧାରାବାହିକ ମାଟିର ବନ୍ଧନ ପାଇଁ ଶ୍ରେଷ୍ଠ ନାୟିକା ଭଏସ୍ ସମ୍ମାନ, ରଶ୍ମିରେଖା ଜେନାଙ୍କୁ ଶ୍ରେଷ୍ଠ ନାୟିକା ଭଏସ୍ ସମ୍ମାନ ଓ ଅବକାଶ ମିଶ୍ରଙ୍କୁ ଶ୍ରେଷ୍ଠ ଭଏସ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବାରିଶ ବିଶ୍ୱଜିତ୍, ପୁଷ୍ପିତା ମନ୍ତ୍ରୀ, ନାରାୟଣ ମହାନ୍ତି, ଶ୍ରୁତିରେଖା ମହାପାତ୍ର, ବୁଲୁ ପଣ୍ଡା, ଜ୍ୟୋତିପ୍ରକାଶ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ରାଉତଙ୍କୁ ବିଭିନ୍ନ ଭଏସ୍‌ରେ ଶ୍ରେଷ୍ଠ ଭାବେ ସମ୍ମାନିତ କରାଯାଇଛି। ମା' କାଳୀ ପ୍ରଡକ୍ସନର ସ୍ୱତ୍ତ୍ୱାଧିକାରୀ ଦିଲ୍ଲୀପ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବେ ରାଜ୍ୟ ଭାଜପା ମୁଖପାତ୍ର ସଜ୍ଜନ ଶର୍ମା, କଟକ ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, ଯାଜପୁର ଜିଲା ସଭାପତି ଗୌତମ ରାୟ, ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗଦେଇ ପ୍ରତିଭାଧାରୀଙ୍କୁ ସମ୍ମାନିତ କରିଥିଲେ। ଶ୍ରୁତିରେଖା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ମାନସ ପାଣି ଧନ୍ୟବାଦ ଦେଇଥିଲେ।

### ଖବରଦାତାଙ୍କୁ ଆକ୍ରମଣ କରି ୬ ଗିରଫ

ପୁରୀ,୨୫।୨(ଅଜିତ୍ ମହାନ୍ତି)

ଖବର ସଂଗ୍ରହ କରି ଫେରୁଥିବାବେଳେ ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟ ଓ ପ୍ରଦୀପ କୁମାର ନାୟକଙ୍କୁ ଆକ୍ରମଣ ଓ ଲୁଟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଉତ୍ତରଣା ପ୍ରଧାନ ସାହିର ଦେବେନ୍ଦ୍ର ବିଶ୍ୱାଳ, ଶୁକଦେବ ବିଶ୍ୱାଳ, ଉତ୍ତରଣାର ଲାଲକୃଷ୍ଣ ବିଶ୍ୱାଳ, ଶିବସୁନ୍ଦର ଜେନା, ସୁଧାଂଶୁ ପ୍ରଧାନ ଏବଂ ମଠ ସାହିର କାଳୁ ନାୟକ। ଏମାନଙ୍କଠାରୁ ଗୋଟିଏ କାର୍, ବ୍ରେସ୍‌ଲେଟ୍, ଆଇକାର୍ଡ ଏବଂ ବାଇକ୍ ଚାବି ଜବତ ହୋଇଛି।

# ଆପାର୍ଟମେଣ୍ଟରୁ ଚୋରି ରୋକିବାକୁ ବ୍ଲୁପ୍ରିଣ୍ଟ୍



ବୈଠକରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଅନ୍ୟ ଅଧିକାରୀମାନେ।

**ବାସିନ୍ଦାଙ୍କୁ ପରାମର୍ଶ ଦେଲେ ପୋଲିସ କମିଶନର**

- ସମସ୍ତ ପାଟ୍ରୋଲିଂ ଗାଡିରେ ଲାଗିବ ଜିପିଏସ୍
- ଚୋରି ସୂଚନା ସହ ସତର୍କ କରିବ ବାହାଦୂର ସେନ୍ସର

ଭୁବନେଶ୍ୱର,୨୫।୨(ସତ୍ୟଜିତ୍ ରାଉତ)

ରାଜଧାନୀର ଆପାର୍ଟମେଣ୍ଟଗୁଡ଼ିକରେ ଚୋରି ରୋକିବାକୁ କମିଶନରେଟ ପୋଲିସ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛି। ଏଥିପାଇଁ କମିଶନରେଟ ପୋଲିସ ମୁଖ୍ୟାଳୟରେ ଚାଲିଥିବା ଦୁଇଦିନିଆ ବୈଠକ ରବିବାର ଶେଷ ହୋଇଛି। ବୈଠକର ଦ୍ୱିତୀୟ ଦିନରେ ୨୮୫ଜଣ ଆପାର୍ଟମେଣ୍ଟ ମାଲିକ, ସୋସାଇଟି ସଭାପତି, ସମ୍ପାଦକଙ୍କ ସହ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଆଲୋଚନା କରିବା ସହ ବିଭିନ୍ନ ଦିଗକୁ ନେଇ ପରାମର୍ଶ ଦେଇଥିଲେ। ଆପାର୍ଟମେଣ୍ଟର ପାଚେରି ଉଚ୍ଚ କରିବା ସହ ଲୁହା ଫେନ୍ସିଂ ଲଗାଇବାକୁ କୁହାଯାଇଛି। ଆପାର୍ଟମେଣ୍ଟଗୁଡ଼ିକରେ ନିୟୋଜିତ ସିକ୍ୟୁରିଟି ଗାର୍ଡଙ୍କ କାର୍ଯ୍ୟଧାରାରେ ବାସିନ୍ଦାମାନେ ସନ୍ତୁଷ୍ଟ ନାହାନ୍ତି। ସିକ୍ୟୁରିଟି ଗାର୍ଡ ଯୋଗାଉଥିବା ଏଜେନ୍ସିଗୁଡ଼ିକ ସ୍ୱୀକୃତିପ୍ରାପ୍ତ କି ନୁହେଁ ସେନେଇ ଆପାର୍ଟମେଣ୍ଟ ମାଲିକମାନେ ଜାଣିପାରୁନାହାନ୍ତି। ତେଣୁ ଲାଇସେନ୍ସପ୍ରାପ୍ତ ସିକ୍ୟୁରିଟି ଏଜେନ୍ସିର ତାଲିକା କମିଶନରେଟ୍ ପୋଲିସର ୱେବ୍‌ସାଇଟ୍‌ରେ ରହିବ। ଆପାର୍ଟମେଣ୍ଟ ମାଲିକମାନେ ଉକ୍ତ ତାଲିକା ଦେଖି ଏଜେନ୍ସି ସହ ଯୋଗାଯୋଗ କରି ଉତ୍ତମ ତାଲିମପ୍ରାପ୍ତ ସିକ୍ୟୁରିଟି ଗାର୍ଡ ନିଯୁକ୍ତ କରିବେ। ଏଥିସହ ଚୋରି ରୋକିବାକୁ ଟେକ୍ନୋଲୋଜିର ବଡ଼ ଭୂମିକା ଥିବାରୁ ଏହାକୁ ଗୁରୁତ୍ୱର ସହ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ଆପାର୍ଟମେଣ୍ଟରେ ସିସିଟିଭି ଲାଗିଥିଲେ ମଧ ଉକ୍ତ କ୍ୟାମେରା ଦ୍ୱାରା ଲୋକମାନଙ୍କୁ ଚିହ୍ନିବାରେ ସମସ୍ୟା ରହୁଛି। ତେଣୁ ଉତ୍ତମମାନର ସିସିଟିଭି ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସିସିଟିଭିରେ ମୋଶନ୍ ସେନ୍ସର ଟେକ୍ନୋଲୋଜି ଲଗାଇବାକୁ ପଡ଼ିବ। ଏହାଦ୍ୱାରା ଆଲାରାମ୍ ବାଜିବ, ଫଳରେ ସୁରକ୍ଷାକର୍ମୀ ତତ୍ପର ହୋଇପାରିବେ। ଏ ସମସ୍ତ ଦିଗକୁ ନେଇ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ଗାଇଡଲାଇନ୍ ମଧ ଦିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ମଧ ପୋଲିସ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ବଜାରକୁ ଆସିଥିବା ନୂଆ ଡିଭାଇସ୍ ବାହାଦୂର ସେନ୍ସର ଲଗାଇବାକୁ ପରାମର୍ଶ ଦିଆଯାଇଛି। ଘରକୁ କୌଣସି ଲୋକ ପ୍ରବେଶ କରିବା ପରେ ଡିଭାଇସ୍ ପକ୍ଷରୁ ୫ଟି ମୋବାଇଲ ନମ୍ବରକୁ କଲ୍ ଯିବ। ଫଳରେ ଘର ମାଲିକ ତୁରନ୍ତ ପଦକ୍ଷେପ ନେଇ ଚୋରି ରୋକିପାରିବେ। ସମସ୍ତ ପାଟ୍ରୋଲିଂ ଗାଡିରେ ଜିପିଏସ୍ ଲଗାଯିବ। ଫଳରେ ପାଟ୍ରୋଲିଂ ଗାଡିଗୁଡ଼ିକ ଆପାର୍ଟମେଣ୍ଟ ପର୍ଯ୍ୟନ୍ତ ଯାଉଛନ୍ତି କି ନାହିଁ ଆମେ ଜାଣିପାରିବୁ ବୋଲି ପୋଲିସ କମିଶନର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ଥାନା ଅଧିକାରୀ, ଜୋନ୍ ଏସିପିଙ୍କ ପୋଲିସ କମିଶନର ଆଲୋଚନା କରିଥିଲେ। ମାମଲାର ତଦନ୍ତ, ଅପରାଧ ନିୟନ୍ତ୍ରଣ ଆଦି ଦିଗକୁ ନେଇ ଅଧିକାରୀମାନଙ୍କୁ ସିପି ପରାମର୍ଶ ଦେଇଥିଲେ।

# କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର





ଜଣେ ଶିଶୁଙ୍କଠାରେ କୃତ୍ରିମ ହାତ ଲଗାଯାଉଛି।

ଭୁବନେଶ୍ୱର,୨୫।୨ (ଅନୁରାଧା ମହାରଣା)

ରାଜସ୍ଥାନ ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ଏବଂ ଓଡ଼ିଶାସ୍ଥିତ ଶ୍ରୀ ସତ୍ୟ ସାଇ ସେବା ସଂଗଠନର ମିଳିତ ସହଭାଗିତାରେ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ନଭେମ୍ବର ମାସରେ କୃତ୍ରିମ ଅଙ୍ଗ ପ୍ରତିରୋପଣ ମାପ ଓ ପରାମର୍ଶ ଚିକିତ୍ସା ଶିବିରରେ କେତେଜଣ ବ୍ୟକ୍ତିବିଶେଷଙ୍କ କୃତ୍ରିମ ଅଙ୍ଗ ପାଇଁ ମାପ ନିଆଯାଇଥିଲା। ରବିବାର କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରଦାନ କରାଯାଇ ସେମାନଙ୍କୁ ପରବର୍ତ୍ତୀ ପରାମର୍ଶ ଚିକିତ୍ସା କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲାର ୧୮୫ଜଣଙ୍କର କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ନାରାୟଣ ସେବା ସଂସ୍ଥାନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅତି ଉଚ୍ଚମାନର କୃତ୍ରିମ ଅଙ୍ଗ ପ୍ରତିରୋପଣ ଦ୍ୱାରା ସମସ୍ତ ଦିବ୍ୟାଙ୍ଗ ପ୍ରଶଂସା କରିଥିଲେ। ନାରାୟଣ ସେବା ସଂସ୍ଥାନର ଡାକ୍ତର ମାନସ କୁମାର ସାହୁ, ସଂଯୋଜକ ଲାଲ ସିଂ ଭାଟି ତଥା ୧୩ଜଣ ସହଯୋଗୀ ସହିତ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି, ଉପସଭାପତି, ଭୁବନେଶ୍ୱର ସାଇ ଜିଲା ସଭାପତି ତଥା ଜିଲାର ସମସ୍ତ ୬ଟି ସତ୍ୟସାଇ ସେବା ସମିତିର ଆବାହକ , କର୍ମକର୍ତ୍ତା ଓ ସାଇ ସେବକ ଓ ସେବିକାଙ୍କ ସେବାରେ କୃତିମ ଅଙ୍ଗ ପ୍ରତିରୋପଣ ଶିବିର ସମ୍ପନ୍ନ ହୋଇଯାଇଥିଲା।

# କିରନଙ୍କୁ 'ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀର ଜୀବନବ୍ୟାପୀ ସାଧନା ସମ୍ମାନ'





ଭୁବନେଶ୍ୱର,୨୫।୨ (ଶର୍ମିଷ୍ଠା ପାଣିଗ୍ରାହୀ)

**ମୀରା ଫେଷ୍ଟିଭାଲ ଅଫ ଡ୍ୟାନ୍ସେସ୍ ଉଦଯାପିତ**

ଶାସ୍ତ୍ରୀୟ ନୃତ୍ୟାନୁଷ୍ଠାନ ନୃତ୍ୟାୟନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଦ୍ୱିତୀୟ ମୀରା ଫେଷ୍ଟିଭାଲ ଅଫ୍ ଡ୍ୟାନ୍ସେସ ରବିବାର ଶେଷ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ପୂର୍ବତନ ମୁଖ୍ୟ ସଚିବ ଡ. ସୁବାଷ ପାଣି, ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଏବଂ ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିଲ୍ଲୀର ବିଶିଷ୍ଟ ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ କିରନ ସେଗଲଙ୍କୁ 'ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀର ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀର ଯୁବ ସମ୍ମାନରେ ବରୋଦାରୁ ଆସିଥିବା ବିଶିଷ୍ଟ ଭାରତନାଟ୍ୟମ ନୃତ୍ୟାଙ୍ଗନା ଅରୂପା ଲାହିରୀଙ୍କୁ ସମ୍ମାନିତ କରାଯାଇଥିଲା। ରୁଦ୍ରାକ୍ଷ ଫାଉଣ୍ଡେଶନ ଭୁବନେଶ୍ୱରର ଦୁଇ ନୃତ୍ୟ ଶିଳ୍ପୀ ସନ୍ତୋଷ ରାମ ଏବଂ ସମୀର ପାଣିଗ୍ରାହୀଙ୍କ ଓଡିଶୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସୂର୍ ମନ୍ଦିର କଟକର ଶିଳ୍ପୀମାନେ ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଥାନା ପରିସରରେ ଯୁବକଙ୍କୁ ମାଡ଼: ୨ ଗିରଫ, ଜଣେ ଫେରାର

ବାଲିପାଟଣା,୨୫।୨(ଅଭିମନ୍ୟୁ ନାୟକ)

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଥାନା ପରିସରରେ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୦୭/୨୪)ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲିପାଟଣା ମୁଦୁଲି ସାହିର ଚିତ୍ତରଞ୍ଜନ ମୁଦୁଲି ଗତ ଶନିବାର ରାତି ୧୦ଟାରେ ଯଜ୍ଞ ପୂର୍ଣ୍ଣାହୁତି ଦେଖି ଫେରୁଥିଲେ। ବାଲିପାଟଣା ଥାନା ନିକଟରେ ହଠାତ୍ ୩ଜଣ ଯୁବକ ତାଙ୍କ ମାଡିବସି ମାଡ଼ ମାରିଥିଲେ। ଫଳରେ ଚିତ୍ତରଞ୍ଜନ ପ୍ରାଣ ବିକଳରେ ଥାନା ଭିତରକୁ ଦୌଡି ଆସିଥିଲେ। ଏଥିସହ ୩ ଯୁବକ ମଧ ଥାନା ପରିସରକୁ ଆସି ଚିତ୍ତରଞ୍ଜନ ମାଡ଼ ମାରିବା ସହିତ ମୁହଁକୁ ଇଟାରେ ଛେଚି ଦେଇଥିଲେ। ଉପସ୍ଥିତ ପୋଲିସ ଦୁଇ ଜଣଙ୍କୁ କାବୁ କରିନେଇଥିବା ବେଳେ ଜଣେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଥାନା ପରିସରରେ ଏଭଳି ଘଟଣା ଘଟିବା ପୋଲିସକୁ ଖୋଲା ଚାଲେଞ୍ଜ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସରିତା ମହାପାତ୍ରଙ୍କ ପୁସ୍ତକ 'ସ୍ୱପ୍ନ ଓ କଳ୍ପନାର ପରି' ଉନ୍ମୋଚିତ



ଭୁବନେଶ୍ୱର,୨୫।୨ (ଶର୍ମିଷ୍ଠା ପାଣିଗ୍ରାହୀ)

କୋଠାଘର ଆମ ସାହିତ୍ୟ ପରିବାର ଆନୁକୂଲ୍ୟରେ କବି ସରିତା ମହାପାତ୍ରଙ୍କ ପ୍ରଥମ ପୁସ୍ତକ 'ସ୍ୱପ୍ନ ଓ କଳ୍ପନାର ପରି' ଲୋକାର୍ପଣ ଉତ୍ସବ ରେଡକ୍ରସ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୁଖ୍ୟବକ୍ତା ଅନୁବାଦିକା ଶକୁନ୍ତଳା ବଳିୟାର ସିଂହ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ଯୋଗଦେଇ ଭାଷା ସାହିତ୍ୟର ଉନ୍ନତି ଦିଗରେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ୟୁଥ୍ ଫେଷ୍ଟିଭାଲ ଉଦ୍‌ଯାପିତ

ବାଲକାଟୀ,୨୫।୨(ମନୋଜ ମଣ୍ଡଳ)



ମହୋତ୍ସବରେ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ବାଲକାଟୀସ୍ଥିତ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ୨ ଦିନିଆ ୟୁଥ୍ ଫେଷ୍ଟିଭାଲ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ପରାମର୍ଶଦାତା ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଳାପକାର ଡ. ରଜନୀ ରଞ୍ଜନ, ବ୍ୟଙ୍ଗ କବି ସତ୍ୟାନାଶ, କୈଳାସ ମିଶ୍ର, ଇଣ୍ଡିଆନ ବ୍ୟାଙ୍କ ଶାଖା ପ୍ରବନ୍ଧକ ଗଣେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମାଣ୍ଡିଆକୁ ନେଇ ଏସ୍‌ଏଚ୍‌ଜି, ଏଫ୍‌ପିଓ ମହିଳା ଉଦ୍ୟୋଗୀଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୫।୨ (ବନ୍ଦନା ସେଠୀ)





ମାଣ୍ଡିଆକୁ ଲୋକଙ୍କ ନିକଟରେ ଅଧିକରୁ ଅଧିକ ପହଞ୍ଚାଇବାକୁ ରବିବାର ଇନ୍‌ଫୋସିଟି ନିକଟ ଓ ହବ୍‌ଠାରେ ୧୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଏବଂ ଏଫ୍‌ପିଓ ମହିଳା ଉଦ୍ୟାଗୀଙ୍କୁ ନେଇ ମିଲେଟ ମୋର୍ ଏଗ୍ରୋ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଉଡାଣ ନାମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆକୁ ଲୋକାଭିମୁଖୀ କରିବାକୁ କମ୍ପାନୀ ମାଣ୍ଡିଆରେ ଅନେକ ପ୍ରକାର ସାମଗ୍ରୀ କରୁଥିବା ଏହାର ପ୍ରତିଷ୍ଠାତା ତଥା ଯୁବ ଉଦ୍ୟଗୀ ବ୍ରଜକିଶୋର ସ୍ୱାଇଁ କହିଛନ୍ତି। ଓଡିଶା ମାଣ୍ଡିଆକୁ ବିଶ୍ୱରେ ପରିଚିତ କରାଇବା ସହ ଚାଷୀଙ୍କ ରୋଜଗାର ଦୁଇଗୁଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ସହରାଞ୍ଚଳରେ ମହିଳାଙ୍କୁ ପ୍ରଶିକ୍ଷଣ ଦ୍ୱାରା ମାଣ୍ଡିଆରେ ଅନେକ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପ୍ରତି ଘରେ ଆଦୃତ କରାଯିବ ବୋଲି ସେ କହିଥିଲେ। ନିର୍ଦ୍ଦେଶକ ସୁସିଲ କୁମାର ଦାସ, ସାଧାରଣ ପରିଚାଳକ ଶ୍ରେଶ ଲେଙ୍କା, ମାନବ ସମ୍ବଳ ଓ ବ୍ୟବସାୟ ସହଭାଗୀ ସୁମିତ୍ରା ସାହୁ ଯୋଗଦେଇ ମତ ରଖିଥିଲେ।

# ୟୁନିୟନ ବଜେଟର ବିଶ୍ଳେଷଣାତ୍ମକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୫।୨ (ଅନୁରାଧା ମହାରଣା)

ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଦ୍ୱାରା 'ୟୁନିୟନ ବଜେଟ-୨୦୨୪-୨୦୨୫ ଏକ ପ୍ରାସଙ୍ଗିକ ବିଶ୍ଳେଷଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏବଂ ମୁଖ୍ୟ ବକ୍ତା ଭାବେ ଅର୍ଥନୀତିଜ୍ଞ ତଥା ସ୍ତମ୍ଭକାର ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ କେନ୍ଦ୍ର ବଜେଟ ର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିଥିଲେ। ଆଲୋଚନାଚକ୍ରରେ ସି.ଏ. ସଂଗ୍ରାମ କେଶରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଫେସର ଡ. ମୁନ୍‌ମୁନ୍ ମହାନ୍ତି ସ୍ୱାଗତ ଅଭିଭାଷଣ ରଖିଥିଲେ। ପ୍ରଫେସର ଦେବାଶିଷ ନନ୍ଦ ଓ ଡ. ଆଦ୍ୟାଶା ଶୁଭଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଏମ୍‌ବିଏ ଓ ଏମ୍‌ସିଏ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଫେସର ବିପୁଲ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# 'ନିରନ୍ତର ସାହିତ୍ୟ ସାଧନା ସାରସ୍ୱତ ଭଣ୍ଡାରର ଶ୍ରୀବୃଦ୍ଧି କରେ'

**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

ଭୁବନେଶ୍ୱର,୨୫।୨ (ଶର୍ମିଷ୍ଠା ପାଣିଗ୍ରାହୀ)



ଅତିଥିମାନେ ସଂସଦର ମୁଖପତ୍ର ଓ ଇ-ପତ୍ରିକା ଉନ୍ମୋଚନ କରୁଛନ୍ତି।

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ ରବିବାର ରୂପାଲି ଛକ ନିକଟ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡ. ଦିଗରାଜ ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ଯୁଗ ଯୁଗ ଧରି ରାଜ୍ୟର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସେମାନଙ୍କ ଭୂମିକା ସଫଳତାର ସହିତ ସମ୍ପାଦନ କରିଆସୁଛନ୍ତି। ଏହି ଦୃଷ୍ଟିକୋଣରୁ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ଦୀର୍ଘ ଆଠବର୍ଷ ହେଲା ସାହିତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମର ଆୟୋଜନ କରି ପ୍ରଶଂସିତ ହେଉଛି। ସମ୍ମାନିତ ଅତିଥି ଭାବେ 'ନୀତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର କହିଲେ, ନିରନ୍ତର ସାହିତ୍ୟ ସାଧନା ସହିତ ସୃଜନଶୀଳତା ହିଁ ଜଣେ ସାହିତ୍ୟିକଙ୍କ ଜୀବନର ବିକାଶ ସହିତ ସାରସ୍ୱତ ଭଣ୍ଡାରର ଶ୍ରୀବୃଦ୍ଧି ସାଧନ କରିଥାଏ। କାର୍ଯ୍ୟକ୍ରମର ଆରମ୍ଭରେ ସଂସଦର ସମ୍ପାଦକ କବି ବସନ୍ତ ମାଝି ସ୍ୱାଗତ ଭାଷଣ ଦେବା ସହିତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସହିତ୍ୟିକା ପ୍ରବାସିନୀ ମିଶ୍ରଙ୍କୁ 'କବି ନିରୁପମା ଆଚାର୍ଯ୍ୟ ସ୍ମୃତି ସମ୍ମାନ- ୨୦୨୪', କୁନି ସମାଜ ସେବୀ ଦକ୍ଷିତା ମହାପାତ୍ରଙ୍କୁ 'ବିଶିଷ୍ଟ ସେବା ସମ୍ମାନ' ଓ ସ୍ୱେଚ୍ଛାସେବୀ ସଂଗଠନ ସେବକର ସୁରେଶ ବିଶ୍ୱାଳଙ୍କୁ 'ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ସଂସଦର ମୁଖପତ୍ର ଚିହ୍ନ ୪୬, ସଂସଦର ଇ – ପତ୍ରିକା ଓ ଆମ ସାହିତ୍ୟ ଆସର ମଧ ଉନ୍ମୋଚିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଅନନ୍ଦା ମିଶ୍ର। କବି ସରୋଜ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଶ୍ରୀଶ୍ରୀ ପଶ୍ଚିମଶମ୍ଭୁ ସୋମନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ଡେଲାଙ୍ଗ,୨୫।୨(ରଶ୍ମିରଞ୍ଜନ ପ୍ରଧାନ):**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ଶ୍ରୀଶ୍ରୀ ପଶ୍ଚିମଶମ୍ଭୁ ସୋମନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ୧୦୮ ଜଣ ମାନସିକଧାରୀ ଦୟାନଦୀ କଣ୍ଠିଠାରୁ କଳସ ଯାତ୍ର କରି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ପଣ୍ଡିତମାନଙ୍କ ଦ୍ୱାରା ଅଙ୍କୁରା ରୋପଣ, ସୂର୍ଯ୍ୟ ପୂଜା, ଗୋ ପୂଜା, ସର୍ବ ଦେବଦେବୀ ପୂଜା, ଚଣ୍ଡୀପାଠ, ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀତନ ମଧ କରାଯାଉଛି। ଆସନ୍ତା ୨୯ ତାରିଖ ଗୋଧୂଳି ଲଗ୍ନରେ ପ୍ରଭୁଙ୍କ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ସୂଚନା ଦେଇଛନ୍ତି।

### ୨ ବାଇକ୍ ମୁହାଁମୁହିଁ: ଜଣେ ଗୁରୁତର

**ଡେଲାଙ୍ଗ,୨୫।୨(ରଶ୍ମିରଞ୍ଜନ ପ୍ରଧାନ):**

ଡେଲାଙ୍ଗ ଥାନା ଅଧୀନ ଚାଇଁପୁର ଛକ ନିକଟରେ ରବିବାର ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବସନ୍ତପୁର ଗ୍ରାମର ରତ୍ନାକର ସ୍ୱାଇଁ (୫୫) ଏବଂ ସଡାଙ୍ଗୋଇ ଗ୍ରାମର ପ୍ରମୋଦ ପରିଡ଼ା (୫୨)। ସେମାନଙ୍କୁ ସ୍ଥାନୀୟ ସରପଞ୍ଚ ୧୦୮ ଯୋଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରମୋଦଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରତ୍ନାକର ସଡାଙ୍ଗୋଇ ଗ୍ରାମକୁ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ପ୍ରମୋଦଙ୍କ ସହ ତାଙ୍କର ଧକ୍କା ହୋଇଥିଲା। ଦୁହିଁଙ୍କ ବାଇକ୍ ଚୁରମାର ହୋଇଥିବା ଜଣାପଡ଼ିଛି।

### ଆଇନ ସଚେତନତା ଶିବିର

**ବ୍ରହ୍ମଗିରି,୨୫।୨(ସ୍ୱାଧୀନ ଚମ୍ପତିରାୟ):**

ବ୍ରହ୍ମଗିରି ବ୍ଲକ ଅଧୀନ ରେବଣା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ବିଧି ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନ ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ବାସନ୍ତୀମଣି ସିଂ ଓ ଆଇନ ବିଭାଗ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ଏସ୍.ବି. ଶୁଭାଶିଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ବ୍ରହ୍ମଗିରି ବ୍ଲକ ପଞ୍ଚାୟତର ୧୫୦୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ, ଯୁବକଙ୍କ ସହିତ ସ୍ଥାନୀୟ ଆଇନଜୀବୀ ଯୋଗଦେଇଥିଲେ। ଶିବିରରେ ବାଲ୍ୟ ବିବାହ ନିରୋଧ ଆଇନ, ମହିଳାଙ୍କ ପ୍ରତି ହେଉଥିବା ଘରୋଇ ହିଂସା ଓ ମହିଳା ସୁରକ୍ଷା ଆଇନ, ଖାଦ୍ୟ ସୁରକ୍ଷା ଆଇନ, ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ, ବରିଷ୍ଠ ନାଗରିକ ଆଇନ ଆଦି ବିଷୟରେ ଆଲୋଚନା ହୋଇଥିଲା। ସରକାରୀ ଓକିଲ ତଥା ବ୍ରହ୍ମଗିରି ଓକିଲ ସଂଘ ସମ୍ପାଦକ ଭାସ୍କର ଜେନା, ଆଇନଜୀବୀ ରମାଶଙ୍କର ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ସନ୍ଦୀପ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସ୍ଥାନୀୟ ଶିକ୍ଷକ କରୁଣାକର ପ୍ରଧାନ, ସାମାଜିକ କର୍ମୀ କୁବେର ମହାପାତ୍ର ଯୋଗଦେଇ ନାରୀଙ୍କ ବିଭିନ୍ନ ସମସ୍ୟା ଓ ଆଇନ ମାଧ୍ୟମରେ ଏହାର ନିରାକରଣ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ।

### ଅସାମାଜିକ କାର୍ଯ୍ୟକଳାପ ବନ୍ଦ ପାଇଁ ପୋଲିସର ପ୍ରୟାସ

**ପିପିଲି,୨୫।୨(ଦୁର୍ଗାମାଧବ ମିଶ୍ର):**

ପିପିଲି ଥାନା ପରିସରରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ୨୧ ଜଣ ବ୍ୟକ୍ତିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଅଭିନବ ପ୍ରୟାସ ରବିବାର ଆରମ୍ଭ କରାଯାଇଛି। ପିପିଲି ଏସ୍‌ଡିପିଓ, ଆଇଆଇସି ଏବଂ ଅନ୍ୟ ପୋଲିସ କର୍ମଚାରୀ ସେହି ଅସାମାଜିକ ବ୍ୟକ୍ତିଙ୍କୁ ନେଇ ଥାନା ପରିସରରେ ପରେଡ୍ କରାଯାଇ ସେମାନେ ଗୁଣ୍ଡାଗର୍ଦ୍ଦିରୁ ଓହରି ମୁଖ୍ୟ ସ୍ରୋତରେ ସାମିଲ ହୋଇ ଶାନ୍ତ ଓ ସରଳ ଜୀବନଯାପନ ପାଇଁ ପରାମର୍ଶ ଦିଆଯାଇଥିଲା।

### ଲୋକକଳା ମାଧ୍ୟମରେ ସଚେତନତା

**କଣାସ, ୨୫।୨ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଦୋକନ୍ଦା ଗ୍ରାମରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ବାବା ନୀଳକଣ୍ଠେଶ୍ୱର ମାରୁତି ନାଟ୍ୟ ସଂସଦ ପକ୍ଷରୁ ବିଭିନ୍ନ ଛକ ଜାଗାରେ ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ବିଭିନ୍ନ ଯୋଜନା ସମ୍ପର୍କରେ କଳାକାରମାନେ ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ।

# ୬୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ରାସ୍ତା, ବ୍ରିଜ

**ଗୋପ,୨୫।୨(ଭାରତୀ ଭୂଷଣ ଉପାଧ୍ୟାୟ):**

ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯେପରି ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣ ତାଙ୍କ ପରିବାର ଭାବେ ରହିଛନ୍ତି ସେହିପରି ମୋ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ମଣିଷ ମୋ ପରିବାରର ଜଣେ ଜଣେ ସଦସ୍ୟ।

ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ୫ଟି ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା, ଗୋଟିଏ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ସହିତ ଗୋଟିଏ ବିଜୁ ସେତୁ ଯୋଜନାରେ ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ସୂଚନା ଦେଇଥିଲେ। ବିଧାୟକ ଦାଶ ପ୍ରଥମେ ଡଭାର ପଞ୍ଚାୟତର ଆଡେଣା ଖଣ୍ଡାସାହି ନିକଟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଖଣ୍ଡାସାହି ଭାୟା ଆଡେଣା ରାସ୍ତାକୁ ୯ କୋଟି ୨୩ ଲକ୍ଷ, ସେହି ପଞ୍ଚାୟତର ଭଦିଶଠାରେ ଡଭାର- ଶଙ୍ଖତିରା ରାସ୍ତା ନିର୍ମାଣ ପାଇଁ ୧୧ କୋଟି ୭୭ ଲକ୍ଷ ଟଙ୍କାର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବନ୍ତଳି ଗ୍ରାମପଞ୍ଚାୟତ କୁଆଁପଡ଼ା ନିକଟ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ୬ କୋଟି ୪୪ ଲକ୍ଷ ଟଙ୍କା ବିନିଯୋଗରେ ମଦରଙ୍ଗ ଭାୟା ଆଳିଶି ବନ୍ତଳିଗ୍ରାମ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବିଧାୟକ ଦାଶ ବନ୍ତଳି ଗ୍ରାମପଞ୍ଚାୟତର ସୁଦୁଖଣ୍ଡ ନିକଟ ନୂଆନଇ ଉପରେ ୧୮ କୋଟି ଟଙ୍କା ବ୍ୟୟବରାଦରେ ବିଜୁସେତୁର ଶିଳାନ୍ୟାସ କରିଥିଲେ। ଗଣେଶ୍ୱରପୁର ପଞ୍ଚାୟତ ବେଣୀପୁର ନିକଟରେ ୮ କିଲୋମିଟର ବିଶିଷ୍ଟ କୁଶଭଦ୍ରା ସଂଯୋଗୀକରଣ ପୂର୍ତ୍ତ ବିଭାଗ ରାସ୍ତାରୁ ବାମନାଳ ନାରୁଡ ରାସ୍ତାକୁ ୧୫ କୋଟି ୯୪ ଲକ୍ଷ ଟଙ୍କାରେ ଭିତ୍ତିପ୍ରସ୍ତର କରିଥିଲେ। ପରେ ଏରବଙ୍ଗ ପଞ୍ଚାୟତ ନାଗସାହି ନିକଟରେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫ କିଲୋମିଟର ରାସ୍ତାକୁ ୫ କୋଟି ୮୫ ଲକ୍ଷ ଟଙ୍କାରେ ଶିଳାନ୍ୟାସ କରିବା ପରେ ସନ୍ଧ୍ୟାରେ ପୟରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଚାରିଛକ- କଣ୍ଟି ରାସ୍ତା ନିର୍ମାଣ ଲାଗି ୧ କୋଟି ୭୫ ଲକ୍ଷ ଟଙ୍କା ବିନିମୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



ବିଧାୟକ ସମୀର ରଞ୍ଜନ ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**ଭିତ୍ତିପ୍ରସ୍ତର ସ୍ଥାପନ**

ଶିଳାନ୍ୟାସ ସମୟରେ ଶହ ଶହ ମହିଳା ଓ ସାଧାରଣ ଲୋକେ ବାଣ, ବାଜା, ଶଙ୍ଖ ବାଦନ ସହିତ ସ୍ୱାଗତ କରି ବିଧାୟକଙ୍କୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ହରିଶ ପୂର୍ତ୍ତି, କନିଷ୍ଠ ଯନ୍ତ୍ରୀ ଆଶୁତୋଷ ସ୍ୱାଇଁଙ୍କ ସହିତ ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ସରପଞ୍ଚ ମହେଶ୍ୱର ସ୍ୱାଇଁ, ସରପଞ୍ଚ ସୁମନ୍ତ ନାୟକ, ଯୁବ ନେତୃତ୍ୱ ପୂନେଶ ସେନାପତି, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ଯୁବ ନେତୃତ୍ୱ ଶରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ରେ ସତ୍ୟବାଦୀ ବକୁଳବନ ମହୋତ୍ସବ



ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟମାନେ ।

**ସାକ୍ଷୀଗୋପାଳ,୨୫।୨(ଭରତ ରାଉତ):**

ସତ୍ୟବାଦୀ ବକୁଳବନ ମହୋତ୍ସବ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ଗୋପୀନାଥନଗରସ୍ଥିତ ସାଇକୃପା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବକୁଳବନ ମହୋତ୍ସବ କମିଟିର ପ୍ରତିଷ୍ଠାତା ତଥା ପରାମର୍ଶଦାତା ଶଶିକାନ୍ତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସେ ବକୁଳବନର ଐତିହ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସୁରକ୍ଷା ଓ ଯତ୍ନ ଆମର କର୍ତ୍ତବ୍ୟ ବୋଲି କହିଥିଲେ। ବକୁଳବନ ପରିସରରେ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ 'ବକୁଳବନର ବାର୍ତ୍ତା' ନାମକ ବାର୍ଷିକ ପୁସ୍ତକ ଉନ୍ମୋଚନ କରାଯିବ। ମହୋତ୍ସବର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଇତ୍ୟବସରରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ବିଶ୍ୱାଳ, ଉପସଭାପତି ଲକ୍ଷ୍ମୀକାନ୍ତ ପାଣି, ସମ୍ପାଦକ ଯଯାତି କେଶରୀ ରାୟ, ସୁଜାତା ଦେବୀ, କୃପାନିଧି ପ୍ରଧାନ, ଧୀରଞ୍ଜନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମଦନମୋହନ ପରିଡ଼ା, ପବିତ୍ର କୁମାର ପରିଡ଼ା, ବିଶାଖା ଦେବୀ, ଧନେଶ୍ୱର ପ୍ରଧାନ, ମିଡ଼ିଆ ସଂଯୋଜକ ଭରତ ରାଉତ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ଲକ୍ଷ୍ମୀପ୍ରସାଦ ପାଣି ଧନ୍ୟବାଦ ଦେଇଥିଲେ। ମହୋତ୍ସବର ପ୍ରତିଷ୍ଠାତା ଶଶିକାନ୍ତ ବିଶ୍ୱାଳ ଜଣେ ଆଦର୍ଶବାଦୀ ବ୍ୟକ୍ତିତ୍ୱ। ସେ ଆଦର୍ଶବୋଧକୁ ଗ୍ରହଣ କରି ବୟସର ଅପରାହ୍ନରେ କାହା ଉପରେ ବୋଝ ନ ହୋଇ କଠିନ ପରିଶ୍ରମ ଦ୍ୱାରା ପରିବର୍ତ୍ତିତ ପରିସ୍ଥିତିରେ ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ଯେମିତି ପରିଚୟ ପାଇଛନ୍ତି, ସ୍ଥାନୀୟ ଅଞ୍ଚଳରେ ଜଣେ କବି ଭାବେ ସେମିତି ପ୍ରଶଂସା ସାଉଁଛନ୍ତି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

# ନିଖିଳ ଉତ୍କଳ ସମବାୟବିତ୍ ସଂଘର ପୁରୀ ଜିଲା ଶାଖା ବୈଠକ



ବୈଠକରେ ଉପସ୍ଥିତ ନିଖିଳ ଉତ୍କଳ ସମବାୟବିତ୍ ସଂଘର ସଦସ୍ୟ ବୃନ୍ଦ ।

**ପିପିଲି,୨୫।୨(ଦୁର୍ଗାମାଧବ ମିଶ୍ର):**

ନିଖିଳ ଉତ୍କଳ ସମବାୟବିତ୍ ସଂଘ, ପୁରୀ ଜିଲା ଶାଖାର ଏକ ବୈଠକ ପିପିଲିସ୍ଥିତ ଆମ୍ରା କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକ ପୁରୀ ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ସତ୍ୟବାଦୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ରାଜ୍ୟ ସଭାପତି ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟରେ ସମବାୟ ଆନ୍ଦୋଳନକୁ ଆଗକୁ ନେବାକୁ ହେଲେ ସଂଘର ଆବଶ୍ୟକତା ଓ ଏହାର କାର୍ଯ୍ୟଧାରା ଏବଂ ସଂଘ ସହିତ ଅଧିକରୁ ଅଧିକ ସମବାୟବିତ୍‌ଙ୍କୁ ଯୋଡି ସଂଘକୁ ଅଧିକ କ୍ରିୟାଶୀଳ କରିବାକୁ ହେବ। ସମବାୟବିତ୍‌ଙ୍କ ଲେଖାକୁ ନେଇ ଏକ ସମବାୟ ପତ୍ରିକା ଖୁବଶୀଘ୍ର ପ୍ରକାଶ ପାଇବ ବୋଲି ଦାଶ ସୂଚନା ଦେଇଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପର୍ଶୁରାମ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଂଘର ପୁରୀ ଜିଲା ଶାଖାକୁ ଅଧିକ ମଜଭୁତ କରିବାକୁ ସମସ୍ତ ସଭ୍ୟଙ୍କ ସହମତିକ୍ରମେ ସତ୍ୟବାଦୀ ମହାପାତ୍ରଙ୍କୁ ଜିଲା ସଭାପତି, ତ୍ରିଲୋଚନ ରଥଙ୍କୁ ସାଧାରଣ ସମ୍ପାଦକ, ସୁରଥ ଦଳେଇ, ସୁକାନ୍ତ ମହାନ୍ତି ଏବଂ ସୁରେଶ ମନ୍ତ୍ରୀଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ସେବାସମବାୟ ସମିତି ସଭାପତି, ଡାଇରେକ୍ଟର ଯୋଗଦେଇ ସେମାନଙ୍କ ମତ ପ୍ରକାଶ କରିଥିଲେ।

# ୪ନଂ. ଜୋନ ବିଜେଡି କର୍ମୀଙ୍କ ବୈଠକ

**କଣାସ,୨୫।୨(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ୪ନଂ. ଜୋନ୍ ବିଜେଡି ଯୁବକର୍ମୀଙ୍କ ଏକ ବୈଠକ ପାଣ୍ଡିଆକେରା ଗ୍ରାମପଞ୍ଚାୟତ ମଶେଶ୍ୱରୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିଶ୍ୱରଞ୍ଜନ ପାତାଳସିଂଙ୍କ ଆହ୍ୱାନକ୍ରମେ ୫ଶହରୁ ଉର୍ଦ୍ଧ୍ୱ ବିଜେଡି ଯୁବକର୍ମୀ ଏଥିରେ ଯୋଗଦେଇଥିଲେ। ସଭାରେ ବିଶ୍ୱରଞ୍ଜନ ପାତାଳସିଂ, କଣାସ ଗ୍ରାମପଞ୍ଚାୟତ ବିଜେଡି ଯୁବସଭାପତି ହରିହର ଭୋଳ, ସତ୍ୟବାଦୀର ମହେଶ୍ୱର ପଟ୍ଟନାୟକ, ଦୀନବନ୍ଧୁ ପ୍ରଧାନ, ସୁକାନ୍ତ ଦଳସିଂ, ବାବୁଲି ଜେନା, ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ସରକାରଙ୍କ ୨୪ ବର୍ଷ ଶାସନ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମପଞ୍ଚାୟତର ଉନ୍ନତି ହୋଇଥିବା ଦର୍ଶାଇଥିଲେ। ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ସମସ୍ତ ଯୁବକର୍ମୀ ସହଯୋଗ କରିବାକୁ ଯୁବନେତା ପାତଳାସିଂ ନିବେଦନ କରିଥିଲେ।

# ବହୁଚାରୀ ମାତାଙ୍କୁ ପୂଜାର୍ଚ୍ଚନା କଲେ କିନ୍ନର



**କୋଣାର୍କ,୨୫।୨(ଜ୍ୟୋତିରାଜ ମହାନ୍ତି):**

କୋଣାର୍କ ମା' ଭଗବତୀ ପୀଠରେ କୋଣାର୍କ କିନ୍ନର ସଂଘ ସଭାନେତ୍ରୀ ଦୀପା କିନ୍ନରଙ୍କର ଭଗବତୀ ପୀଠରେ ମାତା ପୂଜା ଓ କଳସ ଯାତ୍ରା ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କିନ୍ନର ସମାଜର ଅଧିଷ୍ଠାତ୍ରୀ ଦେବୀ ବହୁଚାରୀ ମାତାଙ୍କ ପୂଜା ସହ ଅନେକ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ କୋଣାର୍କ, ପୁରୀ ଓ ଭୁବନେଶ୍ୱରର ଶତାଧିକ କିନ୍ନର ଯୋଗଦେଇ ମାତା ପୂଜା ସହ ନୃତ୍ୟ ଗୀତରେ ମଜ୍ଜିଥିଲେ। ରାଜ୍ୟ କିନ୍ନର ସଂଘ ସଭାପତି ସ୍ୱିଟି ମମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କିନ୍ନର ମାତାପୂଜାରେ ଭୋଜିଭାତର ଆୟୋଜନ କରାଯାଇଥିଲା। ନିମନ୍ତ୍ରିତ ଅତିଥିଙ୍କ ସମେତ ପୁରୀ, ଭୁବନେଶ୍ୱର, କଟକ ଓ କୋଣାର୍କରୁ ଆସିଥିବା ଶତାଧିକ କିନ୍ନର ଏକତ୍ର ହୋଇଥିଲେ। କିନ୍ନରଙ୍କୁ ରାଜ୍ୟ ସରକାର କେତେକ ସୁବିଧା ଯୋଗାଇଥିଲେ ମଧ୍ୟ ଏମାନେ ପ୍ରତେକ ଦିନ ବିଭିନ୍ନ ମନ୍ଦିର, ବଜାରରେ ବୁଲିବୁଲି ଯାହା ମାଗୁଣି କରନ୍ତି ସେଥିରେ ନିଜେ ନିଜକୁ ବଞ୍ଚାଇବା ସହ ଗରିବ ଲୋକଙ୍କୁ ବିଭିନ୍ନ ସମୟରେ ସାହାର୍ଯ୍ୟର ହାତ ବଢାନ୍ତି। କିଛି ସମୟ ପାଇଲେ ଏପରି ହସ ଖୁସିରେ ମଜା କରିବା ସହ ତାଙ୍କ ଗୁରୁମାନଙ୍କୁ ମାତା ଭାବି ବିଧି ମୁତାବକ ପୂଜାର୍ଚ୍ଚନା କରିଥାନ୍ତି। ଏପରି ପରମ୍ପରାକୁ ବିଭିନ୍ନ ସ୍ଥାନରେ ଓଡ଼ିଶାବାସୀ ଦେଖି ସେମାନେ ମଧ୍ୟ ଏଥିରେ ସାମିଲ ହୋଇ ମଜା ନେଇଥାନ୍ତି।

# ହୋପ୍ ଇଜ୍ ଲାଇଫ୍ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ପୁରୀ, ୨୫।୨(ଅଜିତ୍ ମହାନ୍ତି)**

ହୋପ୍ ଇଜ୍ ଲାଇଫ୍ ଚାରିଟେବଲ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ଡାକ୍ତର ପ୍ରସନ୍ନ କୁମାର ଦାସ, ରାଜ୍ୟ ପର୍ଯ୍ୟଟନ ବିଭାଗ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, ଇ-୨୪ ହସ୍‌ପିଟାଲ ନିର୍ଦ୍ଦେଶକ ରାଜେଶ କୁମାର ମିଶ୍ର ଏବଂ ସେବାୟତ ମଧୁସୂଦନ ସିଂହାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସେବା କାର୍ଯ୍ୟ ଦ୍ୱାରା ଖୁସି ମିଳିଥାଏ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ସଭାପତି ସୁରେଶ କୁମାର ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗଦାଧର ସାହୁ ବିବରଣୀ ଉପସ୍ଥାପନ ଏବଂ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରଘୁରାଜପୁର ସ୍ୱପ୍ନିଶ୍ରୀ ଗୋଟିପୁଅ ନୃତ୍ୟ ପରିଷଦର କଳାକାରମାନେ ଗୁରୁ ଗଙ୍ଗାଧର ନାୟକଙ୍କ ନିର୍ଦ୍ଦେଶନାରେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଟ୍ରଷ୍ଟ ସଦସ୍ୟ ରଜନୀକାନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି ।

# ଜାଡ଼ମଲ୍ଲୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

**ଚାରିଛକ,୨୫।୨(ଶିଶିର ସ୍ୱାଇଁ):**

ପୁରୀ ଜିଲା ଚାରିଛକ ଥାନା ଅଧୀନ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ମା' ଜାଡ଼ମଲ୍ଲୀଙ୍କ ଏକ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ୪ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ନିକଟ ପ୍ରାଚୀ ନଦୀରୁ କର୍ତ୍ତା ଜୟରାମ ପାତ୍ରଙ୍କ ସହ ଗ୍ରାମର ମହିଳା ପୁରୁଷ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମହାଯଜ୍ଞର ତୃତୀୟ ଦିନରେ ନୂତନ ଭାବେ ନିର୍ମାଣ ହୋଇଥିବା ମା' ଜାଡ଼ମଲ୍ଲୀଙ୍କ ପ୍ରାଣ ପ୍ରତିଷ୍ଠା କରିବା ପରେ ସ୍ୱତନ୍ତ୍ର ରଥରେ ବସାଇ ଗ୍ରାମ ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ନାମ କୀର୍ତ୍ତନ, କ୍ଷେତ୍ରୀୟ ଫରି ନାଚ ଓ ଆଧୁନିକ ଡିଜେ ନାଚରେ ଗାଁଦାଣ୍ଡ କମ୍ପି ଉଠିଥିଲା। ୪ର୍ଥ ଦିନରେ ସକାଳ ସମୟରେ ସୂର୍ଯ୍ୟପୂଜା କରାଯାଇ ମହାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତିକୁ ଦେଖିଥିଲେ। ଏହି କାର୍ଯ୍ୟରେ ଗଡ଼ ଇଟା ପୋଖରୀ ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।



ଚାରିଛକ ଥାନା ଅଧୀନ ଗଡ଼ଇଟାପୋଖରୀ ଗ୍ରାମରେ ମା' ଜାଡ଼ମଲ୍ଲୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାହାରିଥିବା ଶୋଭାଯାତ୍ରା ।

# ବିଧାୟକଙ୍କ କୁଶ ପୁତ୍ତଳିକା ଦାହ

**ଅସ୍ତରଙ୍ଗ,୨୫।୨(ମମତା ଜେନା):**

କାକଟପୁର ଏନ୍‌ଏସି ମାନ୍ୟତାରୁ ବଞ୍ଚିତ ହୋଇଥିବାବେଳେ ଏହାକୁ ବିରୋଧକରି କାକଟପୁର ଯୁବମୋର୍ଚ୍ଚା ପକ୍ଷରୁ ରବିବାର କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ କୁଶପୁତ୍ତଳିକା ଦାହକରି ପ୍ରତିବାଦ ଜଣାଯାଇଛି। ୭ ଦିନ ମଧ୍ୟରେ ଏନ୍‌ଏସି ମାନ୍ୟତା ଦିଆ ନ ଗଲେ କାକଟପୁର ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟରେ ୩୪ଟି ନୂତନ ଏନ୍‌ଏସି ମାନ୍ୟତା ପାଇଥିବାବେଳେ ସୂଚିପତ୍ରରେ ୧ନଂ.ରେ ଥିବା ସ୍ୱାଭିମାନୀ ମାଟି କାକଟପୁର ଏନ୍‌ଏସି ମାନ୍ୟତା ନ ପାଇବା ଅତ୍ୟନ୍ତ ଦୁଃଖର ବିଷୟ। ମଙ୍ଗଳା ମନ୍ଦିର, ପ୍ରାଚୀନଦୀ କୂଳରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଥାଇ ମଧ୍ୟ କାକଟପୁର ଏନ୍‌ଏସି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ଏଥିରେ ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଂଯୋଜକ ରଜନୀ ରାଜୁ ମଲ୍ଲିକ, ଜିଲା ସଂଯୋଜକ ଇଂ. ପ୍ରିୟବ୍ରତ ବିଶ୍ୱାଳ, ଲଳିତ ରଥ, ଇଂ. ମଙ୍ଗଳା ପ୍ରସାଦ ପରିଡ଼ା, ହିମାଂଶୁ ମୁଦୁଲି, ଅରୁଣ ବିଶ୍ୱାଳ, ଆଦିତ୍ୟ ଜେନା, ଚିନ୍ମୟ ମଲ୍ଲିକଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



# ସମାବେଶ କରି ପ୍ରାର୍ଥୀ ହେବାର ସଙ୍କେତ ଦେଲେ ରମାରଞ୍ଜନ

**ସାକ୍ଷୀଗୋପାଳ, ୨୫।୨(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ):**

ପୁରୀ ଜିଲା ସତ୍ୟବାଦୀର ବନପୁରଠାରେ ରବିବାର ବିକଶିତ ସତ୍ୟବାଦୀ ସଂକଳ୍ପ ସମାବେଶ ଆୟୋଜନ କରି ଭାଜପା ନେତା ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ରାଜନୀତିରେ ସକ୍ରିୟ ଥିବା ସହ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହୋଇପାରନ୍ତି ବୋଲି ପରୋକ୍ଷରେ ସଙ୍କେତ ଦେଇଛନ୍ତି। ଅନ୍ୟପକ୍ଷରେ ଭାଜପା ବ୍ୟାନରରେ ଏହି ସମାବେଶ ଆୟୋଜିତ ହୋଇଥିଲେ ମଧ୍ୟ ଏଥିରେ ଦଳର କୌଣସି ନେତୃବୃନ୍ଦଙ୍କୁ ଦେଖିବାକୁ ମିଳି ନ ଥିଲା। ତେଣୁ ଆଗାମୀ ଦିନରେ ଏହାର କେତେଦୂର ପ୍ରଭାବ ପଡ଼ିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଏହି ସମାବେଶ ସତ୍ୟବାଦୀ ରାଜନୀତିରେ ଉଷ୍ମତା ସୃଷ୍ଟି କରିଥିବାବେଳେ ଦଳର ଅନ୍ୟ ଆଶାୟୀଙ୍କ ମନରେ ଛନକା ଆଣିଛି।



ସମାବେଶକୁ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ଉଦ୍‌ଘାଟନ କରୁଛନ୍ତି।

ସମାବେଶରେ ରମାରଞ୍ଜନ ଉଦ୍‌ବୋଧନ ଦେଇ କହିଥିଲେ, ସତ୍ୟବାଦୀରେ ବକୁଳବନ, ଚନ୍ଦନ ପୋଖରୀ, ପଞ୍ଚସଖା ସମାଧିପୀଠ, ଖେଳପଡ଼ିଆ, ସ୍ୱାସ୍ଥ୍ୟକେନ୍ଦ୍ର, ପାନୀୟଜଳ, ବିଦ୍ୟୁତ୍, ରାସ୍ତାଘାଟ, ସ୍କୁଲ କଲେଜ, ଦମକଳ କେନ୍ଦ୍ର ଆଦିର ବିକାଶ କାର୍ଯ୍ୟ ଠପ ହୋଇପଡ଼ିଛି। ସତ୍ୟବାଦୀର ଅର୍ଥନୈତିକ ଅଭିବୃଦ୍ଧି ପାଇଁ କୌଣସି ନୂତନ ଯୋଜନା ହେଉନାହିଁ। ସତ୍ୟବାଦୀକୁ ଆସୁଥିବା ରାଜ୍ୟ ସରକାରଙ୍କ ଅନୁଦାନର ଏକ ସିଂହ ଭାଗ ଅର୍ଥକୁ ଏବେକାର ବିଧାୟକ ଓ ତାଙ୍କ ପାଖ ଲୋକ ଦଳୀୟ ଆଧାରରେ ଭାଗବାଣ୍ଟି ନେଉଛନ୍ତି ବୋଲି ରମାରଞ୍ଜନ ଅଭିଯୋଗ କରିଥିଲେ। ସେ ଆହୁରି କହିଥିଲେ, ଦଳ ସଭାପତିଙ୍କ ଅନୁମତି କ୍ରମେ ଏହି ସମାବେଶ ଆୟୋଜନ କରାଯାଇଛି। ମୁଁ ଆଶା କରୁଛି ସତ୍ୟବାଦୀ ପାଇଁ ଦଳର ନେତୃତ୍ୱ ଠିକ ନିଷ୍ପତ୍ତି ନେବେ। କୌଣସି କଳାଧନ ମୋ ପାଖରେ ନାହିଁ। ଏଥିପାଇଁ ଦୀର୍ଘ ଦଶନ୍ଧି ପରେ ମଧ୍ୟ ବିନା ପ୍ରଚାରରେ ଏହି ସମାବେଶରେ ମୋ ଉପରେ ବିଶ୍ୱାସ କରୁଥିବା ସତ୍ୟବାଦୀ ଓ କଣାସ ଅଞ୍ଚଳର ୩ହଜାରରୁ ଅଧିକ ଲୋକ ଯୋଗଦେବା ମୋତେ ଆଶ୍ଚର୍ଯ୍ୟ କରିଛି ବୋଲି ସେ ପ୍ରକାଶ କରିଥିଲେ। ଜୟପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ମନୋଜ କୁମାର ସାହୁ ସଭା ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ବଳିୟାର ସିଂହ ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ଶତପଥୀ, ବିଜୟ ପାଣି, ତ୍ରିନାଥ ପରିଡା, ମହେଶ୍ୱର ସୁକାରୀ, ଇନ୍ଦ୍ରମଣି ଭୋଇ, ଧୁନିଆ ବେହେରା ପ୍ରମୁଖ ସମାବେଶ ପରିଚାଳନାରେ ସହଯୋଗ କରିଥିଲେ।

**ମା'ଖରାଖାଇ ପୀଠରେ ନାମ ସଙ୍କୀର୍ତ୍ତନ**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): କଟକ ସଦର ଥାନା ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଖରାଖାଇ ଠାକୁରାଣୀଙ୍କ ପୀଠ ପରିସରରେ ଥିବା ସତ୍ୟନାରାୟଣ ପାଲା ମଣ୍ଡପରେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଶନିବାର କଳସ ଯାତ୍ରା ହୋଇଥିବାବେଳେ ଦ୍ୱିତୀୟ ଦିନ ସକାଳେ ମା'ଙ୍କର ସ୍ନାନ, ମଙ୍ଗଳ ଆଳତି ଓ ନୀତିକାନ୍ତି ପରେ ନାମ ସଙ୍କୀର୍ତ୍ତନ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମୁଗଭଙ୍ଗା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଲାଞ୍ଚ: ଏଏସ୍ଆଇ ଗିରଫ

କଟକ,୨୫।୨ (କାର୍ତ୍ତିକ ସାହୁ)

ଲାଞ୍ଚ ନେବା ଅଭିଯୋଗରେ ନିଆଳି ଥାନା ଏଏସ୍ଆଇ ବିଜୟ କୁମାର ଭଞ୍ଜଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ତାଙ୍କଠାରୁ ୨୦୦୦ ଟଙ୍କା ଜବତ କରାଯାଇଛି। ଭଞ୍ଜଙ୍କ ନିଆଳିସ୍ଥିତ ଆବାସିକ ଘର ଓ ଖୋର୍ଦ୍ଧା ଜିଲା ହଳଦିଆ ଗ୍ରାମର ପୈତୃକ ଘର ଉପରେ ଏକ ସଙ୍ଗେ ଚଢ଼ାଉ କରାଯାଇଛି। ଏନେଇ ଭିଜିଲାନ୍ସରେ ଏକ ମାମଲା(ନଂ.୪/୨୪) ରୁଜୁ ହୋଇଛି। ସୂଚନା ଅନୁସାରେ, ଭଞ୍ଜ ଜଣେ ବ୍ୟକ୍ତିଙ୍କ ପୁତୁରାଙ୍କୁ ଏକ କେସ୍‌ରେ ଛନ୍ଦି ଦେବାର ଧମକ ଦେଖାଇ ୨୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ସେ ଶନିବାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ୨୦୦୦ ଟଙ୍କା ଦେବାକୁ ଦାବି କରିଥିଲେ। ବ୍ୟକ୍ତି ଜଣଙ୍କ କୌଣସି ଉପାୟ ନ ପାଇ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ନିଆଳି ସିନେମା ହଲ ରାସ୍ତାରେ ସମ୍ପୃକ୍ତ ବ୍ୟକ୍ତି ଏଏସ୍ଆଇ ଭଞ୍ଜଙ୍କୁ ଲାଞ୍ଚ ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।

### ଶିବିରରୁ ୫୬ ୟୁନିଟ ରକ୍ତ ସଂଗ୍ରହ

ମଙ୍ଗୁଳି-ଜଗତପୁର,୨୫।୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦରଦୀ ବନ୍ଧୁ ପକ୍ଷରୁ ରକ୍ତଦାନ ଶିବିର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭାତ ପରିଡ଼ାଙ୍କ ଉଦ୍ୟମରେ ଆୟୋଜିତ ଶିବିରରୁ ମୋଟ୍ ୫୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ଅଶୋକ ଭଗତ, ସମ୍ପାଦକ ରାଜେନ୍ଦ୍ର ନାୟକ, ରତନ ନାୟକ, ତପନ ବେହେରା, ସୁରଜ ଚୌରାଶିଆ, ବାବୁ ଚୌରାଶିଆ, ସୁଦର୍ଶନ ସାହୁ, ବିଶ୍ୱଜିତ୍ ପାଣ୍ଡବ, ଲିପ୍ସା ପତି, ପ୍ରସନ୍ନ ବେହେରା, ଚିନ୍ମୟ ବେହେରାଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସ୍ଥାନୀୟ ଆଦିବାସୀ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା।

### ଏସ୍ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କଲେ ବିଧାୟକ

କଟକ,୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଡାନାସୀସ୍ଥିତ ମେଡିକାଲ ଛକଠାରେ ୱାର୍ଡ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ସନ୍ତୋଷ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ମହିଳାମାନଙ୍କର ସମସ୍ୟା ଏବଂ ମହିଳା ସଶକ୍ତୀକରଣ ପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ କରିବେ ବୋଲି କହିଛନ୍ତି। ଉପସ୍ଥିତ ସଦସ୍ୟାମାନେ ନିଜ ସଙ୍ଗଠନର ତଥା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ୱାର୍ଡ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ରାଜଲକ୍ଷ୍ମୀ ସାହୁ, ଭବାନୀ ନାୟକ, ଗାୟତ୍ରୀ ଲେଙ୍କା, ସନ୍ଧ୍ୟାରାଣୀ ରାଉଳ, ସୁଷମା ପ୍ରଧାନ, ସୋନାଲୀ ଛାଟୋଇ, ମିନତି ନାୟକ, ଝରଣା ପ୍ରଧାନ, କେତକୀ ଶର୍ମା, ପ୍ରିୟମ୍ବଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୀରେନ୍ ମିଶ୍ର ପାଇଲେ ଜୀବନବ୍ୟାପୀ ସାଧନା ସମ୍ମାନ

କଟକ,୨୫।୨ (କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ବରିଷ୍ଠ ଭଏସ୍ ଡବର ବୀରେନ୍ ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଉଛି।

**ଡବିଂଷ୍ଟାର ଆୱାର୍ଡ ପ୍ରଦାନ ସମାରୋହ**

ମା' କାଳୀ ପ୍ରଡକ୍ସନ ପକ୍ଷରୁ ପ୍ରଥମ ଥର ପାଇଁ ତାମିଲ, ତେଲୁଗୁ, ବଙ୍ଗଳା, ମରାଠି, ହିନ୍ଦୀ, କର୍ନାଟକୀ ଭାଷାର ଧାରାବାହିକରେ ଓଡ଼ିଆ ଭାଷାରେ ଭଏସ୍ ପ୍ରଦାନ କରୁଥିବା କଳାକାରମାନଙ୍କୁ ଡବିଂଷ୍ଟାର ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। କଟକ ସାରଳା ଭବନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଭଏସ୍ ଡବର ବୀରେନ୍ ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଅଭିନେତ୍ରୀ ଶୀତଲଙ୍କୁ ଜହ୍ନରାତିର ସାଥୀ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନାୟିକା ସମ୍ମାନ, ପଦ୍ମାବତୀ ଦ୍ୱିବେଦୀଙ୍କୁ ଜି ସାର୍ଥକ ଧାରାବାହିକ ମାଟିର ବନ୍ଧନ ପାଇଁ ଶ୍ରେଷ୍ଠ ନାୟିକା ଭଏସ୍ ସମ୍ମାନ, ରଶ୍ମିରେଖା ଜେନାଙ୍କୁ ଶ୍ରେଷ୍ଠ ନାୟିକା ଭଏସ୍ ସମ୍ମାନ ଓ ଅବକାଶ ମିଶ୍ରଙ୍କୁ ଶ୍ରେଷ୍ଠ ଭଏସ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବାରିଶ ବିଶ୍ୱଜିତ୍, ପୁଷ୍ମିତା ମନ୍ତ୍ରୀ, ନାରାୟଣ ମହାନ୍ତି, ଶ୍ରୁତିରେଖା ମହାପାତ୍ର, ବୁଲୁ ପଣ୍ଡା, ଜ୍ୟୋତିପ୍ରକାଶ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ରାଉତଙ୍କୁ ବିଭିନ୍ନ ଭଏସ୍‌ରେ ଶ୍ରେଷ୍ଠ ଭାବେ ସମ୍ମାନିତ କରାଯାଇଛି। ମା' କାଳୀ ପ୍ରଡକ୍ସନର ସ୍ୱତ୍ତ୍ୱାଧିକାରୀ ଦିଲ୍ଲୀପ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବେ ରାଜ୍ୟ ଭାଜପା ମୁଖପାତ୍ର ସଜ୍ଜନ ଶର୍ମା, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଯାଜପୁର ଜିଲା ସଭାପତି ଗୌତମ ରାୟ, ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗଦେଇ ପ୍ରତିଭାଧାରୀଙ୍କୁ ସମ୍ମାନିତ କରିଥିଲେ। ଶ୍ରୁତିରେଖା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ମାନସ ପାଣି ଧନ୍ୟବାଦ ଦେଇଥିଲେ। କିଶୋର ଦାସ, ଗୁରୁଚରଣ ଦାସ, ବସନ୍ତ ଭୂୟାଁ, ମନୋଜ ମହାପାତ୍ର, ପ୍ରଶାନ୍ତ ପଣ୍ଡା, ଅଜୟ କୁମାର ସାହୁ, ବିଜୟ ଜେନା, ନବଘନ ଭୂୟାଁ, ସୁରେଶ ମଲ୍ଲିକ, ପ୍ରସନ୍ନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ବିଜୁ ହୋମିଓ ସ୍ୱାସ୍ଥ୍ୟ ମିଶନ ପ୍ରତିଷ୍ଠା ହେଉ'

କଟକ,୨୫।୨ (କାର୍ତ୍ତିକ ସାହୁ)

ରାଜ୍ୟ ସରକାର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ କିଛି ନା କିଛି ସହାୟତା ଯୋଗାଇ ଦେଇ ଆସୁଥିବାବେଳେ ହୋମିଓପାଥିକ ଚିକିତ୍ସକଙ୍କୁ କେବଳ ପ୍ରତିଶ୍ରୁତି ଦେଇ ଚୁପ୍‌ଚାପ୍ ବସି ରହୁଛନ୍ତି। ଏଥିସହ ଘରୋଇ ହୋମିଓପାଥିକ ଚିକିତ୍ସକମାନେ ଗତ ୧୦ ବର୍ଷ ଧରି ରାଜ୍ୟ ସରକାରଙ୍କ ନିକଟରେ ତାଙ୍କର ନ୍ୟାଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରିଆସୁଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି। ମୁଖ୍ୟତଃ ଘରୋଇ ଚିକିତ୍ସକମାନଙ୍କୁ ତାଲିକାଭୁକ୍ତ ମାନ୍ୟତା ପ୍ରଦାନ କରାଯିବା ସହ ଏକ କମିଟି ଗଠନ କରାଯାଉ। ରାଜ୍ୟରେ ହୋମିଓପାଥିକ ଚିକିତ୍ସାକୁ ଲୋକାଭିମୁଖୀ କରିବା ଦିଗରେ ନୂତନ ଭାବେ ବିଜୁ ହୋମିଓ ସ୍ୱାସ୍ଥ୍ୟ ମିଶନ ପ୍ରତିଷ୍ଠା କରି ଚିକିତ୍ସକମାନଙ୍କୁ ସେବା ନିମନ୍ତେ ସୁଯୋଗ ପ୍ରଦାନ କରାଯାଉ। ଏହାଦ୍ୱାରା ରାଜ୍ୟରେ ୧୫ ହଜାରରୁ ଊର୍ଦ୍ଧ୍ୱ ଘରୋଇ ଚିକିତ୍ସକ ଉପକୃତ ହେବେ। ଆସନ୍ତା ୨ ସପ୍ତାହ ମଧ୍ୟରେ ସରକାର ଯଦି ଏହି ଦାବି ପୂରଣ ନ କରନ୍ତି ତା'ହେଲେ ଘରୋଇ ଚିକିତ୍ସକମାନେ ସପରିବାର ଆଗାମୀ ନିର୍ବାଚନରେ ସରକାରଙ୍କୁ ଉଚିତ୍ ଜବାବ ଦେବେ ବୋଲି ସଂଘ ପକ୍ଷରୁ ଖପୁରିଆସ୍ଥିତ ଓଇଆ ମଣ୍ଡପରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ଡ. ନେତ୍ରାନନ୍ଦ ଭୋଇ କହିଛନ୍ତି।

ହୋମିଓପାଥିକର ଜନକ ଡ. ସାମୁଏଲ ଫେଡ୍ରିକ ହ୍ୟାନିମାନଙ୍କ ଜୟନ୍ତୀ ଉପଲକ୍ଷେ ଚଳିତବର୍ଷ ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ପକ୍ଷରୁ ନବମ ବାର୍ଷିକ ସମ୍ମିଳନୀ ଆସନ୍ତା ଏପ୍ରିଲ ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ସଂଘ ପକ୍ଷରୁ ଏକ ସ୍ମରଣିକା 'ଏକଲବ୍ୟ' ପ୍ରକାଶ ପାଇବ ବୋଲି ସଭାପତି ଡ. ଭୋଇ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ନୀହାର ରଞ୍ଜନ ବିଶ୍ୱାଳ, ଉପସଭାପତି ଜଗନ୍ନାଥ ଦାସ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବାରିକ, ସମ୍ପାଦକ ଗୁରୁ ଚରଣ ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର ସାହୁ, କପିଳେନ୍ଦ୍ର ଗିରି, ସୁଶାନ୍ତ ଜେନା, ଅଶୋକ ଆଚାର୍ଯ୍ୟ, ବିକାଶ ମହାନ୍ତି, କାଳୀପ୍ରସନ୍ନ ରାଉତ, ରଞ୍ଜିତ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ରାଜେନ୍ଦ୍ର ରଣା ଉପସ୍ଥିତ ଥିଲେ।

# ଉତ୍ସର୍ଗୀକୃତ ଭାବେ ସେବା କରନ୍ତୁ ସ୍ୱେଚ୍ଛାସେବୀ




ଶିବିରରେ ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀ।

କଟକ,୨୫।୨ (କାର୍ତ୍ତିକ ସାହୁ)

**ଶୀତକାଳୀନ ଶିବିର ଉଦ୍‌ଯାପିତ**

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସପ୍ତଦିବସୀୟ ସ୍ୱତନ୍ତ୍ର ଶୀତକାଳୀନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସରିତା ପଟେଲ ଯୋଗଦେଇ ସ୍ୱେଚ୍ଛାସେବୀମାନେ ଉତ୍ସର୍ଗୀକୃତ ଭାବେ ସେବାକାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସ୍ୱେଚ୍ଛାସେବୀ ଜୟଶ୍ରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱେଚ୍ଛାସେବୀମାନେ ୭ ଦିନ ବ୍ୟାପୀ ଶିବିରରୁ ପାଇଥିବା ଅନୁଭୂତିକୁ ବ୍ୟାଖ୍ୟା କରିଥିଲେ। ଶିବିରରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାଧ୍ୟାପିକା ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ।

## କଟକ ନଗର ଯୁବ କଂଗ୍ରେସର ରୋଜଗାର ଦିଅ, ନ୍ୟାୟ ଦିଅ ଅଭିଯାନ

କଟକ, ୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରୋଜଗାର ଦିଆ, ନ୍ୟାୟ ଦିଅ ଅଭିଯାନକୁ କଟକ ନଗର ଯୁବ କଂଗ୍ରେସ ପକ୍ଷରୁ ରବିବାର ଆରମ୍ଭ କରାଯାଇଛି। ୨୦୧୪ରେ କେନ୍ଦ୍ର ସରକାର ପ୍ରତିବର୍ଷ ୨ କୋଟି ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତି ପୂରଣ କରାଯାଇନାହିଁ। ୨୦୧୪ରୁ ୨୦୨୪ ମଧ୍ୟରେ ୨୨ କୋଟି ଯୁବକ ସରକାରୀ ନିଯୁକ୍ତି ପାଇଁ ଆବେଦନ କରିଥିବାବେଳେ ୭ ଲକ୍ଷ ଯୁବକଙ୍କୁ ନିଯୁକ୍ତି ମିଳିଛି। ମିଥ୍ୟା ପ୍ରତିଶ୍ରୁତି ଦେବା ସହ ଗ୍ୟାରେଣ୍ଟି ନାଁରେ ଭେଳିକି ଦେଖାଇ ଭୋଟ୍ ମାଗୁଥିବାରୁ ପ୍ରଧାନମନ୍ତ୍ରୀଙ୍କ ମୁଖା ଖୋଲିଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କଟକ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ପ୍ରିୟଜିତ୍ ରାୟ, ଜିଲା ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ରାଜ୍ୟ ସମ୍ପାଦକ ସତ୍ୟଜିତ୍ ସେଠୀ ଏବଂ ଅମିତ ବିଷୋୟୀଙ୍କ ସମେତ ଯୁବ କଂଗ୍ରେସର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଏନ୍ଏସି, ମ୍ୟୁନିସିପାଲିଟି ଘୋଷଣାରେ ତିଗିରିଆ, ଆଠଗଡ଼କୁ ଉପେକ୍ଷା



ତିଗିରିଆ,୨୫।୨(ଜାଫର ଖାଁ)

ରାଜ୍ୟ ସରକାର ନୂତନ ଭାବେ ୩୪ ଏନ୍ଏସି ଓ ୫ ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିଥିବାବେଳେ ତିଗିରିଆ ଓ ଆଠଗଡ଼କୁ ଉପେକ୍ଷା କରାଯାଇଥିବା ନେଇ ତିଗିରିଆ ବ୍ଲକ କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି। ଏନେଇ ନିଜିଗଡ଼ସ୍ଥିତ ସଞ୍ଜୟ ରିକ୍ରିଏଶନ କ୍ଲବ ପରିସରରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ତିଗିରିଆ ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁବ୍ ଅହମ୍ମଦ ଖାଁ, ସରପଞ୍ଚ ପ୍ରଶାନ୍ତ ରାଉତ, ଗିରିଜା ପ୍ରସାଦ ପଟ୍ଟନାୟକ, ଆଠଗଡ ନିର୍ବଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ସୁଭାଶିଷ ମିଶ୍ର ଓ ମାନସ ଜେନା ପ୍ରମୁଖ ଯୋଗ ଦେଇ କହିଥିଲେ ରାଜ୍ୟ ସରକାର ତିଗିରିଆକୁ ଏନ୍ଏସି ଓ ଆଠଗଡକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିନାହାନ୍ତି। ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି କଂଗ୍ରେସ ତରଫରୁ କୁହାଯାଇଛି।

## ଜଳସେଚନ ବିଭାଗ ଜମିର ବିବରଣୀ ଦାଖଲ କଲେ ତହସିଲଦାର

କଟକ ସଦର, ୨୫।୨(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ କୋଟୁଆଁ ମୌଜା ଜଳସେଚନ ବିଭାଗ ଜମିର ସବିଶେଷ ବିବରଣୀ ସ୍ଥାନୀୟ ତହସିଲଦାର ମଧୁସୂଦନ ନାୟକ ମହାନଦୀ ସାଉଥ୍ ଜଳସେଚନ ଡିଭିଜନ କାର୍ଯ୍ୟାଳୟରେ ଶନିବାର ଦାଖଲ କରିଥିଲେ। ଏଥିରେ ଜଳସେଚନ ବିଭାଗ ଜମି କାହାରିକୁ ଲିଜ୍ ଦିଆଯାଇ ନାହିଁ। କେବଳ ନିୟମ ଅନୁଯାୟୀ ଗତ ବର୍ଷ ଅବରୋଧ ମାମଲା ରୁଜୁ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ଏବେ ୨ ବର୍ଷ ହେବ ଅବରୋଧ ମାମଲା ରୁଜୁ କରାଯାଇନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। କାରଣ ନାଳବନ୍ଧ ପ୍ରଶସ୍ତୀକରଣ ସହ ପିଚୁରାସ୍ତା ହେବାକୁ ଥିବାରୁ ଜଳସେଚନ ବିଭାଗ ଏହି ଜମିକୁ ବ୍ୟବହାର କରିପାରିବ। ସୂଚନାଯୋଗ୍ୟ, ସରକାରୀ ଜମିରୁ ମାଟି ଉଠାଣବେଳେ ବିବାଦ ଯୋଗୁ ସମ୍ପୃକ୍ତ ଠିକାଦାର ମାଟି ଉଠାଇ ପାରୁନାହାନ୍ତି। ତହସିଲଦାରଙ୍କ ରିପୋର୍ଟ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ନବକିଶୋର ମହାପାତ୍ର ସୂଚନା ଦେଇଛନ୍ତି। କନ୍ଦରପୁର-ସୋମପୁର ମଧ୍ୟରେ ତାଳଦଣ୍ଡା କେନାଲ ବନ୍ଧ ରାସ୍ତାକୁ ପିଚୁ କରାଯାଉଛି। ଏହି କାମ ଜୁନ୍ ମଧ୍ୟରେ ଶେଷ ହେବ ବୋଲି ଜଳ ସମ୍ପଦ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଫଳରେ କଟକ-ପାରାଦୀପ ରାସ୍ତାରେ ଟ୍ରାଫିକ ସମସ୍ୟା ହ୍ରାସ ପାଇବା ସହ ଦୁର୍ଘଟଣା କମିବ।

# 'ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାମ କର'

**ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରସ୍ତୁତି ବୈଠକ**

କଟକ,୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)



ବୈଠକରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟମାନେ।

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ହାଇକୋର୍ଟ ଛକ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ କହିଛନ୍ତି, ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ବିଜୁ ଯୁବ ଜନତା ଦଳର କାର୍ଯ୍ୟପନ୍ଥା କ'ଣ ରହିବ, ଦଳ ଯାହାକୁ ଟିକେଟ ଦେବ ତାହାକୁ କର୍ମୀମାନେ ସମର୍ଥନ ଜଣାଇବେ। ଦଳୀୟ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ସହ ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଅଧୀନ ବିଜୁ ଯୁବ ଜନତା ଦଳର ସମସ୍ତ ୱାର୍ଡ ସଭାପତି, ଜିଲା ଓ ନଗର କର୍ମକର୍ତ୍ତା ଯୋଗଦେଇଥିଲେ। ବିଜୁ ଯୁବ ଛାତ୍ର ଜନତା ଦଳର ମହାନଗର ସଭାପତି ସୌମ୍ୟଦୀପ ଘୋଷ, ସୟଦ୍ ଜଲିଲ୍, ରାଜ୍ୟ ସାଧାରଣ ସମ୍ପାଦକ ଜଗତ୍‌ଜ୍ୟୋତି ପଟ୍ଟନାୟକ, ସମ୍ପାଦକ ଅମରେଶ ରାଜ୍, ବିଜୁ ଛାତ୍ର ଜନତା ଦଳର କଟକ ଜିଲା ସଭାପତି ଆସିଫ ଅମିନ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଦେବାଶିଷ ସ୍ୱାଇଁ, ସୁମନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାମକୃଷ୍ଣ ଦଳେଇ ଧନ୍ୟବାଦ ଦେଇଥିଲେ।




କଟକ ଶ୍ରୀରାମଚନ୍ଦ୍ର ଭବନରେ ମଣିମାଣିକର ବାର୍ଷିକ ଉତ୍ସବରେ ମଣିମାଣିକର ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



କଟକ ରାଜାବଗିଚା ୟୁପି ସ୍କୁଲ ପଡିଆରେ ଅନୁଷ୍ଠିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।

## କଥା ରଖିଲାନି ବିଏମ୍‌ସି

# ୨ମାସ ପରେ ବି ଖାଲି ହେଲାନି ଟିଟିଏସ୍

ଭୁବନେଶ୍ୱର, ୨୫।୨(ବନ୍ଦନା ସେଠୀ)

ସୈନିକ ସ୍କୁଲ ନିକଟରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡ ଟିଟିଏସ୍ (ଟେମ୍ପୋରାରି ଟ୍ରାନ୍‌ଜିଟ୍‌ଷ୍ଟେଶନ) ପାଇଁ ରାଜଧାନୀବାସୀ ହନ୍ତସନ୍ତ ହେଉଛନ୍ତି। ଏନେଇ ବାରମ୍ବାର ବିରୋଧ ଓ ଅଭିଯୋଗ ପରେ ଶେଷରେ ସହରବାସୀଙ୍କ ସହଯୋଗ ଲୋଡିଥିଲେ ମେୟର ସୁଲୋଚନା ଦାସ। ବିଏମସି ଅଞ୍ଚଳରୁ ପ୍ରତିଦିନ ୧ହଜାର ମେଟ୍ରିକ ଟନ୍ ଅଳିଆ ବାହାରୁଥିବାରୁ ଏହାକୁ ପ୍ରକ୍ରିୟାକରଣ କରିବା ପାଇଁ ସମୟ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଦାରୁଠେଙ୍ଗରେ ଏନଜିଟିର ନିଷ୍ପତ୍ତି ପରେ ଅଳିଆପକା ବନ୍ଦ ହେବାପରେ ଟିଟିଏସରେ ମାତ୍ରାଧିକ ଅଳିଆ ଗଦା ହୋଇଯାଇଛି। ଏହାକୁ ହଟାଇବା ପାଇଁ ୩ଟି ସିଫ୍ଟରେ ଟେରେକ୍ସ ଏବଂ ଟ୍ରର୍ମେଲ ମେଶିନ ଚଳାଇ କାମ କରାଯାଉଥିବାବେଳେ ୨ମାସରେ କାମ ଶେଷ ହେବାପରେ ସେଠାରେ ଆଉ ଅଳିଆ ପକାଯିବ ନାହିଁ ବୋଲି ମେୟର ଡିସେମ୍ବରରେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଖୁବ୍‌ଶୀଘ୍ର ଟିଟିଏସ୍ ଥିବା ଖାଲୁଆ ସ୍ଥାନକୁ ଭର୍ତ୍ତି କରାଯିବ ଏବଂ କୃଷିକ୍ଷେତ୍ର କିମ୍ବା ପାର୍କ ପ୍ରସ୍ତୁତ ହେବ ବୋଲି କହିଥିଲେ। ତେବେ ୨ମାସ ଅତିକ୍ରମ କରିସାରିଥିଲେ ବି ବିଏମସି କର୍ତ୍ତୃପକ୍ଷ ଏଯାଏ ତାହା ପୂରଣ କରିପାରିନାହାନ୍ତି। ଆବର୍ଜନା ପ୍ରକ୍ରିୟାକରଣ ନାମରେ ଏବେ ଟିଟିଏସ୍‌ର କଳେବର ବୃଦ୍ଧି ପାଇ ଗାଡ଼କଣ ଛୁଇଁଲାଣି। ମାତ୍ର ଆବର୍ଜନା ପାହାଡ଼ର ଉଚ୍ଚତା କିଛି କମାଇ ପାରିଥିବାରୁ ବିଏମସି ନିଜକୁ ସାବାସି ଦେବାକୁ ପଛଘୁଞ୍ଚା ଦେଉନାହିଁ। ଏବେ ବି ସମ୍ପୃକ୍ତ ଅଞ୍ଚଳ ତଥା ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧର ବାତାବରଣ ରହିଥିବାବେଳେ ଆବର୍ଜନାର ପରିମାଣ କମିନାହିଁ। ପ୍ରତିଦିନ ଟିଟିଏସ୍‌ରେ ଆବର୍ଜନା ପକାଇବା ପାଇଁ ଗେଟ୍ ପାଖରେ ସଫେଇ ଗାଡ଼ିର ଲମ୍ବା ଧାଡ଼ି ଲାଗି ରହୁଛି। ଟ୍ରର୍ମେଲ ଓ ଟେରେକ୍ସ ମେଶିନ୍ ଯୋଗେ ଦୈନିକ ୨ହଜାରରୁ ୨୪ଶହ ଟନ୍ ଆବର୍ଜନା ପ୍ରକ୍ରିୟାକରଣ ହେଉଥିବାବେଳେ ଦୈନିକ ୫ଶହ ଟନ୍‌ରୁ ଊର୍ଦ୍ଧ୍ୱ ଆବର୍ଜନା ଗଦା କରାଯାଉଛି। ତେଣୁ ଟିଟିଏସ୍ କେବେ ଖାଲି ହେବ, ବିଏମ୍‌ସି କର୍ତ୍ତୃପକ୍ଷ ଦେଖାଇଥିବା ସ୍ୱପ୍ନ କେବେ ବାସ୍ତବରେ ପରିଣତ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଗୁଡ୍ ଆର୍ଥ ନେବାକୁ ରାଜି ହେଲେନି

ଟିଟିଏସ୍ ଆବର୍ଜନାକୁ ପ୍ରକ୍ରିୟାକରଣ କରିବା ପରେ ସେଥିରୁ ବାହାରୁଥିବା ଗୁଡ୍ ଆର୍ଥକୁ ନେବାପାଇଁ କେହି ରାଜି ହେଲେନାହିଁ। ଫଳରେ ଏବେ ସେଗୁଡିକୁ ସହରର ବିଭିନ୍ନ ଖାଲଖମା ପୋତିବାରେ ବ୍ୟବହାର କରାଯାଉଛି। ଗୁଡ୍ ଆର୍ଥକୁ ଭବିଷ୍ୟତରେ ଖତ ଭାବେ ବ୍ୟବହାର କରାଯାଇପାରିବ କି ନାହିଁ ତାହା ଜାଣିବା ପାଇଁ ମାଟିର କ୍ୟାଲୋରୀ ଭ୍ୟାଲି ଟେଷ୍ଟ କରିବା ପାଇଁ ଓୟୁଏଟିକୁ ସାମ୍ପଲ ପଠାଯାଇଥିଲା। ସାମ୍ପଲ ଆସିବା ପରେ ତାହାକୁ ଖତ କରାଯାଇପାରିବ ବୋଲି ମଧ୍ୟ ଜଣାପଡିଲା। ଫଳରେ ବିଏମସି ପକ୍ଷରୁ ଏହାକୁ ନେବାପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର ଗୁଡ୍‌ଆର୍ଥକୁ ନେବା ପାଇଁ କେହି ଆଗ୍ରହ ଦେଖାଇ ନ ଥିବାରୁ ଶେଷରେ ଖାଲ ପୋତିବାରେ ବ୍ୟବହାର ହେଉଛି।




### ଆର୍‌ଡିଏଫ୍ ପାଇଁ ଡାଲ୍‌ମିଆ ସିମେଣ୍ଟକୁ ୬.୫କୋଟି ଦେବ ବିଏମ୍‌ସି

ଟିଏସ୍‌ରୁ ବାହାରୁଥିବା ଆର୍‌ଡିଏଫ୍ (ରିଫ୍ୟୁଜଡ୍ ଡିରାଇଭ୍‌ଡ୍ ଫୁଏଲ୍)ଗୁଡିକୁ ଡାଲ୍‌ମିଆ ସିମେଣ୍ଟ ଫ୍ରାକ୍ଟିକୁ ପଠାଯାଉଛି। ଏନ୍‌ଜିଟି ଏବଂ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ଗାଇଡ୍‌ଲାଇନ୍ ଅନୁଯାୟୀ, ରିସାଇକେଲ୍ ହୋଇ ପାରୁ ନ ଥିବା ବର୍ଜ୍ୟକୁ ସିମେଣ୍ଟ ଫ୍ୟାକ୍ଟ୍ରିକୁ ପଠାଯିବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଏସ୍‌ଓପି ମଧ୍ୟ ଜାରି ହୋଇଛି। ଟିଟିଏସ୍‌ରେ ଦୈନିକ ୩୫୦ରୁ ୪ଶହ ଟନ୍ ଆର୍‌ଡିଏଫ୍ ବାହାରୁଛି। ବିଏମ୍‌ସି ଏବଂ ଡାଲ୍‌ମିଆ ସିମେଣ୍ଟ ମଧ୍ୟରେ ହୋଇଥିବା ଏମ୍‌ଓୟୁ ଅନୁଯାୟୀ, ପ୍ରତି ଟନ୍ ଆର୍‌ଡିଏଫ୍‌ର ଟ୍ରାନ୍ସପୋର୍ଟେଶନ୍ ଖର୍ଚ୍ଚ ବାବଦରେ ୯୨୮.୫୭ଟଙ୍କା ଧାର୍ଯ୍ୟ ହୋଇଛି। ଏହି କ୍ରମରେ ୭୦ହଜାର ଟନ୍ ଆର୍‌ଡିଏଫ୍ ପାଇଁ ବିଏମ୍‌ସି ଡାଲ୍‌ମିଆ ସିମେଣ୍ଟକୁ ୬.୫କୋଟି ଟଙ୍କା ଦେୟ ପ୍ରଦାନ କରିବ। ଏଥିସହ ଟ୍ରାନ୍ସପୋର୍ଟ ହେଉଥିବା ଆର୍‌ଡିଏଫ୍‌ରେ ବହୁ ପରିମାଣର ଗୁଡ୍‌ଆର୍ଥ ରହୁଥିବାରୁ ଏହାକୁ କିନ୍ (kiln) ମାଧ୍ୟମରେ ପ୍ରୋସେସିଂ କରିବା ପୂର୍ବରୁ ଏହାକୁ ରିଫାଇନ୍ କରିବା ପାଇଁ ମ୍ୟାନ୍‌ପାୱାର ଓ ମେଶିନ୍‌ର ଆବଶ୍ୟକତା ରହୁଛି। ତେଣୁ ଏହି ଖର୍ଚ୍ଚ ବାବଦରେ ମାସିକ ଆଉ ୩ଲକ୍ଷ ଟଙ୍କା ଦେୟ ଦେବାକୁ ବିଏମସି ଯୋଜନା କରିଛି। ଏନେଇ ଚଳିତ କର୍ପୋରେଶନ୍‌ରେ ପ୍ରସ୍ତାବ ଆଗତ ହୋଇଥିଲା। ଗାଇଡ୍‌ଲାଇନ୍ ଅନୁଯାୟୀ, ପ୍ରଦୂଷଣ ଆଶଙ୍କା ଥିବାରୁ ଆବର୍ଜନାରୁ ବାହାରୁଥିବା ଆର୍‌ଡିଏଫ୍‌କୁ ଜାଳି ହେବନାହିଁ କିମ୍ବା ପୋତି ହେବନାହିଁ। ସେଗୁଡିକ କେବଳ ସିମେଣ୍ଟ ପ୍ଲାଣ୍ଟରେ ବ୍ୟବହାର ହୋଇପାରିବ। ସିମେଣ୍ଟ ପ୍ଲାଣ୍ଟରେ ଆର୍‌ଡିଏଫ୍‌କୁ ପଲ୍ୟୁସନ୍ କଣ୍ଟ୍ରୋଲ ମେଜର୍‌ରେ ଜାଳିପାରିବେ। ଏବଂ ସିମେଣ୍ଟର କ୍ୱାଲିଟି ପାଇଁ ସେହି ଜଳାଂଶରୁ କିଛି ବ୍ୟବହାର କରାଯାଇପାରିବ।

#### ଆସନ୍ତା ୬ ମାସରେ ସବୁ ସମସ୍ୟାର ସମାଧାନ ହୋଇଯିବ

“ଟିଟିଏସ୍‌ରେ ପ୍ରକ୍ରିୟାକରଣ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୂର୍ବ ଅପେକ୍ଷା ଟିଟିଏସ୍‌ରେ ଆବର୍ଜନା ଆଶାତୀତ କମିଛି। ଦିନକୁ ୬୦୦ରୁ ୬୫୦ ଟନ ଆବର୍ଜନା ଏଠାକୁ ଆସୁଛି। ଘଣ୍ଟା ପ୍ରତି ୪୦ ଟନ କ୍ଷମତା ବିଶିଷ୍ଟ ଦୁଇଟି ଟ୍ରମେଲ ସ୍ଥାପନା କରାଯାଇଛି। ଏଥିରୁ ସଂଗୃହୀତ ବର୍ଜ୍ୟବସ୍ତୁକୁ ୱିଣ୍ଡ୍ରୋସ୍ ପଦ୍ଧତିରେ ପ୍ରକ୍ରିୟାକରଣ କରାଯାଉଛି। ଏଥିସହ ପ୍ରକ୍ରିୟାକରଣରେ ୩ଟି ଟେରେକ୍ସ ମେଶିନ୍ ମଧ୍ୟ ଲାଗିଛି। ଏଠାରୁ ବାହାରୁଥିବା ଆର୍‌ଡିଏଫ୍‌ରୁ ଦୈନିକ ୨୦/୨୫ ଟ୍ରିପ୍ ରାଜଗାଙ୍ଗପୁର ଡାଲ୍‌ମିଆ ସିମେଣ୍ଟକୁ ପଠାଯାଉଛି। ଆସନ୍ତା ୬ମାସ ମଧ୍ୟରେ ସମସ୍ତ ଆରଡ୍‌ଏଫ୍ ସ୍ଥାନାନ୍ତର ହେବ ଏବଂ ସମସ୍ୟାର ସମାଧାନ ହୋଇଯିବ।

-ଶୁଭେନ୍ଦୁ ସାହୁ, ଅତିରିକ୍ତ କମିଶନର, ବିଏମସି

#### ନିଜଆଡୁ ମାମଲା ରୁଜୁ କଲା ଏନ୍‌ଜିଟି

ଟିଟିଏସ ପାଇଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀଙ୍କ ମାନବ ଅଧିକାର କ୍ଷୁଣ୍ଣ ହେଉଛି। ଏଥିସହ ଦୁର୍ଗନ୍ଧ ପାଇଁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ କରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଅଭିଯୋଗ ଦାଖଲ କରିଛନ୍ତି। ପରେ ଏନ୍‌ଜିଟି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। ଏହି କ୍ରମରେ ଶନିବାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଅଚାନକ ଟିଟିଏସ୍ ଗସ୍ତ କରିଥିଲା। ୨୯ତାରିଖ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବ ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଏହି ଟିମ୍‌ରେ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ବରିଷ୍ଠ ବୈଜ୍ଞାନିକ, ବିଏମ୍‌ସିର ପରିବେଶ ଅଧିକାରୀ ସାମିଲ ଥିଲେ।

# ଶୀତୁଆ ରାତିରେ ଦମ୍‌ଦାର ଡାଏଲଗ୍‌ର ରୋମାଞ୍ଚ



ତୁଳସୀ ଗଣନାଟ୍ୟର ନାଟକ ‘ଅଧରାତିର ସାଥୀ’ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୫।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଶୀତୁଆ ରାତିରେ ଅପେରାର ମଜା। ଦେହରେ ଶୀତର ଶିହରଣକୁ ମନରେ ରୋମାଞ୍ଚ ଭରୁଛି ଦମ୍‌ଦାର ଡାଏଲଗ୍। କେତେବେଳେ ଦର୍ଶକ ଭାବବିହ୍ୱଳ ହେଉଛନ୍ତି ତ ଆଉ କେତେବେଳେ ନାଟକ ଦେଖି ବେଶ୍ ପ୍ରଭାବିତ ହୋଇପଡୁଛନ୍ତି। ଖଣ୍ଡଗିରି ଅପେରାର ମହାସମରକୁ ନେଇ ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚା। ନାଟକ ଦେଖିବାକୁ କେବଳ ଭୁବନେଶ୍ୱର ନୁହଁ ଦୂରଦୂରାନ୍ତରୁ ମଧ୍ୟ ଦର୍ଶକ ଆସି ନାଟକ ଦେଖୁଛନ୍ତି।

### ରବିବାରିଆ ଭିଡ଼, ସବୁ ମଞ୍ଚ ହାଉସ୍‌ଫୁଲ୍

ଅନେକ ମଧ୍ୟ ଟିକେଟ ନପାଇ ନିରାଶ ହୋଇ ଫେରୁଥିବାର ଦେଖିବାକୁ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟର ନାଟକ ଶନିବାରଠୁ ଆରମ୍ଭ ହୋଇଛି। ନୂଆ ନାଟକଗୁଡ଼ିକ ମଧ୍ୟ ରିପିଟ୍ ଚାଲିଛି। ରବିବାର ଛୁଟିଦିନ ଥିବାରୁ ଲୋକଙ୍କ ଭିଡ଼ ଖଣ୍ଡଗିରିଠାରେ ପ୍ରବଳ ରହିଛି। ସେହିପରି ସବୁ ପେଣ୍ଡାଲରେ ମଧ୍ୟ ହାଉସ୍‌ଫୁଲ ରହିଥିଲା। ସୂର୍ଯ୍ୟ ମନ୍ଦିର ପକ୍ଷରୁ ସନାତନ ସେବା ସମିତିରେ ତୁ ରାଜା ଝିଅ ମୁଁ ରିକ୍ସା ବାଲା, ଶିବାନୀ ଗଣନାଟ୍ୟ ପକ୍ଷରୁ ଇନ୍ଦିରା ସାଂସ୍କୃତିକ ପରିଷଦରେ ଗାନ୍ଧୀ ଭୂମିକାରେ କହ୍ନେଇ ଦାସ, ସ୍ୱର୍ଣ୍ଣ ମହଲ ପକ୍ଷରୁ ମା ମଙ୍ଗଳା ଯୁବ ପରିଷଦଠାରେ କେତେ ଦୁଖ ଦେବୁ ଦେରେ କାଳିଆ, ସ୍ୱପ୍ନ ମହଲ ପକ୍ଷରୁ ଜୟଦୁର୍ଗା ସାଂସ୍କୃତିକ ପରିଷଦଠାରେ କେତେ କାନ୍ଦିବୁରେ ଗୌରା ଦାସ ଓ ରଙ୍ଗ ମହଲ ପକ୍ଷରୁ ସାଇନୀଳାଦ୍ରି ଯାତ୍ରା କମିଟିର ଜହ୍ନରେ ତୋଳିବି ଘର ପରିବେଷିତ ହୋଇଥିଲା।





ମେଲୋଡି କାର୍ଯ୍ୟକ୍ରମରେ କଳାକାରମାନେ ଡ୍ୟାନ୍ସ କରୁଛନ୍ତି।

# ଆଜି ବିଏମ୍‌ସି ଘେରିବେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୨୫।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ୍ (ସିଆଇଟିୟୁ)ର ରାଜ୍ୟସ୍ତରୀୟ ବୈଠକ ରବିବାର ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ଭୁବନେଶ୍ୱର ମହାନଗର ନିଗମ ଶ୍ରମିକ ସଂଘ ସଭାପତି ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଡିଏଲ୍‌ଆର୍/କାଜୁଆଲ ଶ୍ରମିକ ଭାବେ ୧୦ରୁ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଇପିଏଫ ଟଙ୍କା ତୁରନ୍ତ ଡିପୋଜିଟ କରିବା, ସମସ୍ତଙ୍କ ପାଇଁ ଇଏସ୍‌ଆଇ ସ୍କିମ ଲାଗୁ କରିବା, ସର୍ବୈତନିକ ଜାତୀୟ ଛୁଟି ପ୍ରଦାନ, ଅବସରକାଳୀନ ସମସ୍ତ ବେନିଫିଟ୍ ଓ ଗ୍ରାଚ୍ୟୁଇଟି ପ୍ରଦାନ କରିବା, ଆଉଟ୍‌ସୋର୍ସିଂ ଠିକାଦାରୀ ଉଚ୍ଛେଦ କରି ସମସ୍ତ ସଫେଇ କର୍ମଚାରୀ ସରକାରଙ୍କ ଅଧୀନକୁ ଆଣିବା, ଡ୍ରାଇଭରଙ୍କୁ ସ୍କିଲ୍ ୱାର୍କର ଭାବେ ମଜୁରି ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏହି କ୍ରମରେ ସୋମବାର ସଫେଇ କର୍ମଚାରୀମାନେ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିବା ନେଇ ନିଷ୍ପତ୍ତି ହୋଇଛି। ଏଥିରେ ବ୍ରହ୍ମପୁର ମହାନଗର ନିଗମ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ ସୁନ୍ଦର ନାୟକ, ପୁରୀ ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଟୁନା ନାୟକ, ବିଏମ୍‌ସି ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଗୁରୁବାରୀ ନାୟକ ଏବଂ ଅନ୍ୟାନ୍ୟ ସହରାଞ୍ଚଳ ପରିଷଦରୁ ଶ୍ରମିକ ନେତୃତ୍ୱମାନେ ଯୋଗଦେଇ ସମସ୍ୟା ଓ ଆଇନଗତ ଦାବି ବିଷୟରେ କହିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସରକାର ସମସ୍ତ ସଫେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଘୋଷଣା ନ କଲେ ଆଗାମୀ ଦିନରେ ସମଗ୍ର ରାଜ୍ୟରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି। ସଭାରେ ସିଟୁର ରାଜ୍ୟ ନେତା ସତ୍ୟାନନ୍ଦ ବେହେରା, ପ୍ରଦୀପ୍ତ ନାୟକ, ସୁରେଶ ରାଉତରାୟ, ଡ. ଉପେନ୍ଦ୍ର ଶର୍ମା, ବଳରାମ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଯୁବ ଫାର୍ମାସୀ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୨(ଅସମାପିକା ସାହୁ)

କଟକସ୍ଥିତ ଦଧିଚି ଫାର୍ମାସୀ କଲେଜ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ଚାଲିଥିବା ଦ୍ୱିତୀୟ ଯୁବ ଫାର୍ମାସୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଫାର୍ମାସୀ କାଉନ୍‌ସେଲିଂ ଅଫ୍ ଇଣ୍ଡିଆର ସଭାପତି ମଣ୍ଟୁ କୁମାର ଏମ୍ ପଟେଲ୍ ଯୋଗଦେଇ ଫାର୍ମାସୀ ବୃତ୍ତିକୁ ଆଗେଇ ନେବା ପାଇଁ ଯୁବ ଫାର୍ମାସିଷ୍ଟଙ୍କ ପ୍ରମୁଖ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ନିକଟ ଭବିଷ୍ୟତରେ ଆସିବାକୁ ଯାଉଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ନିରାକରଣ ସମ୍ବନ୍ଧରେ ସେ ଯୁବପୀଢ଼ିକୁ ମାର୍ଗ ଦର୍ଶାଇଥିଲେ। ଦଧିଚି ସମୂହ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ଏବଂ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଏସ୍‌ଜିଟି ୟୁନିଭର୍ସିଟିର ପ୍ରୋ ଭାଇସ୍‌ଚାନ୍ସେଲର ଡ. ଏ.କେ. ନାସା, ସମ୍ମାନିତ ଅତିଥି ଭାବେ ଆଡିଶନାଲ ଡିଏମ୍‌ଇଟି ଡା. ବ୍ରଜ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ପାଖରେ ନିବେଦନ ଏବଂ ଉପଯୁକ୍ତ ତଥ୍ୟ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କର ସୂଚନା ଦେଇଥିଲେ। ସହ ସଙ୍ଗଠକ ତଥା ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଫେସର ଶୋଭବିକାଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନିତା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




ଯୁବ ଫାର୍ମାସୀ ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

# ଅଳିଆ ପୃଥକ୍ ନିର୍ଦ୍ଦେଶକୁ ନେଇ ତେଜିଲା ଅସନ୍ତୋଷ

ଭୁବନେଶ୍ୱର, ୨୫।୨ (ବନ୍ଦନା ସେଠୀ)

ଓଦା ଶୁଖିଲା ଅଳିଆ ପୃଥକ କରି ଦେବାକୁ ସଫେଇ କର୍ମଚାରୀଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସକାଳେ ଭୁବନେଶ୍ୱରର ୫୦ରୁ ଊର୍ଦ୍ଧ୍ୱ ୱାର୍ଡର ସଫେଇ କର୍ମୀ ବିଏମ୍‌ସି ଅଧିକାରୀଙ୍କୁ ଚରମବାଣୀ ଶୁଣାଇଛନ୍ତି। ଗତ ୧୫ ବର୍ଷ ହେବ ଯେପରି ଝାଡୁ ମାରୁଛୁ, ସେମିତି ଝାଡୁ ମାରିବୁ, ଅଳିଆ ଅଲଗା ଅଲଗା କରି ଦେଇପାରିବୁ ନାହିଁ କି ବାଛିପାରିବୁ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଏହାସହ ପୃଥକ ଅଳିଆ ଦେବା ଲାଗି ନିକଟରେ ଏଜେନ୍ସି ପକ୍ଷରୁ ମିଳିଥିବା ଜରି ବ୍ୟାଗକୁ ଜାଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଦା ଶୁଖିଲା ଅଳିଆ ବାଛିବା ପାଇଁ ବାଧ୍ୟ କରିବାରୁ ୱାର୍ଡ ନଂ. ୩୧ ଏବଂ ୩୨ରେ କାମ ବନ୍ଦ ରହିବା ସହ ଜରି ବ୍ୟାଗ୍‌କୁ ଜଳାଯାଇଥିଲା। ସୋମବାର ଯଦି ସେହିଭଳି ବାଧ୍ୟ କରାଯାଏ, ତେବେ ସମ୍ପୃକ୍ତ ୱାର୍ଡରେ ସଫେଇ ବନ୍ଦ ରହିବ ବୋଲି ବିଏମ୍‌ସି ସଫେଇ କର୍ମଚାରୀ ମଜଦୁର ସଂଘ ସମ୍ପାଦକ ସହଦେବ ସାହୁ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ଏବେ ସବୁଜ ବର୍ଜ୍ୟକୁ ମିଶାଇ ଦୈନିକ ପ୍ରାୟ ହଜାରେ ମେଟ୍ରିକ ଟନର ବର୍ଜ୍ୟ ବାହାରୁଛି। ଏହାର ପରିଚାଳନା ଲାଗି ବିଏମସି ନିକଟରେ କିଛି ସ୍ଥାୟୀ ସାଧନ ନାହିଁ କି ପର୍ଯ୍ୟାପ୍ତ ଭିତ୍ତିଭୂମି ମଧ୍ୟ ନାହିଁ। ଅପରପକ୍ଷେ ବର୍ଜ୍ୟ ପ୍ରକ୍ରିୟାକରଣର ମୁଖ୍ୟ ସମସ୍ୟା ପାଲଟିଛି ମିଶ୍ରିତ ବର୍ଜ୍ୟ। ବିଏମ୍‌ସି ପୃଥକ ବର୍ଜ୍ୟ ସଂଗ୍ରହ କରିବା ପ୍ରୟାସ ଚଳାଇଥିଲେ ମଧ୍ୟ ଏଯାଏ ତାହା ଶତପ୍ରତିଶତ ହୋଇପାରି ନାହିଁ। ତେଣୁ ରାସ୍ତାରେ ଝାଡୁ ମାରୁଥିବା ସଫେଇ କର୍ମୀଙ୍କୁ ସଫେଇ କରିବା ସହ ବର୍ଜ୍ୟ ଅଲଗା କରି ଦେବା ଓ ୨ଟି ଅଲଗା ବସ୍ତା ରଖିବାକୁ ଏକ ସ୍ୱତନ୍ତ୍ର ବୈଠକରେ ଅଧିକାରୀ ସୂଚନା ଦେଇଥିଲେ। ମାତ୍ର ସଫେଇକର୍ମୀମାନେ ଏହି କାମ କରିବେ ନାହିଁ ବୋଲି ଜିଦ୍ ଧରି ବସିଛନ୍ତି।

ଏନେଇ ସହଦେବ କହିଛନ୍ତି, ସଫେଇକର୍ମୀଙ୍କ କାମ ଝାଡୁ ମାରିବା। ସେମାନେ ତାହା କରୁଛନ୍ତି। ଅଳିଆ ବାଛିବାଲାଗି ବିଏମସି ଅଧିକାରୀ ଅଧିକ ପିଲା ରଖନ୍ତୁ। ସଫେଇ କର୍ମଚାରୀ ଝାଡୁ ମାରିସାରିବା ପରେ ସେମାନେ ତାକୁ ପୃଥକ କରିବେ। ୱାର୍ଡ ପିଛା ୫ରୁ ୭ଜଣ ପିଲା ସ୍ୱତନ୍ତ୍ର ଭାବେ ଏନେଇ ନିଯୁକ୍ତ ହେଲେ ଅଳିଆ ପୃଥକୀକରଣ ସମସ୍ୟା ରହିବନାହିଁ। ଏନେଇ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କ ସହ ତାଙ୍କ ଆଲୋଚନା ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ବିଏମସି ଅତିରିକ୍ତ କମିଶନର କହିଛନ୍ତି, ସଫେଇକର୍ମୀମାନେ ଏପରି କରିବା କଥା ନୁହେଁ। ବର୍ଜ୍ୟ ଉତ୍ପତ୍ତି ସ୍ଥଳରୁ ପୃଥକ ବର୍ଜ୍ୟ ହସ୍ତଗତ ହେଲେ ଏହାର ପ୍ରକ୍ରିୟାକରଣ ମଧ୍ୟ ସୁଗମ ଭାବେ ହୋଇପାରିବ। ଏନେଇ ସଫେଇ କର୍ମୀଙ୍କ ସମସ୍ୟା ଥିଲେ ସେମାନେ ନିୟୋଜିତ ଘରୋଇ ଏଜେନ୍ସି ସହ ଆଲୋଚନା କରନ୍ତୁ। ଆଗକୁ କିଛି ସମସ୍ୟା ହେଲେ ବିଏମସି ଏଜେନ୍ସିକୁ ଏନେଇ ପ୍ରଶ୍ନ କରିବ।

### ଅଖା ଜାଳିଲେ, କାମ ବନ୍ଦ କଲେ ସଫେଇ କର୍ମଚାରୀ



## ସଂକ୍ଷେପରେ

### ଅହମ୍ମଦିୟା ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ଯୁବଜ୍ୟୋତି କ୍ଲବ

ତିଗିରିଆ,୨୫।୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀଠାରେ ଯୁବ ଅହମ୍ମଦିୟା ତରଫରୁ ଆୟୋଜିତ ସପ୍ତମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବଜ୍ୟୋତି କ୍ଲବ ପଙ୍କାଳ ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ୱାକାଣ୍ଡା କ୍ଲବ ଭୁବନେଶ୍ୱର ଓ ଯୁବଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଟିମ୍ ପରସ୍ପରକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଶେଷରେ ଟାଇବ୍ରେକର ଜରିଆରେ ଯୁବଜ୍ୟୋତି କ୍ଲବ ୩-୨ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁବ୍ ଅହମ୍ମଦ ଖାଁ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଏସ. କେ ସକିଲ ମ୍ୟାଚ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ମହମ୍ମଦ ସରାଫତ୍ ଓ ଯୋଗୀ ପାଲିଆ ସହଯୋଗ କରିଥିଲେ। ସୋମବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଯୁଥ କ୍ଲବ କରଡ଼ାପଲ୍ଲୀ ଓ ନୟାଗଡ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ।

### 'ନଈ ପାଣି ଦୁକୁଦୁକୁ' କାବ୍ୟପୁସ୍ତକ ଉନ୍ମୋଚିତ

ବାଙ୍କୀ,୨୫।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଜାମୁଣ୍ଡି ସଅର ସାହି ନିକଟସ୍ଥ ମାମୁଭଣଜା ପାହାଡ଼ ନିକଟରେ କବି ସତ୍ୟବାଦୀ ରାଉତଙ୍କ ପଞ୍ଚମ ପୁସ୍ତକ 'ନଈ ପାଣି ଦୁକୁଦୁକୁ' ପୁସ୍ତକ ଶୈଳୀ ସମ୍ରାଟ ଦେବ୍ରାଜ ଲେଙ୍କାଙ୍କ ଦ୍ୱାରା ରବିବାର ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଲେଙ୍କା କହିଥିଲେ, କବି ରାଉତ ଜଣେ ଚାଷୀ ହୋଇଥିବାରୁ ତାଙ୍କର ଏହି କବିତାରେ ନଦୀକୁ ପ୍ରାଧାନ୍ୟ ଦେଇଛନ୍ତି। ତାଙ୍କର ସମସ୍ତ ପୁସ୍ତକ ନଦୀ ସହ ଜଡ଼ିତ। ଅନ୍ୟତମ ଅତିଥିଭାବେ ବରିଷ୍ଠ ପ୍ରାବନ୍ଧିକ ଅଜୟ ସ୍ୱାଇଁ, ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ, ବରିଷ୍ଠ କବି କେଦାର ମିଶ୍ର ଭାଷଣ ଦେଇ ରାଉତଙ୍କ କବିତାର ପ୍ରଶଂସା କରିଥିଲେ। ସେ ବାଙ୍କୀ ମାଟିରେ ଜନ୍ମ ହୋଇ ସମଗ୍ର ଓଡ଼ିଶାରେ ନିଜର ଲେଖନୀ ଦ୍ୱାରା କିପରି ଆଦୃତ ହୋଇଥିଲେ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ନଈ ପାଣି ଦୁଉକୁଦୁକୁ' ବର୍ଷା ପ୍ରକାଶନ ଦ୍ୱାରା ପ୍ରକାଶିତ ହୋଇଛି। ଏହି ପ୍ରକାଶନର ମୁଖ୍ୟ କବି ବାଦଲ ମହାନ୍ତି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କବି ଶ୍ରୀମନ୍ତ ପଣ୍ଡା, ଆଲୋକ ଷଡ଼ଙ୍ଗୀ ତପନ ମହାପାତ୍ର, କୌଶିକ ନାୟକ, ଜ୍ଞାନେନ୍ଦ୍ର ମୋହନ ମିଶ୍ର, ପବନୀ ଜେନା, ଭଗବାନ ସାମଲ, ବିଦ୍ୟୁତ୍ ଲତା ଭୂୟାଁ, ହରିହର ସ୍ୱାଇଁ, ସୁଧାକର ମହାନ୍ତି, ସମରେନ୍ଦ୍ର ମହାପାତ୍ର ଓ ଗୌତମ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ମଣିଷ ବଞ୍ଚିବା ଶୈଳୀକୁ ବଦଳାଏ ରେକି ପଦ୍ଧତି

ସାଲେପୁର,୨୫।୨(ଅରବିନ୍ଦ ଭୂୟାଁ)

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇନ୍‌ଫିନାଇଟ୍ ଲଭ୍ ଏକାଡେମୀ ପକ୍ଷରୁ ରେକି କର୍ମଶାଳା ଓ ସାମୂହିକ ଔପଚାରିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଡା. ରାଜୀବ ଲୋଚନ ପଣ୍ଡା ଯୋଗଦେଇ ଏହି ପଦ୍ଧତି ମଣିଷ ଜୀବନରେ ବଞ୍ଚିବା ଶୈଳୀକୁ ବଦଳାଇବା ସହ ମାନସିକ, ଶାରୀରିକ,ଆର୍ଥିକ ଓ ଆଧାତ୍ମିକସ୍ତରରେ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। ଏହା ଏକ ପାରମ୍ପରିକ, ସୁରକ୍ଷିତ ଓ ବିକଶିତ ପଦ୍ଧତି। ଏହାର ପ୍ରୟୋଗ ଦୈନନ୍ଦିନ ଜୀବନରେ ଏକାନ୍ତ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଧରଣୀଧର ସାହୁ, ବ୍ରହ୍ମାନନ୍ଦ ନନ୍ଦ, ସତ୍ୟରଞ୍ଜନ ଦାଶ, ଦିଲୀପକୁମାର ସାହୁ, ଚନ୍ଦନକୁମାର ଦାଶ, ବିରଞ୍ଚି ସାମଲ, ଝୁନିଲତା ସାହୁ, ଗାୟତ୍ରୀ ନନ୍ଦ, ଇତିଶ୍ରୀ ଦାଶ, ଜ୍ୟୋତିପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଆପାର୍ଟମେଣ୍ଟରୁ ଚୋରି ରୋକିବାକୁ ବ୍ଲୁପ୍ରିଣ୍ଟ

**ବାସିନ୍ଦାଙ୍କୁ ପରାମର୍ଶ ଦେଲେ ପୋଲିସ କମିଶନର**

- ସମସ୍ତ ପାଟ୍ରୋଲିଂ ଗାଡିରେ ଲାଗିବ ଜିପିଏସ୍
- ଚୋରି ସୂଚନା ସହ ସତର୍କ କରିବ ବାହାଦୁର ସେନ୍ସର

ଭୁବନେଶ୍ୱର,୨୫।୨(ସତ୍ୟଜିତ୍ ରାଉତ):



ବୈଠକରେ ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ।

ରାଜଧାନୀର ଆପାର୍ଟମେଣ୍ଟଗୁଡିକରେ ଚୋରି ରୋକିବାକୁ କମିଶନରେଟ ପୋଲିସ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛି। ଏଥିପାଇଁ କମିଶନରେଟ ପୋଲିସ ମୁଖ୍ୟାଳୟରେ ଚାଲିଥିବା ଦୁଇଦିନିଆ ବୈଠକ ରବିବାର ଶେଷ ହୋଇଛି। ବୈଠକର ଦ୍ୱିତୀୟ ଦିନରେ ୨୮୫ଜଣ ଆପାର୍ଟମେଣ୍ଟ ମାଲିକ, ସୋସାଇଟି ସଭାପତି, ସମ୍ପାଦକଙ୍କ ସହ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଆଲୋଚନା କରିବା ସହ ବିଭିନ୍ନ ଦିଗକୁ ନେଇ ପରାମର୍ଶ ଦେଇଥିଲେ। ଆପାର୍ଟମେଣ୍ଟର ପାଚେରି ଉଚ୍ଚ କରିବା ସହ ଲୁହା ଫେନ୍‌ସିଂ ଲଗାଇବାକୁ କୁହାଯାଇଛି। ଆପାର୍ଟମେଣ୍ଟଗୁଡିକରେ ନିୟୋଜିତ ସିକ୍ୟୁରିଟି ଗାର୍ଡଙ୍କ କାର୍ଯ୍ୟଧାରାରେ ବାସିନ୍ଦାମାନେ ସନ୍ତୁଷ୍ଟ ନାହାନ୍ତି। ସିକ୍ୟୁରିଟି ଗାର୍ଡ ଯୋଗାଉଥିବା ଏଜେନ୍ସିଗୁଡିକ ସ୍ୱୀକୃତିପ୍ରାପ୍ତ କି ନୁହେଁ ସେନେଇ ଆପାର୍ଟମେଣ୍ଟ ମାଲିକମାନେ ଜାଣିପାରୁନାହାନ୍ତି। ତେଣୁ ଲାଇସେନ୍ସପ୍ରାପ୍ତ ସିକ୍ୟୁରିଟି ଏଜେନ୍ସିର ତାଲିକା କମିଶନରେଟ୍ ପୋଲିସର ୱେବ୍‌ସାଇଟ୍‌ରେ ରହିବ। ଆପାର୍ଟମେଣ୍ଟ ମାଲିକମାନେ ଉକ୍ତ ତାଲିକା ଦେଖି ଏଜେନ୍ସି ସହ ଯୋଗାଯୋଗ କରି ଉତ୍ତମ ତାଲିମପ୍ରାପ୍ତ ସିକ୍ୟୁରିଟି ଗାର୍ଡ ନିଯୁକ୍ତ କରିବେ। ଏଥିସହ ଚୋରି ରୋକିବାକୁ ଟେକ୍ନୋଲୋଜିର ବଡ଼ ଭୂମିକା ଥିବାରୁ ଏହାକୁ ଗୁରୁତ୍ୱର ସହ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ଆପାର୍ଟମେଣ୍ଟରେ ସିସିଟିଭି ଲାଗିଥିଲେ ମଧ୍ୟ ଉକ୍ତ କ୍ୟାମେରା ଦ୍ୱାରା ଲୋକମାନଙ୍କୁ ଚିହ୍ନିବାରେ ସମସ୍ୟା ରହୁଛି। ତେଣୁ ଉତ୍ତମମାନର ସିସିଟିଭି ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସିସିଟିଭିରେ ମୋଶନ୍ ସେନ୍ସର ଟେକ୍ନୋଲୋଜି ଲଗାଇବାକୁ ପଡ଼ିବ। ଏହାଦ୍ୱାରା ଆଲାରାମ୍ ବାଜିବ, ଫଳରେ ସୁରକ୍ଷାକର୍ମୀ ତତ୍ପର ହୋଇପାରିବେ। ଏ ସମସ୍ତ ଦିଗକୁ ନେଇ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ଗାଇଡଲାଇନ୍ ମଧ୍ୟ ଦିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ମଧ୍ୟ ପୋଲିସ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ବଜାରକୁ ଆସିଥିବା ନୂଆ ଡିଭାଇସ୍ ବାହାଦୂର ସେନ୍ସର ଲଗାଇବାକୁ ପରାମର୍ଶ ଦିଆଯାଇଛି। ଘରକୁ କୌଣସି ଲୋକ ପ୍ରବେଶ କରିବା ପରେ ଡିଭାଇସ୍ ପକ୍ଷରୁ ୫ଟି ମୋବାଇଲ ନମ୍ବରକୁ କଲ୍ ଯିବ। ଫଳରେ ଘର ମାଲିକ ତୁରନ୍ତ ପଦକ୍ଷେପ ନେଇ ଚୋରି ରୋକିପାରିବେ। ସମସ୍ତ ପାଟ୍ରୋଲିଂ ଗାଡିରେ ଜିପିଏସ୍ ଲଗାଯିବ। ଫଳରେ ପାଟ୍ରୋଲିଂ ଗାଡିଗୁଡିକ ଆପାର୍ଟମେଣ୍ଟ ପର୍ଯ୍ୟନ୍ତ ଯାଉଛନ୍ତି କି ନାହିଁ ଆମେ ଜାଣିପାରିବୁ ବୋଲି ପୋଲିସ କମିଶନର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ଥାନା ଅଧିକାରୀ, ଜୋନ୍ ଏସିପିଙ୍କ ପୋଲିସ କମିଶନର ଆଲୋଚନା କରିଥିଲେ। ମାମଲାର ତଦନ୍ତ, ଅପରାଧ ନିୟନ୍ତ୍ରଣ ଆଦି ଦିଗକୁ ନେଇ ଅଧିକାରୀମାନଙ୍କୁ ସିପି ପରାମର୍ଶ ଦେଇଥିଲେ।

## ସାଲେପୁରରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ



ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପତାକା ଦେଖାଇ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରୁଛନ୍ତି।

ସାଲେପୁର,୨୫।୨(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍‌ରେ ରବିବାର ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ ହୋଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବସ୍‌ର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ଚଳାଚଳ ଆରମ୍ଭ କରିଥିବାବେଳେ ସାଲେପୁର ବ୍ଲକ୍‌ର ୩୫ ପଞ୍ଚାୟତକୁ ଖୁବ୍ ଶୀଘ୍ର ଲକ୍ଷ୍ମୀ ବସ୍ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି। ଏହି ଲକ୍ଷ୍ମୀ ବସ୍ ଶୁଭାରମ୍ଭ ହେବା ଫଳରେ ଗ୍ରାମାଞ୍ଚଳର ମହିଳା ଓ ଛାତ୍ରୀଛାତ୍ରମାନେ ବ୍ଲକ୍ ହେଡ୍ କ୍ୱାର୍ଟର ସମେତ ତହସିଲ ଅନ୍ୟାନ୍ୟ କାର୍ଯ୍ୟାଳୟକୁ କମ୍ ମୂଲ୍ୟରେ ଯାତାୟାତ କରିପାରିବେ। ଏହା ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଲୋକାଭିମୁଖୀ କାର୍ଯ୍ୟ ବୋଲି ବିଧାୟକ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଜିଲାପରିଷଦ ସଭ୍ୟା ନମିତା ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ବ୍ଲକ ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, କଟକ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚିନାରାୟଣ କର, ଏମ୍‌ପିଙ୍କ ପ୍ରତିନିଧି ଗୁଲରେଜ ଅଲ୍ଲୀ, ବ୍ଲକ ଯୁବ ବିଜେଡି ସଭାପତି ସଂଜିତ୍ ଦାଶ, ପ୍ରମୁଖ ଯୋଗଦେଇଥିଲେ।

# 'ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର, ରାଜ୍ୟ ସରକାର'




ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

**କଂଗ୍ରେସର କର୍ମୀ ସମାବେଶ**

ସାଲେପୁର,୨୫।୨(ଅରବିନ୍ଦ ଭୂୟାଁ)

୪୬ନଂ. ଜୋନ୍ କଂଗ୍ରେସ କମିଟି ପକ୍ଷରୁ ବନ୍ଧୁମିଳନ ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ କରିଛି। କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ମଧୁମଣ୍ଡପଠାରେ ପହଞ୍ଚିଥିଲେ। ବ୍ଲକ୍ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ସେଠାରେ ବନ୍ଧୁମିଳନ ଓ କର୍ମୀ ସମାବେଶ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ସଂଖ୍ୟାଲଘୁ ସେଲ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ଅବଦୁଲ କଲାମ୍ ଖାଁ ଯୋଗଦେଇ ବିଜେଡି ଓ ଭାଜପା ଗଠବନ୍ଧନରେ ରାଜ୍ୟ ଓ କେନ୍ଦ୍ରରେ ସରକାର ଚଳାଉଛନ୍ତି। କିନ୍ତୁ ଲୋକମାନଙ୍କର ହିତ ଓ ବିକାଶ ଦିଗରେ ଉଭୟ ଦଳ କୌଣସି କାର୍ଯ୍ୟ କରିନାହାଁନ୍ତି। ବିଭିନ୍ନ ପ୍ରକାର ଯୋଜନା ଦେଖାଇ ଲୋକମାନଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅଲ୍ ଓଡ଼ିଶା ସଂଖ୍ୟାଲଘୁ ସେଲ୍‌ର ସଭାପତି ଜିଆଉଲ୍ ହକ୍, କଟକ ଜିଲା ସାଧାରଣ ସମ୍ପାଦକ ଅଜମଲ୍ ଖାଁ, ୪୪ନଂ. ଜୋନ୍ ସଭାପତି ଅବଦୁଲ ଇସାକ୍ ଖାଁ, ସାଲେପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଆଇନଜୀବୀ ଭାସ୍କର ବେହେରା, ୪୫ ନଂ ଜୋନ୍ ସଭାପତି ଅଜିତ୍ ପଣ୍ଡା, ୪୬ନଂ ଜୋନ୍ ସଭାପତି ବିଜ୍ଞାନ ଭୂୟାଁ, ୪୩ନଂ ଜୋନ୍ ସଭାପତି ସଫିଉଲ୍ ଆଲମ୍, ଯୁବ କଂଗ୍ରେସ ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, ବ୍ଲକ୍ ମହିଳା କଂଗ୍ରେସ ସଭାନେତ୍ରୀ ମିନତି ବିଶ୍ୱାଳ, ବ୍ଲକ୍ ସଂଖ୍ୟାଲଘୁ କମିଟି ସଭାପତି ସେକ୍ ଅନୱାର ଅଲ୍ଲୀ ଯୋଗଦେଇ ବିଜେଡି ଓ ଭାଜପା ଦଳକୁ ତୀବ୍ର ସମାଲୋଚନା କରିଥିଲେ। ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁ ସାଲେପୁର ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରାଦେଇପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ଲୋକନାଥ ବେହେରା, ବାଲିସାହି ପଞ୍ଚାୟତ ସଭାପତି ସୁଶାନ୍ତ କୁମାର ସାହୁ, ପିକୋଳ ପଞ୍ଚାୟତ ସଭାପତିଙ୍କ ସମେତ ୯ଟି ପଞ୍ଚାୟତର ସଭାପତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଉସମାନ ଘନି, ପ୍ରତାପ ବିଶ୍ୱାଳ, ଅମିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ଫାର୍ମାସୀ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୨(ଅସମାପିକା ସାହୁ)

କଟକସ୍ଥିତ ଦଧିଚି ଫାର୍ମାସୀ କଲେଜ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ଚାଲିଥିବା ଦ୍ୱିତୀୟ ଯୁବ ଫାର୍ମାସୀ ମହୋତ୍ସବ ରବିବାର ଉଦ୍‌ଯାପିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଫାର୍ମାସୀ କାଉନ୍‌ସେଲିଂ ଅଫ୍ ଇଣ୍ଡିଆର ସଭାପତି ମଣ୍ଟୁ କୁମାର ଏମ୍ ପଟେଲ୍ ଯୋଗଦେଇ ଫାର୍ମାସୀ ବୃତ୍ତିକୁ ଆଗେଇ ନେବା ପାଇଁ ଯୁବ ଫାର୍ମାସିଷ୍ଟଙ୍କ ପ୍ରମୁଖ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ନିକଟ ଭବିଷ୍ୟତରେ ଆସିବାକୁ ଯାଉଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ନିରାକରଣ ସମ୍ବନ୍ଧରେ ସେ ଯୁବପୀଢ଼ିକୁ ମାର୍ଗ ଦର୍ଶାଇଥିଲେ। ଦଧିଚି ସମୂହ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ଏବଂ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଏସ୍‌ଜିଟି ୟୁନିଭର୍ସିଟିର ପ୍ରୋ ଭାଇସ୍‌ଚାନ୍ସେଲର ଡ. ଏ.କେ. ନାସା, ସମ୍ମାନିତ ଅତିଥି ଭାବେ ଆଡିଶନାଲ ଡିଏମ୍‌ଇଟି ଡା. ବ୍ରଜ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ପାଖରେ ନିବେଦନ ଏବଂ ଉପଯୁକ୍ତ ତଥ୍ୟ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କଲେଜ ଅଧ୍ୟକ୍ଷ ଡ. ରଜତ କୁମାର କର ସୂଚନା ଦେଇଥିଲେ। ସହ ସଙ୍ଗଠକ ତଥା ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଫେସର ଶୋଭବିକାଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନିତା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବାଇକ୍ ଶୋଭାଯାତ୍ରାରେ ପ୍ରସନ୍ନଙ୍କ ଶକ୍ତି ପ୍ରଦର୍ଶନ



ଫୁଲନଖରା, ୨୫।୨
(ସତ୍ୟରଞ୍ଜନ ଦାସମହାପାତ୍ର)

ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏହାକୁ ଦୃଷ୍ଟିରେ ରଖି ଆଶାୟୀ ପ୍ରାର୍ଥୀଙ୍କ ଶକ୍ତି ପ୍ରଦର୍ଶନ ବଢ଼ିବାରେ ଲାଗିଛି। ଦଳର ହାଇକମାଣ୍ଡ ଓ ନେତାଙ୍କ ଦୃଷ୍ଟି ଆର୍ଷଣ ନିମନ୍ତେ ବୈଠକ, କର୍ମୀ ସମ୍ମିଳନୀ ଏବଂ ରୋଡ୍ ଶୋ ମାଧ୍ୟମରେ ଆଶାୟୀ ପ୍ରାର୍ଥୀ ନିଜର ଦକ୍ଷତା ବୃଦ୍ଧି ସହିତ ସମର୍ଥନ ଯୋଗାଡ଼ କରିବାରେ ଲାଗିପଡିଛନ୍ତି। ଏହି ପରିପ୍ରେକ୍ଷୀରେ ନିଆଳି ନିର୍ବାଚନ ମଣ୍ଡଳୀର ବିଜେଡି ଟିକେଟ ପାଇଁ ଆଶାୟୀ ଥିବା ଇଂ. ପ୍ରସନ୍ନ କୁମାର ମଲ୍ଲିକ ତାଙ୍କ ସମର୍ଥକଙ୍କ ସହିତ ପାହାଳ ଥାନା ଅନ୍ତର୍ଗତ ପଞ୍ଚବଟି ବଜାରସ୍ଥିତ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ରବିବାର ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା କଣ୍ଟାପଡ଼ା, ଅଡଶପୁର ଦେଇ ନିଆଳି ବଜାରରେ ପହଞ୍ଚିଥିଲା। ସେଠାରେ ଜନସାଧାରଣଙ୍କ ସହିତ ପଦଯାତ୍ରାରେ ଯାଇ ସ୍ଥାନୀୟ ଅଚିହ୍ନା ପଡିଆ ନିକଟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ତାଙ୍କର ସମର୍ଥକମାନେ ହାତରେ ପ୍ରସନ୍ନଙ୍କ ପୋଷ୍ଟର, ବ୍ୟାନର ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ ନାରା ଦେଇଥିଲେ। ଇଂ. ମଲ୍ଲିକ ଗତ ୩ ବର୍ଷ ଧରି ନିଆଳି, କଣ୍ଟାପଡ଼ା ଓ ବାରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ବୈଠକ, କର୍ମୀ ସମ୍ମିଳନୀ ଲୋକଙ୍କ ନିକଟତର ହେବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏ ସମ୍ପର୍କରେ ମଲ୍ଲିକ କହିଛନ୍ତି, ନିଆଳି ନିର୍ବାଚନମଣ୍ଡଳୀରୁ ଆସନ୍ତା ନିର୍ବାଚନ ଲଢିବା ପାଇଁ ଦଳର ସୁପ୍ରିମୋ ଯଦି ସୁଯୋଗ ଦିଅନ୍ତି, ଏଥିପାଇଁ ପ୍ରସ୍ତୁତ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ଚାଲିଥିବାବେଳେ ୨୦୧୯ ନିର୍ବାଚନରେ ବିଜେଡି– ଭାଜପା ମଧ୍ୟରେ କଡା ଟକ୍କର ହୋଇଥିଲା। ତେବେ ଆସନ୍ତା ନିର୍ବାଚନ ପାଇଁ ବିଜେଡିରୁ ଏକାଧିକ ଆଶାୟୀ ଥିବା ଜଣାପଡ଼ିଛି।

## ବାରବାଟୀକୁ ଅନ୍ତର୍ଜାତୀୟ ଷ୍ଟାଡିୟମ କରାଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ

କଟକ,୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ କଟକ ବାରବାଟୀ ଷ୍ଟାଡିୟମକୁ ନୂତନ ରୂପ ଦେବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ହେଲେ କେତେଜଣ ମୁଷ୍ଟିମେୟ ଲୋକ ଏହାକୁ ବିରୋଧ କରୁଛନ୍ତି। ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ବାଇମୁଣ୍ଡି ସଙ୍ଗଠନ ପକ୍ଷରୁ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ମୁଖ୍ୟ ଉପଦେଷ୍ଟା ମନୋଜ କୁମାର ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି, କଟକ ଏବଂ ବାରବାଟୀକୁ ଭଲ ଦେଖି ପାରୁ ନ ଥିବା କେତେଜଣ ବ୍ୟକ୍ତି ଏଭଳି ଉଦ୍ୟମକୁ ବିରୋଧ କରିଛନ୍ତି। ରାଜନୈତିକ, ବ୍ୟବସାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିଛି କଟକିଆ ଏବେ ସେଭଳି ଲୋକଙ୍କ ସହ ନିଜର ସ୍ୱର ମିଶାଇଛନ୍ତି। ବିଧାୟକ ଇଂ. ମହମ୍ମଦ ମୋକିମ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ନିକଟରେ ଅନୁଷ୍ଠିତ ହୋଇଥିବା ଖବରଦାତା ସମ୍ମିଳନୀରେ ସେ ବକ୍ତବ୍ୟରୁ ତାହା ସ୍ପଷ୍ଟ ବାରି ହେଉଛି। ଅନ୍ତର୍ଜାତୀୟସ୍ତରର ଷ୍ଟାଡିୟମ ନିର୍ମାଣ କରିବାକୁ ହେଲେ ପୁରୁଣା କୋଠା ଭାଙ୍ଗିବା ଆବଶ୍ୟକ ରହିଛି। ବାରବାଟୀକୁ ଏକ ବିଶ୍ୱସ୍ତରୀୟ କ୍ରୀଡାକେନ୍ଦ୍ର ଭାବେ ଗଢି ତୋଳିବାକୁ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ। କିଛିଦିନ ତଳେ ସରକାରଙ୍କୁ ନିକଟରେ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି କରାଯାଇଛି। ସେଗୁଡିକ ହେଲା ବାରବାଟୀ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭଙ୍ଗାଯାଇ ତାହା ସ୍ଥାନରେ ନୂତନ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ କରିବା, ଷ୍ଟାଡିୟମରେ ଥିବା ଐତିହ୍ୟ ଓ ଇତିହାସର ଉପଯୁକ୍ତ ସଂରକ୍ଷଣ କରି ନୂତନ ନିର୍ମାଣରେ ସ୍ଥାନ ଦେବା, ବିଶ୍ୱସ୍ତରୀୟ କ୍ରିକେଟ ଷ୍ଟାଡିୟମର ଦର୍ଶକ କ୍ଷମତା ଅନ୍ୟୂନ ୧ ଲକ୍ଷ କରିବା ଭଳି ବିଭିନ୍ନ ଦାବି ରହିଛି। କଟକକୁ ଭଲପାଉଥିବା ଏହି କ୍ରୀଡା ପ୍ରେମୀ ସଙ୍ଗଠନଗୁଡିକ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବାରବାଟୀକୁ ନୂତନ ରୂପ ଦେବା ଦିଗରେ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଦିଗରେ ଠିକ୍ ନିର୍ଣ୍ଣୟ ନେଇ ବାରବାଟୀ ଷ୍ଟାଡିୟମକୁ ଭାଙ୍ଗି ସେହି ସ୍ଥାନରେ ଏକ ଅତ୍ୟାଧୁନିକ ଅନ୍ତର୍ଜାତୀୟ ଷ୍ଟାଡିୟମ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି। ଏନେଇ ବିଧାୟକ ମୋକିମ କହିଛନ୍ତି, ବିକାଶ କାର୍ଯ୍ୟକୁ ଆମେ ସର୍ବଦା ସ୍ୱାଗତ କରିଛୁ ଓ ଆଗାମୀଦିନରେ ମଧ୍ୟ କରିବୁ। ହେଲେ ବାରବାଟୀ ଷ୍ଟାଡିୟମକୁ ଭାଙ୍ଗି କଟକବାସୀଙ୍କ ଭାବାବେଗ ସହ ଖେଳିଲେ ଆମେ ସର୍ବଦା ବିରୋଧ କରିବୁ।

# ଚୌଦ୍ୱାରକୁ ହରାଇ କିଆଝର ଚାମ୍ପିୟନ

**ଗଙ୍ଗାଧର ମେମୋରିଆଲ କ୍ରିକେଟ:**

ତିଗିରିଆ, ୨୫।୨(ଜାଫର ଖାଁ)



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ତିଗିରିଆ ବ୍ଲକ ସୋମପଡା ପଞ୍ଚାୟତସ୍ଥିତ କ୍ରିକେଟ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ପ୍ରଥମ ଗଙ୍ଗାଧର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବକୁ ୫ ଉଇକେଟରେ ପରାସ୍ତ କରି ଢେଙ୍କାନାଳର କିଆଝର କ୍ରିକେଟ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମ୍ୟାଚରେ ଚୌଦ୍ୱାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଟି ଉଇକେଟ ହରାଇ ୨୭୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପପୁ ଚାନ୍ଦ ସର୍ବାଧିକ ୩୫ ବଲରୁ ୧୦୫ ରନ ସଂଗ୍ରହ କରିଥିଲେ। ଜବାବ୍‌ରେ ଢେଙ୍କାନାଳ ଦଳ ମାତ୍ର ୧୯.୪ ଓଭରରେ ୫ ଉଇକେଟ ବିନିମୟରେ ୨୭୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ସନ୍ଦୀପ ମିଶ୍ର ୫୪ ବଲରୁ ଅପରାଜିତ ୧୪୫ ରନ ସଂଗ୍ରହ କରି ଦଳକୁ ବିଜୟ ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଲକ୍ଷ୍ମୀଧର ସାମନ୍ତରାୟ ଯୋଗଦେଇଥିବା ବେଳେ ସାମାଜିକ କର୍ମୀ ସନାତନ ପଣ୍ଡା,ମକରଧ୍ୱଜ ପଣ୍ଡା,ଦୁର୍ଯ୍ୟୋଧନ ବସ୍ତି, ବିକାଶ ପ୍ରଧାନ , ଜୁନା ଗଣ୍ଡିଆ, ନବକିଶୋର ରାଉତ,ତ୍ରିଲିପ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ସାମନ୍ତରାୟ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହିତ ଅତିଥି ମାନଙ୍କ ପକ୍ଷରୁ ଢେଙ୍କାନାଳ ଦଳର ସନ୍ଦୀପ ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଚୌଦ୍ୱାର ଦଳର ସୁଶାନ୍ତ ସାହାଣୀଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବୋଲର ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଶ୍ରେଷ୍ଠ ଅରଗାନାଇଜର ଭାବେ ମଥୁରି ପ୍ରଧାନ, ଶ୍ରେଷ୍ଠ ଅମ୍ପାୟର ଭାବେ ସଲିପ ସାମନ୍ତରାୟ,ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସଞ୍ଜୟ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ସଲିପ ସାମନ୍ତରାୟ ଓ ଜିତେନ୍ଦ୍ର କୁମାର ରାଉଳ ପରିଚାଳନା କରିଥିଲେ। ଖେଳର ଧାରା ବିବରଣୀ ଦେବାଶିଷ ପ୍ରଦାନ କରିଥିଲେ। ସ୍କୋରର ଭାବେ ଜଳନ୍ଧର ବେହେରା, ମଳୟ ପ୍ରଧାନ, ବିକ୍ରମ ସାମନ୍ତରାୟ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଖେଳ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଭାଜପା ନଗର ଟିମ୍ ଘୋଷଣା

ଖୋର୍ଦ୍ଧା,୨୫।୨(ପ୍ରଭାତ ପାଣିଗ୍ରାହୀ): ଭାରତୀୟ ଜନତା ପାର୍ଟି(ଭାଜପା)ର ନଗର ଟିମ୍ ମଣ୍ଡଳ ସଭାପତି ଦେବବ୍ରତ ଆଚାର୍ଯ୍ୟ ଘୋଷଣା କରିଛନ୍ତି। ଏହି ଟିମରେ ସାଧାରଣ ସମ୍ପାଦକଭାବେ ଶୋଭନ ଘୋଷ ଓ ଆଶୁତୋଷ ଦାଶ ରହିଛନ୍ତି। ଉପସଭାପତିରେ ସନ୍ତୋଷ ଶ୍ରୀଚନ୍ଦନ, ତ୍ରିନାଥ ମହାପାତ୍ର, ଲୀନା ସ୍ୱାଇଁ, କାଳୁ ପଟ୍ଟନାୟକ, ରଜତ ଶର୍ମା, ସୃଷ୍ଟି ମାଝି ପ୍ରମୁଖ ରହିଛନ୍ତି। ସମ୍ପାଦକଭାବେ ଶୁଚିସ୍ମିତା ବଡଜେନା, ବିଜୟ ମହାନ୍ତି, ପ୍ରତାପ ଚନ୍ଦ୍ର ପରିଡା, କୃଷ୍ଣପ୍ରସାଦ ମହାନ୍ତି, ସନତ କୁମାର ମହାପାତ୍ର, ଦୀପକ କୁମାର ବେହେରା ଏବଂ ମୁକେଶ କୁମାର ମହାନ୍ତି କୋଷାଧ୍ୟକ୍ଷ ରହିଛନ୍ତି। କଲେନେଲ ଅରୁଣ କୁମାର ରାଉତରାୟ ମୁଖ୍ୟ ଉପଦେଷ୍ଟା ଅଛନ୍ତି। ଏଥିସହିତ ମାନସ ରଞ୍ଜନ ସାହୁ ଯୁବମୋର୍ଚ୍ଚା, ହରପ୍ରିୟା ସାମଲ ମହିଳା ମୋର୍ଚ୍ଚା, ଗୋବିନ୍ଦ ଦାସ ଏସ୍‌ସି, ସୁଜିତ ସାହୁ ଓବିସି, ଆନନ୍ଦ ନାୟକ ଏସ୍‌ଟି, ସୟଦ ଅଲିଖାନ ମାଇନରଟି ଓ ମୁରଲୀଧର ସାମନ୍ତରାୟ କୃଷକ ମୋର୍ଚ୍ଚା ଦାୟିତ୍ୱରେ ରହିଥିବା ବେଳେ ବିଭିନ୍ନ ସେଲ୍‌ରେ ୧୭ଜଣ ଦାୟିତ୍ୱରେ ରହିଛନ୍ତି।

### 'ଅଭିଭାବକ ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ଦିଅନ୍ତୁ'

କଳାପଥର,୨୫।୨(ଗଙ୍ଗାଧର ସାହୁ): ଖଜୁରିପଦାସ୍ଥିତ କଳାପଥର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ରୌପ୍ୟଜୟନ୍ତୀ ପାଳନ ଉତ୍ସବ କଳାପଥର ଧଳାପଥର ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁରଞ୍ଜନ ପଣ୍ଡା, ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ଚେୟାରମ୍ୟାନ ସତ୍ୟନାରାୟଣ ସାମନ୍ତ, ଡ.ଇନ୍ଦୁଭୂଷଣ କର, ଶୁଭ୍ରାଂଶୁ ମୋହନ ପାଢ଼ୀ, ନୂଆଗାଁ ସରପଞ୍ଚ ମମତା ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଭିଭାବକମାନେ ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ଦିଅନ୍ତୁ। ପିଲାମାନଙ୍କୁ ଭଲ ପାଠ ପଢିବା ସହିତ ଜଣେ ଭଲ ମଣିଷ ହେବ ପାଇଁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍କୁଲର ପ୍ରଧାନ ଆଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ରାଉତ, ମିନତୀ ଦାସ, ଶାନ୍ତିଲତା ପାତ୍ର, ମନୋରମା ମହାପାତ୍ର, ତିଲୋତ୍ତମା ଦାସ, ଅରୁଣ କୁମାର ମହାପାତ୍ର, ସୁଲୋଚନା ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ। ଗୁରୁଜୀ କୃଷ୍ଣ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଦାବି ତେଜିଲା

ବୋଲଗଡ଼,୨୫।୨(ଦେବବ୍ରତ ହୋତା)


ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ସଦର ମହକୁମା ବୋଲଗଡ଼କୁ ଦୀର୍ଘବର୍ଷ ଧରି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ମାନ୍ୟତା ଦାବି ହୋଇଆସୁଛି। ୨୦୧୯ ଜୁଲାଇରେ ବିଧାନସଭା ଅଧିବେଶନରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ରଖି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ୧୭ଟି ନୂତନ ଏନ୍‌ଏସି ଗଠନ ପ୍ରସ୍ତାବ ମଧ୍ୟରେ ବୋଲଗଡ଼ର ନାମ ଘୋଷଣା କରିଥିଲେ। ଏହି ଘୋଷଣାକୁ ନେଇ ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ହେବା ପାଇଁ ସ୍ଥାନୀୟ ଲୋକଙ୍କ ମନରେ ଆଶା ସଂଚାର ହୋଇଥିଲା। କିନ୍ତୁ ଶନିବାର ନୂତନ ଭାବେ ଘୋଷଣା ହୋଇଥିବା ଏନ୍‌ଏସି ତାଲିକାରେ ବୋଲଗଡ଼ର ନାମ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛ। ଶନିବାର ସନ୍ଧ୍ୟାରେ ବୋଲଗଡ଼ ଜଗନ୍ନାଥ ମନ୍ଦିରଠାରେ ସିଭିଲ ସୋସାଇଟି ପକ୍ଷରୁ ଏକ ସଭା କରାଯାଇ ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଉ ବୋଲି ଦାବି ଉପସ୍ଥାପନ ହୋଇଥିଲା। ରବିବାର ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଦାବିରେ ରଘୁନାଥ ଦଳବେହେରା, ଅର୍ଜୁନ ଚାନ୍ଦ, ଗୋପୀନାଥ ଖଡେଙ୍ଗା, ବ୍ରଜବନ୍ଧୁ ଜେନା, ଭକ୍ତ ବଲ୍ଲଭ ପଟ୍ଟନାୟକ, ବିଜୟ କୁମାର ସାହୁ ପ୍ରମୁଖ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଥାଉ କି, ବୋଲଗଡ଼ରେ ବ୍ଲକସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟ ମଧ୍ୟରେ ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରାର, ଥାନା, କୃଷି କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାବିଦ୍ୟାଳୟ, ଦୁଇଟି ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ, ରେଲୱେ ଷ୍ଟେଶନ, ଜାତୀୟ

### ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

ରାଜପଥ, ଅଗ୍ନିଶମ ସେବା କେନ୍ଦ୍ର, ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଶାଖା, ରାଷ୍ଟ୍ରାୟତ ବ୍ୟାଙ୍କ ଶାଖା ଆଦି ରହିଛି। ଏଭଳି ସହରାଞ୍ଚଳ ଭଳି ଗୁରୁତ୍ୱ ବହନ କରୁଥିବା ବୋଲଗଡ଼କୁ ଗ୍ରାମାଞ୍ଚଳରେ ସୀମିତ କରା ନ ଯାଇ ବୋଲଗଡ଼କୁ ସହରାଞ୍ଚଳଭାବେ ଏନ୍‌ଏସିର ମାନ୍ୟତା ଦିଆଯାଇ ଏହାର ସୁଫଳ ସ୍ୱରୂପ ବିକାଶର ପଥକୁ ଉନ୍ମୁକ୍ତ କରିବା ପାଇଁ ୨୦୦୯ ମସିହାରୁ ସରକାରଙ୍କ ନିକଟରେ ବୋଲଗଡ଼ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଅଛି। ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ସଙ୍ଗଠନ ପକ୍ଷରୁ ବୋଲଗଡ଼କୁ ଏନ୍‌ଏସି ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବି କରିଛନ୍ତି।

# ୨ ସ୍ଥାନରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବେଗୁନିଆ,୨୫।୨(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଦୁଇଟି ସ୍ଥାନରେ ବଡଧରଣର ଅଗ୍ନିକାଣ୍ଡ ଘଟିଛି। ଉଭୟ ଘଟଣାରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ପ୍ରଥମିକ ଆକଳନରୁ ଜଣାପଡିଛି। ସୂଚନା ମୁତାବକ, ଡିଙ୍ଗର ଗ୍ରାମରେ ଥିବା ଏକ ଘରୋଇ ଶିକ୍ଷା ଅନୁଷ୍ଠାନ କୋଠରିରେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡିଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ସେହିପରି ଏହି ଥାନା ଅନ୍ତର୍ଗତ ବଡନୂଆପଲ୍ଲି ଗ୍ରାମର ସୁଶାନ୍ତ ମହାପାତ୍ରଙ୍କ ପୂଜା ସାମଗ୍ରୀ ଦୋକାନ ଗୃହରେ ନିଆଁ ଲାଗିଯାଇଥିଲା। ପ୍ରାୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ପୋଡିଯାଇଛି। ତେବେ ସୁଶାନ୍ତଙ୍କ ପଡ଼ୋଶୀ ଜଣେ ଦୋକାନୀ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହରେ ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଦେହରେ ଉକ୍ତ ଦୋକାନୀଙ୍କୁ ଆଣି ପଚରାଉଚରା କରିଥିଲା। ଆପୋସ ବୁଝାମଣା ପରେ କ୍ଷତିପୂରଣ ଭରଣା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଘଟଣାର ସମାଧାନ ହୋଇଥିଲା ବୋଲି ଜଣାପଡ଼ିଛି।


ଖଜୁରିପଦାସ୍ଥିତ କଳାପଥର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟଜୟନ୍ତୀ ଉତ୍ସବ ଅବସରରେ ପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ଜଟଣୀ,୨୫।୨(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ ରେଳ ଷ୍ଟେଶନଠାରେ ଟ୍ରେନରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ପୌରାଞ୍ଚଳ ଲୋକକଲୋନୀ ମାଣିଆଛକ ଅଞ୍ଚଳର ହାଡ଼ିଆ ବାରିକ। ଅପରାହ୍ନରେ ଖୋର୍ଦ୍ଧାରୋଡ ରେଲୱେ ଷ୍ଟେଶନର ପ୍ଲାଟଫର୍ମ ନମ୍ବର ୬ର ଦକ୍ଷିଣ ଦିଗରେ ହାଡ଼ିଆ ଯାଉଥିବା ବେଳେ ଏକ ଟ୍ରେନ ସଂସ୍ପର୍ଶରେ ଆସିବାରୁ ତାଙ୍କ ଦେହରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୋର୍ଦ୍ଧାରୋଡ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଅପମୃତ୍ୟୁ ମାମଲା (ନଂ.୧୪/୨୪) ରୁଜୁ ହୋଇଛି।

## 'ସଙ୍ଗଠନ ସୁଦୃଢ଼ ପାଇଁ କାର୍ଯ୍ୟ କର'

ବୋଲଗଡ଼,୨୫।୨(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳ ଭାରତୀୟ ଜନତା ପାର୍ଟିର ଜୋନସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ଡାବରଧୁଆ ପାଟଣା ଭୈରବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ମଣ୍ଡଳର ପୂର୍ବତନ ସଭାପତି ସମୀର ମହାରଥାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଡାବରଧୁଆ ପଞ୍ଚାୟତର ଭାଜପା ସଭାପତି ବନ୍ଧୁ ଭୋଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ସୁମିତ୍ରା ବାହିନୀପତି, ଉତ୍ତର ବେଗୁନିଆର ପୂର୍ବତନ ମଣ୍ଡଳ ସଭାପତି ଅଜୟ ମାର୍ଥା, ପଞ୍ଚାଗଡ଼ ମଣ୍ଡଳର ପୂର୍ବତନ ସଭାପତି ସୌମ୍ୟରଞ୍ଜନ ବଳିୟାରସିଂ, ପୂର୍ବତନ ଜିଲା ଉପସଭାପତି ରୁଦ୍ର ନାରାୟଣ ବାହିନୀପତି, ପିଚୁକୁଳି ମଣ୍ଡଳର ପୂର୍ବତନ ଯୁବମୋର୍ଚ୍ଚା ସଭାପତିଙ୍କ ସମେତ ୬ଟି ପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ଭାଜପା ପାର୍ଥୀଙ୍କୁ ଜିତାଇବା ପାଇଁ ସମସ୍ତେ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ସଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୯ ସଖୀ ବୁଥ, ୨୫ ମହିଳା ନେତୃତ୍ୱ ବୁଥ୍

ଟାଙ୍ଗୀ,୨୫।୨(ରଘୁନାଥ ସାହୁ)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିକଟରେ କେନ୍ଦ୍ର ନିର୍ବାଚନ କମିଶନର ଓଡ଼ିଶା ଆସି ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରି ଅବାଧ ମୁକ୍ତ ନିର୍ବାଚନ ପାଇଁ ପରାମର୍ଶ ଦେଇ ଫେରିଯାଇଛନ୍ତି। ପ୍ରଶାସନିକ ସ୍ତରରେ ଭୋଟର ତାଲିକା, ଭୋଟଦାନ କେନ୍ଦ୍ର, ଭୋଟିଂ ମେଶିନ ପରିଚାଳନା ପ୍ରଶିକ୍ଷଣ, ଲୋକେଶନ ମ୍ୟାପ, ଅସାମାଜିକ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତି, ପ୍ରତି ପଞ୍ଚାୟତ ପାଇଁ ସେକ୍ଟର ଅଫିସର ନିଯୁକ୍ତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମଧ୍ୟରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଭୋଟଦାନ କେନ୍ଦ୍ରର ନାମ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୀ ପଞ୍ଚାୟତରେ ୯ଟି ସଖୀ ବୁଥ୍ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତରେ ୨୫ଟି ମହିଳା ନେତୃତ୍ୱ ବୁଥ୍ ଘୋଷଣା ହୋଇଛି। ଟାଙ୍ଗୀ ପଞ୍ଚାୟତର ବଳରାମ ଦେବ ବିଦ୍ୟାପୀଠରେ ୪ଟି, ଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟରେ ୨ଟି, ପଣସପୁର ପ୍ରାଥମିକ ବିଦ୍ୟାଳୟରେ ୨ଟି, ରତନପୁରପାଟଣା ପ୍ରାଥମିକ ବିଦ୍ୟାଳୟରେ ୧ଟି ସଖୀ ବୁଥ କରାଯାଇଛି। କୁହୁଡି ପଞ୍ଚାୟତର କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରତନପୁର ପଞ୍ଚାୟତରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁଞ୍ଜୁରୀ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୟମଙ୍ଗଳପୁର, ସୁନ୍ଦରପୁର ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର,

### ଟାଙ୍ଗୀ ବ୍ଲକ

ମଙ୍ଗଳାଯୋଡି ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ, ଅଚ୍ୟୁତପୁର ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରପାରୀ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାନ ରାଉତପଡା ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ ମୂଳିଝର, ନୂଆଗଡ ପଞ୍ଚାୟତର ଉଗ୍ରତାରା ଉଚ୍ଚ ବିଦ୍ୟାଳୟ ହରିପୁର, ଛଣଗିରି ପଞ୍ଚାୟତର ଉଚ୍ଚ ବିଦ୍ୟାଳୟ ଛଣଗିରି, ଓଳସିଂ ପଞ୍ଚାୟତର ଦାଶରଥି ଉଚ୍ଚ ବିଦ୍ୟାଳୟ, ରାମେଶ୍ୱର ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡପୋଖରିଆ ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ ବୋଡଙ୍ଗରାପାଟଣା, ଡିଆ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲେଣ୍ଡୁ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ, ବଡ଼ପାରୀ ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ, ଉଜଳା ଗୋପିନାଥପୁର ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ କାଟିଲା ଗୋଠପାଟଣା, କନ୍ତଲବାଇ ପଞ୍ଚାୟତର ସ୍ୱପ୍ନତାରା ମିଳିତ ଏକାଡେମୀ, ପାରିଓରଡ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଚନ୍ଦ୍ରପୁର ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ, ଟାଙ୍କୋଳ ପଞ୍ଚାୟତର ଉଚ୍ଚ ବିଦ୍ୟାଳୟ, ଭୂଷଣ୍ଡପୁର ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଲିପାଟପୁର ପଞ୍ଚାୟତର ରିଫ୍ୟୁଜି ହାଇସ୍କୁଲରେ ମହିଳା ନେତୃତ୍ୱ ବୁଥ ଘୋଷଣା କରାଯାଇଛି। ଏହି ସବୁ ଭୋଟକେନ୍ଦ୍ରର ସମସ୍ତ ଦାୟିତ୍ୱ ମହିଳା କର୍ମଚାରୀ ନିର୍ବାହ କରିବେ। ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ଏନେଇ ଚିଠି ମାଧ୍ୟମରେ ଏଡିଏମ୍‌ମାନଙ୍କୁ ଅବଗତ କରାଇଥିବା ଜଣାପଡିଛି।

## ଆଶାୟୀ ପ୍ରାର୍ଥୀଙ୍କ ସାଙ୍ଗଠନିକ ବୈଠକ

ନିରାକାରପୁର,୨୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ପୁରାତନ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ଜୟନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜଲା ସାନରାଉତପଡା ପଞ୍ଚାୟତର ମା'ଉଗ୍ରତାରାଙ୍କ ପୀଠରେ ଭାଜପା ନେତା ରାମ ନାରାୟଣ ଦାଶଙ୍କୁ ସମର୍ଥନ ଜଣାଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୫ବର୍ଷ ହେବ ଟାଙ୍ଗୀ ବ୍ଲକର ବିକାଶକୁ ଶାସକ ଦଳ ଅଣଦେଖା କରିଆସୁଛି ବୋଲି ଭାଜପା ନେତା ଦାଶ କହିଥିଲେ। ହକ୍ ପାଇଁ ନିର୍ବାଚନକୁ ଓହ୍ଲାଇବେ ବୋଲି ସଂକଳ୍ପ ନେଇଛନ୍ତି। ଏତଦବ୍ୟତୀତ ଚାଷଜମିକୁ ଜଳସେଚନ, ଯୁବକଙ୍କ ପାଇଁ ରୋଜଗାର ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଏହି ବୈଠକରେ ରାଜ୍ୟ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ବି.କେ ଅଭିମନ୍ୟୁ, ସୁନୀଲ ସାମନ୍ତସିଂହାର, ସତ୍ୟ ବିଶୋଇ, ପ୍ରଦୋଷ ହରିଚନ୍ଦନ, ଶିବ ମାର୍ଥା, ନିଶି ରଞ୍ଜନ ବଲବନ୍ତରାୟ, ସମୀର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲବ-୭୨ ଖୋର୍ଦ୍ଧା ବିଜୟୀ



ଟାଙ୍ଗୀ,୨୫।୨(ରଘୁନାଥ ସାହୁ)

ବଡପାରୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଶାଗୁଆନ ପଡ଼ିଆଠାରେ ରବିବାର ଦିଲୀପ-ସଞ୍ଜୀ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ କ୍ଲବ-୭୨ଖୋର୍ଦ୍ଧା ଏବଂ ୱାଇଏସ୍ କ୍ଲବ ବାଇଗୁଣିଆ ମଧ୍ୟରେ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୪-୩ ଗୋଲରେ କ୍ଲବ-୭୨ ଖୋର୍ଦ୍ଧା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅବିନାଶ ପଟ୍ଟନାୟକ, ନନ୍ଦ କିଶୋର ସ୍ୱାଇଁ, କୃଷ୍ଣ ଚନ୍ଦ୍ର ବେହେରା ଓ ପ୍ରଣୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ସମିତିସଭ୍ୟ ସହଦେବ ବିଶ୍ୱାଳ, ସୁଦର୍ଶନ ପ୍ରଧାନ, ନାଏବ ସରପଞ୍ଚ ମାନସ କୁମାର ସ୍ୱାଇଁ, ଅକ୍ଷୟ କୁମାର ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ଲିପା ବିଶ୍ୱାଳ, ବାଟୁ ଭୁଜବଳ, ଚକରା ବରାଳ ପ୍ରମୁଖ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୨୫।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱରର ସାମାଜିକ ଅନୁଷ୍ଠାନ 'ସହଯୋଗ' ଏବଂ ବିଶ୍ୱ ଯୁବକ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର ନୀଳକଣ୍ଠେଶ୍ୱରଙ୍କ ପୀଠରେ ଏକ ଗୋଷ୍ଠୀ ସଚେତନତା ଅଭିଯାନ ନିରାକାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ 'ସହଯୋଗ'ର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଗତି ପଥରେ ଆଗେଇ ଯିବାକୁ ହେଲେ ବାଳିକାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ସାମଗ୍ରିକ ଅଭିବୃଦ୍ଧି ଏବଂ ବିକାଶରେ ଅଧିକ ବିନିଯୋଗ କରିବାକୁ ପଡିବ ବୋଲି ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଯୋଗଦେଇ ଉକ୍ତ ଦିବସର ମହତ୍ତ୍ୱ ଏବଂ ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସହ ପ୍ରତିକ୍ଷେତ୍ରରେ ମହିଳାମାନଙ୍କର ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ନିରାକାରପୁର ଥାନା ସବ୍‌ଇନ୍ସପେକ୍ଟର ଦିପାଳିଶା ନାୟକ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ଟାଙ୍ଗୀ ବ୍ଲକ ମିଶନ ଶକ୍ତି ସଭାପତି ହରଷ ପ୍ରଧାନ, ଶିକ୍ଷାବିତ୍ ଅନିୟ ଛୋଟରାୟ, ରାମେଶ୍ୱର ପଞ୍ଚାୟତ ସମିତି ସଭ୍ୟ ରମେଶ ବିଶ୍ୱାଳ, ଈସର୍ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ପୂର୍ବତନ ଲେଣ୍ଡୋ ସରପଞ୍ଚ ଲକ୍ଷ୍ମୀଧର ଆଚାର୍ଯ୍ୟ, ସବଇନ୍ସପେକ୍ଟର ଅରବିନ୍ଦ ରାଉଳ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ସାମାଜିକ କର୍ମୀ ରଞ୍ଜିତ ଜଗଦ୍ଦେବ, ପ୍ରଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଯୁବ ସଙ୍ଗଠକ ସୁକାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଗାଦିବ୍ରହ୍ମ କ୍ଲବ କଲ୍ୟାଣପୁର ଚାମ୍ପିୟନ

ଖୋର୍ଦ୍ଧା,୨୫।୨(ପ୍ରଭାତ ପାଣିଗ୍ରାହୀ)

### ମା' ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଗ୍ରାମରେ ଚାଲିଥିବା ୨୪ତମ ମା' ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗାଦିବ୍ରହ୍ମ କ୍ରିକେଟ କ୍ଲବ କଲ୍ୟାଣପୁର ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଗାଦିବ୍ରହ୍ମ କ୍ରିକେଟ କ୍ଲବ କଲ୍ୟାଣପୁର ଓ ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପାନବରଜ ମଧ୍ୟରେ ହୋଇଥିଲା। ଟସ୍ ଜିତି କଲ୍ୟାଣପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୮ଉଇକେଟ ବିନିମୟରେ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ପାନବରଜ ଟିମ୍ ୧୭ଓଭରରେ ୯ଉଇକେଟ ବିନିମୟରେ ୧୯୧ରନ ସଂଗ୍ରହ କରିଥିଲା। ଫଳରେ କଲ୍ୟାଣପୁର ଟିମ୍ ୫୧ରନରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ଅସିତ୍ ଶତପଥୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରକାଶ ସାହୁ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ପ୍ରଶାନ୍ତ ନାଟୁଆ ମ୍ୟାଚର ବିବରଣୀ ପ୍ରଦାନ କରିଥିଲେ। ସାମାଜିକକର୍ମୀ ସନ୍ତୋଷ ଜେନା, ପୂର୍ବତନ ଜିଲା ପରିଷଦସଭ୍ୟା ବିନତୀ ଜେନା, ପାଇକତିଗିରିଆ ସମବାୟ ସମିତି ସଭାପତି ପ୍ରଶାନ୍ତ ସାହୁ, ତୁଷାରକାନ୍ତ ବିଶ୍ୱାଳ, ଆକାଶ କୁମାର ବିଶ୍ୱାଳ, ନିର୍ମଳକାନ୍ତ ବିଶ୍ୱାଳ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ନାଏବ ସରପଞ୍ଚ ଆକାଶ କୁମାର ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସତ୍ୟନାରାୟଣ ସୁନ୍ଦରାୟ, କୃଷ୍ଣଚନ୍ଦ୍ର ସାହୁ, ଓମ୍ ପ୍ରକାଶ ପ୍ରଧାନ, ଆଶିଷ କୁମାର ବିଶ୍ୱାଳ,ସଞ୍ଜୀବ ବିଶ୍ୱାଳ, ଆଶୀର୍ବାଦ ସାହୁ, ରଶ୍ମିରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ସାମନ୍ତରାୟ, ଆଲୋକ ପ୍ରଧାନ, ରାଜେଶ ବାରିକ, ଧର୍ମେନ୍ଦ୍ର ବିଶ୍ୱାଳ, ଅରୁଣ ପ୍ରଧାନ, ବବୁଲ ପ୍ରଧାନ, ଜନାର୍ଦ୍ଦନ ବିଶ୍ୱାଳ, ଆଦିତ୍ୟ ବିଶ୍ୱାଳ, ପାପୁନି ବିଶ୍ୱାଳ, ଚନ୍ଦନ ବିଶ୍ୱାଳ, ଶିବ ପ୍ରସାଦ ସେଠି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ଜିତିଲା ପରିଛଳ



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ,୨୫।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡ଼ି ଗ୍ରାମସ୍ଥିତ ଖେଳପଡିଆରେ ରବିବାର ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଘରୋଇ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଗୋଡ଼ି, ବାଲିପାଟଣା, ଡିଙ୍ଗର ଓ ପରିଛଳ ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପରିଛଳ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିବା ବେଳେ ଗୋଡ଼ି ଟିମ୍ ରନରଅପ ହୋଇଛି। ମାନସ ରଞ୍ଜନ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ.ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ସରପଞ୍ଚ ପ୍ରଣତୀ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ଖାଡଙ୍ଗା ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ଅବିନାଶ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୧ ହଜାର ଟଙ୍କା ଏବଂ ରନରଅପ ଟିମ୍‌କୁ ଟ୍ରଫି ସହିତ ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସଂଯୋଜକ ରଜନୀଗନ୍ଧା ସାମନ୍ତରାୟ ଖେଳ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭ୍ୟ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୨।୨୦୨୪

୩,୩୭,୧୯୪ ଟଙ୍କା

## ସଂକ୍ଷେପରେ

### ନରେନ୍ଦ୍ରପୁରରେ ଅଷ୍ଟପ୍ରହର ନାମଯଜ୍ଞ

**ସାକ୍ଷୀଗୋପାଳ,୨୫।୨(ଭରତ ରାଉତ):**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଚଉଦଗୁଣ୍ଠ ଗ୍ରାମରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇ ଯାଇଛି। ନାମଯଜ୍ଞ ପାଇଁ ଗ୍ରାମର ରାଧାକୃଷ୍ଣ ମଠ ପ୍ରାଙ୍ଗଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ହରି ନାମ ହିଁ ଶ୍ରେଷ୍ଠ ନାମ ବୋଲି ମତ ପ୍ରକାଶ ପାଇଥିଲା। ପୂର୍ଣ୍ଣାହୁତି ପରେ ଭକ୍ତମାନେ ନଗର ପରିଭ୍ରମଣ କରିଥିଲେ ଓ ଦଧିହାଣ୍ଡି ଭଙ୍ଗାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। କର୍ତ୍ତା ଭାବେ ମାଧବ ମହାପାତ୍ର ଓ ପୁରୋହିତ ସନ୍ତୋଷ କୁମାର ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁଷ୍ଠାନର ବିଶ୍ୱନାଥ ମହାପାତ୍ର, ଉମେଶ ମହାପାତ୍ର, ଅମିୟ ମହାପାତ୍ର, ମାଖନ ମହାପାତ୍ର, ଅମର ଜେନା, ଆଦିକନ୍ଦ ମହାପାତ୍ର, ଧନେଶ୍ୱର ମହାପାତ୍ର, ବୃନ୍ଦାବନ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଭାଗବତ ମହାପାତ୍ର, ନକୁଳ ମହାପାତ୍ର, ସଦାଶିବ ମହାପାତ୍ର, ବଳଭଦ୍ର ମହାପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଶୀଳ, କାମନାରୁ ଦୂରେଇ ରହିଲେ ନିର୍ବାଣ ପ୍ରାପ୍ତି ସମ୍ଭବ

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

କୂଳାନନ୍ଦ ବ୍ରହ୍ମଚାରୀ ଆଶ୍ରମ ପରିସରରେ ମାଘ ପୂର୍ଣ୍ଣିମାରେ ବୋଧିଚକ୍ର ପକ୍ଷରୁ 'ଜମକ ବର୍ଗ ଓ ବୁଦ୍ଧ ଦର୍ଶନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଧ୍ୟାନ ସହ ବୁଦ୍ଧ ବନ୍ଦନା ଓ ଧମ୍ମପଦର ବ୍ୟାଖ୍ୟା କରି ଉପସଭାପତି ଡ. ବଳରାମ ଦାଶ ଜମକ ବର୍ଗ ଓ ବୁଦ୍ଧ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ, ଶୀଳ, ସଞ୍ଜମତା, ତ୍ୟାଗ, କାମନାରୁ ଦୂରେଇ ରହିଲେ ହିଁ ନିର୍ବାଣ ପ୍ରାପ୍ତି ହୋଇପାରିବ। ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ସଭାରେ ଅଧ୍ୟକ୍ଷତା କରିଥିଲେ, ସଂସାର ପ୍ରତି ଅଧିକ ଆସକ୍ତ ନ ରହି କାମନାକୁ ଦୂରୀଭୂତ କରି ସେବା ଓ ଶୃଙ୍ଖଳିତ ଜୀବନଚର୍ଯ୍ୟା ଦ୍ୱାରା ଭଗବାନ ବୁଦ୍ଧଙ୍କ ନିକଟବର୍ତ୍ତୀ ହୋଇପାରିବା। ଆଲୋଚନା ଚକ୍ରରେ ବାସୁଦେବ ସାହୁ, ଡ. ପ୍ରମୋଦ କୁମାର ପଣ୍ଡା, ଡ. ସରୋଜ କୁମାର ହାତୀ, ଅଧ୍ୟାପକ ଶରତ କୁମାର ସାହୁ, ବିଶ୍ୱନାଥ ମିଶ୍ର, ଅଶୋକ କୁମାର ଆଢ୍ୟ, ପୂର୍ଣ୍ଣଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ଦାସ ଅଂଶଗ୍ରହଣ କରି ବୌଦ୍ଧ ଦର୍ଶନର ଆଧୁନିକ ସମାଜ ପ୍ରତି ଅବଦାନ ଏବଂ ଆଧ୍ୟାତ୍ମିକ ଚେତନା ହିଁ ଏହାର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫୁଲ୍ଲ ପଟ୍ଟନାୟକ, ଦାମୋଦର ଦାଶ, ଯଦୁମଣି ସାହୁ, ଭାଗିରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ବିଭୂତି ଭୂଷଣ କର ଧନ୍ୟବାଦ ଦେଇଥିଲେ।

# 'ଶ୍ରୀଜଗନ୍ନାଥ ହିଁ ସୂର୍ଯ୍ୟ ସ୍ୱରୂପ ପ୍ରଜ୍ଞାନ ବ୍ରହ୍ମ'



ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନରେ 'ଶ୍ରୀଜଗନ୍ନାଥ ଚେତନା ଓ ସୂର୍ଯ୍ୟ ଉପାସନା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ହିଁ ସୂର୍ଯ୍ୟ ସ୍ୱରୂପ ପ୍ରଜ୍ଞାନ ବ୍ରହ୍ମ। ପ୍ରଭୁଙ୍କ ଦକ୍ଷିଣ ନେତ୍ର ସୂର୍ଯ୍ୟ ସ୍ୱରୂପ ଓ ବାମ ନେତ୍ର ଚନ୍ଦ୍ର ସ୍ୱରୂପ। ଶ୍ରୀମନ୍ଦିରରେ ନିତ୍ୟ ମଙ୍ଗଳ ଆଳତି ପରେ ସୂର୍ଯ୍ୟ ଯନ୍ତ୍ର ସୂର୍ଯ୍ୟ ପୂଜା ହୋଇଥାଏ। ବ୍ରହ୍ମ ପୁରାଣ ଅନୁଯାୟୀ, କୋଣାର୍କର ସୂର୍ଯ୍ୟ ମନ୍ଦିର ଐଶାନ୍ୟ କୋଣ ମିତ୍ର ଖଣ୍ଡ ଚକଡାରେ ଅବସ୍ଥିତ। ସେହିପରି ଶ୍ରୀମନ୍ଦିର ବରୁଣ ଖଣ୍ଡ ଚକଡ଼ାରେ ରହିଛି। ବୈଦିକ ଶ୍ରୁତିଶାସ୍ତ୍ର ଅନୁଯାୟୀ ଦିନରେ ସୂର୍ଯ୍ୟ ମିତ୍ର ଓ ରାତିର ସୂର୍ଯ୍ୟ ବରୁଣ ଅଟନ୍ତି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ବ୍ରଜକିଶୋର ପରିଡ଼ା, ଭଗବାନ ସୁଆର, ଡ. ରମାକାନ୍ତ କର, ଐତିହ୍ୟ ଗବେଷକ ମଦନ ମୋହନ ମହାପାତ୍ର, ଟ୍ରଷ୍ଟ ସଦସ୍ୟା ପ୍ରତିଭା ତ୍ରିପାଠୀ, ଶାନ୍ତିଲତା ପ୍ରଧାନ, ବିଜୟଲକ୍ଷ୍ମୀ ଦାଶ, ସଂଯୋଜକ ଶିବସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ଏବଂ ଐତିହ୍ୟ ଗବେଷକ ମଦନ ମୋହନ ମହାପାତ୍ର ପ୍ରସଙ୍ଗଭିତ୍ତିକ ସୂଚନା ଦେଇଥିଲେ। ଡ. ପ୍ରମୋଦ କୁମାର ଦଳାଇ, ଦୟାନିଧି ତ୍ରିପାଠୀ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ସତ୍ୟନାରାୟଣ ମିଶ୍ର, ଇଂ. କେଶବ ଚନ୍ଦ୍ର ପାତ୍ର, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି, ମାରୁତି ନନ୍ଦନ ମହାପାତ୍ର, ବସନ୍ତ କୁମାର ମିଶ୍ର, ଆଶାଲତା ପ୍ରଧାନ, କ୍ରିଷ୍ଣା ମହାପାତ୍ର, ଅଧ୍ୟାପକ ସହଦେବ ସାହୁ, ଦାଶରଥୀ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସତ୍ୟ ନାରାୟଣ ରାଉତରାୟ, ବିକ୍ରମ କେଶରୀ ଆଚାର୍ଯ୍ୟ, ମଧୁସୂଦନ ମିଶ୍ର, ନାରାୟଣ ମିଶ୍ର, କରୁଣାକର ଭୋଳ, ତୁଳିକା ମିଶ୍ର, ପ୍ରଭାତ କୁମାର ତରାଇ, ମାନସ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁପିଟର ଦାସ, ଭବାନୀ ପ୍ରସାଦ ବଳିୟାରସିଂ, ଭାଗବତ ପ୍ରସାଦ ପଟ୍ଟନାୟକ, ଅଶୋକ କୁମାର ମିଶ୍ର, ଅନୁକୂଳ ଚନ୍ଦ୍ର ସେଠୀ, ତପନ କୁମାର ସେଠୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁ ଚରଣ ଦାସ ଧନ୍ୟବାଦ ଦେଇଥିଲେ।


ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନ 'ଆମର' ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକର ସପ୍ତମ ସନ୍ଧ୍ୟାରେ ରବିବାର ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ପରିବେଷିତ ନାଟକ 'ପଶାପାଳି'ର ଏକ ଦୃଶ୍ୟ। (ଫଟୋ -ଯଜ୍ଞେଶ୍ୱର ମହାନ୍ତି )

# ଖବରଦାତାଙ୍କୁ ଆକ୍ରମଣ କରି ୬ ଗିରଫ

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

### କାର୍, ବ୍ରେସ୍‌ଲେଟ୍, ଆଇକାର୍ଡ ଏବଂ ବାଇକ୍ ଚାବି ଜବତ

ଖବର ସଂଗ୍ରହ କରି ଫେରୁଥିବାବେଳେ ୨ଜଣ ଖବରଦାତାଙ୍କୁ ଆକ୍ରମଣ ଓ ଲୁଟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଉତ୍ତରଣା ପ୍ରଧାନ ସାହିର ଦେବେନ୍ଦ୍ର ବିଶ୍ୱାଳ, ଶୁକଦେବ ବିଶ୍ୱାଳ, ଉତ୍ତରଣାର ଲାଲକୃଷ୍ଣ ବିଶ୍ୱାଳ, ଶିବସୁନ୍ଦର ଜେନା, ସୁଂଧାଂଶୁ ପ୍ରଧାନ ଏବଂ ମଠ ସାହିର କାଳୁ ନାୟକ। ଏମାନଙ୍କଠାରୁ ଗୋଟିଏ କାର୍, ବ୍ରେସ୍‌ଲେଟ୍, ଆଇକାର୍ଡ ଏବଂ ବାଇକ୍ ଚାବି ଜବତ ହୋଇଛି। ଏନେଇ ଏକ କେସ୍ (ନଂ. ୪୩/୨୪) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ପୋଲିସ ପକ୍ଷରୁ ଶୁକ୍ରବାର ବିଳମ୍ବିତ ରାତିରେ ପୁରୀ-କୋଣାର୍କ ବେଳାଭୂମି ରାସ୍ତାରେ ଗାଡ଼ି ଚେକିଂ କରାଯାଉଥିଲା। ଏହି ସମୟରେ ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟ ଓ ପ୍ରଦୀପ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଖବର ସଂଗ୍ରହ କରିଥିଲେ। ପରେ ଦୁହେଁ ବାଇକ ଯୋଗେ ପୁରୀ ଫେରୁଥିଲେ। ତେବେ ହେଲିପ୍ୟାଡ୍ ନିକଟରେ କିନ୍ନରଙ୍କ ପାଟି ଶୁଣି ଦୁଇଜଣ ଗାଡ଼ି ଅଟକାଇ ଘଟଣା ସମ୍ପର୍କରେ ଜାଣିବା ପାଇଁ ଠିଆ ହୋଇଥିଲେ। ଏହି ସମୟରେ ୩ଜଣ କିନ୍ନରଙ୍କୁ ୬ ଜଣ ଯୁବକ ଟଣାଓଟରା କରୁଥିବା ଦେଖିବାକୁ ପାଇଥିଲେ। ତେବେ ଅଭିଯୁକ୍ତମାନେ ଖବରଦାତା ଦ୍ୱୟଙ୍କୁ ଘେରିଯାଇ ଆକ୍ରମଣ କରିବା ସହ ତାଙ୍କଠାରୁ ବ୍ୟାଗ, ବ୍ରେସ୍‌ଲେଟ, ଟଙ୍କା ଓ ବିଭିନ୍ନ ଜିନିଷ ଛଡ଼ା ନେଇଯାଇଥିଲେ। ଆକ୍ରମଣକାରୀମାନେ ଏକ କାର (ନଂ. ଓଡି ୧୪ କିୟୁ ୨୨୨୧) ଯୋଗେ ଫେରାର ହୋଇଯାଇଥିଲେ। ଯିବା ସମୟରେ ବାଇକ ଚାବି ନେଇଯାଇଥିଲେ। ଖବରଦାତା ଦ୍ୱୟ ଏନେଇ ତାଳବଣିଆ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ପରେ ନାୟକଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି ୧୮ ଘଣ୍ଟା ମଧ୍ୟରେ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

### ପ୍ରଥମ ମ୍ୟାଚ୍‌ରେ ଜିତିଲା ଭୁବନେଶ୍ୱର ବାର୍ ଆସୋସିଏଶନ

ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ପେଣ୍ଟକଟାସ୍ଥିତ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଅଲ୍‌ଓଡିଶା ଇଣ୍ଟର ବାର୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୧୧ଟି ବାର୍ ଆସୋସିଏଶନ୍ ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚରେ ଏମ୍‌ଏସିଟି ବାର୍ କଟକ ଓ ଭୁବନେଶ୍ୱର ବାର୍ ଆସୋସିଏଶନ ପରସ୍ପରକୁ ଭେଟିଥିଲେ। ଭୁବନେଶ୍ୱର ଓକିଲ ସଂଘ ୨୦ ଓଭରରେ ୧୫୬ ରନ କରିଥିଲା। ଜବାବରେ ଏମ୍‌ଏସିଟି ବାର୍ କଟକ ୧୨୨ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭୁବନେଶ୍ୱର ଓକିଲ ସଂଘ ଜିତିଥିଲା। ଏହି ଟୁର୍ନାମେଣ୍ଟ ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁରୀ ଓକିଲ ସଂଘର ସଭାପତି ରାମପ୍ରସାଦ ଦାଶ, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, କ୍ୟାପଟେନ ଭଗବାନ ପଢିଆରୀ, ସାରଦା ପ୍ରସାଦ ସାମଲ, ଅନିଲ କୁମାର ସାହୁ, ସୋମନାଥ ରଣା, ଭାଗବତ ପଟ୍ଟନାୟକ, ସତ୍ୟବ୍ରତ ଷଡ଼ଙ୍ଗୀ, ତପନ କୁମାର ବାରିକ, ଲୋକନାଥ ନାୟକ, ବିଶ୍ୱଭୂଷଣ ବାରିକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ଜଳିଗଲା ଲକ୍ଷାଧିକ ଟଙ୍କାର ମାଛଧରା ଜାଲ

**କଣାସ,୨୫।୨(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତ ଜାଗୁଲେଇପଦର ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ରମେଶ ବେହେରାଙ୍କ ୩ ବଖରା ଆଜବେଷ୍ଟସ୍ ଗୃହ ନଷ୍ଟ ହୋଇଯାଇଛି। ଗୃହରେ ଥିବା ବିଭିନ୍ନ ଆସବାବପତ୍ର ଏବଂ ଲକ୍ଷାଧିକ ଟଙ୍କାର ବିଭିନ୍ନ ମାଛଧରା ଜାଲ ପୋଡି ଯାଇଛି। ଖବର ପାଇ କଣାସ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ କଳାପଦର ରାଜସ୍ୱ ନିରୀକ୍ଷକ ଦେବଦତ୍ତ ସ୍ୱାଇଁ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ତହସିଲଦାର ଅଗ୍ନିବିପନ୍ନ ପରିବାରଙ୍କୁ ୩ଟି ପଲିଥିନ୍ ପ୍ରଦାନ କରିଥିଲେ। ତୁରନ୍ତ ଭୂମିହୀନ ରମେଶ ବେହେରାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବିଜେଡି ନେତ୍ରୀ ପୁଷ୍ପାଞ୍ଜଳି ରଣାଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ମା' ଗଛକାଳୀଙ୍କ ଠାରୁ ବାହାରିଥିବା ଶୋଭାଯାତ୍ରାରେ ମହିଳାମାନେ ପୁରୀ ଖୁଣ୍ଟିଆ ସାହି ପରିକ୍ରମା କରୁଛନ୍ତି ।

# ମହାସଭା, ସାଙ୍ଗଠନିକ ସ୍ଥିତି ନେଇ ଆଲୋଚନା

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

### ନିଖିଳ ଉତ୍କଳ ପାଟରା ସମିତିର ପଦାଧିକାରୀ ବୈଠକ

ନିଖିଳ ଉତ୍କଳ ପାଟରା ସମିତିର ପଦାଧିକାରୀ ବୈଠକ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ରବିବାର ପାଟରା ମଠଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ମଧୁକୁମାର ପାତ୍ର ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଏପ୍ରିଲ୍ ୬ ଓ ୭ ତାରିଖରେ ମଠ ପରିସରରେ ୨୨୫ଟି ଥାନର ଥାନପତି ଓ ବଡ଼ଥାନପତିଙ୍କ ସମାବେଶ ତଥା ପ୍ରଶିକ୍ଷଣ ଆୟୋଜନ ହେବା ନେଇ ଆଲୋଚନା କରାଯାଇଥିଲା। ସେହିପରି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ପାଟରା ଭକ୍ତ ନିବାସ ନିର୍ମାଣ ତୁରନ୍ତ ସାରିବା, ଡିସେମ୍ବରରେ ହେବାକୁ ଥିବା ମହାସଭା ପୂର୍ବରୁ କୁଞ୍ଜବିହାରୀ ମଠର ସନନ୍ଦ ବୈଠକ ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଚଉଦଟି ଚକଲାର ସାଙ୍ଗଠନିକ ସ୍ଥିତି ଓ କେବେ କାହାର ପରିଚାଳନା କମିଟି କାର୍ଯ୍ୟକାଳ ସରି ନୂତନ କମିଟି ଗଠନ ହେବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ନାଥ ଖୁଣ୍ଟିଆ, ଉପସଭାପତି ମନୋଜ କୁମାର ସାହୁ, ରବୀନ୍ଦ୍ରନାଥ ସେନାପତି, କୃଷ୍ଣଚନ୍ଦ୍ର ପାତ୍ର, ଆଲୋକ କୁମାର ସାହୁ, ଉପଦେଷ୍ଟା ନାରାୟଣ ପାତ୍ର, କରୁଣାକର ଲେଙ୍କା, ଲକ୍ଷ୍ମୀଧର ପୃଷ୍ଟି ଓ ସମ୍ପାଦକ ଦିବାକର ସାହୁ, ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନ୍ୟତମ ସମ୍ପାଦକ ବଲ୍ଲଭ ସାହୁ ଧନ୍ୟବାଦ ଦେଇଥିଲେ।


ନିଖିଳ ଉତ୍କଳ ପାଟରା ସମିତିର ପଦାଧିକାରୀ ବୈଠକରେ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଏବଂ ଅନ୍ୟ ସଦସ୍ୟମାନେ ।

# ପିଲାମାନେ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ

**କାକଟପୁର,୨୫।୨(ଶୁଭଦର୍ଶନ ମିଶ୍ର):**

କାକଟପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପଡ଼ିଆରେ ରବିବାର ପାଳିତ ହୋଇଯାଇଛି। ଚାରିଛକ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରତନପୁର ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ା, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲା ଡେପୁଟି କଲେକ୍ଟର ପ୍ରଭାତ ତରାଇ, ସମ୍ମାନିତ ଅତିଥି ଭାବେ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ପ୍ରିୟ ରଞ୍ଜନ ବେହେରା, ମଙ୍ଗଳା ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ନୟାହାଟ ହାଇସ୍କୁଲ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ର ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଦର୍ଶ ଶିକ୍ଷୟିତ୍ରୀ ଭାବେ ପ୍ରମିଳା ସେଠୀ ଓ ସାମାଜିକ କର୍ମୀ ନିରଦ ବରନ ମହାନ୍ତି, ଖବରଦାତା ପ୍ରଶାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷା ତୃପ୍ତିମୟୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପାଧ୍ୟକ୍ଷା ରୀତା କୁମାରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷାକେନ୍ଦ୍ର ସଭାପତି ଭଗବାନ ମହାନ୍ତି, ଉପସଭାପତି କ୍ଷେତ୍ରମୋହନ ସାହୁ, ସମ୍ପାଦକ ପ୍ରଭାତ ବଳିୟାରସିଂ, ଏସ୍‌କେ ସଫିକ ପ୍ରମୁଖ ଉପସ୍ଥିତ ଥିଲେ।


କାକଟପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶକ୍ତି ସମ୍ବାଦ, ସମ୍ପର୍କ ଅଭିଯାନ

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

ପୁରୀ ବିଧାନସଭା ପକ୍ଷରୁ ବାଲିସାହିସ୍ଥିତ ହିଞ୍ଜଳ ଜାଗା ପରିସରରେ ରବିବାର ଭାଜପା ମହିଳା ମୋର୍ଚ୍ଚାର ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କହିଥିଲେ। ରାଜ୍ୟ ସଂଯୋଜକ ଶ୍ରୀମନ୍ତିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତୀକରଣ, ମହିଳା ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ କେନ୍ଦ୍ର ସରକାରଙ୍କ ସହଯୋଗିତା ଓ ସହଭାଗିତାରେ ପୁରୀର ବିକାଶ ପାଇଁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଶଙ୍କର୍ଷଣ ପରିଡା, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ରଞ୍ଜିତା ପାଢ଼ୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଚାରି ମଣ୍ଡଳ ସଭାପତି ରବିନାରାୟଣ ଦାଶ, ସଞ୍ଜୀବ ମୁଖାର୍ଜୀ, ମନୋରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ହରିହର ମହାପାତ୍ର, ଶରଧାବାଲି ମଣ୍ଡଳ ସଭାନେତ୍ରୀ ଅନିତା ପଟ୍ଟନାୟକ, ମହିଳା ସିଂହଦ୍ୱାର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଅନିଲ କୁମାର ସାହୁ, ଲୋକସଭା ବିସ୍ତାରକ ପର୍ଶୁରାମ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।



ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ଅନ୍ୟ କର୍ମକର୍ତ୍ତାମାନେ ।

# ଫିଜିଓଥେରାପିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ

### ଜାତୀୟସ୍ତରୀୟ ସମ୍ମିଳନୀ

**ପୁରୀ,୨୫।୨(ଅଜିତ୍ ମହାନ୍ତି)**

ପୁରୀରେ ନିଖିଳ ଓଡ଼ିଶା ଭୌତିକ ଚିକିତ୍ସକ ସଙ୍ଗଠନ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟସ୍ତରୀୟ ଫିଜିଓଥେରାପି ବା ଭୌତିକ ଚିକିତ୍ସା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ରବିବାର ପିଠି, କାନ୍ଧ, ମେରୁଦଣ୍ଡ, ଜଂଘରେ ଯନ୍ତ୍ରଣା, ଆଧୁନିକ ଏସ୍‌ଆଇ ଥେରାପି, ଫିଜିଓଥେରାପିକ୍ଷେତ୍ରରେ ଅତ୍ୟାଧୁନିକ ବାୟୋମେଡିକାଲ ଅଗ୍ରଗତି ସହ ଗର୍ଭାଶୟଜନିତ ସମସ୍ୟା ଓ ଏହାର ସମାଧାନରେ ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ଅଭିଜ୍ଞ ଚିକିତ୍ସକ ଏବଂ ଫିଜିଓଥେରାପିଷ୍ଟମାନେ ବୁଝାଇଥିଲେ। ଓଲଟପୁର ନିରତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ଡା. ଉମାଶଙ୍କର ମହାନ୍ତି, ଏନ୍‌ସିଡି ଅତିରିକ୍ତ ନିର୍ଦ୍ଦେଶକ ଡା. ସୁକାନ୍ତ କୁମାର ସ୍ୱାଇଁ, ଡା. ପି.ସି. ଦେ, ଡା. ଦୀପେଶ ଶର୍ମା, ଡା. ଦୁର୍ଗା ମିଶ୍ର, ଡା. ସୁଜାତା ମହାରଥି, ଡା. ଲିପିକା ବୋରୁହାଁ ପ୍ରମୁଖ ଯୋଗଦେଇ ସ୍ନାୟୁ, ମେରୁଦଣ୍ଡ, ଅସ୍ଥି, ବ୍ରେନ୍‌ଷ୍ଟ୍ରୋକଜନିତ ସ୍ୱାସ୍ଥ୍ୟ ସମସ୍ୟାର ଫିଜିଓଥେରାପି ମାଧ୍ୟମରେ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଲାଇଭ୍ ଡେମୋନେଷ୍ଟ୍ରେଶନ୍ ଦେଖାଇ ଦିଆଯାଇଥିଲା। ରାଜ୍ୟର ୩ଶହରୁ ଊର୍ଦ୍ଧ୍ୱ ଭୌତିକ ଚିକିତ୍ସା ବିଭାଗର ଛାତ୍ରୀଛାତ୍ର ଏବଂ ୨ଶହରୁ ଅଧିକ ଭୌତିକ ବିଭାଗର ଡାକ୍ତର ଯୋଗଦେଇ ଥିଲେ। ସଙ୍ଗଠନର ସଂଯୋଜକ ଡା. ସିଦ୍ଧାର୍ଥ ଶେଖର ପାତ୍ର, ସଭାପତି ତଥା ଭୌତିକ ବିଭାଗର ଡା. ଶଶାଙ୍କ ଶେଖର ପରିଡ଼ା ଏବଂ ଡା. ସରୋଜ କୁମାର ମହାପାତ୍ର କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା ଚିକିତ୍ସକ ଏବଂ ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ବଳଙ୍ଗା, ୨୫।୨ (କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପଡ଼ିଶା ଘରର ଜଣ ଯୁବକ ବଳାତ୍କାର ସହ ଖଣ୍ଡିଆଖାବରା କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୫୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଯୁବତୀ ଜଣଙ୍କ ପରିସ୍ରା କରିବାକୁ ବାରି ପଛପଟକୁ ଯାଇଥିଲେ। ସେହି ସମୟରେ ଯୁବକ ଜଣଙ୍କ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଯୁବତୀ ପାଟି କରିବାରୁ ତାଙ୍କ ପରିବାର ଲୋକ ଶୁଣି ସେଠାରେ ପହଞ୍ଚିବା ବେଳକୁ ଯୁବକ ସେଠାରୁ ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ନନ୍ଦନକାନନକୁ ଆସିଲା ଉଦ୍ଧାର ଶାଗୁଣା, ଶାରୀ



**ବାରଙ୍ଗ, ୨୫।୨ (ଲିଙ୍ଗରାଜ ରାଉତ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ରବିବାର ଉଦ୍ଧାର ହୋଇ ଗୋଟିଏ ଶାଗୁଣା ଓ ଗୋଟିଏ ଶାରୀ ଆସିଛି। ସୂଚନା ଯୋଗ୍ୟ, ଠାକୁରମୁଣ୍ଡା କରଞ୍ଜିଆ ରେଞ୍ଜରୁ ଉଦ୍ଧାର ହୋଇ ଏକ ଧଳାପିଠିଆ ଶାଗୁଣା ନନ୍ଦନକାନନକୁ ଆସିଛି। ଶାଗୁଣାକୁ ଏଠାକାର ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ସହ ଡାକ୍ତରଙ୍କ ସ୍ୱତନ୍ତ୍ର ଦୃଷ୍ଟିରେ ରଖାଯାଇଛି। ଶାଗୁଣାଟି ଆସିବା ପରେ ଏମାନଙ୍କ ପ୍ରଜାତି ସଂଖ୍ୟା ନନ୍ଦନକାନନରେ ୨କୁ ବୃଦ୍ଧି ପାଇଛି। ସେହିପରି ପ୍ରାଣୀ ଉଦ୍ୟାନ ପରିସରରେ ପର୍ଯ୍ୟଟକମାନେ ହାତୀଶାଳ ନିକଟରେ ହାତୀକୁ ଦେଖୁଥିବାବେଳେ ପାଖରେ ଥିବା ଏକ ଶାରୀକୁ କିଛି ପକ୍ଷୀ ଆକ୍ରମଣ କରୁଥିଲେ। ପର୍ଯ୍ୟଟକ ଏହା ଦେଖି ସେଠାରେ ଡ୍ୟୁଟି କରୁଥିବା ନନ୍ଦନକାନନ କର୍ମଚାରୀ ଶାରୀ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ହସ୍ତାନ୍ତର କରିଥିଲେ।

### ବାରହା ଆକ୍ରମଣରେ ୨ ଗୁରୁତର

**ବ୍ରହ୍ମଗିରି, ୨୫।୨ (ସ୍ୱାଧୀନ ଚମ୍ପତିରାୟ):** ବ୍ରହ୍ମଗିରି ରେଞ୍ଜ ଅଧୀନ ଘଣପଣ ଓ ସାହାଣିକେରା ଗ୍ରାମରେ ରବିବାର ବାରହା ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଘଣପଣ ଗ୍ରାମକ ତନ୍ମୟ ଭୋଳ ଏବଂ ସାହାଣିକେରା ଗ୍ରାମର ପ୍ରଫୁଲ୍ଲ ମହାପାତ୍ର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସବଚନା ଅନୁଯାୟୀ, ତନ୍ମୟ ଏକ ବିଲରେ କାମ କରୁଥିବା ସମୟରେ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତନ୍ମୟ ସେଠାରେ ଗୁରୁତର ହୋଇଥିଲେ। ଉକ୍ତ ବାରହାକୁ ସ୍ଥାନୀୟ ଲୋକେ ଘଉଡ଼ାଇବା ଫଳରେ ସେ ସେଠାରୁ ହିଂସ୍ର ହୋଇ ସାହାଣିକେରା ଗ୍ରାମ ଆଡ଼େ ମୁହାଁଇଥିଲା। ସେଠାରେ ପ୍ରଫୁଲ୍ଲଙ୍କୁ ମଧ୍ୟ ଆକ୍ରମଣ କରିଥିଲା।

# ସୂର୍ଯ୍ୟମନ୍ଦିର ଫାଟକ ଭାଙ୍ଗି ଧସେଇ ପଶିଲେ

**ଟିକେଟ ବିକ୍ରିରେ ଅବ୍ୟବସ୍ଥା ନେଇ ଅସନ୍ତୋଷ**

- ପରିଦର୍ଶନ ୨ ଘଣ୍ଟା ବନ୍ଦ
- ନିରାଶରେ ଫେରିଗଲେ ଅନେକ ପର୍ଯ୍ୟଟକ

**କୋଣାର୍କ, ୨୫।୨ (ଜ୍ୟୋତିରାଜ ମହାନ୍ତି)**



ଫାଟକ ଭାଙ୍ଗିବା ପରେ ପର୍ଯ୍ୟଟକମାନେ ସୂର୍ଯ୍ୟମନ୍ଦିର ପରିସରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି।

ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ରବିବାର ସହସ୍ରାଧିକ ପର୍ଯ୍ୟଟକ କୋଣାର୍କ ବୁଲିବାକୁ ଆସିଥିବା ବେଳେ ଟିକେଟ ବିକ୍ରିରେ ଅବ୍ୟବସ୍ଥା ଯୋଗୁ ହଇରାଣ ହୋଇଛନ୍ତି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଟିକେଟ ବିକ୍ରି ଲାଗି ଗୋଟିଏ ମାତ୍ର କାଉଣ୍ଟର ରହିଥିବାବେଳେ ପର୍ଯ୍ୟଟକମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଲା ପରେ ବି ପ୍ରବେଶ ଟିକେଟ ପାଇପାରି ନ ଥିଲେ। ଫଳରେ ଏହାକୁ ନେଇ ପର୍ଯ୍ୟଟକମାନେ ଧୈର୍ଯ୍ୟ ହରାଇ ମନ୍ଦିର ସମ୍ମୁଖ ମୁଖ୍ୟ ପ୍ରବେଶ ପଥରେ ଲାଗିଥିବା ଟର୍ନ ଷ୍ଟାଇଲ ସ୍କାନର ପ୍ରବେଶ ଫାଟକକୁ ଭାଙ୍ଗି ଧସେଇ ପଶିଥିଲେ। ଏହାପରେ ସ୍ଥାନୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଇ ଡ୍ୟୁଟିରେ ଥିବା ଅଣଓଡ଼ିଆ ସୁରକ୍ଷା କର୍ମୀ ମୁଖ୍ୟ ଫାଟକରେ ତାଲା ପକାଇଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଲା ପଡ଼ିବା ଦେଖି ପର୍ଯ୍ୟଟକମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ନବଗ୍ରହ ମନ୍ଦିର ଉତ୍ତର କୋଣରେ ଥିବା ପ୍ରସ୍ଥାନ ଗେଟ୍ ଦେଇ ଜୋରଜବରଦସ୍ତ ସୂର୍ଯ୍ୟମନ୍ଦିର ପରିସରକୁ ପ୍ରବେଶ କରିଥିଲେ। ଏପରି ସ୍ଥିତି ଦେଖି ଅନେକ ପର୍ଯ୍ୟଟକ ସୂର୍ଯ୍ୟ ମନ୍ଦିର ବୁଲି ନ ପାରି ଅସନ୍ତୋଷ ବ୍ୟକ୍ତ କରି ଫେରିଯାଇଥିଲେ। ପରେ ଖବର ପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକମାନଙ୍କୁ ବୁଝାଶୁଝା କରିବା ପରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ଖୋଲିଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) କର୍ମଚାରୀଙ୍କ ଦ୍ୱାରା ଟିକେଟ କଳାବଜାରକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଉପସ୍ଥିତ ପର୍ଯ୍ୟଟକଙ୍କ ସମେତ ଗାଇଡ୍ ଓ ଫଟୋଗ୍ରାଫରମାନେ ଅଭିଯୋଗ କରିଛନ୍ତି।

ପ୍ରତ୍ୟେକ ଦିନ ଏଠାରେ ଏଏସ୍‌ଆଇ କର୍ମଚାରୀ ଏବଂ ଅଣଓଡ଼ିଆ ସିକ୍ୟୁରିଟି ଗାର୍ଡଙ୍କ ଦ୍ୱାରା ଲକ୍ଷାଧିକ ଟଙ୍କାର ଟିକେଟ କଳାବଜାର କରାଯାଉଥିବା ଅଭିଯୋଗ ହୋଇଆସୁଛି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକମାନେ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ପାଇଁ ଟିକେଟ ନେବାକୁ କାଉଣ୍ଟରରେ ଦୀର୍ଘ ସମୟ ଧରି ଖରାରେ ଲମ୍ବାଧାଡିରେ ଛିଡା ହେଉଛନ୍ତି। ଏଥିଯୋଗୁ ପର୍ଯ୍ୟଟକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ଅନେକ ସମୟରେ ଗଣ୍ଡଗୋଳ ଘଟୁଛି। ଅଧିକାଂଶ ସମୟରେ ଟିକେଟ ବିକ୍ରିରେ ଅବ୍ୟବସ୍ଥା ଯୋଗୁ ଶତାଧିକ ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ପରିଦର୍ଶନ ନ କରି ଫେରି ଯାଉଥିବା ଦେଖିବାକୁ ମିଳିଥାଏ। ଫଳରେ ଏଏସ୍‌ଆଇ କର୍ତ୍ତୃପକ୍ଷ ବିପୁଳ ରାଜସ୍ୱ ହରାଉଥିବା ଜଣାପଡ଼ିଛି। ଏହା ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଦୁଃଖଦ ଘଟଣା। କେନ୍ଦ୍ର ପର୍ଯ୍ୟଟନ ବିଭାଗ ବିପୁଳ ଅର୍ଥ ଖର୍ଚ୍ଚ କରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପର୍ଯ୍ୟଟକଙ୍କୁ ଭାରତ ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରୟାସ କରୁଥିଲା ବେଳେ ଏଠାରେ ତା'ର ବିପରୀତ ଚିତ୍ର ଦେଖିବାକୁ ମିଳୁଛି। ପରିଚାଳନାଗତ ଦକ୍ଷତାର ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା କୁହାଯାଉଛି। ତୁରନ୍ତ ଏଏସ୍‌ଆଇର ବରିଷ୍ଠ ଉଚ୍ଚ ଅଧିକାରୀ ଏବଂ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ପର୍ଯ୍ୟଟକଙ୍କ ପକ୍ଷରୁ ଦାବି ହେଉଛି।



ନବୀନ ନିବାସଠାରେ ରବିବାର ଦୁବାଇ ଯାତ୍ରା କରିବାକୁ ଥିବା ମିଶନ ଶକ୍ତିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ଅବସରରେ।

## ରାଷ୍ଟ୍ରୀୟ ମାନବିକ ଅଧିକାର ସୁରକ୍ଷା ପରିଷଦ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା ମନୋନୀତ

**କଟକ, ୨୫।୨ (କାର୍ତ୍ତିକ ସାହୁ)**

ରାଷ୍ଟ୍ରୀୟ ମାନବିକ ଅଧିକାର ସୁରକ୍ଷା ପରିଷଦର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ବିଚାରପତି ଏ. ଏସ୍. ନାଇଡୁଙ୍କ ଅନୁମୋଦନକ୍ରମେ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ରାଜ୍ୟ ଶାଖା ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଜିଲା ଜଜ୍ ବିଶ୍ୱଜିତ୍ ମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ସଂଯୋଜକ ଭାବେ ଆଇନଜୀବୀ ମହମ୍ମଦ ଆରିଫ୍ ଉଦ୍ଦିନ ଖାନ୍, ସାଧାରଣ ସମ୍ପାଦକ ଭାବେ ଆଇନଜୀବୀ ନରେଶ ଜେନା ମନୋନୀତ ହୋଇଛନ୍ତି। ସେହିପରି ଉପାଧ୍ୟକ୍ଷ ଭାବେ ଆଇନଜୀବୀ ବିଜୟ ମହାନ୍ତି, ସବିତା ସାହୁକାର, ମିତ୍ରଭାନୁ ମହାନ୍ତି, ବି.ଡି. ବର୍ଦ୍ଧନ, କ୍ଷିତୀଶ ସାମନ୍ତ ବେହେରା, ସମ୍ପାଦକ ଭାବେ ଅଞ୍ଜଳି ମହାନ୍ତି, ସଞ୍ଜୟ ନାୟକ, ସୁରମା ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ତ୍ରିଲୋଚନ ବରାଳ, ସ୍ୱାତିସରିତା ବିଶ୍ୱାଳ, ଶ୍ରାବଣୀ, ତାପସ ପଣ୍ଡିତ ଓ କସ୍ତୁରି ଜିତ୍ ମନୋନୀତ ହୋଇଛନ୍ତି। ଏଥିସହ ରାଜ୍ୟ ଆଇନ୍ ସେଲ ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ମହିଳା ସେଲ୍ ଅଧ୍ୟକ୍ଷା ସୁଷମାରାଣୀ ସାହୁ, ଉପାଧ୍ୟକ୍ଷା ଅନସୂୟା ପଣ୍ଡା, ମିଡିଆ ସେଲ୍ ଅଧ୍ୟକ୍ଷ କାନନ ଦାଶ, କିନ୍ନର ସେଲ୍ ଅଧ୍ୟକ୍ଷ ସୁଇଟି ସାହୁଙ୍କୁ ମନୋନୀତ କରାଯାଇଛି। ଖୁବ୍‌ଶୀଘ୍ର ଜିଲା ଅଧ୍ୟକ୍ଷ ଓ ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ସଂଯୋଜକ ମହମ୍ମଦ ଆରିଫଉଦ୍ଦିନ ଖାନ୍ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ପ୍ରଶାସନ ସାମାଜିକ ନ୍ୟାୟ ସମ୍ପର୍କରେ ସମ୍ବେଦନଶୀଳ ହେବା ଉଚିତ

**ଭୁବନେଶ୍ୱର, ୨୫।୨ (ଶର୍ମିଷ୍ଠା ପାଣିଗ୍ରାହୀ)**

ସାମାଜିକ ନ୍ୟାୟ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀ ରବିବାର ଇମେଜ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଅତିରିକ୍ତ ସଚିବ ଭାଗବତ ମାଝି ସାମାଜିକ ନ୍ୟାୟ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାସନ ସାମାଜିକ ନ୍ୟାୟ ସମ୍ପର୍କରେ ସମ୍ବେଦନଶୀଳ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପି. କେ. ଜେନା ଜାତିଗଣନା ସାମାଜିକ ନ୍ୟାୟ ଆଦି ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ମାନସ ବେହେରା କହିଲେ, ମାନବ ସମାଜ ଆରମ୍ଭରୁ ନ୍ୟାୟ ପାଇଁ ସଂଘର୍ଷ ଜାରି ରଖିଛି। ଜାତୀୟ ଅଧିବେଶନରେ ସାମାଜିକ ନ୍ୟାୟର ବିଭିନ୍ନ ଦିଗ ଉପରେ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନମ୍ରତା ଚଢ଼ା, ପ୍ରଫେସର ମାନସ ବେହେରା, ଡ. ଚିଦାମ୍ବିକା ଖଟୁଆ, ରୁସେନ କୁମାର ଆଲୋଚନା କରିଥିଲେ। ଅରୁଣ କୁମାର ଅରୋରା ଏହି ଅଧିବେଶନକୁ ପରିଚାଳନା କରିଥିବାବେଳେ ଆରାଧନା ସଞ୍ଚାଳନା ଓ ପ୍ରଭାସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସାମାଜିକ ନ୍ୟାୟ ସମ୍ପର୍କିତ ଜାତୀୟ ସମ୍ମିଳନୀରେ ପୂର୍ବତନ ଅତିରିକ୍ତ ସଚିବ ଭାଗବତ ମାଝିଙ୍କ ସହ ଅନ୍ୟ ଅତିଥିମାନେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ସ୍ମୃତିରଞ୍ଜନ



@ ବିକ୍ରମ



@ କିଶୋର



@ ରୀତା



@ ମନୋରମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଉପେନ୍ଦ୍ର ଭଞ୍ଜଙ୍କ ପ୍ରେମ ଥିଲା ଦିବ୍ୟ

**କବି ସମ୍ରାଟଙ୍କ ସ୍ମୃତି ସଭା**

**ଭୁବନେଶ୍ୱର, ୨୫।୨ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ସାହିତ୍ୟ ଏକାଡେମୀ, କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ରବିବାର ବୁଦ୍ଧମନ୍ଦିରଠାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା ଆରମ୍ଭ ହୋଇଛି। ଏଥିରେ ପୌରାହିତ୍ୟ କରି ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଲେ, ଓଡ଼ିଆ ଭାଷାକୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତିର ବହୁ ଅବଦାନ ରହିଛି। ଏଥିପାଇଁ ଓଡ଼ିଆ ଜାତି ସର୍ବଦା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପାଖରେ ନିଜର ଭକ୍ତି ନିବେଦନ କରୁଥିବ। ମୁଖ୍ୟ ଅତିଥି ଭାବେ କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ କହିଲେ, ଉପେନ୍ଦ୍ର ଭଞ୍ଜଙ୍କ ପ୍ରେମ ଥିଲା ଦିବ୍ୟ ଓ ଏଥିରେ ସମାଜ ପାଇଁ ଅନେକ ସୁ-ଶିକ୍ଷା ଅଛି। ମୁଖ୍ୟ ବକ୍ତା ଡ. ବାଉରୀବନ୍ଧୁ ସାହୁ ଭଞ୍ଜଙ୍କ ଓଡ଼ିଆ ସାହିତ୍ୟ ଓ ଭାଷା ଭଣ୍ଡାରକୁ ଥିବା ଅନନ୍ୟ ଶବ୍ଦାବଳୀ ସବୁ ବ୍ୟାଖ୍ୟାନ କରିବା ସହ ଭଞ୍ଜ ସାହିତ୍ୟକୁ ଏକ ସମ୍ପୂର୍ଣ୍ଣ ସାହିତ୍ୟ ବୋଲି ପ୍ରମାଣିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଓଡିଶୀ ସଙ୍ଗୀତ ଭଣ୍ଡାରକୁ କବି ସମ୍ରାଟଙ୍କ ଅବଦାନ ବିଷୟରେ ସୂଚନା ଦେଇଥିଲେ। ଏକାଡେମୀ ତରଫରୁ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଓ କଳିଙ୍ଗ ଭାରତୀ ସମ୍ପାଦକ ଡ଼.ଅଂଶୁମାନ କର ଧନ୍ୟବାଦ ପ୍ରଦାନ କରିଥିଲେ।



କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସ୍ମୃତିସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ବକ୍ତବ୍ୟ ରଖୁଛନ୍ତି।

# 'ଭଲ ସିନେମା ହେବ, ଦର୍ଶକ ହଲ୍‌କୁ ଫେରିବେ'

**ଓଡ଼ିଶା ଫିଲ୍ମ ଆଣ୍ଡ୍ ଟେଲିଭିଜନ ଡାଇରେକ୍ଟର ଆସୋସିଏଶନ୍ ଗଠିତ**

**କଟକ, ୨୫।୨ (କାର୍ତ୍ତିକ ସାହୁ)**

ଓଡ଼ିଆ ଚଳଚ୍ଚିତ୍ର ବହୁ ଘାତପ୍ରତିଘାତ ଭିତରେ ଗତି କରି ଏବେ ୮୪ ବର୍ଷରେ ପାଦ ଦେଇଛି। ତଥାପି ଓଡ଼ିଆ ଚିତ୍ର ଜଗତ ଯେଉଁ ଅନୁପାତରେ ଉନ୍ନତି କରିବା କଥା ସେହି ଅନୁସାରେ ଅଗ୍ରଗତି କରିପାରିନାହିଁ। ବିଶେଷକରି ଯଥେଷ୍ଟ ମୌଳିକ କାହାଣୀର ଅଭାବ ସାଙ୍ଗକୁ ସରକାରୀ ସହଯୋଗର ଅଭାବ ରହିଛି। ସିନେମା ନିର୍ମାଣ ପୂର୍ବରୁ ମୌଳିକ କାହାଣୀଟିଏ ଚୟନ କରାଯିବା ଆବଶ୍ୟକ। ମୌଳିକ କାହାଣୀ ରହିଲେ ନିଶ୍ଚିତ ଭାବେ ଭଲ ସିନେମା ହୋଇପାରିବ। ତେଣୁ ଏ ଦିଗରେ ନିର୍ଦ୍ଦେଶକମାନେ ବିଶେଷ ଯତ୍ନବାନ ହେବା ଆବଶ୍ୟକ ବୋଲି ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର କହିଛନ୍ତି।

ନୂତନ ଭାବେ ଗଠିତ ଓଡ଼ିଶା ଫିଲ୍ମ ଆଣ୍ଡ୍ ଟେଲିଭିଜନ ଡାଇରେକ୍ଟର ଆସୋସିଏଶନ୍‌ର ସଭାପତି ସବ୍ୟସାଚୀ ମହାପାତ୍ର ଚୌଧୁରୀବଜାରସ୍ଥିତ କଳିଙ୍ଗ ଗେଷ୍ଟ ହାଉସରେ ରବିବାର ଆୟୋଜିତ ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଭିଜନ ନିର୍ଦ୍ଦେଶକ ସମ୍ମିଳନୀରେ ଅଧ୍ୟକ୍ଷତା କରି କହିଛନ୍ତି, ସିନେମା ଓ ଟେଲିଭିଜନ ଧାରାବାହିକରେ କାମ କରୁଥିବା ନିର୍ଦ୍ଦେଶକମାନଙ୍କର ଏକ ସଂଘ କରିବା ଦରକାର ଥିଲା। ବିଭିନ୍ନ ସମୟରେ ନିର୍ଦ୍ଦେଶକମାନେ ସାମ୍ନା କରୁଥିବା ଜଟିଳ ପରିସ୍ଥିତି ଓ ବୃତ୍ତିଗତ ସମସ୍ୟା କ୍ଷେତ୍ରରେ ସଂଘ ବହୁ ଭାବେ ସହଯୋଗ କରିପାରିବ। ନିର୍ଦ୍ଦେଶକମାନେ ରାଜ୍ୟ ସରକାରଙ୍କୁ ଦାବି ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ରାଜ୍ୟରେ ସିନେମା ହଲ୍ ସଂଖ୍ୟା ବଢ଼ାଇବା ସହ ସିନେମା ତିଆରି ପାଇଁ ସରକାର ସବ୍‌ସିଡି ପ୍ରଦାନ କଲେ ସିନେମା ଶିଳ୍ପ ଆଗକୁ ବଢ଼ିପାରିବ ବୋଲି ସେ କହିଛନ୍ତି। ସଂଘ ଉପସଭାପତି ବବି ଇସ୍‌ଲାମ କହିଛନ୍ତି, ମୌଳିକ କାହାଣୀ ସାଙ୍ଗକୁ ସମାଜ ସଂସ୍କାରର ବାର୍ତ୍ତା ରହିଲେ ସିନେମା ଆଦୃତ ହେବ। ଏବେ ହଲ୍‌ରେ ସିନେମା ଚାଲିବାର ୭ ଦିନ ମଧ୍ୟରେ ୟୁଟ୍ୟୁବ୍‌ରେ ଉପଲବ୍ଧ ହୋଇଯାଉଛି। ଯଦ୍ୱାରା ଦର୍ଶକ ଆଉ ହଲ୍‌କୁ ନ ଯାଇ ନିଜ ମୋବାଇଲରେ ନୂଆ ସିନେମାଟିକୁ ଦେଖିବାର ଫାଇଦା ନେଉଛନ୍ତି। ଏହାଦ୍ୱାରା ସିନେମାଟି ବ୍ୟବସାୟ କରି ନ ପାରିବାରୁ ପ୍ରଯୋଜକ କ୍ଷତି ସହୁଛନ୍ତି। ଏ ଦିଗରେ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ସଂଘର ଚେୟାରମ୍ୟାନ ସୁଧାଂଶୁ ମୋହନ ସାହୁ କହିଛନ୍ତି, ଏଣିକି ଭଲ ଓଡ଼ିଆ ସିନେମା ହେବ, ଦର୍ଶକ ହଲ୍‌କୁ ଫେରିବେ। ସେଥିପ୍ରତି ଆମେ ସମସ୍ତେ ନିଶ୍ଚିତ ଭାବେ ଦୃଷ୍ଟି ଦେବା। ଧାରାବାହିକ ହେଉ ବା ସିନେମା ଭଲ କାହାଣୀ ବାଛିବା ସବୁଠୁ ବଡ଼ କଥା। କର୍ମକର୍ତ୍ତାମାନଙ୍କ ଉପସଭାପତି କେଶବ ମଲ୍ଲିକ, ସହସମ୍ପାଦକ ଦିଲ୍ଲୀପ ପଣ୍ଡା, କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ଦାସ, ସହକୋଷାଧ୍ୟକ୍ଷ ରଶ୍ମିରଞ୍ଜନ ରାଉତ, ଆବାହକ ତିରୁପତି ସାହୁ, ରାଜେନ୍ଦ୍ର ମହନ୍ତ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଦେବୁ ପଟ୍ଟନାୟକ, ଶ୍ରୀତମ ଦାସ, ଗଦାଧର ପୁଟ୍ଟି, ଅବ୍‌ତାର ସିଂ, ସଂଗ୍ରାମ ବିଶ୍ୱାଳ, ରଞ୍ଜନ ମିଶ୍ର ଓ ଉପଦେଷ୍ଟାମଣ୍ଡଳୀରେ ସୁବାସ ଦାସ, ଜିତେନ୍ଦ୍ର ମହାପାତ୍ର, ମିହିର ସ୍ୱାଇଁ, ଶୈଳେନ୍ଦ୍ର ପରିଡ଼ା, ନରୋତ୍ତମ ପରିଡ଼ା ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକରେ ଅସୁବିଧାଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ତାପସ ସରଘରିଆ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ସଙ୍ଗଠନର କର୍ମକର୍ତ୍ତାମାନେ।

# ବିନା 'ହାତ'ରେ ଚିରଞ୍ଜୀବଙ୍କ ବନ୍ଧୁମିଳନ




ନାଉଗାଁ ବ୍ଲକ ଅନ୍ତର୍ଗତ ଚଗଲା ଦାସ ମଠ ପରିସରରେ ରବିବାର ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ସମର୍ଥକଙ୍କ ସହ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ।

## ନିର୍ବାଚନ ପୂର୍ବରୁ ବଦଳୁଛି ଜଗତ୍‌ସିଂହପୁର କଂଗ୍ରେସ ରାଜନୀତି

**ଜଗତ୍‌ସିଂହପୁର, ୨୫।୨ (ପ୍ରମୋଦ କୁମାର ନାୟକ)**

ଗତ ସାଧାରଣ ନିର୍ବାଚନ ପରଠାରୁ ବରିଷ୍ଠ କଂଗ୍ରେସ ନେତା ତଥା ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ତାଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀଙ୍କଠାରୁ ଏକପ୍ରକାର ଖାପଛଡ଼ା ଦେଇ ଆସୁଥିଲେ। ହେଲେ ରବିବାର ନାଉଗାଁ ବ୍ଲକ ଅନ୍ତର୍ଗତ ଚଗଲା ଦାସ ମଠ ପରିସରରେ ବନ୍ଧୁମିଳନ ଆଳରେ ଲୋକଙ୍କ ସହ ଯୋଡ଼ି ହେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଯେଉଁ ଢଙ୍ଗରେ ବନ୍ଧୁମିଳନ କରିଛନ୍ତି ତାହା ପ୍ରତ୍ୟେକଙ୍କୁ ବିସ୍ମିତ କରିଛି। କାରଣ ଏହା କଂଗ୍ରେସର ବନ୍ଧୁମିଳନ ବୋଲି କୁହାଯାଇଥିବାବେଳେ ବାସ୍ତବରେ ବ୍ୟାନରରେ ଦଳୀୟ ଚିହ୍ନ ଅର୍ଥାତ୍ ହାତ ଚିହ୍ନ ନ ରହିବା ଭିନ୍ନ ଧରଣର ଇସାରା ଦେଇଛି।

ବନ୍ଧୁମିଳନରେ ଚିରଞ୍ଜୀବ କହିଥିଲେ, ଗତ ଜାନୁଆରୀ ପ୍ରଥମ ସପ୍ତାହରେ ବନ୍ଧୁମିଳନ ହେବାର ଥିଲା। ବିଭିନ୍ନ କାରଣରୁ ହୋଇପାରି ନ ଥିଲା। ବିଶେଷକରି ତାଙ୍କୁ ଦଳରୁ ନିଲମ୍ବନ କରାଯିବାରୁ ଏଥିରେ ବାଧା ଉପୁଜିଥିଲା। ଏନେଇ ମାନସିକ ଦୁଶ୍ଚିନ୍ତାରେ ଗତି କରୁଥିଲେ। ନିଲମ୍ବନ ଉଠିଲା ପରେ ପିସିସି ସଭାପତି ତାଙ୍କୁ ଫୋନ୍ କରିଥିଲେ। ତେବେ ଯାହାହେଉ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ବିଶେଷକରି ନାଉଗାଁ ବ୍ଲକର ଲୋକଙ୍କ ପାଖରେ ବିଗତ ଦିନରେ ସେ ଯେମିତି ରହି ଆସିଥିଲେ ସେମିତି ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାଙ୍ଗଠନିକ କାର୍ଯ୍ୟଠାରୁ ଦୂରେଇ ରହୁଥିବା ପ୍ରସଙ୍ଗକୁ ସ୍ୱୀକାର କରି କହିଥିଲେ, ବାସ୍ତବରେ ଦୀର୍ଘ ୪ ବର୍ଷ ହେଲା ସେ ଦଳୀୟ ନେତା ଓ କର୍ମୀଙ୍କ ସହ ଯେପରି ମିଶିବା କଥା ସେପରି ମିଶିପାରି ନାହାନ୍ତି, ତେଣୁ ଦୁଃଖିତ। ଏହାସତ୍ତ୍ୱେ କଂଗ୍ରେସ ଲୋକ ଏକଜୁଟ ହୋଇ ରହିଥିବାରୁ ସେ ଖୁସି ଅନୁଭବ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆଉ ୮/୧୦ ଦିନ ପରେ ନିର୍ବାଚନ ମଣ୍ଡଳୀରେ ଏକ ବଡ଼ ଧରଣର କର୍ମୀ ସମ୍ମିଳନୀ ହେବ। ପ୍ରତ୍ୟେକେ ସଙ୍ଗଠିତ ହୋଇ ଆଗାମୀ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ନେବେ ବୋଲି ଚିରଞ୍ଜୀବ କହିଥିଲେ। ବିଜେଡିରେ ମିଶିବେ ବୋଲି ୪ ବର୍ଷ ହେବ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଲାଗି ରହୁଥିବାରୁ ସେ ସଂକ୍ରାନ୍ତରେ ପଚରାଯିବାରୁ ସେ କହିଛନ୍ତି, ସେ କହିଥିଲେ ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ। ସେହିପରି ଯଦି ବିଜେଡିରୁ ଟିକେଟ ମିଳେ ପ୍ରଶ୍ନର ଉତ୍ତରରେ କହିଥିଲେ, ଯଦି କିମ୍ବା ସ୍ପେକୁଲେଶନର କିଛି ଉତ୍ତର ନ ଥାଏ। ତାଙ୍କ ଉପରେ ଏମିତି ବହୁତ ଆଲୋଚନା ହେଉଛି। ତେଣୁ ତା'ର କିଛି ଅର୍ଥ ନାହିଁ। ଠିକ ସମୟରେ ସେ ଏନେଇ ନିଷ୍ପତ୍ତି ନେବେ। କର୍ମୀମାନଙ୍କ ଧୈର୍ଯ୍ୟ ବହୁତ, ବରଂ ଅନ୍ୟମାନେ ଅଧୈର୍ଯ୍ୟ ହେଉଛନ୍ତି। ତେଣୁ ବ୍ୟସ୍ତ ହେବା ଉଚିତ ନୁହେଁ। ବ୍ୟାନରରେ ହାତ ଚିହ୍ନ ନ ଥିବା ସମ୍ପର୍କରେ କିନ୍ତୁ କୌଣସି ଉତ୍ତର ଦେଇ ନ ଥିଲେ। ଶେଷରେ ସମୟକୁ ଅପେକ୍ଷା କରନ୍ତୁ। ସମୟ ପାଖେଇ ଆସୁଥିଲେ ସୁଦ୍ଧା ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ। ଏବେଠୁ ସବୁ କହିଦେଲେ ଆଗକୁ କ'ଣ ରହିବ ବୋଲି ପାଲଟା ପ୍ରଶ୍ନ କରି ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇଥିଲେ।

ବନ୍ଧୁମିଳନରେ ନାଉଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ପରିଡ଼ା, ଜିଲା କଂଗ୍ରେସ ଉପସଭାପତି ବିଚିତ୍ରାନନ୍ଦ ଲେଙ୍କା, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ସରପଞ୍ଚ ଲିପକ ସାହୁ, ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବେଣୁଧର ସ୍ୱାଇଁ, ଜିଲା ପରିଷଦ ପୂର୍ବତନ ସଭ୍ୟ ଦୁଃଶାସନ ନାୟକ, ପୂର୍ବତନ ଡେରିକି ସରପଞ୍ଚ ପ୍ରମିଳା ବିଶ୍ୱାଳ, ସୁନୀଲ ମାଟିଆ ପ୍ରମୁଖ ଯୋଗଦେଇ ଦେଇଥିଲେ। କୁହାଯାଉଛି ଯେହେତୁ ଚିରଞ୍ଜୀବ କେଉଁ ଦଳରୁ ପ୍ରାର୍ଥୀ ହେବାକୁ ଚାହାନ୍ତି ସ୍ପଷ୍ଟ କରି ନ ଥିଲେ, ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଭିନ୍ନ ଆକଳନ କରୁଛନ୍ତି। ସେ ସମ୍ଭବତଃ ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଭାଜପାରେ ଦେବାଶିଷ, ନୀହାର

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ବରୀର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଦେବାଶିଷ ନାୟକ ରବିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାର କିଛି ସମୟ ପରେ ଭାଜପାରେ ଯୋଗ ଦେଇଛନ୍ତି। ଦେବାଶିଷ ତାଙ୍କ ସମର୍ଥକମାନଙ୍କ ସହ ଭାଜପାରେ ଯୋଗ ଦେଇଥିବା ବେଳେ ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ସେହିପରି ପୂର୍ବତନ କଂଗ୍ରେସ ବିଧାୟକ ନୀହାର ମହାନନ୍ଦ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଉଭୟଙ୍କୁ ଦଳର ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ଭାଜପାରେ ସାମିଲ ହେବାପରେ ବିଜେଡି ଉପରେ ବର୍ଷିଛନ୍ତି ଦେବାଶିଷ। ସେ କହିଛନ୍ତି ଯେ, ଅଣଓଡ଼ିଆଙ୍କ ଶାସନରେ ବିଜେଡି ଚାଲିଛି। ଦଳରେ ଗୋଟିଏ କୋଟେରି ଏବେ କାମ କରୁଛି। ପୂର୍ବରୁ ଦଳ ଯେଭଳି ଥିଲା, ଆଉ ସେମିତି ହୋଇ ରହିନି। ବିଜେଡି ଅନୁଭବ କରିସାରିଲାଣି, ତା'ର ଆଉ ଭୋଟ୍ ନାହିଁ। ତେଣୁ ବିଜେଡି ବିଭିନ୍ନ ଦଳରୁ ଲୋକଙ୍କୁ ଆମଦାନୀ କରୁଛି। ଓଡ଼ିଶାରେ ଜୟଲଳିଥା ସିଣ୍ଡ୍ରୋମ୍ କାମ କରୁଛି ବୋଲି ଦେବାଶିଷ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେଡି ଆରମ୍ଭ ବେଳେ ସେ ନବୀନବାବୁଙ୍କ ସାଙ୍ଗରେ ଥିଲେ। ସେତେବେଳେ ସେ ଭିନ୍ନ ମଣିଷ ଥିଲେ। ବହୁତ ଭଲ କାର୍ଯ୍ୟକ୍ରମ କରାଯାଉଥିଲା। ହେଲେ ବର୍ତ୍ତମାନ ସେ ବଦଳି ଯାଇଛନ୍ତି ବୋଲି ଦେବାଶିଷ କହିଛନ୍ତି। ଏବେ ସମସ୍ତେ ରାତି ଦିନ ଭାଜପା ପାଇଁ ଏକ କରି କାମ କରିବା, ଆଉ ବିଜେଡିକୁ ହଟାଇବା ପାଇଁ ଶପଥ ନେବା ବୋଲି ଦେବାଶିଷ କହିଛନ୍ତି। ଅନ୍ୟପଟେ ଦେବାଶିଷ ବିଜେଡିକୁ ଦେଇଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ଲୋକଙ୍କ କାମ କରିବା ଲାଗି ତାଙ୍କୁ ମିଳିଥିବା ବିଭିନ୍ନ ପଦ ପଦବୀ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି।



ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ବିଜେଡିର ପୂର୍ବତନ ବିଧାୟକ ଦେବାଶିଷ ନାୟକ ଓ କଂଗ୍ରେସର ପୂର୍ବତନ ବିଧାୟକ ନୀହାର ମହାନନ୍ଦ କର୍ମୀମାନଙ୍କ ସହ ଦଳରେ ଯୋଗ ଦେଇଛନ୍ତି।

# ବିଜେଡିରୁ ଭାଜପା, ଭାଜପାରୁ ବିଜେଡି

## ବରୀ ନିର୍ବାଚନମଣ୍ଡଳୀ

**ଯାଜପୁର, ୨୫।୨ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ରାଜନୀତି ବେଶ୍ ରୋଚକ ରହିଆସିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ ଭାଜପା ନେତା ବିଜେଡିରେ ଏବଂ ଏବେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡିର ବରିଷ୍ଠ ନେତା ଭାଜପା ଶିବିରାର୍ଥୀ ହୋଇଛନ୍ତି। ଦଳୀୟ ଟିକେଟ ପାଇବା ସର୍ତ୍ତରେ ଉଭୟ ଭାଜପା ଓ ବିଜେଡି ନେତା ବିରୋଧୀ ଶିବିରକୁ ଲମ୍ଫ ମାରୁଛନ୍ତି। କରୋନା ପରେ ଭାଜପାର ବିଶ୍ୱରଞ୍ଜନ ମଲ୍ଲିକ ବିଜେଡିରେ ଯୋଗଦେଇଥିବାବେଳେ ଏବେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଦେବାଶିଷ ନାୟକ ବିଜେଡି ଛାଡ଼ି ଭାଜପାରେ।

୨୦୦୯ରେ ବରୀ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହୋଇଥିଲା। ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ୧୮ ପଞ୍ଚାୟତ ଏଥିରେ ସାମିଲ ହୋଇଥିଲା। ପୁନର୍ଗଠନ ପରେ ଯାଜପୁର ଜିଲା ବରୀ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ରସୁଲପୁରର ୧୦ ଏବଂ ଯାଜପୁର ବ୍ଲକର ୮ ପଞ୍ଚାୟତ ଏହି ନିର୍ବାଚନମଣ୍ଡଳୀରେ ରହିଛି। ୨୦୧୪ଠାରୁ ଏଠାରେ ବିଜେଡି କଡ଼ା ଟକ୍କରର ସମ୍ମୁଖୀନ ହୋଇଆସୁଛି। ଏହି ବର୍ଷ ବିଜେଡିର ଦେବାଶିଷ ନାୟକ ୭,୧୭୩ ଭୋଟ ବ୍ୟବଧାନରେ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ହରାଇଥିଲେ। ଏହାପରେ ୨୦୧୯ରେ ଦେବାଶିଷଙ୍କୁ ଆଉ ବିଜେଡିରୁ ଟିକେଟ ମିଳି ନ ଥିଲା। ତଥାପି ଦେବାଶିଷ ବିଜେଡିର ଜଣେ ସକ୍ରିୟ କର୍ମୀ ଭାବରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବିଶ୍ୱରଞ୍ଜନ ସ୍ୱାଧୀନରୁ ଭାଜପାରେ ଯୋଗଦେଇ ୨୦୧୯ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ଭାଜପା ନେତ୍ରୀ ସୁନନ୍ଦା ଦାସ ବିଜେଡିରେ ମିଶିବା ସହ ନିର୍ବାଚନ ଲଢ଼ି ବିଧାୟିକା ହୋଇଥିଲେ। ସେହି ନିର୍ବାଚନରେ ବି ଭାଜପା ସହ ବିଜେଡିର କଡ଼ା ଟକ୍କର ହୋଇଥିଲା। ବିଶ୍ୱରଞ୍ଜନ ୪,୦୬୨ ଭୋଟ ବ୍ୟବଧାନରେ ସୁନନ୍ଦାଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିର ଦଳୀୟ ଟିକେଟର ଆଶ୍ୱାସନା ପାଇ ବିଶ୍ୱରଞ୍ଜନ ଭାଜପା ଛାଡ଼ିଥିଲେ। ସେବେଠାରୁ ବିଧାୟିକା ଓ ବିଶ୍ୱରଞ୍ଜନ ବିଜେଡିର ସମାନ୍ତରାଳ ପ୍ରଚାରରେ ମାତିଛନ୍ତି।

ଭାଜପାରେ ଦେବାଶିଷ ଯୋଗଦେବା ପରେ ଦଳୀୟ ନେତୃତ୍ୱ ଭିନ୍ନ ଦିଗକୁ ଗତି କରିପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳିସ୍ଥଳେ କଂଗ୍ରେସ ଛାଡ଼ି ୨ ବର୍ଷ ତଳୁ ଭାଜପାରେ ଯୋଗଦେଇଥିବା ଉମେଶ ଜେନାଙ୍କ ରାଜନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି ବୋଲି ଆଲୋଚନା ହେଲାଣି। ଭାଜପାରେ ଉମେଶ ଯୋଗଦେବା ପରେ ତୃଣମୂଳସ୍ତରରୁ ନିର୍ବାଚନମଣ୍ଡଳୀ ପର୍ଯ୍ୟନ୍ତ ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବାରେ ସକ୍ଷମ ହୋଇଛନ୍ତି। ବରୀରେ ଭାଜପା କର୍ମୀମାନେ ଉମେଶଙ୍କୁ ଆଗାମୀ ପ୍ରାର୍ଥୀ ଭାବେ ଗ୍ରହଣ କରି ନେଇଥିବାବେଳେ ଦେବାଶିଷଙ୍କ ଆଗମନ ବରୀ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିବାକୁ ଯାଉଛି ବୋଲି ମତପ୍ରକାଶ ପାଉଛି। ଏହି ୫ ବର୍ଷ ମଧ୍ୟରେ ବରୀରେ ବିଭିନ୍ନ ଦଳୀୟ ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇଛି। ସାଙ୍ଗଠନିକ ଦକ୍ଷତା ଓ ଅର୍ଥବଳକୁ ବିଜେଡି ଏଠାରେ ଗୁରୁତ୍ୱ ଦେଉଥିବା କୁହାଯାଉଛି। ତେବେ ଜିତି ପାରିବାର ସାମର୍ଥ୍ୟ ଥିବା ନେତାଙ୍କୁ ବିଜେଡି ଟିକେଟ ମିଳିବ ବୋଲି ଗୋପନ ରଣନୀତି ଚାଲିଥିବା ଚର୍ଚ୍ଚା ହେଉଛି। ଏହିକ୍ରମରେ ବିଶ୍ୱରଞ୍ଜନ ଓ ସୁନନ୍ଦା ଆଗରେ ରହିଥିବାବେଳେ ଦେବାଶିଷଙ୍କ ନାମ ପ୍ରାୟତଃ ନ ଥିଲା ବୋଲି କହିଲେ ଚଳେ। ତାହାକୁ ଅନୁଭବ କରି ଦେବାଶିଷ ଭାଜପା ଉପରେ ଭରସା କରିଛନ୍ତି। ଦଳମତ ନିର୍ବିଶେଷରେ ଏଠାରେ ଶକ୍ତିଶାଳୀ ଚାଷୀ ସଂଗଠନ ଗଢ଼ିଉଠିଛି। ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି। ଦେବାଶିଷ ୨୦୧୯ ପରଠାରୁ ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ବିଫଳ ହୋଇଥିବା କୁହାଯାଉଥିବାବେଳେ ବିଶ୍ୱରଞ୍ଜନ ବିଜେଡିରେ ଯୋଗଦେବା ପରେ ଭାଜପାର ସାଙ୍ଗଠନିକ ସ୍ଥିତି ଦୁର୍ବଳ ହୋଇଥିବା ମନେହେଉଛି। ତେଣୁ ଦେବାଶିଷ ଓ ଉମେଶ ଏକ ହୋଇ ଭାଜପାର ସାଙ୍ଗଠନିକ ସ୍ଥିତିକୁ ଆଗେଇ ନେଲେ ବିଜେଡିକୁ ଟକ୍କର ଦିଆଯାଇପାରିବ ବୋଲି କର୍ମୀମାନେ ଆଶା କରୁଛନ୍ତି।

ଯାଜପୁର ଜିଲାର ଭୋଟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁକୁ ଦେଖି ବିଧାନସଭା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱାରେ ଲୋକ ସଭା ଭୋଟ ଦେଉଥିବା ଦେଖିବାକୁ ମିଳିଛି। ୨୦୧୯ ଲୋକ ସଭା ନିର୍ବାଚନ ତୁଳନାରେ ୨୦୨୪ରେ ଅଧିକ ମୋଦି ହାୱା ରହିବା ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ଆଧାର କରି ବିଜେଡିର ବହୁ କୋଣଠେସା ନେତା ଏବେ ଭାଜପାମୁହାଁ ହେଉଥିବା ଚର୍ଚ୍ଚା ହେଉଛି। ତେଣୁ ଭାଜପାରୁ ବିଜେଡି ଓ ବିଜେଡିରୁ ଭାଜପାକୁ ଆଦରିଥିବା ନେତାମାନେ କେତେଦୂର ନିଜ ଚେଷ୍ଟାରେ ସଫଳ ହେବେ ତାହା ସମୟ ହିଁ କହିବ ।

# ଅସିତ୍‌ଙ୍କ ବାସଭବନରେ ବିଧାୟକ ବିରୋଧୀଙ୍କ ମେଳି

**ଭଦ୍ରକ, ୨୫।୨ (ସନାତନ ରାଉତ)**

୫-ଟି ଅଧ୍ୟକ୍ଷ ଶନିବାର ଭଦ୍ରକ ଜିଲାର ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ ଗସ୍ତ ସାରି ଫେରିବା ପରେ ସନ୍ଧ୍ୟାରେ ବିଜେଡିର ଯୁବନେତା ଅସିତ୍ ପଟ୍ଟନାୟକଙ୍କ ବାସଭବନରେ ଭଦ୍ରକ ବିଧାୟକ ବିରୋଧୀଙ୍କ ମେଳି ହୋଇଛି। ନିର୍ବାଚନ ପାଖେଇ ଆସୁଥିବାରୁ ଭଦ୍ରକ ବିଧାନସଭା ଆସନ ଟିକେଟ୍ ପାଇଁ ଅସିତ୍‌ଙ୍କୁ ତାଙ୍କର ସମର୍ଥକମାନେ ନୀରବ ନ ରହି ନିଜର ନେତୃତ୍ୱ ଜାହିର କରିବାକୁ ଚାପ ପକାଉଥିବାର ଭିଡିଓ ଭାଇରାଲ ହେଉଛି। ଭଦ୍ରକ ପୌରାଧ୍ୟକ୍ଷାଙ୍କ ସ୍ୱାମୀ ଜାହିଦ୍ ହବିବ ନୀରବ ନ ରହି ଏବେଠାରୁ ସ୍ୱର ଉତ୍ତୋଳନ କରିବାକୁ ଅସିତ୍‌ଙ୍କୁ କହିବା ସହ ବିଜେଡିରୁ ଟିକେଟ୍ ନ ମିଳିଲେ ଆଗକୁ ଦଳୀୟ ବିଶୃଙ୍ଖଳା ହେବ ବୋଲି ଚେତାବନୀ ଦେଉଥିବା ଭିଡିଓରୁ ଜଣାପଡ଼ିଛି। ଭଦ୍ରକର ବିକାଶ କେବଳ ଟା' ଖଟିରେ ସୀମିତ ରହିଛି ବୋଲି ସେ କହିଥିଲେ।



ଅସିତ୍ ପଟ୍ଟନାୟକଙ୍କ ଭଦ୍ରକସ୍ଥିତ ବାସଭବନରେ ସମର୍ଥକମାନେ।

ପୂର୍ବତନ ସରପଞ୍ଚ ଭରତ ତ୍ରିପାଠୀ, ପଞ୍ଚାନନ ଲେଙ୍କା, ଯୁବନେତା ତପନ ରାଉତ, ନାରାୟଣ ଜେନା, ନାସିରୁଦ୍ଦିନ ଖାଁ, ଶରତ ସ୍ୱାଇଁ, ବିପ୍ଳବ ରାଉତଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ତେବେ ଏନେଇ ଅସିତ୍ କହିଛନ୍ତି, ୫-ଟି ଅଧ୍ୟକ୍ଷଙ୍କ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ସାରି ସେ ଘରକୁ ଫେରିଥିଲେ। ସନ୍ଧ୍ୟାରେ ସମର୍ଥକମାନେ ପହଞ୍ଚି ଏକାଠି ହୋଇଥିଲେ। ବିଧାୟକଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହ ବିଭିନ୍ନ ଅଭିଯୋଗ ମଧ୍ୟ ଉଠାଇଥିଲେ। ୨୦୧୯ରେ ଟିକେଟ୍ ନ ପାଇ ସେ ନୀରବ ରହିଥିଲେ। ଏଥର ତା'ର ପୁନରାବୃତ୍ତି ନ ହେବାକୁ ସେମାନେ ତାଙ୍କ ଉପରେ ଚାପ ପକାଉଛନ୍ତି। ତାଙ୍କର ଆଶା ଅଛି, ଦଳ ତାଙ୍କୁ ନ୍ୟାୟ ପ୍ରଦାନ କରିବ। ଲୋକଙ୍କ ନିଷ୍ପତ୍ତିକୁ ସେ ସମ୍ମାନ ଜଣାଇବେ। ନିର୍ବାଚନମଣ୍ଡଳୀକୁ ଅନେକ କୋଟି ଟଙ୍କା ଆସୁଥିବା ବେଳେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି କାରଣରୁ ନିର୍ବାଚନମଣ୍ଡଳୀରେ ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି।

# ଟିକେଟ ପାଇଁ ଆବେଦନ କଲେଣି ୧୦ ହଜାରରୁ ଅଧିକ ଆଶାୟୀ: ପ୍ରଣବ

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ଗତ କିଛିବର୍ଷ ଧରି ଜାତୀୟସ୍ତରର ସବୁ ସର୍ଭେ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଥିବାର ଗୌରବ ପ୍ରଦାନ କରିଛନ୍ତି। ସେହିଭଳି ୨୦୨୨ ପଞ୍ଚାୟତ ନିର୍ବାଚନରେ ୫୨%ରୁ ଅଧିକ ଭୋଟ ହାର ସାଙ୍ଗକୁ ୩୦ରୁ ୩୦ ଜିଲା ପରିଷଦରେ ରାଜ୍ୟବାସୀ ବିଜେଡିକୁ ଜିତାଇଛନ୍ତି। ଏହାଦ୍ୱାରା ବିଜେଡିକୁ ଓଡ଼ିଶାର ଏକ ନମ୍ବର ରାଜନୈତିକ ଦଳ ବୋଲି ରାଜ୍ୟବାସୀ ପ୍ରମାଣିତ କରିଥିବା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ପ୍ରଣବ କହିଛନ୍ତି ଯେ, ସାଢ଼େ ୪ କୋଟି ଓଡ଼ିଶାବାସୀ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଭଲପାଇବାକୁ ଏହା ପ୍ରତିପାଦିତ କରୁଛି। ଏହି ଦୁଇଟି କଥା ନିରାଟ ସତ୍ୟ। ୨୦୨୪ ସାଧାରଣ ନିର୍ବାଚନରେ ଟିକେଟ ପାଇଁ ୧୦ ହଜାରରୁ ଅଧିକ ଆଶାୟୀଙ୍କ ଆବେଦନପତ୍ର ଦଳକୁ ପ୍ରାପ୍ତ ହୋଇଛି। ଅତ୍ୟନ୍ତ ଖୁସିର କଥା ଯେ, ବହୁସଂଖ୍ୟକ ପେସାଦାର ବ୍ୟକ୍ତି ଏବଂ ଜାତୀୟ ରାଜନୈତିକ ଦଳର ନେତାମାନେ ମଧ୍ୟ ବିଜେଡି ଟିକେଟ ପାଇଁ ଆବେଦନ କରୁଛନ୍ତି। ଆମର ଦୃଢ଼ ବିଶ୍ୱାସ ଏହି ନିର୍ବାଚନରେ ସାଢ଼େ ୪ କୋଟି ରାଜ୍ୟବାସୀଙ୍କ ଆଶୀର୍ବାଦ ବଳରେ ବିଜେଡି ଏକ ଐତିହାସିକ ବିଜୟ ଆଡ଼କୁ ଗତି କରୁଛି। ଏହି ବିପୁଳ ସଂଖ୍ୟକ ଆବେଦନ ଦର୍ଶାଉଛି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ଚାଲିଛି। ନବୀନଙ୍କୁ ଲଗାତର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଲାଗି ଓଡ଼ିଶାବାସୀ ମନ ସ୍ଥିର କରିସାରିଥିବା ପ୍ରଣବ ଉଲ୍ଲେଖ କରିଛନ୍ତି।



ପ୍ରଣବ ପ୍ରକାଶ ଦାସ

## ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ

# ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ

**ବାଙ୍କୀ, ୨୫।୨ (ଜ୍ଞାନରଞ୍ଜନ ମିଶ୍ର)**

କଟକ ଜିଲା ଅନ୍ତର୍ଗତ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ବାଙ୍କୀ ଏନ୍ଏସି, ବାଙ୍କୀ ବ୍ଲକ, ଡମପଡ଼ା ବ୍ଲକ ଏବଂ ବାରଙ୍ଗ ବ୍ଲକର ୮ଟି ପଞ୍ଚାୟତକୁ ନେଇ ଗଠିତ। ଏଠାରୁ ବିଜେଡି ପ୍ରାର୍ଥୀ ଲଗାତର ୩ ଥର ଜିତି ଆସିଛନ୍ତି। ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ ବିଜୟୀ ହୋଇଥିଲେ। ୨୦୦୯ ଓ ୨୦୧୪ରେ ବିଜେଡିର ପ୍ରଭାତ ତ୍ରିପାଠୀ ଏବଂ ୨୦୧୯ରେ ତାଙ୍କ ପୁଅ ଦେବୀରଞ୍ଜନ ତ୍ରିପାଠୀ ବିଜେଡି ଟିକେଟ ପାଇ ଜୟଯୁକ୍ତ ହୋଇଥିଲେ। ତେବେ ଚିଟ୍‌ଫଣ୍ଡ ଲିଙ୍କ୍‌ରେ ପ୍ରଭାତଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ୨୦୧୯ରେ ବିଜେଡିରୁ ତାଙ୍କୁ ଟିକେଟ ମିଳି ନ ଥିଲା। ତଥାପି ପ୍ରଭାତଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କ ପୁଅଙ୍କୁ ଦଳ ଟିକେଟ ଦେଇଥିଲା।

୫ ବର୍ଷ ଭିତରେ ବାଙ୍କୀରେ ସେମିତି ଆଖିଦୃଶିଆ କାର୍ଯ୍ୟ ଦେଖିବାକୁ ମିଳି ନ ଥିବାବେଳେ ଦେବୀରଞ୍ଜନ କିନ୍ତୁ ରାଜନୈତିକ କ୍ୟାରିୟରକୁ ବେଶ୍ ମଜଭୁତ କରିପାରିଛନ୍ତି। ଇତିମଧ୍ୟରେ ସେ ଛାତ୍ର ବିଜେଡିର ରାଜ୍ୟ ସଭାପତି ଦାୟିତ୍ୱରେ ରହିଛନ୍ତି। ଏପରି କି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ମଧ୍ୟ ତାଙ୍କୁ ମିଳିଛି। ତେଣୁ ୨୦୨୪ରେ ଟିକେଟ ମିଳିବା ନେଇ ଦେବୀରଞ୍ଜନ ଆଶାବାଦୀ। ଏପରି କି ପ୍ରଭାତ ମଧ୍ୟ ଟିକେଟ ଲବିରେ ଥିବା ଆଲୋଚନା ହେଉଛି। ତେବେ ଏଭଳି ଆଲୋଚନାକୁ ପ୍ରଭାତ ଖଣ୍ଡନ କରିଛନ୍ତି। ବାଙ୍କୀ ନିର୍ବାଚନମଣ୍ଡଳୀ ପାଇଁ ଦେବୀରଞ୍ଜନଙ୍କୁ ଟିକେଟ ମିଳିବାରେ ସେଭଳି କୌଣସି ଅସୁବିଧା ନାହିଁ। ତେବେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ କାମ କରିବେ ବୋଲି ପ୍ରଭାତ କହିଛନ୍ତି।

ଅପରପକ୍ଷରେ କଂଗ୍ରେସର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ୨୦୧୪ରେ ବାଙ୍କୀ ନିର୍ବାଚନମଣ୍ଡଳୀ ଛାଡ଼ି ବେଗୁନିଆରୁ ପ୍ରାର୍ଥୀ ହୋଇ ଯେଉଁ ଭୁଲ୍ କରିଥିଲେ ତା'ର ପରିଣାମ ୨୦୧୯ରେ ଭୋଗିଥିଲେ। ଗତ ନିର୍ବାଚନରେ ସେ ବାଙ୍କୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ସୁଦ୍ଧା ଭୋଟର ତାଙ୍କ ଉପରେ ଭରସା କରିପାରି ନ ଥିଲେ। ତଥାପି ବାଙ୍କୀରେ କଂଗ୍ରେସର ଯେଉଁ ନିର୍ଦ୍ଦିଷ୍ଟ ପକେଟ ଭୋଟ ରହିଛି, ତାକୁ ପାଇ ଦେବାଶିଷ ୨ୟ ସ୍ଥାନରେ ରହିଥିଲେ। ଗତ ୫ ବର୍ଷ ମଧ୍ୟରେ ସେ ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କ ସାଙ୍ଗରେ ରହିଛନ୍ତି। ତେଣୁ ଏଥର ଦଳୀୟ ଟିକେଟ ହାସଲ କରି ବିଜୟୀ ହେବାକୁ ଜୋରସୋର ଉଦ୍ୟମ ଆରମ୍ଭ କରିଛନ୍ତି।

ଭାଜପା କଥା ଦେଖିଲେ ବାଙ୍କୀରେ ଦଳ ପୂର୍ବାପେକ୍ଷା ସ୍ଥିତି ସୁଦୃଢ଼ କରିବାରେ ଲାଗିଛି। ୨୦୦୯ ଓ ୨୦୧୪ରେ ଦଳର ପ୍ରାର୍ଥୀ ୧୦ହଜାରରୁ କମ୍ ଭୋଟ ପାଇଥିବାବେଳେ ୨୦୧୯ରେ ଭାଜପା ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ୩୨ହଜାର ଭୋଟ ପାଇଥିଲେ। ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଗୋଟେ ପ୍ରକାର ଦୃଢ଼ ଆଶା ସଞ୍ଚାର ହୋଇଥିଲା। ଏପରି କି ଗତ ୫ବର୍ଷରେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ନିର୍ବାଚନମଣ୍ଡଳୀକୁ ଆଣି ଏକ ପ୍ରକାର ମାହୋଲ ସୃଷ୍ଟି କରିଛନ୍ତି। ଭାଜପାର ତୁଷାରକାନ୍ତି ଚକ୍ରବର୍ତ୍ତୀ, ଯିଏକି ଏବେ ବାରଙ୍ଗ ଜିଲା ପରିଷଦ ସଦସ୍ୟ ରହିଛନ୍ତି, ସେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେଣୁ ୨୦୨୪ ନିର୍ବାଚନ ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ ବୋଲି ମତଦାତା ମହଲରେ ଆଲୋଚନା ହେଉଛି।



ଦେବୀରଞ୍ଜନ ତ୍ରିପାଠୀ



ଦେବାଶିଷ ପଟ୍ଟନାୟକ



ଶୁଭ୍ରାଂଶୁ ମୋହନ ପାଢ଼ୀ

# ଭାରତରେ ଅଧିକ ବେରୋଜଗାରି

ନୂଆଦିଲ୍ଲୀ,୨୫।୨

୨୦୨୨ରେ ଭାରତର ଯୁବ ବେରୋଜଗାରି ହାର ୨୩.୨୨% ଥିଲା, ଯାହାକି ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକ ତୁଳନାରେ ସର୍ବାଧିକ। ଯୁବ ବେରୋଜଗାରି ହାର ପାକିସ୍ତାନରେ ୧୧.୩% ଥିବାବେଳେ ବାଂଲାଦେଶରେ ୧୨.୯% ଓ ଭୁଟାନରେ ୧୪.୪% ଥିଲା। ସେହି ବର୍ଷ ଚାଇନାରେ ବେକାରି ହାର ୧୩.୨ ପ୍ରତିଶତ ରହିଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍ଓ)ର ଆକଳନ ଆଧାରରେ ପ୍ରସ୍ତୁତ ଉକ୍ତ ରିପୋର୍ଟ ଅନୁସାରେ ସିରିଆରେ ୨୨.୧%, ଇଣ୍ଡୋନେସିଆ ୧୩%, ମାଲେସିଆ ୧୧.୭%, ଭିଏତ୍‌ନାମ ୭.୪%, ଦକ୍ଷିଣ କୋରିଆ ୬.୯% ଓ ସିଙ୍ଗାପୁରରେ ଯୁବ ବେରୋଜଗାରି ହାର ୬.୧% ରହିଥିଲା। ଯୁବ ବେରୋଜଗାରି କହିଲେ ଶ୍ରମଶକ୍ତିର ୧୫ରୁ ୨୪ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ବୁଝାଏ, ଯାହାଙ୍କ ହାତରେ ନିଯୁକ୍ତି ନ ଥାଏ। ସେମାନେ ସ୍କୁଲ, କଲେଜରେ ସଦ୍ୟ ପାଠପଢ଼ା ସାରି ତତ୍ପରତା ସହ ଚାକିରି ଖୋଜୁଥାଆନ୍ତି। ୧୫-୩୪ ବର୍ଷ ବୟସ୍କ ପ୍ରାୟ ୩୬% ଭାରତୀୟ ଦେଶରେ ବେରୋଜଗାରିକୁ ସବୁଠୁ ବଡ଼ ସମସ୍ୟା ବୋଲି ମନେକରନ୍ତି। କ୍ୟାରିୟର ଅଭିଳାଷା, ନିଯୁକ୍ତି ପସନ୍ଦ ଓ ଭାରତୀୟ ଯୁବପିଢ଼ିଙ୍କ ଆକାଂକ୍ଷାକୁ ବିଶ୍ଳେଷଣ କରିବା ପାଇଁ ଲୋକନୀତି-ସିଏସ୍‌ଡିଏସ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହି ବିଷୟ ଜଣାପଡ଼ିଛି। ଏଥିରେ ଆହୁରି କୁହାଯାଇଛି ଯେ, ଗତ ୧ ଦଶନ୍ଧି ମଧ୍ୟରେ ଭାରତର ଯୁବ ବେରୋଜଗାରି ହାର ପ୍ରାୟ ୨୨% ରହିଆସିଥିଲା।

'ବେକାର' ରୂପେ ପଞ୍ଜୀକୃତ ହେବା ପାଇଁ ଜଣେ ବ୍ୟକ୍ତି ନିଶ୍ଚିତ ଭାବେ କାର୍ଯ୍ୟକ୍ଷମ ଓ ବେରୋଜଗାର ହୋଇଥିବା ଦରକାର। ଏଥିସହ ସେ ଚାକିରି ମଧ୍ୟ ଖୋଜୁଥିବା ଆବଶ୍ୟକ। ସାଧାରଣତଃ ଯୁବ ବେରୋଜଗାରି ହାର ବୟସ୍କ ବେରୋଜଗାରି ହାରଠାରୁ ଅଧିକ ରହିଥାଏ। କାରଣ ଅନେକ ସ୍ନାତକ ଡିଗ୍ରୀ ହାସଲକାରୀ ବ୍ୟକ୍ତି ନିଜ ଶିକ୍ଷା ଶେଷ କରିବା ପରେ ଚାକିରି ପାଇ ନ ଥାନ୍ତି। ଭାରତରେ ମଧ୍ୟ ଏହି ସ୍ଥିତି ଦେଖିବାକୁ ମିଳିଥାଏ। ଜାତୀୟ ବେରୋଜଗାରି ହାରଠାରୁ ଯୁବ ବେରୋଜଗାରି ଅଧିକ ରହିଆସିଛି। ୨୦୨୦ରେ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ବେଳେ ଦେଶରେ ବେରୋଜଗାରି ହାର ସର୍ବାଧିକ ୩୦.୯୦% ଥିବାବେଳେ ୨୦୨୧ରେ ଏହା ସାମାନ୍ୟ ହ୍ରାସ ପାଇ ୨୩.୮୯% ଥିଲା। ୨୦୨୨ରେ ଭାରତୀୟ ଯୁବ ବେରୋଜଗାରିଙ୍କ ହାର ୨୩.୨୨% ରହିଥିଲା। ତେବେ ଏସିଆ-ପ୍ରଶାନ୍ତ ମହାସାଗରିୟ କ୍ଷେତ୍ରର ରାଷ୍ଟ୍ରଗୁଡ଼ିକୁ ଦେଖିଲେ ଭାରତରେ ବେକାରି ସମସ୍ୟା ମଧ୍ୟମ ସ୍ଥିତିରେ ରହିଛି। କାମ୍ବୋଡିଆରେ ସର୍ବନିମ୍ନ ୧%ରୁ କମ୍ ବେରୋଜଗାରି ଥିବାବେଳେ ଆଫଗାନିସ୍ତାନରେ ଏହା ସର୍ବାଧିକ ୮.୮% ରହିଛି। ବିଗତ ୨ ଦଶନ୍ଧିର ସ୍ଥିତିକୁ ଅନୁଧ୍ୟାନ କଲେ ପୂର୍ବ ଏସିଆ ଓ ପାସିଫିକ୍ ତୁଳନାରେ ଆରବ ଜଗତରେ ବିଶ୍ୱର ସର୍ବାଧିକ ବେରୋଜଗାରି ରହିଥିବା ଜଣାଯାଏ।



**ଯୁବ ବେରୋଜଗାରି ହାର**

| ଦେଶ | ବେରୋଜଗାରି % |
|---|---|
| ଥାଇଲାଣ୍ଡ | ୪.୪୭ |
| ଫିଲିପାଇନ୍ସ | ୬.୩୪ |
| ଦକ୍ଷିଣ କୋରିଆ | ୬.୮୮ |
| ଭିଏତ୍‌ନାମ | ୭.୪୪ |
| ଆମେରିକା | ୭.୮୯ |
| ଅଷ୍ଟ୍ରେଲିଆ | ୮.୨୯ |
| ପାକିସ୍ତାନ | ୧୧.୩ |
| ବାଂଲାଦେଶ | ୧୨.୯ |
| ଚାଇନା | ୧୩.୨ |
| ଭୁଟାନ | ୧୪.୪ |
| ସିରିଆ | ୨୨.୧୦ |
| ଭାରତ | ୨୩.୨୨ |
| ଆର୍ମେନିଆ | ୨୪.୫୭ |
| ଲେବାନନ୍ | ୨୫.୫୦ |
| ୟେମେନ୍ | ୨୫.୬୪ |
| ଇରାନ | ୨୬.୦୦ |

(ଆଇଏଲ୍ଓ ଆକଳନ ଆଧାରରେ ବିଶ୍ୱବ୍ୟାଙ୍କ ତଥ୍ୟ ୨୦୨୨)

## ବିଲ୍ଡିଂରେ ନିଆଁ: ଜଳିଗଲେ ଭାରତୀୟ ସାମ୍ବାଦିକ



ଫୈଜଲ ଖାନ୍

ନ୍ୟୁୟର୍କ, ୨୫।୨

ଆମେରିକାର ନ୍ୟୁୟର୍କସ୍ଥିତ ହାର୍ଲେମ ଅଞ୍ଚଳର ଏକ କୋଠାରେ ରବିବାର ନିଆଁ ଲାଗି ଭାରତୀୟ ସାମ୍ବାଦିକ ଫୈଜଲ ଖାନ୍ (୨୭)ଙ୍କର ମୃତ୍ୟୁ ଘଟିଛି। ଭାରତୀୟ ଦୂତାବାସ ପକ୍ଷରୁ ଫୈଜଲଙ୍କ ପରିବାର ଓ ବନ୍ଧୁଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କ ମୃତ ଶରୀରକୁ ଭାରତ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ହାର୍ଲେମରେ ଥିବା ଏକ ଆପାର୍ଟମେଣ୍ଟର ତୃତୀୟ ମହଲାରେ ଲିଥିୟମ ବ୍ୟାଟେରିରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଅନ୍ୟ ୧୭ ଜଣ ଆହତ ହୋଇଥିବା ସ୍ଥାନୀୟ ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ମୃତ ଫୈଜଲ କଲମ୍ବିଆ ଜର୍ନାଲିଜମ ସ୍କୁଲରୁ ସ୍ନାତକ ଡିଗ୍ରୀ ହାସଲ କରିଥିବା ବେଳେ ସେ ନ୍ୟୁୟର୍କର 'ହେଚିଙ୍ଗର ରିପୋର୍ଟ' ସଂସ୍ଥା ସହ ଜଣେ ଡାଟା ରିପୋର୍ଟର ଭାବେ ଜଡ଼ିତ ଥିଲେ। ୨୦୨୦ରେ ଫୈଜଲ ଉଚ୍ଚଶିକ୍ଷା ପାଇଁ ନ୍ୟୁୟର୍କ ଯାଇଥିଲେ।

**ସଂକ୍ଷେପରେ**

## ୧୮ ଆଣବିକ ରିଆକ୍ଟର ନିର୍ମାଣ ହେବ

**ନୂଆଦିଲ୍ଲୀ,୨୫।୨(ପି.ଟି.):** ଭାରତ ଆଉ ୧୮ଟି ଆଣବିକ ରିଆକ୍ଟର ନିର୍ମାଣ କରିବାକୁ ଯାଉଛି, ଯାହାର ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୧୩,୮୦୦ ମେଗାୱାଟ୍ ହେବ। ୨୦୩୧-୩୨ ସୁଦ୍ଧା ଭାରତର ଆଣବିକ ବିଦ୍ୟୁତ୍ ଉତ୍ପାଦନ ୨୨,୪୮୦ ମେଗାୱାଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର କକ୍ରାପାରଠାରେ ୨ଟି ୭୦୦ ମେଗାୱାଟ୍‌ର ନ୍ୟୁକ୍ଲିୟର ପାୱାର ରିଆକ୍ଟରକୁ ଉଦ୍‌ଘାଟନ କରିବା ପରେ ଏନ୍‌ପିସିଆଇଏଲ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ବର୍ତ୍ତମାନ ଏନ୍‌ପିସିଆଇଏଲ୍ ୮,୧୮୦ ମେଗାୱାଟ୍‌ର ୨୪ଟି ରିଆକ୍ଟର ଚଳାଉଛି।

## ରିପବ୍ଲିକାନ୍ ପ୍ରାଇମେରି: ନିଜ ରାଜ୍ୟରେ ହାରିଲେ ନିକ୍କି



**ଚାର୍ଲେଷ୍ଟନ,୨୫।୨:** ଆମେରିକାର ସାଉଥ୍ କରୋଲିନାରେ ଶନିବାର ଅନୁଷ୍ଠିତ ରିପବ୍ଲିକାନ୍ ପ୍ରାଇମେରିରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଜୟୀ ହୋଇଛନ୍ତି। ପ୍ରାର୍ଥିତ୍ୱ ଦୌଡ଼ରେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିବା ଜାତିସଂଘର ପୂର୍ବତନ ଆମ୍ବାସାଡର ନିକ୍କି ହାଲି ନିଜ ରାଜ୍ୟରେ ହାରିଯାଇଛନ୍ତି। ଫଳରେ ରିପବ୍ଲିକାନ୍ ପାର୍ଟିରୁ ଟ୍ରମ୍ପ ତୃତୀୟ ଥର ପ୍ରାର୍ଥୀ ହେବା ଆଶା ଅଧିକ ଦୃଢ଼ ହୋଇଛି। ପୂର୍ବରୁ ସେ ଆଇଓ୍ୱା, ନ୍ୟୁ ହାମ୍ପଶାୟାର, ନେଭଡା ଏବଂ ୟୁଏସ୍ ଭର୍ଜିନ୍ ଆଇଲାଣ୍ଡ ପ୍ରାଇମେରି ଜିତିଛନ୍ତି। ସାଉଥ୍ କରୋଲିନାରେ ଟ୍ରମ୍ପଙ୍କ ବିଜୟ ଫଳରେ ନିକ୍କିଙ୍କୁ ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବା ପାଇଁ ଚାପ ବଢ଼ାଇପାରେ ବୋଲି କୁହାଯାଉଛି।

## ହାଇଦ୍ରାବାଦରେ ଗଞ୍ଜା ଚକୋଲେଟ୍ ବିକୁଥିବା ଓଡ଼ିଆ ଯୁବକ ଗିରଫ

**ହାଇଦ୍ରାବାଦ,୨୫।୨:** ହାଇଦ୍ରାବାଦରେ ଗଞ୍ଜା ଚକୋଲେଟ୍ ବିକ୍ରି କରୁଥିବା ଓଡ଼ିଶାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅନନ୍ତ କୁମାର ବାରାକ ନାମକ ଏହି ଯୁବକ ହାଇଦ୍ରାବାଦ ଉପକଣ୍ଠ ବାଲାନଗର ଅଞ୍ଚଳରେ ଗଞ୍ଜେଇରୁ ତିଆରି ଚକୋଲେଟ୍ ବିକୁଥିବାବେଳେ ଧରାପଡ଼ିଥିଲେ। ପୋଲିସ ତାଙ୍କ ଦୋକାନରୁ ୧୪୦ଟି ଗଞ୍ଜା ଚକୋଲେଟ୍ ଜବତ କରିଛି। ସେ ଶ୍ରମିକ ଏବଂ ଛାତ୍ରମାନଙ୍କୁ ଏହି ଚକୋଲେଟ୍ ବିକୁଥିଲେ ବୋଲି ସ୍ୱୀକାର କରିଛନ୍ତି। ୧୪% ଗଞ୍ଜେଇ ପତ୍ର ଅର୍କ ରହିଥିବା ୫ ଗ୍ରାମର ଏହି ଚକୋଲେଟ୍ ୨୦ ଟଙ୍କା ଦରରେ ବିକ୍ରି ହେଉଥିଲା। ପୂର୍ବରୁ ବାଲେଶ୍ୱରର ଜଣେ ଶ୍ରମିକ କୋକାପେଟ୍‌ରେ ଗଞ୍ଜା ଚକୋଲେଟ୍ ବିକ୍ରି କରି ଧରିପଡ଼ିଥିଲେ।



ଅନନ୍ତ ବାରାକ

## ରାହୁଲଙ୍କ ନ୍ୟାୟ ଯାତ୍ରାରେ ଅଖିଳେଶ

ନୂଆଦିଲ୍ଲୀ,୨୫।୨

ଉତ୍ତରପ୍ରଦେଶର ଆଗ୍ରାଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ରବିବାର ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ସାମିଲ ହୋଇଛନ୍ତି। ଇଣ୍ଡିଆ ବ୍ଲକ୍‌ର ଦୁଇ ସହଯୋଗୀ ଦଳ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବା ପରେ ଅଖିଳେଶ ନ୍ୟାୟ ଯାତ୍ରାରେ ଯୋଗଦେବେ ବୋଲି ଗୁରୁବାର କହିଥିଲେ। ବୁଝାମଣା ଅନୁଯାୟୀ ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ ସମାଜବାଦୀ ପାର୍ଟି ୬୩ ଏବଂ କଂଗ୍ରେସ ୧୭ ଆସନରେ ଲଢ଼ିବ। ନ୍ୟାୟ ଯାତ୍ରାରେ ଉଦ୍‌ବୋଧନ ଦେଇ ଅଖିଳେଶ କହିଥିଲେ, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଆଗାମୀ ଦିନରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ। ଭାଜପା ଗଣତନ୍ତ୍ର ଓ ସମ୍ବିଧାନକୁ ଧ୍ୱଂସ କରିଦେବାକୁ ବସିଛି। ଆଗାମୀ ନିର୍ବାଚନରେ ଭାଜପାକୁ ପରାଜିତ କରି ଦେଶ ବଞ୍ଚାଇବାକୁ ଏସ୍‌ପି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ଆଲିଗଡ଼ରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ନ୍ୟାୟ ଯାତ୍ରାରେ ସାମିଲ ହୋଇଥିଲେ। ୧୦ ବର୍ଷ ଶାସନରେ ଦେଶରେ ବେରୋଜଗାରି ବଢ଼ିବା ସହ ଚାଷୀ ଆନ୍ଦୋଳନ, ଦରଦାମ୍ ବୃଦ୍ଧିକୁ ନେଇ ପ୍ରିୟଙ୍କା ଭାଜପାକୁ ସମାଲୋଚନା କରିଥିଲେ।



ଆଗ୍ରାଠାରେ ଭାରତଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହୋଇଥିବା ଅଖିଳେଶ ଯାଦବଙ୍କ ସହ ରାହୁଲ ଗାନ୍ଧୀ ସେଲ୍‌ଫି ନେଉଛନ୍ତି।

## ବିନା ଡ୍ରାଇଭରରେ ୮୪ କି.ମି. ଗଡ଼ିଲା ଟ୍ରେନ୍

ନୂଆଦିଲ୍ଲୀ,୨୫।୨

ଜମ୍ମୁ-କଶ୍ମୀରର କଠୁଆ ଷ୍ଟେଶନରେ ଅଟକିଥିବା ଏକ ମାଲ୍‌ବାହୀ ଟ୍ରେନ୍ ରବିବାର ବିନା ଡ୍ରାଇଭରରେ ୮୪ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବା ଘଟଣା ଆତଙ୍କ ଖେଳାଇ ଦେଇଥିଲା। ୫୩ଟି ୱାଗନ୍ ଥିବା ଉକ୍ତ ଟ୍ରେନ୍‌ଟି ପ୍ରାୟ ୧୦୦ କିଲୋମିଟର ବେଗରେ ଗତି କରି ପଞ୍ଜାବର ହୋଶିଆରପୁର ଜିଲ୍ଲା ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ କେହି ମୃତାହତ ହୋଇନାହାନ୍ତି କିମ୍ବା କୌଣସି କ୍ଷୟକ୍ଷତି ଘଟିନାହିଁ। ସକାଳ ୭ଟା ୨୫ରୁ ୯ଟା ମଧ୍ୟରେ ଏଭଳି ଘଟଣା ଘଟିଥିଲା। ଏହାର ତଦନ୍ତ ପାଇଁ ରେଲୱେ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜମ୍ମୁର ଡିଭିଜନାଲ ଟ୍ରାଫିକ୍ ମ୍ୟାନେଜର ପ୍ରତୀକ ଶ୍ରୀବାସ୍ତବ କହିଛନ୍ତି।



ଟ୍ରେନ୍‌ଟି କଠୁଆ ଷ୍ଟେଶନରେ ଅଟକିଥିବାବେଳେ ୨ ଡ୍ରାଇଭର ଓହ୍ଲାଇ ଚା' ପିଇବାକୁ ଯାଇଥିଲେ। ସେମାନେ ଟ୍ରେନ୍‌ର ହ୍ୟାଣ୍ଡ ବ୍ରେକ୍ ଟାଣି ନ ଥିବାରୁ ତାହା ଗଡ଼ିଚାଲିଥିଲା ଓ ବାଟରେ ବେଗ ବଢ଼ିଯାଇଥିଲା। ଶେଷରେ ପଞ୍ଜାବର ଉଞ୍ଚ ବାସି ଷ୍ଟେଶନ ନିକଟରେ ଡିଖ ଉଠାଣି ଯୋଗୁ ଟ୍ରେନ୍‌ଟି ଅଟକିଯାଇଥିଲା। ବିନା ଡ୍ରାଇଭରରେ ଟ୍ରେନ୍‌ଟି ଯାଉଥିବା ସମ୍ପର୍କରେ ଉକ୍ତ ରୁଟ୍‌ର ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ କରିଦିଆଯାଇଥିଲା।

## ବାଣ କାରଖାନାରେ ବିସ୍ଫୋରଣ: ୭ ମୃତ

କୌଶମ୍ବି,୨୫।୨

ଉତ୍ତରପ୍ରଦେଶର କୌଶମ୍ବି ଜିଲାରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୭ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। କାରଖାନାର ମାଲିକ ଶାହିଦ ଅଲି ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। କୋଖ୍ରଜ ଥାନା ଅନ୍ତର୍ଗତ ମାହେଭା ଗ୍ରାମରେ ରବିବାର ମଧ୍ୟାହ୍ନ ସମୟରେ ବିସ୍ଫୋରଣ ଘଟିଥିଲା। ଅଗ୍ନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ବାଣ କାରଖାନାରେ କାମ କରୁଥିଲେ।

## ସନ୍ଦେଶଖାଲିରେ ଅନୁସନ୍ଧାନକାରୀ ଟିମ୍ ଗିରଫ

ନୂଆଦିଲ୍ଲୀ,୨୫।୨

ପଶ୍ଚିମବଙ୍ଗର ସନ୍ଦେଶଖାଲି ଅଞ୍ଚଳରେ ଆଦିବାସୀ ମହିଳାମାନଙ୍କୁ ଟିଏମ୍‌ସି ନେତା ଓ ତାଙ୍କ ସହଯୋଗୀ ଯୌନ ନିର୍ଯାତନା ଦେବା ଓ ଜମି ଛଡ଼ାଇନେବା ଘଟଣାକୁ ନେଇ ବିବାଦ ଜୋର୍ ଧରିଛି। ପୀଡ଼ିତାମାନଙ୍କୁ ଭେଟି ତଥ୍ୟ ଅନୁସନ୍ଧାନ କରିବା ଲାଗି ପାଟନା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏଲ୍. ନରସିଂହ ରେଡ୍ଡୀଙ୍କ ନେତୃତ୍ୱରେ ସେଠାକୁ ଯାଉଥିବା ୬ ଜଣିଆ ନିରପେକ୍ଷ କମିଟିର ସଦସ୍ୟମାନଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସେମାନଙ୍କୁ ଦକ୍ଷିଣ ୨୪ ପ୍ରଗଣା ଜିଲାର ଭୋଜେରହାଟଠାରେ ଅଟକାଇଥିଲା। ସେମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବାରୁ ଧାରା ୧୪୪ ଅନୁଯାୟୀ ସେମାନଙ୍କୁ ଗିରଫ କରାଯାଇଥିବା ଡିସିପି ସୈକତ ଘୋଷ କହିଛନ୍ତି। ଗିରଫ ପରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟମାନଙ୍କୁ କୋଲକାତାର ଲାଲ୍‌ବଜାର ପୋଲିସ ମୁଖ୍ୟାଳୟକୁ ଅଣାଯାଇଥିଲା। ପରେ ସେମାନଙ୍କୁ ଛାଡ଼ିଦିଆଯାଇଛି। ପୋଲିସର କାର୍ଯ୍ୟାନୁଷ୍ଠାନକୁ କମିଟି ନିନ୍ଦା କରିବା ସହ ବେଆଇନ ବୋଲି କହିଛି। କମିଟିରେ ପୂର୍ବତନ ମୁଖ୍ୟ ବିଚାରପତିଙ୍କ ସମେତ ପୂର୍ବତନ ଆଇପିଏସ୍ ଅଫିସର ରାଜପାଲ ସିଂ, ଜାତୀୟ ମହିଳା କମିଶନର ପୂର୍ବତନ ସଦସ୍ୟ ଡ. ଚାରୁୱାଲି ଖାନ୍ନା, ଏନ୍ଏଚ୍ଆର୍‌ସିର ପୂର୍ବତନ ରେଜିଷ୍ଟ୍ରାର ଓ.ପି. ବ୍ୟାସ, ବରିଷ୍ଠ ସାମ୍ବାଦିକ ସଞ୍ଜୀବ ନାୟକ ଏବଂ ଏନ୍ଏଚ୍ଆର୍‌ସି ତଥା ଏନ୍‌ସିପିସିଆର୍‌ର କନ୍‌ସଲ୍ଟାଣ୍ଟ ଭାବନା ବଜାଜ ରହିଛନ୍ତି।

## ସମୁଦ୍ର ଗର୍ଭରେ ଧ୍ୟାନମୁଦ୍ରାରେ ମୋଦି

ଦେବଭୂମି ଦ୍ୱାରକା,୨୫।୨

**ଦୀର୍ଘତମ କେବୁଲ ସେତୁ ଉଦ୍‌ଘାଟିତ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ଦୀର୍ଘତମ କେବୁଲ୍ ସପୋର୍ଟ ବ୍ରିଜ୍ 'ସୁଦର୍ଶନ ସେତୁ'ର ଉଦ୍‌ଘାଟନ କରିଛନ୍ତି। ଆରବ ସାଗରରେ ନିର୍ମିତ ୨.୩୨ କିଲୋମିଟର ଦୀର୍ଘ ଏହି ବ୍ରିଜ୍ ବେଟ୍ ଦ୍ୱାରକା ଦ୍ୱୀପକୁ ଗୁଜରାଟର ଦେବଭୂମି ଦ୍ୱାରକା ଜିଲାର ଓଖା ସହ ସଂଯୋଗ କରୁଛି। ମୋଦି ପ୍ରଥମେ ବେଟ୍ ଦ୍ୱାରକାର ଶ୍ରୀକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ୪ ଲେନ୍ ବିଶିଷ୍ଟ ସୁଦର୍ଶନ ସେତୁକୁ ଉଦ୍‌ଘାଟନ କରିଥିଲେ। ୯୭୯ କୋଟି ଟଙ୍କା ବ୍ୟୟରେ ଉକ୍ତ ବ୍ରିଜ୍ ନିର୍ମାଣ ହୋଇଛି। ପୂର୍ବରୁ ବ୍ରିଜ୍‌ର ନାଁ 'ସିଗ୍‌ନେଚର ବ୍ରିଜ୍' ଥିବାବେଳେ ତାକୁ ସୁଦର୍ଶନ ସେତୁ ଭାବେ ପୁନଃ ନାମକରଣ କରାଯାଇଛି। ଦ୍ୱାରକା ସହରଠାରୁ ୩୦ କି.ମି. ଦୂରରେ ଅବସ୍ଥିତ ବେଟ୍ ଦ୍ୱାରକା ଦ୍ୱୀପରେ ଭଗବାନ କୃଷ୍ଣଙ୍କ ପ୍ରସିଦ୍ଧ ଦ୍ୱାରକାଧୀଶ ମନ୍ଦିର ରହିଛି। ପୂର୍ବରୁ ଶ୍ରଦ୍ଧାଳୁମାନେ ବୋଟ୍ ଯୋଗେ କେବଳ ଦିନ ବେଳା ସେଠାକୁ ଯାଉଥିଲେ। ବ୍ରିଜ୍ ନିର୍ମାଣ ହୋଇଥିବାରୁ ସବୁ ସମୟରେ ସେଠାକୁ ଯାତାୟାତ କରାଯାଇପାରିବ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଡାଇଭିଂ କରି ସମୁଦ୍ରରେ ବୁଡ଼ି ରହିଥିବା ପୁରାତନ ଦ୍ୱାରକା ଯାଇ ସେଠାରେ ଭଗବାନ କୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ସେ ସମୁଦ୍ର ଗର୍ଭରେ ଯୋଗମୁଦ୍ରାରେ ବସିଥିବାର ଫଟୋ ଓ ଅନୁଭୂତି ଶେୟାର କରିଛନ୍ତି। ସେ ସେଠାରେ ଭଗବାନ କୃଷ୍ଣଙ୍କୁ ତାଙ୍କର ଅତି ପ୍ରିୟ ମୟୂର ଚନ୍ଦ୍ରିକା ଅର୍ପଣ କରିଥିଲେ।



## ସବୁଠୁ ଗରିବଙ୍କ ଦୈନିକ ଖର୍ଚ୍ଚ ୪୬ ଟଙ୍କା

ନୂଆଦିଲ୍ଲୀ,୨୫।୨

**୧୧ ବର୍ଷ ପରେ ଆସିଲା ପରିବାର ବ୍ୟବହାର ବ୍ୟୟ ସର୍ଭେ ତଥ୍ୟ**

ଭାରତର ଗ୍ରାମାଞ୍ଚଳରେ ରହୁଥିବା ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ଦୈନିକ ଖର୍ଚ୍ଚ ମାତ୍ର ୪୬ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ତାହା ୬୭ ଟଙ୍କା ବୋଲି ୨୦୨୨-୨୩ର ପରିବାର ବ୍ୟବହାର ବ୍ୟୟ ସର୍ଭେରୁ ଜଣାପଡ଼ିଛି। ଦୀର୍ଘ ୧୧ ବର୍ଷ ପରେ କେନ୍ଦ୍ର ସରକାର ଏହି ସର୍ଭେ ରିପୋର୍ଟ ପ୍ରକାଶ କରିଛନ୍ତି। ସର୍ବନିମ୍ନ ସ୍ତରରେ ଥିବା ୫ ପ୍ରତିଶତ ଏବଂ ସବୁଠୁ ଶୀର୍ଷରେ ଥିବା ୫ ପ୍ରତିଶତଙ୍କ ଦୈନନ୍ଦିନ ଘରଖର୍ଚ୍ଚରେ ବଡ଼ ବ୍ୟବଧାନ ରହିଥିବା ସର୍ଭେରୁ ଜଣାପଡ଼ିଛି। ସବୁଠୁ ଧନୀ ୫%ଙ୍କ ଦୈନିକ ଖର୍ଚ୍ଚ ଗ୍ରାମାଞ୍ଚଳରେ ୩୫୦ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ୭୦୦ ଟଙ୍କା ରହିଛି।

ସର୍ଭେ ଅନୁଯାୟୀ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ହାରାହାରି ମାସିକ ମୁଣ୍ଡପିଛା ଖର୍ଚ୍ଚ (ବର୍ତ୍ତମାନର ମୂଲ୍ୟରେ) ୩,୭୭୩ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ୬,୪୫୯ ଟଙ୍କା ରହିଛି। ୨୦୧୧-୧୨ ବର୍ଷର ମାସିକ ବ୍ୟବହାର ରେକର୍ଡ ତୁଳନାରେ ଏହା ୨.୫ ଗୁଣ ଅଧିକ। ଗତ ଦଶକରେ ମୁଖ୍ୟତଃ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ମାସିକ ଖର୍ଚ୍ଚ ବଢ଼ିଛି। ତେବେ ବାସ୍ତବ ଅବଧିରେ ଦେଖିଲେ, ମାସିକ ମୁଣ୍ଡପିଛା ଖର୍ଚ୍ଚ ସହରାଞ୍ଚଳରେ ୧.୩ ପ୍ରତିଶତ ଏବଂ ଗ୍ରାମାଞ୍ଚଳରେ ୧.୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୧-୧୨ରେ ଗ୍ରାମୀଣ ଭାରତରେ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୨,୦୦୮ ଟଙ୍କା ଏବଂ ସହରୀ ଭାରତରେ ୩,୫୧୦ ଟଙ୍କା ରହିଥିଲା। ସର୍ଭେରୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ମିଳୁଥିବା ମାଗଣା ତଥା ରିହାତି ସାମଗ୍ରୀର ଆରୋପିତ ମୂଲ୍ୟକୁ ସାମିଲ କରାଯାଇ ନାହିଁ। ଗ୍ରାମାଞ୍ଚଳରେ ରହୁଥିବା ୫ ପ୍ରତିଶତ ସବୁଠୁ ଗରିବ ଲୋକଙ୍କ ମାସିକ ମୁଣ୍ଡପିଛା ବ୍ୟୟ (ଏମ୍‌ପିସିଇ) ୧,୩୭୩ ଟଙ୍କା ହୋଇଥିବାବେଳେ ସହରାଞ୍ଚଳର ସର୍ବନିମ୍ନ ସ୍ତରରେ ଥିବା ୫ ପ୍ରତିଶତଙ୍କ ଏମ୍‌ପିସିଇ ୨,୦୦୧ ଟଙ୍କା। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ରହୁଥିବା ସବୁଠୁ ଧନୀ ୫ ପ୍ରତିଶତଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୧୦,୫୦୧ ଟଙ୍କା ହୋଇଥିବାବେଳେ ସହରାଞ୍ଚଳରେ ୨୦,୮୨୪ ଟଙ୍କା। ରାଜ୍ୟୱାରି ଦେଖିଲେ ସିକିମ୍‌ରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏମ୍‌ପିସିଇ ସର୍ବାଧିକ ୭,୭୩୧ ଟଙ୍କା ଏବଂ ୧୨,୧୦୫ ଟଙ୍କା ଥିବାବେଳେ ଛତିଶଗଡ଼ରେ ସର୍ବନିମ୍ନ ୨,୪୬୬ ଏବଂ ୪,୪୮୩ ଟଙ୍କା ରହିଛି। ସର୍ଭେ ଅନୁଯାୟୀ ଗ୍ରାମାଞ୍ଚଳ ଲୋକେ ସେମାନଙ୍କ ବ୍ୟୟର ୪୬ ପ୍ରତିଶତ ଖାଦ୍ୟରେ ବିନିଯୋଗ କରୁଥିବାବେଳେ ସହରାଞ୍ଚଳ ଲୋକେ ୩୯ ପ୍ରତିଶତ ଖାଦ୍ୟ ପାଇଁ ଖର୍ଚ୍ଚ କରିଥାନ୍ତି। ସୂଚନାଯୋଗ୍ୟ, ୨୦୧୭-୧୮ରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଏଭଳି ଏକ ସର୍ଭେ କରିଥିଲେ ମଧ୍ୟ ଖାଉଟି ବ୍ୟୟ ହ୍ରାସ ପାଉଥିବାରୁ ସରକାର ଉକ୍ତ ରିପୋର୍ଟକୁ ପ୍ରକାଶ କରି ନ ଥିଲେ।

# ଓଡ଼ିଶାର ୫୭ ରେଳ ଷ୍ଟେଶନର ହେବ ପୁନଃବିକାଶ

## ଆଜି ଭିସି ଜରିଆରେ ଶୁଭାରମ୍ଭ କରିବେ ମୋଦି

ଭୁବନେଶ୍ୱର,୨୫।୨ (ଅଭୟ ଦାଶ)



ରାଷ୍ଟ୍ରର ଜୀବନରେଖା କୁହାଯାଉଥିବା ଭାରତୀୟ ରେଳପଥର ପ୍ରାୟ ୫୫୪ ରେଳ ଷ୍ଟେଶନର ପୁନଃବିକାଶ ସାଙ୍ଗକୁ ୧୫୦୦ ରେଳ ରୋଡ ଓଭର ବ୍ରିଜ ଏବଂ ଅଣ୍ଡରପାସ୍‌ର ଶିଳାନ୍ୟାସ ସହ ଉଦ୍‌ଘାଟନ ସୋମବାର ସାରା ଦେଶରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ମୋଟ ୪୧,୦୦୦ କୋଟି ଟଙ୍କା ବ୍ୟୟ ବରାଦର ଉପରୋକ୍ତ ସଂଖ୍ୟକ ଶିଳାନ୍ୟାସ ଓ ଉଦ୍‌ଘାଟନ ଭିସି ଜରିଆରେ କରିବେ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଭାରତୀୟ ରେଳପଥର ପ୍ରମୁଖ ଜୋନ୍ ପୂର୍ବତଟ ରେଳପଥ (ଓଡ଼ିଶା)ରେ୨୧ଟି ଷ୍ଟେଶନର ପୁନଃବିକାଶ ଏବଂ ୫୨ଟି ରେଳ ରୋଡ ଓଭର ବ୍ରିଜ ଏବଂ ଅଣ୍ଡରପାସ୍‌ର ଶିଳାନ୍ୟାସ ସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ଅମ୍ରିତ ଷ୍ଟେଶନ୍ ସ୍କିମ୍ ଅଧୀନ ପୂର୍ବତଟ ରେଳ ପ୍ରାଧିକରଣରେ ଥିବା ୫୭ଟି ରେଳ ଷ୍ଟେଶନ୍ (ଓଡ଼ିଶାର ମଧ୍ୟ ୫୭ଟି ଷ୍ଟେଶନ୍ ପୁନର୍ନିର୍ମାଣ କରାଯାଉଛି)ଯଥା ଅନୁଗୋଳ,ବାଦାମପାହାଡ଼, ବଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ଼ ରୋଡ଼, ବାରିପଦା, ବରପାଲି, ବେଲପାହାଡ, ବେତନଟୀ, ଭଦ୍ରକ, ଭବାନୀପାଟଣା, ଭୁବନେଶ୍ୱର, ବିମଳାଗଡ଼, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦାମନଯୋଡ଼ି, ଢେଙ୍କାନାଳ, ଗୁଣପୁର, ହରିଶଙ୍କର ରୋଡ଼, ହୀରାକୁଦ, ଯାଜପୁର-କେନ୍ଦୁଝର ରୋଡ଼, ଜଳେଶ୍ୱର, ଜେରୋଳୀ, ଜୟପୁର, ଝାରସୁଗୁଡ଼ା, ଝାରସୁଗୁଡ଼ା ରୋଡ଼, କଣ୍ଟାବାଞ୍ଜି, କେନ୍ଦୁଝରଗଡ଼, କେସିଙ୍ଗା, ଖରିଆର ରୋଡ଼, ଖୋର୍ଦ୍ଧା ରୋଡ଼, କୋରାପୁଟ, ଲିଙ୍ଗରାଜ ମନ୍ଦିର ରୋଡ଼, ମଞ୍ଚେଶ୍ୱର, ମେରାମୁଣ୍ଡଳି, ମୁନିଗୁଡ଼ା, ନୂଆ ଭୁବନେଶ୍ୱର, ପାନପୋଷ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢ଼ାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡ଼ା, ରାଉରକେଲା, ସାକ୍ଷୀଗୋପାଳ, ସମ୍ବଲପୁର, ସମ୍ବଲପୁର ସହର, ତାଳଚେର, ତାଳଚେର ରୋଡ଼, ଟିଟିଲାଗଡ଼ ଜଙ୍କଶନ ଆଦି ସାମିଲ ହୋଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ଗତ ବର୍ଷଠାରୁ କିଛି ପ୍ରମୁଖ ଷ୍ଟେଶନ୍ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଥିଲାବେଳେ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ୨୫ରେଳ ଷ୍ଟେଶନ୍ ଯଥା ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନୁଗୋଳ, ରାଜଗାଙ୍ଗପୁର, ମେରାମୁଣ୍ଡଳି, ବାଲୁଗାଁ, ଲିଙ୍ଗରାଜ ମନ୍ଦିର ରୋଡ, ତାଳଚେର ରୋଡ, ଖୋର୍ଦ୍ଧା ରୋଡ, କଣ୍ଟାବାଞ୍ଜି, ବରଗଡ଼ ରୋଡ, ହୀରାକୁଦ, ରେଢ଼ାଖୋଲ, ବରପାଲି, ମୁନିଗୁଡ଼ା, ବଲାଙ୍ଗୀର, ହରିଶଙ୍କର ରୋଡ, ଜଳେଶ୍ୱର, ଭବାନୀପାଟଣା, ଖରିଆର ରୋଡ, ବଡ଼ବିଲ, ବାରିପଦା ଏବଂ ଦାମନଯୋଡ଼ି ଷ୍ଟେଶନ୍ ସାମିଲ ରହିଛି।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ଜରିଆରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ଷ୍ଟେଶନର ପୁନର୍ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଇଥିଲେ। ଯେଉଁଥିରେ ଓଡ଼ିଶାର ୨୫ରୁ ଅଧିକ ଷ୍ଟେଶନ୍ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାରେ ଆହୁରି ୨୧ଟି ଷ୍ଟେଶନର ମୂଳଦୁଆ ପକାଇବାକୁ ଯାଉଛନ୍ତି।

## ଲୁଇ ଫିଲିପର ନୂତନ କଲେକ୍ସନ

ଭୁବନେଶ୍ୱର,୨୫।୨



ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡର ପ୍ରିମିୟମ ପୁରୁଷ ପୋଷାକ ବ୍ରାଣ୍ଡ୍ ଲୁଇ ଫିଲିପର ବହୁ ପ୍ରତୀକ୍ଷିତ ତଥା କାରୁକାର୍ଯ୍ୟଭରା ବିବାହ ପୋଷାକର ବ୍ୟାପକ ରେଞ୍ଜ 'ରୟାଲ ଇଣ୍ଡିଆନ୍ ୱେଡିଂ କଲେକ୍ସନ'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଲୁଇ ଫିଲିପର ସିଓଓ ଫରିଦା କଲିୟାଦାନ କହିଛନ୍ତି, ଆମେ ଆନନ୍ଦଦାୟକ ବିବାହ ଋତୁକୁ ସ୍ୱାଗତ କରୁଥିବାବେଳେ ରୟାଲ ଇଣ୍ଡିଆନ୍ ୱେଡିଂ କଲେକ୍ସନକୁ ଉନ୍ମୋଚନ (ପ୍ରଚଳନ) କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ବିବାହ ଦିନରେ ବରପାତ୍ର ଜଣକ ବେଶ୍ ଆନନ୍ଦିତ ଥିଲାବେଳେ ଆମେ ବାସ୍ତବିକ ରାଜକୀୟ ଅନୁଭବ ଆଣି ଦେବାକୁ ଏହାର (ଉକ୍ତ କଲେକ୍ସନ) ଡିଜାଇନ କରାଯାଇଛି।ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଲୁଇ ଫିଲିପର ୫ଟି ଫ୍ଲାଗଶିପ ଷ୍ଟୋର ରହିଥିବାବେଳେ ଉକ୍ତ ଷ୍ଟୋରଗୁଡ଼ିକରେ ମଧ୍ୟ 'ରୟାଲ ଇଣ୍ଡିଆନ ୱେଡିଂ' କଲେକ୍ସନ ଉପଲବ୍ଧ ରହିଛି। ସେହିଭଳି ଲୁଇ ଫିଲିପ ଫ୍ଲାଗଶିପ ଷ୍ଟୋର ସମେତ ବ୍ରାଣ୍ଡର ସ୍ୱୀକୃତିପ୍ରାପ୍ତ ରିଟେଲର ଏବଂ ବ୍ରାଣ୍ଡର ମୋବାଇଲ ଆପ ଅଥବା ଅନଲାଇନ ପ୍ଲାଟଫର୍ମ www.louisphilippe.comରେ ମଧ୍ୟ ଅନ୍‌ଲାଇନ ଅର୍ଡର ସହ ଗ୍ରାହକ ଉକ୍ତ କଲେକ୍ସନକୁ କ୍ରୟ କରିପାରିବେ।

## ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୨୫।୨

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଟାଟା ଗ୍ରୁପର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲର ସାମାଜିକ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ (ଟିଏସ୍‌ଏଫ୍) ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଟିଏସ୍‌ଏଫ୍ ପକ୍ଷରୁ ବ୍ରାହ୍ମଣୀପାଳଠାରେ ମା ତାରିଣୀ ଟିପ୍ପର୍ସ ଏବଂ ଟ୍ରକ୍ ମାଲିକ ସଂଘର ମିଳିତ ସହଯୋଗରେ ଏକ ୪ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣୀପାଳ ଟାଟା ଷ୍ଟିଲ୍ ଏଫ୍‌ଏପି ପ୍ଲାଣ୍ଟ ମୁଖ୍ୟ ଲଭ୍‌ଲିନ ସ୍ୱାଇଁ ଓ ବ୍ରାହ୍ମଣୀପାଳସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍‌ର ୟୁନିଟ୍ ହେଡ ଡ. ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜରିଆରେ ୫୪୬ରୁ ଅଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା, ଯେଉଁଥିରେ ଅଧିକାଂଶ ଟ୍ରକ୍ ଡ୍ରାଇଭର ଥିଲେ ଏବଂ ସେମାନଙ୍କ ମଧ୍ୟରୁ ୪୫୮ ଜଣଙ୍କର ରିଫ୍ରାକ୍ସନ ସମସ୍ୟା ଚିହ୍ନଟ କରାଯାଇ ଉନ୍ନତ ଦୃଷ୍ଟି ଶକ୍ତି ଏବଂ ସଡ଼କ ସୁରକ୍ଷା ପାଇଁ ସେମାନଙ୍କୁ ଚଷମା ଯୋଗାଇ ଦିଆଯାଇଥିଲା। ଅପରପକ୍ଷରେ ଜାମସେଦପୁରର ଏକ ଡାକ୍ତରୀ ଟିମ୍ ସହାୟତାରେ ରୋଗ ନିରାକରଣ ପାଇଁ ଉକ୍ତ ଶିବିରରେ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଅଂଶଗ୍ରହଣକାରୀମାନଙ୍କୁ ମୌଳିକ ଜୀବନ ସହାୟତା ପ୍ରଶିକ୍ଷଣ ଦିଆଯାଇଥିଲା, ଯେଉଁଥିରେ ମାନେକ୍ୱିନ୍ ମଡେଲ୍ ବ୍ୟବହାର କରି କାର୍ଡିଓ-ପଲମୋନାରୀ ରିସସିଟେସନ୍ (ସିପିଆର) କୌଶଳ ଅନ୍ତର୍ଭୁକ୍ତ ଥିଲା।

## ଆଇଆର୍‌ଇଡିଏ ସହ ପିଏନ୍‌ବିର ବୁଝାମଣା



ଭୁବନେଶ୍ୱର,୨୫।୨

ଦେଶର ପ୍ରମୁଖ ଅକ୍ଷୟ ଶକ୍ତି ଉତ୍ପାଦନକାରୀ ସଂସ୍ଥା ତଥା ଇଣ୍ଡିଆନ୍ ରିନ୍ୟୁଏବୁଲ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି (ଆଇଆର୍‌ଇଡିଏ) ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ ସଂସ୍ଥା (ଆଇଆରଇଡିଏ ଏବଂ ପିଏନ୍‌ବି) ମିଳିତ ଭାବେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆର୍‌ଇଡିଏ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ, ସିଜିଏମ୍ (ସିସି) ରାଜୀବ, ଜିଏମ୍ (ସିସି)ମୋହିତ ଧାୱନ ଏବଂ ଜିଏମ୍ (ଇଏଲ୍‌ସିବି) ଗୌରବ ଗୁପ୍ତାଙ୍କ ସମେତ ଆଇଆର୍‌ଇଡିଏର ସିଏମ୍‌ଡି ପ୍ରଦୀପ କୁମାର ଦାସ, ନିର୍ଦ୍ଦେଶକ (ଅର୍ଥ) ଡ. ବି.କେ. ମହାନ୍ତି ଏବଂ ଜିଏମ୍ (ଅର୍ଥ)ଡ. ରମେଶ ଚନ୍ଦ୍ର ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଇଫ୍‌କୋକୁ ଏକ ନମ୍ବର ସମବାୟ ସମିତିର ମାନ୍ୟତା

ଭୁବନେଶ୍ୱର,୨୫।୨

ଭାରତୀୟ କୃଷକ ସାର ସମବାୟ (ଇଫ୍‌କୋ) ଲିମିଟେଡକୁ ଏକ ନମ୍ବର ସମବାୟ ସମିତିର ମାନ୍ୟତା ଦିଆଯାଇଛି। ଏପରିକି ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଇଫ୍‌କୋ ବିଶ୍ୱର ଶ୍ରେଷ୍ଠ ୩୦୦ ସମବାୟ ସମିତି ମଧ୍ୟରେ ଏକ ନମ୍ବର ସମବାୟ ସମିତି ସ୍ଥାନ ସହିତ ଗତ ବର୍ଷର ସ୍ଥିତିକୁ ବଜାୟ ରଖିଛି। ବିଶେଷ କରି ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି) ତୁଳନାରେ କାରବାରର ଅନୁପାତକୁ ଆଧାର କରି ଏହି ମାନ୍ୟତା ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅବସ୍ଥି କହିଛନ୍ତି, ଇଫ୍‌କୋ ଏବଂ ଭାରତୀୟ ସମବାୟ ଆନ୍ଦୋଳନରେ ଏହା ଆମ ପାଇଁ ଗର୍ବର ମୁହୂର୍ତ୍ତ। ଇଫ୍‌କୋରେ ଆମେ ସବୁବେଳେ କୃଷକଙ୍କ ଆୟ ବଢ଼ାଇବା, ସାରା ଦେଶରେ କୃଷକମାନଙ୍କର ଅଭିବୃଦ୍ଧି ସୁନିଶ୍ଚିତ କରିବା ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରତିଶ୍ରୁତିବଦ୍ଧ। ଆମେ ନବସୃଜନ ଉପରେ ବିଶ୍ୱାସ କରୁ, କାରଣ ଏହା ସଫଳତାର ଚାବିକାଠି । ସେଥିପାଇଁ ଆମେ କୃଷି ବିଶେଷ କରି ବିକଳ୍ପ ସାର ପାଇଁ ନାନୋ ଟେକ୍ନୋଲୋଜିଭିତ୍ତିକ ସମାଧାନ ଆରମ୍ଭ କରୁଛୁ, ଯାହା ଇଫ୍‌କୋ ନାନୋ ୟୁରିଆ ଲିକ୍ୱିଡ୍‌ରୁ ଆରମ୍ଭ ହୋଇଛି। ଏହାକୁ ଭାରତୀୟ କୃଷକମାନେ ବହୁତ ଭଲ ଭାବେ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସମୟରେ ଇଫ୍‌କୋ ନାନୋ ଡିଏପିର ଶୁଭାରମ୍ଭ କରିଥିଲାବେଳେ ନିକଟରେ ଭାରତ ସରକାରଙ୍କ ବାର୍ଷିକ ବଜେଟରେ ଏହା ଉଲ୍ଲେଖ କରାଯାଇଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ସଫଳତା ପାଇଁ ମୁଁ ଇଫ୍‌କୋ ଏବଂ ଦେଶର ସମଗ୍ର ସମବାୟ ସମ୍ପ୍ରଦାୟର ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି।

ଫୁରସତ୍



## ମା'ଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି ଶାହରୁଖ୍

ମୁମ୍ବାଇ

ସବୁବେଳେ ଭାରତୀୟ ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ୧୯୮୮ ମସିହାରେ 'ଫୌଜି' ଟିଭି ସିରିଏଲରୁ କ୍ୟାରିୟର ଆରମ୍ଭ କରିଥିଲେ। ସେତେବେଳେ ଶାହରୁଖ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବାକୁ ଚାହୁଁ ନଥିବା ଖୁଲାସା କରିଛନ୍ତି ଅଭିନେତା ତଥା ଫିଲ୍ମ ନିର୍ମାତା ବିବେକ ବାସୱାନି। ସେ ସମୟରେ ଶାହରୁଖ୍ କେବଳ ଟିଭିରେ କାମ କରିବାକୁ ଚାହୁଁଥିବା ଏକ ସାକ୍ଷାତ୍‌କାରରେ ବାସୱାନି ସୂଚନା ଦେଇଛନ୍ତି। କିନ୍ତୁ ଶାହରୁଖ୍‌ଙ୍କ ମା' ଲତିଫ୍ ଫତିମା ଖାନ୍ ସବୁବେଳେ ତାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ସୁପରଷ୍ଟାର ଭାବେ ଦେଖିବାକୁ ଚାହୁଁଥିଲେ। ୧୯୯୧ ମସିହାରେ ମା'ଙ୍କ ମୃତ୍ୟୁ ପରେ ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇ ଶାହରୁଖ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ କରିବା ପାଇଁ ମନ ବଳାଇଥିବା ତାଙ୍କ ବନ୍ଧୁ ବିବେକ ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ପରେ ନିଜ ନିଖୁଣ ଅଭିନୟ ମାଧ୍ୟମରେ ବଲିଉଡ୍‌ରେ ଅନେକ ଚଳଚ୍ଚିତ୍ରକୁ ସୁପର ହିଟ୍ କରାଇବାରେ ଶାହରୁଖ୍ ସଫଳ ହୋଇଥିଲେ ଓ ତାଙ୍କୁ ବଲିଉଡ୍ ସୁପରଷ୍ଟାରର ମାନ୍ୟତା ମିଳିଥିଲା। ଏହିପରି ଭାବେ ସେ ନିଜ ମା'ଙ୍କ ଶେଷ ସ୍ୱପ୍ନକୁ ପୂରଣ କରିଥିବା ଉକ୍ତ ସାକ୍ଷାତ୍‌କାରରେ ବିବେକ କହିଛନ୍ତି। ସୂଚନାଯୋଗ୍ୟ, ୯୦ ଦଶକରେ ଉଭୟ ଶାହରୁଖ୍ ଓ ବିବେକ ଭଲ ବନ୍ଧୁ ଥିବା ସହ ଅନେକ ହିଟ୍ ଚଳଚ୍ଚିତ୍ରରେ ଉଭୟ କାମ କରିଥିଲେ। 'ଜୋଶ', 'ରାଜୁ ବନ୍ ଗୟା ଜେଣ୍ଟଲ୍ ମ୍ୟାନ', 'କିଙ୍ଗ୍ ଅଙ୍କଲ୍', 'ଇଂଲିଶ ବାବୁ ଦେଶୀ ମେମ', 'ଦୁଲ୍‌ହା ମିଲ୍ ଗୟା' ଭଳି ଅନେକ ଚଳଚ୍ଚିତ୍ରରେ ଉଭୟ ଏକାଠି କାମ କରିଛନ୍ତି। ସେହିପରି ଗତ ବର୍ଷ କିଙ୍ଗ୍ ଖାନଙ୍କ ଅଭିନୀତ 'ପଠାନ୍' ଓ 'ଜୱାନ୍' ବହୁତ ହିଟ୍ ହୋଇଥିବା ବେଳେ ପ୍ରଶଂସକମାନେ ତାଙ୍କ ଆଗାମୀ ପ୍ରୋଜେକ୍ଟକୁ ନେଇ ଅପେକ୍ଷାରେ ରହିଛନ୍ତି।

## ବନ କର୍ମଚାରୀଙ୍କୁ ଶୁଣ୍ଢ ଟେକି ମା' ହାତୀର ଧନ୍ୟବାଦ

କୋଇମ୍ବାଟୁର୍



ତାମିଲନାଡୁ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ନିକଟରେ ନିଜ ଏକ୍ସ' ହ୍ୟାଣ୍ଡେଲରେ ଏକ ପୋଷ୍ଟ ଶେୟାର କରିଥିଲେ, ଯାହା ବେଶ ଭାଇରାଲ ହେବାରେ ଲାଗିଛି। ଗୋଟିଏ ମା' ହାତୀ ଶୁଣ୍ଢ ଟେକି ବନ କର୍ମଚାରୀଙ୍କୁ ଧନ୍ୟବାଦ ଦେଉଥିବାର ଏକ ଭିଡିଓ ସେ ପୋଷ୍ଟ କରିଥିବା ବେଳେ, ଏହାକୁ ଅନେକ ୟୁଜର୍ସ ବେଶ ପସନ୍ଦ କରିଛନ୍ତି। ତାମିଲନାଡୁର କୋଇମ୍ବାଟୁର୍‌ର ପୋଲାଚି ନିକଟରେ ଏକ କେନାଲରେ ଗୋଟିଏ ହାତୀଛୁଆ ଭୁଲବଶତଃ ଖସିପଡିଥିଲା। ଛୁଆକୁ ଉଦ୍ଧାର କରିବାକୁ ମା' ହାତୀଟି ବାରମ୍ବାର ଉଦ୍ୟମ କରିଥିବା ସତ୍ତ୍ୱେ କେନାଲରେ ପ୍ରବଳ ଜଳ ପ୍ରବାହ ହେତୁ ବିଫଳ ହୋଇଥିଲା। ସ୍ଥାନୀୟ ଅଧିବାସୀଙ୍କଠାରୁ ଖବର ପାଇ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ଉକ୍ତ କେନାଲ ନିକଟରେ ପହଞ୍ଚିଥିଲେ। ପ୍ରାରମ୍ଭରେ ହାତୀଛୁଆଟିର ଉଦ୍ଧାର କାର୍ଯ୍ୟରେ ବନ ବିଭାଗ କର୍ମଚାରୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିନ୍ତୁ ବନ କର୍ମଚାରୀ ମାନଙ୍କ ଅସାଧାରଣ ଉଦ୍ୟମ ଓ ସାହସ ଯୋଗୁଁ ଛୁଆହାତୀଟିକୁ ଶେଷରେ ଉଦ୍ଧାର କରାଯାଇପାରିଥିଲା, ଯାହାଫଳରେ ମା' ହାତୀଟି ନିଜ ଛୁଆକୁ ଫେରି ପାଇଥିଲା। ଏହି ସ୍ୱର୍ଶକାତର ମୁହୂର୍ତ୍ତର ଭିଡିଓକୁ ଆଇଏସ୍ ଅଧିକାରୀ ସୁପ୍ରିୟା ସାହୁ ଶେୟାର କରିଛନ୍ତି, ଯେଉଁଥିରେ ନିଜ ଛୁଆକୁ ଫେରିପାଇଥିବାରୁ ମା' ହାତୀଟି ଶୁଣ୍ଢ ଟେକି ବନ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଉଛି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଏହି ପୋଷ୍ଟ ଦେଖି ବନ୍ୟଜନ୍ତୁପ୍ରେମୀମାନେ କମେଣ୍ଟ କରି ନିଜର ମତ ପ୍ରକାଶ କରିଛନ୍ତି। ଏହାକୁ ହୃଦୟସ୍ପର୍ଶୀ ଦୃଶ୍ୟ କହି ପ୍ରାଣୀ ଏବଂ ମଣିଷ ମଧ୍ୟରେ ରହିଥିବା ଗଭୀର ବନ୍ଧନକୁ ଏହା ମନେପକାଇ ଦେଉଥିବା କିଛି ୟୁଜର୍ସ କହିଛନ୍ତି। ଛୁଆହାତୀକୁ ଉଦ୍ଧାର କରି ମା' ହାତୀ ସହ ତାର ପୁନଃ ମିଳନ କରାଇବାରେ ବନ କର୍ମଚାରୀଙ୍କ ଆପ୍ରାଣ ଉଦ୍ୟମକୁ ଅନେକ ୟୁଜର୍ସ ବହୁଳ ଭାବେ ପ୍ରଶଂସା କରିଛନ୍ତି।

## ମନ ଜିଣୁଛି 'ଆର୍ଟିକିଲ ୩୭୦'

ମୁମ୍ବାଇ




ଜାତୀୟ ପୁରସ୍କାର ବିଜେତା ଆଦିତ୍ୟ ସୁହାସ ଜାମ୍ଭଲେଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍ଟିକିଲ ୩୭୦'କୁ ନେଇ ବର୍ତ୍ତମାନ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ୟାମି ଗୌତମଙ୍କ ଅଭିନୀତ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ମାତ୍ରେ ଦର୍ଶକଙ୍କ ମନ ଜିଣିବାରେ ଲାଗିଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦର କାହାଣୀ ବଡ ପରଦାରେ ଦେଖିବାକୁ ମିଳିଛି। ତେବେ ଏହି ଫିଲ୍ମକୁ ନେଇ ପ୍ରଶଂସକଙ୍କ ସକାରାତ୍ମକ ପ୍ରତିକ୍ରିୟା ମିଳିବାରେ ଲାଗିଛି। ବକ୍ସ ଅଫିସରେ ଏହି ଫିଲ୍ମ ଜବରଦସ୍ତ ହିଟ୍ ହେବ ବୋଲି ଆକଳନ କରାଯାଉଛି। ପ୍ରଥମ ୨ ଦିନର ବକ୍ସ ଅଫିସ କଲେକ୍ସନ ମଧ୍ୟ ପ୍ରକାଶ ପାଇଛି। ଆଡଭାନ୍ସ ବୁକିଂ ହେତୁ ରିଲିଜ ହେବାର ପ୍ରଥମ ଦିନରେ ଫିଲ୍ମଟି ୫.୯ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଦ୍ୱିତୀୟ ଦିନରେ ଏହି ଚଳଚ୍ଚିତ୍ର ପ୍ରାୟ ୭,୫ କୋଟି ଟଙ୍କା ରୋଜଗାର କରିଛି। ୨ ଦିନ ମଧ୍ୟରେ ଏହି ଫିଲ୍ମ ୧୩.୪ କୋଟି ଟଙ୍କା ରୋଜଗାର କରିସାରିଲାଣି। ଦୁଇ ଦିନର ଆୟକୁ ଦେଖି ଆକଳନ କରାଯାଉଛି, ଏହି ଚଳଚ୍ଚିତ୍ର ଆଗାମୀ ଦିନରେ ଆହୁରି ଅଧିକ ରୋଜଗାର କରିବ। ଦେଶର ୧୫୦୦ ସିନେମା ହଲର ପ୍ରାୟ ୨୨୦୦ ସ୍କ୍ରିନରେ ଏହି ଚଳଚ୍ଚିତ୍ର ରିଲିଜ ହୋଇଛି। ଅଭିନେତ୍ରୀ ୟାମି ଗୌତମ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଗୁଇନ୍ଦା ବିଭାଗ ଅଧିକାରୀ ଭାବେ ଏହି ଫିଲ୍ମରେ ୟାମିଙ୍କ ଦମଦାର ଅଭିନୟଙ୍କୁ ଦର୍ଶକ ବେଶ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଦିତ୍ୟ ସୁହାସ ଜାମ୍ଭଲେ ପୂର୍ବରୁ 'ଉରି' ଏବଂ 'ଦି ସର୍ଜିକାଲ ଷ୍ଟ୍ରାଇକ୍' ଚଳଚିତ୍ରର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଭୟ ଜିତିଲେ ଟାଇଟଲ

ନୂଆଦିଲ୍ଲୀ, ୨୫।୨ (ପି.ଟି.): ଏସିଆନ ଗେମ୍ସ ପଦକ ବିଜେତା ଅଭୟ ସିଂ ଟରଣ୍ଟୋରେ ଅନୁଷ୍ଠିତ ୯,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଗୁଡ୍‌ଫେଲୋ କ୍ଲାସିକ୍ ଚ୍ୟାଲେଞ୍ଜର ସ୍କ୍ୱାଶ୍ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଥିଲେ। ଏହା ତାଙ୍କର ୮ମ ପିଏସ୍‌ଏ ଟାଇଟଲ। ଫାଇନାଲରେ ସେ ୱେଲ୍ସର ଏଲିଅଟ୍ ମୋରିସ୍ ଡେଭରେଡ୍‌ଙ୍କୁ ୧୧-୭, ୧୧-୯, ୧୧-୯ରେ ହରାଇ ଦେଇଛନ୍ତି। ଏହା ତାଙ୍କ କ୍ୟାରିୟରର ୧୨ ତମ ଫାଇନାଲ ଥିଲା।

# ମୁମ୍ବାଇ ଇଣ୍ଡିଆନ୍ସର ଦ୍ୱିତୀୟ ବିଜୟ

**ଓମେନ୍ସ ପ୍ରିମିୟର ଲିଗ୍ କ୍ରିକେଟ**

ବେଙ୍ଗାଲୁରୁ, ୨୫।୨ (ପି.ଟି.)

ହରମନପ୍ରୀତ କୌର ଓ ଆମେଲିଆ କେର୍‌ଙ୍କ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ରବିବାର ଖେଳାଯାଇଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଏକ ମ୍ୟାଚରେ ୫ ଉଇକେଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ୧୨୭ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ଗତଥରର ଚାମ୍ପିୟନ ଦଳର ଶୀଘ୍ର ୩ ଉଇକେଟ ପତନ ଘଟିଥିଲା। ତେବେ ହରମନପ୍ରୀତ (୪୬*) ଓ ଆମେଲିଆ (୩୧)ଙ୍କ ମଧ୍ୟରେ ୬୬ ରନର ମହତ୍ତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଦଳ ପାଇଁ ବିଜୟ ପଥ ସୁଗମ କରିଥିଲା। ହରମନପ୍ରୀତ ଏକ ବିଶାଳ ଛକା ଯୋଗେ ମୁମ୍ବାଇ ୧୮.୧ତମ ଓଭରରେ ଖେଳର ପରିସମାପ୍ତି ଘଟାଇଥିଲା। ପୂର୍ବରୁ ଭେଟେରାନ ପେସର ଶବନମ ଇସ୍ମାଇଲ (୩/୧୮) ଓ ଲେଗ୍ ସ୍ପିନର ଆମେଲିଆ (୪/୧୭)ଙ୍କ ଚମତ୍କାର ବୋଲିଂ ଯୋଗୁ ଗୁଜରାଟକୁ ୧୨୬/୯ରେ ସୀମିତ କରି ଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ: ୨୦ ଓଭରରେ ୧୨୬/୯ (ତନୁଜା କନୱାର-୨୮, କ୍ୟାଥରିନ୍ ବ୍ରାଇସ୍-୨୫*; ଆମେଲି କେର୍-୪/୧୭, ଶବନିମ ଇସ୍ମାଇଲ-୩/୧୮)। ମୁମ୍ବାଇ ଇଣ୍ଡିଆନ୍ସ: ୧୮.୧ ଓଭରରେ ୧୨୯/୫ (ହରମନପ୍ରୀତ-୪୬*, ଆମେଲି କେର୍-୩୧ ; ତନୁଜା କନୱାର-୨/୨୧)।

# ଛତିଶଗଡ଼ ଚାମ୍ପିୟନ

**ଯୁବା ବାସ୍କେଟବଲ**

ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)

ସନ୍‌ସାଇନ୍ ଯୁବ ସଙ୍ଗଠନ ଆନୁକୂଲ୍ୟରେ ଇଣ୍ଡା ପାର୍କ ପରିସରରେ ଅନୁଷ୍ଠିତ ଯୁବା ଓପନ ବାସ୍କେଟବଲ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଫାଇନାଲରେ ଛତିଶଗଡ଼ ଫରେଷ୍ଟ ୪୩-୪୦ରେ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ଛତିଶଗଡ଼ ୭୩-୫୫ ପଏଣ୍ଟରେ ଯୁବା ଜୁନିୟର ଦଳକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ରାଉରକେଲା ଯୁବା ସିନିୟରକୁ ୭୨-୫୨ରେ ହରାଇ ଦେଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୫,୦୦୦ ଓ ରନରଅପ୍ ଦଳକୁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ତୃତୀୟ ସ୍ଥାନ ହାସଲ କରିଥିବା ଯୁବା ଜୁନିୟରକୁ ୭,୦୦୦ ଟଙ୍କା ଦିଆ ଯାଇଥିଲା। ଛତିଶଗଡ଼ର ବସନ୍ତନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଓ କର୍ପୋରେଟର ରାଜକିଶୋର ଦାସ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ଟରଣ୍ଟୋ ମୁଖ୍ୟ ଜଗଂଶ୍ୱର୍ ମହାପାତ୍ର, ଜସବନ୍ତ ମୋଦ, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ଚକ୍ର, ଆଦର୍ଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ସୁନାମଧନ୍ୟ ଖେଳାଳି ସୌଭାଗ୍ୟ ଓଝା, ଜି. ଏମ. ଅଳକା ନନ୍ଦ, କେ. ବିବେକ, ଲିଜାଲିନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା।


ଚାମ୍ପିୟନ ଛତିଶଗଡ଼ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ବିର୍ସା ମୁଣ୍ଡାରେ ଭାରତର ଅଭିଯାନ ଶେଷ


ଆୟର୍ଲାଣ୍ଡ ବିପକ୍ଷରେ ଗୋଲ୍ ଦେବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍**

**ଆୟର୍ଲାଣ୍ଡକୁ ୪-୦ ଗୋଲ୍‌ରେ ହରାଇଲା**

ରାଉରକେଲା, ୨୫।୨ (ଦୀନେଶ ମିଶ୍ର)

ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ର ରବିବାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏଥିସହ ଘରୋଇ ପରିବେଶରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ସମେତ ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ ଓ ସ୍ପେନ୍ ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୪ଟି ଲେଖାଏ ମ୍ୟାଚ ଖେଳିଥିଲେ। ଆୟର୍ଲାଣ୍ଡ ବିପକ୍ଷରେ ଏଠାରେ ଭାରତ ପକ୍ଷରୁ ନୀଳକାନ୍ତ ଶର୍ମା ୧୪, ଆକାଶଦୀପ ସିଂ ୧୫, ଗୁରଜାନ୍ତ ସିଂ ୩୮ ଓ ଜୁଗରାଜ ସିଂ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୮ ମ୍ୟାଚରୁ ୩ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୫ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ନେଦରଲାଣ୍ଡ୍ସ ୧୨ ମ୍ୟାଚରୁ ୨୬ ଓ ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୨୦ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୮ ମ୍ୟାଚ ଖେଳିଥିଲେ ମଧ୍ୟ ପଏଣ୍ଟ ଖାତା ଖୋଲି ପାରିନାହିଁ। ଏହି ମ୍ୟାଚରେ ଭାରତ ୨ଟି ପେନାଲ୍ଟି କର୍ନର ପାଇଥିଲା ଏବଂ ୨ଟି ଯାକକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲା। ଗୁରଜାନ୍ତ ସିଂ ଓ ହରମନପ୍ରୀତ ସିଂ ଗ୍ରୀନ୍ ଏବଂ ମୋଇରାଙ୍ଗଥେମ୍ ରବିଚନ୍ଦ୍ର ୟେଲୋ କାର୍ଡ ପାଇଥିଲେ।

ଅନ୍ୟଏକ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୫-୩ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ପକ୍ଷରୁ ଡୁକୋ ଟେଲଗେନକାମ୍ପ ୨ଟି, ଜିପ୍ ଜାନସେନ, ଜେପ୍ ହୋଡମେକର୍ସ ଓ ପିଟର ଟେରେନ୍ସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅଷ୍ଟ୍ରେଲିଆର ଜାକବ ଆଣ୍ଡରସନ, ଟିମ୍ ବ୍ରାଣ୍ଡ ଓ ଜେରେମି ହେୱାର୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ।


# CLASSIFIED DISPLAY

| TARIFF — MORE SPACE • SAME PRICE (GST 5%) | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30 days | |
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ଜନ୍ମଦିନ ଶୁଭେଚ୍ଛା**

ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନକ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ ପରିବାରବର୍ଗ।
ଧ-୭୫୭୦୮


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହସରଙ୍ଗା ସସ୍‌ପେଣ୍ଡ, ଗୁରବାଜଙ୍କୁ ଜରିମାନା

ଦୁବାଇ, ୨୫।୨ (ପି.ଟି.): ଦାମ୍ବୁଲାଠାରେ ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶ୍ରୀଲଙ୍କା ଅଧିନାୟକ ୱାନିନ୍ଦୁ ହସରଙ୍ଗାଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିଥିବା ବେଳେ ଆଫଗାନିସ୍ତାନ ଉଇକେଟକିପର-ବ୍ୟାଟର ରହମାନୁଲ୍ଲା ଗୁରବାଜଙ୍କୁ ତାଙ୍କ ମ୍ୟାଚ ଫି'ର ୧୫ ପ୍ରତିଶତ ଜରିମାନା କରିଛି। ସଦ୍ୟତମ ଆଇସିସି ଆଚରଣ ବିଧି ଉଲ୍ଲଂଘନ ପାଇଁ ଶ୍ରୀଲଙ୍କା ଟି୨୦ ଅଧିନାୟକ ତଥା ଆଇସିସି ପୁରୁଷ ଖେଳାଳି ର୍‍ୟାଙ୍କିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ହସରଙ୍ଗାଙ୍କୁ ୩ ଡିମେରିଟ୍ ପଏଣ୍ଟ ମିଳିବା ସହ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଛି। ଫଳରେ ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚି ଯାଇଥିବାରୁ ତାଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିବାକୁ ପଡ଼ିଲା ବୋଲି ବିଶ୍ୱ କ୍ରିକେଟ ପରିଚାଳନା ପରିଷଦ କହିଛି। ହସରଙ୍ଗାଙ୍କୁ ନେଇ ଏହି ଘଟଣା ବୁଧବାର ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଶେଷରେ ଘଟିଥିଲା। ଏକ ଫୁଲଟସ୍‌କୁ ନୋ-ବଲ୍ ଦିଆଯାଇ ନ ଥିବା ଦର୍ଶାଇ ସେ ଫିଲ୍ଡ ଅମ୍ପାୟର ଲିନଡନ ହାନିବାଲଙ୍କୁ ସମାଲୋଚନା କରିଥିଲେ। ଏହାଦ୍ୱାରା ସେ ଆଚରଣ ବିଧିର ଧାରା ୨.୨୩ର ଉଲ୍ଲଂଘନ କରିଥିଲେ। ଅନ୍ୟପକ୍ଷରେ ଆଫଗାନିସ୍ତାନ ବ୍ୟାଟର ଗୁରବାଜ ସମାନ ମ୍ୟାଚରେ ଆଇସିସି ଆଚରଣ ବିଧିର ଧାରା-୧ ଉଲ୍ଲଂଘନ କରିଥିଲେ। ସେ ଅମ୍ପାୟରଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିଥିଲେ। ଗୁରବାଜଙ୍କୁ ବାରମ୍ବାର ଚେତାବନୀ ସତ୍ତ୍ୱେ ସେ ତାଙ୍କ ବ୍ୟାଟ୍‌ର ଗ୍ରିପ୍‌କୁ ବଦଳ କରିଥିଲେ। ଆଫଗାନିସ୍ତାନ କ୍ରିକେଟରଙ୍କର ୨୪ ମାସରେ ଏହା ଦ୍ୱିତୀୟ ଅପରାଧ। ତାଙ୍କ ଖାତାରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯିବା ଦ୍ୱାରା ଏହି ସଂଖ୍ୟା ୨ରେ ପହଞ୍ଚିଛି।


# Classified Everyday 0674-2580101, 2549949


REAL ESTATE

**SALE**

Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348. D-71069

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854. D-75916

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବା 9827119799. D-2605

House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663. D-2591

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

Bhubaneswar Infocity-2 Reserve Bank ପାଖରେ ନଗଦ ଘର କରିବା ପାଇଁ 8000sqft. ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438859527. D-75920


CONSTRUCTION

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Ashirvaad Salon and SPA get good massage for your health tha best therapy. 7077181074. D-75711

Relax refreshment body massage therapy by experience lady therapist. 7008773793. D-76102

Relax, Refresh your body, mind by expert therapist. Contact: 9938843929. D-76103

Relax, Refresh your body, Mind at Saikrupa Spa with best therapies. 8984068077. D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

**LOST**

ମୁଁ ସହଦେବ ପରିଡ଼ା, ସା- ବଡ଼ବନ୍ଧକେରା, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ ଅଟେ। ପ୍ରତିମା ମହାପାତ୍ର, ସ୍ୱାମୀ- ହରିହର ମହାପାତ୍ର, ସା- ବରୁଡ଼ିଙ୍କ ବଡ଼ବନ୍ଧକେରା ମୌଜାରେ ଥିବା ଖାତା ନଂ.-୬୫୧/୧୮୨, ପ୍ଲଟ୍ ନଂ.-୬୩୭/୧୯୩୭, ଏରିଆ-୫.୫ର ଏକ ଜାଗା କିଣିଥିଲି। ଉକ୍ତ ଜାଗାର ପଟ୍ଟା ବ୍ରହ୍ମଗିରି ରାସ୍ତାରେ ହଜି ଯାଇଅଛି। ଏହାକୁ ମୁଁ କୌଣସିଠାରେ ବନ୍ଧକ ରଖିନାହିଁ। ଯଦି ଏହାକୁ କେହି ପାଇଥାନ୍ତି ତେବେ ଉକ୍ତ ମୋବାଇଲ ନଂ.- 8839911795ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୬୨୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**

By virtue of an affidavit No.- 119 dtd. 09.02.2024 sworn before Executive Magistrate, Bhadrak. I Abhimanyu Behera, S/o- Benudhar Behera, Vill- Rajendrapur, P.O.- Barikpurbazar, Dist.- Bhadrak do hereby solemnly affirm and declare that my younger father namely Narayan Behera, S/o- Ghaneswar Behera having LIC Policy No.- 857398917 and he has expired on dtd 12.12.2023. I am the legal nominee of this Policy. That Narayan Behera father's correct name is Khageswar Behera which is recorded in Aadhaar. I the deponent further declare that Narayan Behera's father Ghaneswar Behera and Khageswar Behera both is same and one person. D-2622

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**


୰ହରିହର ସେନାପତି
କୁହା, ଭୁବନେଶ୍ୱର
ଆବିର୍ଭାବ: ୧୧।୦୪।୧୯୩୯
ତିରୋଧାନ: ୧୬।୦୨।୨୦୨୪
(ମାଘ ଶୁକ୍ଳ ସପ୍ତମୀ, ଶୁକ୍ରବାର)
ତୁମର ଅସୀମ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ନିଷ୍ଠା, ପରୋପକାରୀ ଓ ଭଲପାଇବା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶୀର୍ବାଦ ଆମ ଉପରେ ସର୍ବଦା ରହିଥାଉ। ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ-ଅଣନାତି, ପୁତୁରା-ପୁତୁରାବୋହୂ ଏବଂ ସମସ୍ତ ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୭୫୭୦୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ତିଉଣ,
ଦିହକୁ ଗୁଣ।**

ପିତା ସ୍ୱାସ୍ଥ୍ୟ ପ୍ରତି ବେଶ୍ ହିତକାରକ। ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପ୍ରତି ବେଶ୍ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ନିୟମିତ ପିତା ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୁଅ କେତେ କରୁଥାଇ ଚାତର;
ବାପ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ,
ମା' ବିକୁଥିଲା ପତର।**

କିଛି ବ୍ୟକ୍ତି ଛୋଟରୁ ବଡ଼ ବା ଅତି ଗରିବରୁ ଧନୀ ହୋଇଗଲା ପରେ ନିଜ ଅତୀତକୁ ଭୁଲିଯାଇଥାନ୍ତି। ବର୍ତ୍ତମାନ ଅବସ୍ଥାକୁ ନେଇ ଅହେତୁକ ଗର୍ବ କରିବସିଥାନ୍ତି। ତେବେ ବ୍ୟକ୍ତି ନିଜ ଅତୀତ ଅବସ୍ଥାକୁ ଭୁଲି ନ ଯିବା ଉଚିତ୍ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାଜପା ସହ ମେଣ୍ଟ ନେଇ ବିଜେଡି ନେତା ଅସନ୍ତୁଷ୍ଟ: ଅଜୟ କୁମାର

**ଭୁବନେଶ୍ୱର,୨୫।୨(ସୁନିତ୍ ମିଶ୍ର)**

ଆମ ଓଡ଼ିଶା, ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଭାଜପା ମଧ୍ୟରେ ମେଣ୍ଟ ହୋଇଛି, ଯେଉଁଥିପାଇଁ ବିଜେଡି ନେତାଙ୍କ ମଧ୍ୟରେ ବହୁତ ଅସନ୍ତୋଷ ରହିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଜୟ କହିଛନ୍ତି, ଶାସକ ଦଳରେ ଅନେକେ ଅସନ୍ତୁଷ୍ଟ ଅଛନ୍ତି। ଭାଜପା ସହ ଅଘୋଷିତ ମେଣ୍ଟକୁ ନେଇ ବିଜେଡି ନେତାମାନେ ବହୁତ ଅସନ୍ତୁଷ୍ଟ ଅଛନ୍ତି। ତାଙ୍କ ଦଳରେ ବହୁ ଅନ୍ତଃକନ୍ଦଳ ମଧ୍ୟ ରହିଛି। ଆମ ସହ ଯୋଗାଯୋଗରେ



ଥିବା ବିଜେଡିର ବହୁ ବରିଷ୍ଠ ନେତାଙ୍କୁ ଏହା ଲାଗୁଛି ଭାଜପା ଏଠି ବିଜେଡିକୁ ଚଳାଉଛି। ରାଜ୍ୟରେ ବିଜେଡି ଓ ଭାଜପା ସମାନ। ଓଡ଼ିଶାକୁ ବଞ୍ଚାଇବାକୁ ଚାହୁଁଥିବା ବିଜେଡି ଓ ଭାଜପା ନେତା ଆମ ସହ ଆସନ୍ତୁ, ଆମେ ସେମାନଙ୍କୁ ଉଚିତ ସମ୍ମାନ ଦେବୁ ବୋଲି ସେ କହିଛନ୍ତି। ଅଜୟ ଆହୁରି କହିଛନ୍ତି, ଓଡ଼ିଶାର ପ୍ରାର୍ଥୀ ଚୟନ ପାଇଁ 'ପ୍ରଗମନ' ଆପ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଯେତିକି ଲୋକ ବିଧାନସଭା ପାଇଁ ଆବେଦନ କରିଥିଲେ, ସେମାନଙ୍କ ନାଁ ପିଇସି ବୈଠକରେ ଆଲୋଚନା କରାଯାଇଛି। ଏହାସହ ଯେଉଁମାନେ ଲୋକ ସଭା ପାଇଁ ଆବେଦନ କରିଛନ୍ତି, ସେମାନଙ୍କ ନାଁ ମଧ୍ୟ ପିଇସିରେ ଆଲୋଚନା ହୋଇଛି। ଆଗାମୀ ୨୭ରେ ଦିଲ୍ଲୀରେ ସ୍କ୍ରିନିଂ କମିଟି ବୈଠକ ବସିବ। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନରେ ଯେଉଁମାନେ ପରଫର୍ମାନ୍ସ ଦୃଷ୍ଟିରୁ ଆଗରେ ଥିବେ, ସେମାନଙ୍କ ନାଁ ସ୍କ୍ରିନିଂ କମିଟିରେ ସ୍ଥାନ ପାଇବ। ଶେଷରେ ପ୍ରଗମନ ଓ ସର୍ଭେ ଟିମ୍ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଓଡ଼ିଶାରେ ଟିକେଟ ବଣ୍ଟାଯିବ। ଯେଉଁମାନେ ପ୍ରଗମନରେ ନିଜର ତୃଣମୂଳସ୍ତରର ଦକ୍ଷତାକୁ ପ୍ରତିପାଦିତ କରିପାରିବେ, ସେମାନଙ୍କୁ ଟିକେଟ ପାଇଁ ପ୍ରାଥମିକତା ଦିଆଯିବ। କଂଗ୍ରେସ ନିଜର ପ୍ରାୟ ସବୁ ପ୍ରାର୍ଥୀଙ୍କ ନାଁ ଶର୍ଟ ଲିଷ୍ଟ କରିସାରିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ସବୁ ସିଟ୍‌ରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବ ବୋଲି ସେ କହିଛନ୍ତି।

# ଆଜି ଲୋକସେବା ଭବନ ଘେରିବ କଂଗ୍ରେସ

**ଭୁବନେଶ୍ୱର,୨୫।୨(ସୁନିତ୍ ମିଶ୍ର)**

ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ, ବେକାରୀ ସମସ୍ୟା ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯାତନା ଓ ନାବାଳିକା ଚାଲାଣ ଆଦି ବିଜେଡି ସରକାରଙ୍କ ସଫଳତା। ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଅଭିଯୋଗ କରିଛି ଯେ, ଗତ ୨୪ ବର୍ଷ ହେଲା ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ରାଜ୍ୟର ପ୍ରକୃତ ବିକାଶ କରିବା ପରିବର୍ତ୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କୃଷି କ୍ଷେତ୍ରର ଉପଯୁକ୍ତ ବିକାଶ, ଚାଷଜମିକୁ ଜଳସେଚନ, ବିଧାନସଭାରେ ସର୍ବସମ୍ମତି କ୍ରମେ ହୋଇଥିବା ନିଷ୍ପତି ଅନୁଯାୟୀ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରିବାରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି। ଅଥଚ ନିର୍ବାଚନ ଆସିଲେ କାଳିଆ ଯୋଜନା କରି ଚାଷୀଙ୍କୁ ପ୍ରତାରଣା କରୁଛନ୍ତି। ଏହାଦ୍ୱାରା ଗୋଟିଏ ପଟେ ପ୍ରକୃତ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟେ କୃଷି କ୍ଷେତ୍ରର ବିକାଶ ହୋଇପାରୁନି ବୋଲି ଶରତ କହିଛନ୍ତି।



କଟକ ନଗର ପକ୍ଷରୁ ରବିବାର ତଳ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ଯୁବ ଆକ୍ରୋଶ ସମାବେଶରେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ସହ ଅନ୍ୟମାନେ।

# '୨୦୧୯ର ପ୍ରତିଶୋଧ ନେବ ଭାଜପା'

## ଭାଜପା ଯୁବମୋର୍ଚ୍ଚା କଟକ ନଗର ପକ୍ଷରୁ ଯୁବ ଆକ୍ରୋଶ ସମାବେଶ

**କଟକ,୨୫।୨(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟ ସରକାରଙ୍କ ଆକ୍ରୋଶମୂଳକ ମନୋଭାବକୁ ଭାଜପା ପକ୍ଷରୁ ବିରୋଧ କରାଯାଉଛି। ବହୁସଂଖ୍ୟକ ଯୁବତୀଯୁବକ ମଧ୍ୟ ଏହାକୁ ବିରୋଧ କରୁଛନ୍ତି। ଆଗାମୀ ନିର୍ବାଚନରେ ବିଜେଡିକୁ ହରାଇ ରାଜ୍ୟ ଏବଂ କେନ୍ଦ୍ରରେ ଭାଜପା ଡବଲ ଇଞ୍ଜିନ ସରକାର ଗଢିବ। ଭାଜପା ଓଡ଼ିଶାରେ ନିଶ୍ଚିତ ଶାସନ କରିବ। ୨୦୧୯ ନିର୍ବାଚନର ପ୍ରତିଶୋଧ ୨୦୨୪ ନିର୍ବାଚନରେ ଭାଜପା ନେବ ଏବଂ ବହୁସଂଖ୍ୟାରେ ଦଳୀୟ ପ୍ରାର୍ଥୀ ଜିତିବେ। ଦୀର୍ଘ ୨୫ବର୍ଷ ଧରି ରାଜ୍ୟ ସରକାର ଯୁବକମାନଙ୍କୁ ଅଣଦେଖା କରିଆସୁଛନ୍ତି। ସରକାର ମାଗଣାରେ ଚାଉଳଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅର୍ଥକୁ ନିଜ ନାମରେ ବାଣ୍ଟୁଛନ୍ତି। ରାଜ୍ୟରେ ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୁବକମାନେ ଚିକିରି ନ ପାଇ ପଥଭ୍ରଷ୍ଟ ହୋଇପଡିଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ସମୀର ଦେ କହିଛନ୍ତି। ଭାଜପା ଯୁବମୋର୍ଚ୍ଚା କଟକ ନଗର ପକ୍ଷରୁ ରବିବାର ତଳ ବାଲିଯାତ୍ରା ପଡ଼ିଆଠାରେ ଯୁବ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମୀର ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଭାଜପା କଟକ ନଗର ଯୁବମୋର୍ଚ୍ଚା ପୂର୍ବତନ ସଭାପତି ଜ୍ୟୋତିରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଅନ୍ୟ ଅତିଥି ଭାବେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ସିକନ୍ଦର ଅଲ୍ଲୀ ବକ୍ସ, ଆଇନଜୀବୀ ସୌରୀ ମହାପାତ୍ର, କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, କର୍ପୋରେଟର ଲକ୍ଷ୍ମୀଧର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏବେ କେନ୍ଦ୍ର ସରକାରଙ୍କର ବିକଶିତ ଭାରତ ଏକ ସଫଳ ଯୋଜନା ରହିଛି। ଏହି ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଲୋକପ୍ରିୟତା କେବଳ ଭାରତରେ ନୁହେଁ ବିଦେଶରେ ବଢ଼ି ଚାଲିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଭାଜପା ବରିଷ୍ଠ ନେତ୍ରୀ ଗୀତା ଦାସ ସ୍ୱାଗତ ଭାଷଣ ଦେବା ସହ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୁବମୋର୍ଚ୍ଚା ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶରେ ଶତାଧିକ ଯୁବତୀଯୁବକ ଯୋଗଦେଇଥିଲେ।



ଓଡ଼ିଶାବାସୀଙ୍କୁ ମୋଦିଙ୍କ ଗ୍ୟାରେଣ୍ଟି ସନ୍ଦେଶ ନେଇ ଏକାମ୍ର ନିର୍ବାଚନ ମଣ୍ଡଳୀରେ ରବିବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବାହାରିଥିବା ଭାଜପାର ଶୋଭାଯାତ୍ରା।

# ବନ୍ଧୁମିଳନରେ ପ୍ରିୟଦର୍ଶୀ ମିଶ୍ରଙ୍କ ଶକ୍ତି ପ୍ରଦର୍ଶନ




**ବାରଙ୍ଗ,୨୫।୨
(ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ରବିବାର ତାଙ୍କ ଶକ୍ତି ପ୍ରଦର୍ଶନ କରି ନିଜର ପତିଆରା ଜାହିର କରିଛନ୍ତି। ଭୁବନେଶ୍ୱର ପଟିଆସ୍ଥିତ ପନିକିପଟା ମନ୍ଦିର ପ୍ରାଙ୍ଗଣରେ ସେ ରବିବାର ବିଶାଳ ଯୁବ-ଛାତ୍ର ବନ୍ଧୁମିଳନ ଆୟୋଜନ କରି ବେଶ ଚର୍ଚ୍ଚାକୁ ଆସିଛନ୍ତି। ଏଥିରେ ନିର୍ବାଚନମଣ୍ଡଳୀର ସମସ୍ତ ୱାର୍ଡ ଓ ପଞ୍ଚାୟତର ଯୁବ-ଛାତ୍ରମାନେ ବହୁ ସଂଖ୍ୟାରେ ଯୋଗଦେଇ ଆଗାମୀ ନିର୍ବାଚନରେ ନେତୃତ୍ୱ ପରିବର୍ତ୍ତନ ପାଇଁ ସ୍ୱର ଉଠାଇଛନ୍ତି। ପ୍ରିୟଦର୍ଶୀଙ୍କୁ ପୁଣି ଥରେ ବିଧାୟକ ପ୍ରାର୍ଥୀ କରିବାକୁ ଆହ୍ୱାନ ଦେଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ କିଟ୍ ଛକଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ଯୁବନେତା ପ୍ରକାଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ମୁଁ ଦଳର ଜଣେ ଶୃଙ୍ଖଳିତ କର୍ମୀ। ନିରନ୍ତର ଭାବେ ଲୋକଙ୍କ ସହିତ ରହିଛି। ଯଦି ଦଳ ଚାହିଁବ ମୁଁ ନିଶ୍ଚିତ ଭାବେ ପ୍ରାର୍ଥୀ ହେବି। ସେଥିପାଇଁ ମୁଁ ପ୍ରସ୍ତୁତ। ଯୁବକ ଛାତ୍ର ଦେଶର ଭବିଷ୍ୟତ। ଯୁବ- ଛାତ୍ର ହେଉଛନ୍ତି ସମାଜର ମେରୁଦଣ୍ଡ। ସେମାନେ ଆଗାମୀ ଦିନରେ ମଧ୍ୟ ନେତୃତ୍ୱ ନେବେ। ଯେଉଁମାନେ ଲୋକଙ୍କ ସହ ଅଛନ୍ତି, ତାଙ୍କ ସୁଖ ଦୁଃଖରେ ସାଥ୍ ଦେବେ, ସେମାନଙ୍କୁ ଯୁବକମାନେ ନିଶ୍ଚିତ ଭାବେ ବାଛିବାର ଆବଶ୍ୟକତା ରହିଛି ବୋଲି ପ୍ରିୟଦର୍ଶୀ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଛାତ୍ର ନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ କୁନାଲ ରାଉତ, ଅଭିନେତା ବିଜୁ ବଡ଼ଜେନା, ଯୁବନେତା ଆଲୋକ ପାଣିଗ୍ରାହୀ, ଛାତ୍ର ନେତା ଆଦର୍ଶ ସେନ୍, ନାରୀନେତ୍ରୀ ଦୀପା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଧରାପଡ଼ିବା ପରେ ...

ପ୍ରଥମ ପୃଷ୍ଠାରୁ...

କେନ୍ଦ୍ରରେ ହେଉଥିବା ତ୍ରୁଟିକୁ ଏଆଇ ଧରିବା ସହ ସତର୍କ କରାଉଛି। ଯାଜପୁର ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ପ୍ରଶ୍ନପତ୍ର ଖୋଲାଯାଇଥିଲା। ଭଦ୍ରକର ବନ୍ଧଗାଁ ନୋଡାଲ ହାଇସ୍କୁଲରେ ପ୍ରଶ୍ନପତ୍ରଗୁଡ଼ିକୁ ଲୁହା ବାକ୍ସରେ ରଖାଯାଇ ନ ଥିଲା ଓ ପ୍ରଶ୍ନପତ୍ର ଖୋଲା ହେବା ପର୍ଯ୍ୟନ୍ତ ପ୍ୟାକେଟଗୁଡ଼ିକ ବାହାରେ ରହିଥିଲା। ଯାଜପୁରର ପଲାଇ ହାଇସ୍କୁଲରେ ପରୀକ୍ଷାର୍ଥୀମାନେ ପାଖରେ କିଛି ସନ୍ଦେହଜନକ ସାମଗ୍ରୀ ରଖିଥିବା ନେଇ ଏଆଇ ସୂଚନା ଦେଇଥିଲା। ସେହିଭଳି ନବରଙ୍ଗପୁର ଡାବୁଗାଁସ୍ଥିତ ସରକାରୀ ଯୁଜି ହାଇସ୍କୁଲ ଓ ଗଜପତି ଆର. ଉଦୟଗିରିର ସରକାରୀ ହାଇସ୍କୁଲରେ ବିଭ୍ରାଟ ହୋଇଥିବା ଦେଖିବାକୁ ମିଳିଥିଲା। ଏତେ ସବୁ ବିଭ୍ରାଟ ସାମ୍ନାକୁ ଆସିବା ପରେ ଏବେ ସବୁଠି ପ୍ରତିବାଦ ଦେଖାଦେଲାଣି। ମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ସ୍ୱଷ୍ଟୀକରଣ ଦେବା ପାଇଁ ଛାତ୍ରନେତାମାନେ ଦାବି କରିଛନ୍ତି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରତିବର୍ଷ ବୋର୍ଡର ପ୍ରଶ୍ନପତ୍ର ଭାଇରାଲ ହେଉଛି। ତେଣୁ ବୋର୍ଡକୁ ତୁରନ୍ତ ଭାଙ୍ଗି ଦିଆଯାଇ ସିବିଏସ୍‌ଇ ପରି ନୂଆ ପରିଷଦ ଗଠନ କରି ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଉ କିମ୍ବା ସିବିଏସ୍‌ଇ ଦ୍ୱାରା ଆଫିଲିଏଶନ କରି ସବୁ ଇଂଲିଶ ମିଡିୟମରେ ପାଠପଢ଼ା ଯାଇ ପରୀକ୍ଷା, ପରିଚାଳନା ଓ ପାଠ୍ୟକ୍ରମ ପ୍ରସ୍ତୁତି କରାଯାଉ। ନଚେତ ପ୍ରତିବର୍ଷ ଭଳି ଏଇ ଅପାରଗ ବୋର୍ଡ ଦାୟିତ୍ୱହୀନ ଭାବେ ପରୀକ୍ଷା ପରିଚାଳନା କରି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିବା ସହିତ ଅଭିଭାବକଙ୍କୁ ଶଙ୍କାରେ ପକାଇ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭୁଶୁଡ଼େଇ ଦେବ ବୋଲି ମହାସଂଘ ସଭାପତି ବାସୁଦେବ ଭଞ୍ଜ କହିଛନ୍ତି।

### ଆଇଏନ୍‌ଏଲ୍‌ଡି ନେତା...

ରକ୍ତ ଜୁଡୁବୁଡୁ ରାଠୀ ଓ ତାଙ୍କ ସହଯୋଗୀଙ୍କୁ ମୃତ ଅବସ୍ଥାରେ ହିଁ ହସ୍ପିଟାଲକୁ ଅଣାଯାଇଥିଲା। ଗୁଳିମାଡ଼ରେ ଆହତ ହୋଇଥିବା ଅନ୍ୟ ୨ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି ବୋଲି ଡାକ୍ତର ଶର୍ମା ସୂଚନା ଦେଇଛନ୍ତି।

# ବିଭୂତି ଭୂଷଣ ହେଲେ ରାଉରକେଲା ସାଙ୍ଗଠନିକ ଜିଲାର ଯୁବ ସଭାପତି

**ଭୁବନେଶ୍ୱର,୨୫।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ରାଉରକେଲା ସାଙ୍ଗଠନିକ ଜିଲାର ଯୁବ ସଭାପତି ଭାବେ ବିଭୂତି ଭୂଷଣ ପୁହାଣଙ୍କୁ ନିଯୁକ୍ତ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ତୁରନ୍ତ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଏନେଇ ଚିଠି ଜାରି କରାଯାଇ ସୂଚନା ଦିଆଯାଇଛି। ସେହିପରି ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ଦଳ ପକ୍ଷରୁ ସଂଯୋଜକ ନିଯୁକ୍ତ କରାଯାଇଛି। ହିନ୍ଦୋଳ ବିଧାନସଭା କ୍ଷେତ୍ର ଲାଗି ସଞ୍ଜୟ ସେଠୀଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଢେଙ୍କାନାଳ ବିଧାନସଭା କ୍ଷେତ୍ର ଲାଗି ଅମରଜିତ ସେନାପତି ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏନେଇ ପ୍ରଣବ ପ୍ରକାଶଙ୍କ ଦସ୍ତଖତରେ ରବିବାର ଚିଠି ଜାରି କରାଯାଇଛି।

# ଏକାମ୍ରରେ ନିର୍ବାଚନ ତାତି: ଦିନକରେ ବିଜେଡିର ୨ ସମାବେଶ



କାର୍‌ଗିଲ୍ ପଡ଼ିଆରେ ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ମହିଳା ସମାବେଶ।



୫୯ ନମ୍ବର ୱାର୍ଡର କର୍ପୋରେଟର ବିରଞ୍ଚି ନାରାୟଣ ମହସୂପକାରଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନ ପାଇଁ ଶୋଭାଯାତ୍ରା ।

**ପୁରୁଣା ଭୁବନେଶ୍ୱର,୨୫।୨(ସୁବାସ ଚନ୍ଦ୍ର ପ୍ରଧାନ)**

ପାଖେଇଆସୁଛିସାଧାରଣନିର୍ବାଚନ।ଏହିପରିପ୍ରେକ୍ଷୀରେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ରାଜନେତାମାନେ ନିଜ ଦଳର ପ୍ରଚାର ସହ ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ସାରା ରାଜ୍ୟରେ ବିଭିନ୍ନ ଦଳ ପକ୍ଷରୁ ଏକପ୍ରକାର ପ୍ରଚାର ଆରମ୍ଭ ହୋଇଥିବା ବେଳେ ରାଜଧାନୀରେ ନିର୍ବାଚନୀ ତାତି ଦେଖିବାକୁ ମିଳିଛି। ରବିବାର ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ(ବିଜେଡି)ର ଦୁଇଟି ଦଳୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

ସ୍ଥାନୀୟ କାର୍‌ଗିଲ୍ ପଡ଼ିଆରେ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ମହିଳା ସମାବେଶ ହୋଇଥିଲା। ମହିଳା ନେତ୍ରୀ ଓ କର୍ମୀଙ୍କ ସହ ସଭା କରି ଲୋକଙ୍କ ସମର୍ଥନ ଲୋଡ଼ିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ, ସମାଜସେବୀ କସ୍ତୁରୀ ମହାପାତ୍ର, ଭୁବନେଶ୍ୱର ମହିଳା ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର, ଏକାମ୍ର ସଭାପତି ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ଚାରୁଲତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ବିଏମ୍‌ସି ୫୯ ନମ୍ବର ୱାର୍ଡର କର୍ପୋରେଟର ବିରଞ୍ଚି ନାରାୟଣ ମହସୁପକାର ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ ନିଜର ଦଳୀୟ ସମର୍ଥକ, ନେତା, କର୍ମୀ ଏବଂ ସାଧାରଣଲୋକଙ୍କୁ ନେଇ ଗଙ୍ଗୁଆ ନାଳ ତଟବର୍ତ୍ତୀ ଶ୍ରୀଲିଙ୍ଗରାଜଙ୍କ ବିବାଦୀୟ କୁଡୁଆ ଜମି ଉପରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ। ଏପରିକି ୨ହଜାର ଲୋକଙ୍କ ଖାଦ୍ୟର ବ୍ୟବସ୍ଥା ହୋଇଥିଲା। ଲୋକଙ୍କୁ ନିଜ ସମର୍ଥନରେ ମହାସୁପକାର ଭୋଟ ମାଗିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ମଣ୍ଟୁ ନନ୍ଦ, ଅମରେଶ ଜେନାଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ। ସେପଟେ ଦଳ କାହାର ଟିକେଟ କାଟିବ, ଆଉ କାହାକୁ ଟିକେଟ ଦେବ ସେନେଇ ଅନିଶ୍ଚିତତାରେ ରହିଛି। ନିଜ ନିଜର ସମର୍ଥକଙ୍କୁ ନେଇ ଟିକେଟ ପାଇବେ ବୋଲି ବେଶ୍ ଆଶାବାଦୀ ଅଛନ୍ତି ଦୁଇ ନେତା। ଏ ସମ୍ପର୍କରେ କର୍ପୋରେଟର ବିରଞ୍ଚି ନାରାୟଣ ମହସୁପକାର କହିଛନ୍ତି, ଏହା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ମନ୍ତ୍ରୀ ପଣ୍ଡା ବ୍ୟସ୍ତ ଥିବାରୁ ଆସିପାରି ନ ଥିଲେ ବୋଲି ସେ କହିଛନ୍ତି। ଅନ୍ୟପଟେ ଏନେଇ ମନ୍ତ୍ରୀ ପଣ୍ଡାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

**GOVERNMENT OF ODISHA** No.C-3221
**OFFICE OF THE SUPERINTENDING ENGINEER
PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist-Kalahandi, PIN-766002
e-mail: eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement
Identification No.EEPH-BHPT-46 of 2023-24/ Dt.19.02.2024**
**e-Procurement Notice**

| | |
|---|---|
| 01. Name of the Work | : 1 No. Work |
| 02. Type of Bid | : Double Bid System |
| 03. Estimated Cost | : Rs.125.68 Lakh |
| 04. Period of Completion | : 6 (Six) Calendar Months |
| 05. Date & Time of availability of bid document in the portal | : From 11.00 AM of dt.23.02.2024 to 5.00 PM of 11.03.2024. |
| 06. Last date/time of receipt of bids in the Portal | : 5.00 PM of 11.03.2024 |
| 07. Date & Time of Opening of Technical Bids | : At 11.30 AM of 12.03.2024 |
| 08. Name and Address of the Officer Inviting Bid | : Superintending Engineer P.H. Division, Bhawanipatna Railway Station Road, At/Po-Parmanandpur,766002 Dist-Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in.
OIPR-13059/11/0022/2324
**Superintending Engineer
P.H.Division, Bhawanipatna**

# ବିଜୟ ପଥରେ ଭାରତ





ଉଇକେଟ ନେବାପରେ ଉଲ୍ଲସିତ ରବିଚନ୍ଦ୍ରନ ଅଶ୍ୱିନ ଓ କୁଳଦୀପ ଯାଦବ।

**ରାଞ୍ଚି, ୨୫।୨**

ରବିଚନ୍ଦ୍ରନ ଅଶ୍ୱିନଙ୍କ ୫ ଉଇକେଟ ସଫଳତା ଏବଂ କୁଳଦୀପ ଯାଦବଙ୍କ ଚମତ୍କାର ବୋଲିଂ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତି ମଜଭୁତ କରିଛି। ୧୯୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ରବିବାର ତୃତୀୟ ଦିବସ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୪୦ ରନ କରି ବିଜୟ ପଥରେ ରହିଛି। ଅଧିନାୟକ ରୋହିତ ଶର୍ମା ୨୪ ଓ ଯଶସ୍ୱୀ ଜୟସ୍ୱାଲ ୧୬ ରନରେ ଅପରାଜିତ ରହିଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଭାରତ ଆଉ ୧୫୨ ରନ ଦୂରରେ ରହିଛି। ଏହି ଟେଷ୍ଟ ଜିତିଲେ ଭାରତ ସିରିଜ ବିଜୟୀ ହେବ।

## ଜୁରେଲଙ୍କ ସାହସିକ ଇନିଂସ୍

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୧୯/୭ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସ୍‌ରେ ମୋଟ ୩୦୭ ରନକରି ଅଲ୍‌ଆଉଟ ହୋଇଥିଲା। ଯୁବ ଉଇକେଟ କିପର ଧ୍ରୁବ ଜୁରେଲ ସାହସିକ ଇନିଂସ ଖେଳି ୯୦ ରନରେ ଅପରାଜିତ ରହିଥିଲେ। ସେ ୧୪୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ୍ ମଧ୍ୟରେ ୬ ଚୌକା ଓ ୪ ଛକା ମାରିଥିଲେ। କୁଳଦୀପ ଯାଦବ

**ଚତୁର୍ଥ ଟେଷ୍ଟ**
- ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୫ ଉଇକେଟ ସଫଳତା
- ଟାର୍ଗେଟ ୧୯୨, ଭାରତ ୪୦/୦

୨୮ ରନ କରି ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଜୁରେଲ ଓ କୁଳଦୀପ ୮ମ ଉଇକେଟରେ ୭୬ ରନର ଭାଗୀଦାରି ଗଢ଼ି ଭାରତକୁ ସଙ୍କଟରୁ ରକ୍ଷା କରିଥିଲେ। କାରଣ ଭାରତ ୧୭୭ ରନରେ ୭ ଉଇକେଟ ହରାଇ ସାରିଥିଲା। ନିଜ ବ୍ୟାଟିଂ ଦକ୍ଷତା ଯୋଗୁ ଜୁରେଲ ଏବେ ରିଷଭ ପନ୍ତଙ୍କ ପରେ ଦ୍ୱିତୀୟ ପସନ୍ଦ ଉଇକେଟ କିପର ହେବା ସମ୍ଭାବନା ସୃଷ୍ଟି କରିଛନ୍ତି। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ୫ ୱିକେଟ ସଫଳତା ପାଇଥିବାବେଳେ ଟମ୍ ହାର୍ଟଲେଙ୍କୁ ୩ଟି ଏବଂ ଜେମ୍ସ ଆଣ୍ଡରସନଙ୍କୁ ୨ଟି ଉଇକେଟ ମିଳିଥିଲା।

## ଅଶ୍ୱିନ, କୁଳଦୀପଙ୍କ କମାଲ

ପ୍ରଥମ ଇନିଂସ ଅଗ୍ରଣୀ ରହିଥିଲେ ହେଁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଭାରତର ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ କୁଳଦୀପ ଯାଦବଙ୍କୁ ଠିକ୍‌ଭାବେ ମୁକାବିଲା କରିପାରି ନ ଥିଲା। ଭାରତ ଆରମ୍ଭରୁ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ଆକ୍ରମଣ ଆରମ୍ଭ କରିଥିଲା। ଏହାପରେ କୁଳଦୀପ ଯାଦବ ଆକ୍ରମଣରେ ସାମିଲ ହୋଇଥିଲେ। ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମାତ୍ର ୩ ଓଭର ମିଳିଥିଲା। ଏହି ରଣନୀତି କାମ ଦେଇଥିଲା। ୫ମ ଓଭରରେ ଅଶ୍ୱିନ କ୍ରମାଗତ ୨ଟି ବଲ୍‌ରେ ବେନ୍ ଡକେଟ ଓ ଓଲି ପୋପ୍‌ଙ୍କୁ ଆଉଟ କରି ଇଂଲଣ୍ଡକୁ ଯେଉଁ କ୍ଷତି ପହଞ୍ଚାଇଥିଲେ ସେଥିରୁ ଦଳ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଓପନର ଜ୍ୟାକ କ୍ରଲି (୬୦) ଓ ମିଡିଲ ଅର୍ଡରରେ ଜନି ବେୟାରଷ୍ଟୋ (୩୦)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟର ତିଷ୍ଠିପାରି ନ ଥିଲେ। ନିଜର ୯୯ତମ ଟେଷ୍ଟରେ କ୍ୟାରିୟରର ୩୫ତମ ୫ ଉଇକେଟ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଅଶ୍ୱିନ। ଏଥିସହ ସେ ଘରୋଇ ମାଟିରେ ସର୍ବାଧିକ ଟେଷ୍ଟ ଉଇକେଟ ହାସଲକାରୀ ହୋଇ ଯାଇଥିଲେ। ୫୯ ଟେଷ୍ଟରୁ ତାଙ୍କ ଉଇକେଟ ସଂଖ୍ୟା ୩୫୪ରେ ପହଞ୍ଚିଛି। ଅନିଲ କୁମ୍ବଲେ ୬୩ ମ୍ୟାଚରୁ ୩୫୦ ଉଇକେଟ ନେଇ ଭାରତୀୟ ମାଟିରେ ସର୍ବାଧିକ ଉଇକେଟ ହାସଲକାରୀ ରେକର୍ଡର ଅଧିକାରୀ ଥିଲେ। କୁଳଦୀପ ବିଶେଷ ପଛରେ ପଡ଼ି ନ ଥିଲେ। ସେ ନିଜ ୧୫ ଓଭର ସ୍ପେଲ୍‌ରେ ୨ଟି ମେଡେନ ନେବାସହ ମାତ୍ର ୨୨ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟ ଉଇକେଟଟି ଜାଡେଜାଙ୍କୁ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୫୩। ଭାରତ ପ୍ରଥମ ଇନିଂସ: ୩୦୭ (ଧ୍ରୁବ ଜୁରେଲ-୯୦, ଯଶସ୍ୱୀ ଜୟସ୍ୱାଲ-୭୩, ଶୋଏବ ବଶିର-୫/୧୧୯, ଟମ୍ ହାର୍ଟଲେ-୩/୬୮, ଜେମ୍ସ ଆଣ୍ଡରସନ-୨/୪୮)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୪୫/ଅଲଆଉଟ (ଜ୍ୟାକ କ୍ରଲି-୬୦, ଜନି ବେୟାରଷ୍ଟୋ-୩୦, ରବିଚନ୍ଦ୍ରନ ଅଶ୍ୱିନ-୫/୫୧, କୁଳଦୀପ ଯାଦବ-୪/୨୨, ରବୀନ୍ଦ୍ର ଜାଡେଜା-୧/୫୬)।

# ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ




ଚାମ୍ପିୟନ ବାପୁଜୀ କ୍ରିକେଟ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୫।୨**
**(ବିଜୟ ରଣା)**

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୭ମ ନବ ଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ବାପୁଜୀ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାପୁଜୀ କ୍ରିକେଟ କ୍ଲବ ୮ଉଇକେଟର ବିଜୟ ଲାଭ କରି ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ରାମେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୧୬୯ରନ କରିଥିଲା। ଦଳପକ୍ଷରୁ ଏମ୍.ଜି. ଗୋପାଳ ସର୍ବାଧିକ ୯୫ ରନ (୫୮ ବଲ୍, ୬ ଚୌକା ଓ ୭ ଛକା) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ମୁଦୁଲି ୩୩ ରନ କରିଥିବା ବେଳେ ସମ୍ବିତ ବରାଳ ୨୮ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ରାକେଶ ପଟ୍ଟନାୟକ, ପ୍ରଦୀପ ପ୍ରଧାନ ଓ ମନୋଜ ବାରିକ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଶୁଭମ ଶତ୍ରୁଜିତ୍‌ଙ୍କ ଅପରାଜିତ ଶତକ ଏବଂ କାର୍ତ୍ତିକ ବିଶ୍ୱାଳଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବାପୁଜୀ କ୍ରିକେଟ କ୍ଲବ ୧୮.୪ ଓଭରରେ ୨ଉଇକେଟ ବିନିମୟରେ ୧୭୩ ରନ କରି ମ୍ୟାଚ ଜିତିନେଇଥିଲା। ରାମେଶ୍ୱର ଦଳ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିବା ରାଜେଶ ମହାନ୍ତି ତାଙ୍କ ୪ ଓଭର ବୋଲିଂରେ ୨୧ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଶୁଭମ ଶତ୍ରୁଜିତ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗ ଦେଇଥିଲେ।



ଫୁଟବଲ କର୍ମଶାଳାରେ ଯୋଗ ଦେଇଥିବା ଅତିଥି, କର୍ମକର୍ତ୍ତା ଓ ଖେଳାଳିମାନେ।

# ଭେଟେରାନ ପ୍ଲେୟର୍ସ ଆସୋସିଏଶନର ଫୁଟ୍‌ବଲ କର୍ମଶାଳା

**ଭୁବନେଶ୍ୱର, ୨୫।୨ (ବିଜୟ ରଣା)**

ଭୁବନେଶ୍ୱର ଭେଟେରାନ ପ୍ଲେୟର୍ସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ମଦର୍ସ ପବ୍ଲିକ ସ୍କୁଲ ଅଡିଟୋରିଅମ୍ ହଲ୍‌ରେ ଏକ ଫୁଟ୍‌ବଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଓ ବହୁ ପୁରାତନ ଖେଳାଳି ଯୋଗ ଦେଇଥିଲେ। କର୍ମଶାଳାର ଶୀର୍ଷକ ଥିଲା ‘ଫୁଟ୍‌ବଲ ବଞ୍ଚାଅ’। ଏଥିରେ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ରାଜୀବ ସେଠ୍, ଟାଟା ଫୁଟବଲ ଏକାଡେମୀର ବରିଷ୍ଠ ପ୍ରଶିକ୍ଷକ ଅକ୍ଷୟ କୁମାର ଦାସ, ଫାଓ ଉପସଭାପତି ହୃଦୟ ରଞ୍ଜନ ବେହେରା, କ୍ରୀଡ଼ା ନିର୍ଦ୍ଦେଶାଳୟର ମହିଳା ପ୍ରଶିକ୍ଷକ ସରିତା ବେହେରା ଏବଂ ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ଭାଗ ନେଇଥିଲେ। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରତି ୩ ମାସ ଅନ୍ତରରେ ଏହିଭଳି କର୍ମଶାଳାର ଆୟୋଜନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜୀବ ସେଠ୍, ଅକ୍ଷୟ କୁମାର ଦାସ, ସରିତା ବେହେରା ଓ ସରିତା ପଣ୍ଡାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି କର୍ମଶାଳାରେ ପ୍ରଦୀପ କୁମାର ଦଣ୍ଡପାଟ, ବିରଞ୍ଚି ମହାନ୍ତି ଓ ପ୍ରଦୀପ କୁମାର ବଳିୟାର ସିଂଙ୍କ ସମେତ ବହୁ ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ଯୋଗ ଦେଇଥିଲେ।




ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

# ‘ସ୍ୱପ୍ନ ସାକାର ପାଇଁ ସାଧନା ଆବଶ୍ୟକ’

**ଭୁବନେଶ୍ୱର, ୨୫।୨**
**(ତପନ ସ୍ୱାଇଁ)**

## ଭାରତୀକୃଷ୍ଣ, ଅମୂଲ୍ୟଙ୍କୁ କମଳ ଗାଙ୍ଗୁଲୀ ସ୍ମାରକୀ କ୍ରୀଡ଼ା ପୁରସ୍କାର

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ଅନୁଷ୍ଠାନ ସହିଦ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର କମଲ ଗାଙ୍ଗୁଲୀ ସ୍ମାରକୀ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। କ୍ଲବ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ଗ୍ରହଣ କରିଥିଲେ ଫୁଟବଲ କିମ୍ବଦନ୍ତୀ ଭାରତୀକୃଷ୍ଣ ମିଶ୍ର। ‘ଯୁବ ଖେଳାଳିମାନେ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବାକୁ ସାଧନାରତ ହେବା ଉଚିତ। ନିଜନିଜର ଖେଳ କୌଶଳ ସମୟକ୍ରମେ ଶିଖିହେବ, ମାତ୍ର ସ୍ୱପ୍ନକୁ ଯେପରି ସାକାର କରିହେବ ସେ ଦିଗରେ ଚେଷ୍ଟା ଜାରି ରଖିବା ଉଚିତ’’ ବୋଲି ଏହି ଅବସରରେ ଭାରତୀକୃଷ୍ଣ ପ୍ରକାଶ କରିଥିଲେ। ୧୯୬୫ ଏସିଆନ ଯୁଥ୍ ଚାମ୍ପିୟନଶିପ୍‌ର ଭାରତୀୟ ଦଳରୁ ଖେଳିଥିବା ଏବଂ ସନ୍ତୋଷ ଟ୍ରଫି ଓ ସୁବ୍ରତ କପ ସେମିଫାଇନାଲରେ ଖେଳିବା ସହ ଭାରତୀୟ ସିନିୟର ଫୁଟବଲ ଦଳର ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିବା ଗୋଲକିପର ଭାରତୀକୃଷ୍ଣଙ୍କୁ ଲାଇଫ୍ ଟାଇମ ପୁରସ୍କାର ଆକାରରେ ଉତ୍ତରୀୟ, ଟ୍ରଫି, ପ୍ରଶସ୍ତିପତ୍ର, ଉପହାର ଏବଂ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

୨୦୨୪ର ଶ୍ରେଷ୍ଠ କୋଚ ପୁରସ୍କାର ଲାଭ କରିଥିଲେ ରାଜ୍ୟର ଜଣାଶୁଣା ହକି କୋଚ ଅମୂଲ୍ୟ କୁମାର ବେହେରା। ‘‘ଖେଳାଳିର ପ୍ରତିଭାକୁ ଠିକଭାବେ ଚିହ୍ନଟ କରି ପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ପ୍ରଶିକ୍ଷକ’’ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ କିପରି ପ୍ରବୋଧ ତିର୍କୀଙ୍କୁ ଡିପ୍ ଡିଫେନ୍ସରୁ ଉଠାଇ ଲେଫ୍ଟ ହାଫ୍‌ରେ ଖେଳାଇଥିଲେ ଓ ପରବର୍ତ୍ତୀ ସମୟରେ ସେ ଭାରତୀୟ ଦଳରୁ ମଧ୍ୟ ସେହି ସ୍ଥାନରେ ଖେଳିଲେ ତାହାକୁ ସେ ଉଦାହରଣ ଭାବେ ବର୍ଣ୍ଣନା କରିଥିଲେ। ଇଗ୍ନେସ ଓ ପ୍ରବୋଧ ତିର୍କୀ ଏବଂ ଜ୍ୟୋତି ସୁନିତା କୁଲୁଙ୍କ ପରି ବହୁ ସଫଳ ଖେଳାଳି ଭାରତୀୟ ପୁରୁଷ ଓ ମହିଳା ଦଳକୁ ପ୍ରଦାନ କରିଥିବା ଅମୂଲ୍ୟ ବେହେରାଙ୍କୁ ଶ୍ରେଷ୍ଠ କୋଚ ପୁରସ୍କାର ଆକାରରେ ଉତ୍ତରୀୟ, ବିଶେଷ ଟ୍ରଫି, ପ୍ରଶସ୍ତିପତ୍ର ଏବଂ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି କହିଥିଲେ ଯେ, ଓସିଏ ଆଗାମୀ ଦିନରେ ୪୦ରୁ ଅଧିକ ସ୍ଥାନରେ ଟର୍ଫ ଉଇକେଟ ସହ ଏକାଡେମୀ ସ୍ଥାପନ କରିବାକୁ ଯାଉଛି। ବାରବାଟୀ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭଙ୍ଗାଯିବ ନାହିଁ, କେବଳ କିଛିଟା ନବୀକରଣ ହେବ। ନିର୍ବାଚନ ପ୍ରକ୍ରିୟା ସରିବା ପରେ ବାରବାଟୀର ନବୀକରଣ କାର୍ଯ୍ୟ ଆରମ୍ଭ ହେବ। ଓଡ଼ିଶାର ଦୁଇ କିମ୍ବଦନ୍ତୀ କ୍ରିକେଟର ଦେବାଶିଷ ମହାନ୍ତି ଓ ରଶ୍ମିରଞ୍ଜନ ପରିଡ଼ା କମଲ ଗାଙ୍ଗୁଲୀଙ୍କ କୋଚିଂ ଜୀବନ ବାବଦରେ ସ୍ମୃତିଚାରଣ କରିଥିଲେ। କମଲ ଗାଙ୍ଗୁଲୀ ପୁରସ୍କାର କମିଟିର ଅନ୍ୟତମ ସଦସ୍ୟ ଶକ୍ତିପ୍ରକାଶ ନନ୍ଦ ପୁରସ୍କାରର ମହତ୍ତ୍ୱ ବାବଦରେ ପ୍ରକାଶ କରିଥିଲେ। ପୁରସ୍କାରର ପ୍ରାୟୋଜକ ତଥା ମାରୁତି ଇଷ୍ଟେଟ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ, ଭୁବନେଶ୍ୱର ଆଥଲେଟିକ୍ସ ସଂଘର ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ଏବଂ ସହିଦ ସ୍ପୋର୍ଟିଂର କୋଷାଧ୍ୟକ୍ଷ ନିକୁ ମହାନ୍ତିଙ୍କ ସହ ରାଜ୍ୟର ବହୁ କ୍ରିକେଟର, ଅଭିଭାବକ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ସହ ପୁରସ୍କାରପ୍ରାପ୍ତ ଭାରତୀକୃଷ୍ଣ ମିଶ୍ର ଓ ଅମୂଲ୍ୟ ବେହେରା। (ଫଟୋ: ବିକାଶ ନାୟକ)

# ଧୂଳିସାତ୍ ନୁହେଁ, ନବୀକରଣ ହେବ ବାରବାଟୀ

**କଟକ, ୨୫।୨**
**(ଶିଲ୍ପା ପ୍ରିୟଦର୍ଶିନୀ)**



ଆଶୀର୍ବାଦ ବେହେରା

ବାରବାଟୀ ଷ୍ଟାଡିୟମକୁ ଧୂଳିସାତ୍ କରାଯିବ ବୋଲି ଯେଉଁ ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ଓଡ଼ିଶା ଅଲିମ୍ପିକ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ରବିବାର ଓସିଏ ସମ୍ମିଳନୀକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାରବାଟୀ ଷ୍ଟାଡିୟମର କେବଳ ନବୀକରଣ କରାଯିବ।

୧୯୬୦ ମସିହାରେ ନିର୍ମାଣ କରାଯାଇଥିବା ଏହି ଷ୍ଟାଡିୟମର କେତେକାଂଶ ଦୁର୍ବଳ ହୋଇପଡ଼ିଛି। ତାହା ଭଙ୍ଗାଯାଇ ନବୀକରଣ କରାଯିବ। ୧୯୮୦ ଦଶକରେ ଷ୍ଟାଡିୟମର ୭ ନମ୍ବର ଗ୍ୟାଲେରୀ ସମ୍ପ୍ରସାରଣବେଳେ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏବେ ସେହି ୭ ନମ୍ବର ଗ୍ୟାଲେରୀ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି। ତେଣୁ ତାହାର ନବୀକରଣ ଆବଶ୍ୟକ । ବାରବାଟୀ ଷ୍ଟାଡିୟମର ବିକାଶ ପାଇଁ ବିଭିନ୍ନ ସମୟରେ ଯେତେବେଳେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି, ସେତେବେଳେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି।

ବର୍ତ୍ତମାନ ରାଜ୍ୟ ସରକାର, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ଓଡ଼ିଶା କ୍ରିକେଟ ଆସୋସିଏଶନର ମିଳିତ ସହଯୋଗରେ ବାରବାଟୀକୁ ଅନ୍ତର୍ଜାତୀୟ ମାନର ଷ୍ଟାଡିୟମ ଭାବେ ଗଢ଼ିତୋଳିବା ପାଇଁ ପ୍ରୟାସ ଚାଲିଛି। ହେଲେ ବାରବାଟୀ ଷ୍ଟାଡିୟମର ବିକାଶ ଖବରରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଐତିହ୍ୟ ନାମରେ ଭ୍ରମାତ୍ମକ ମତାମତ ଦେଇ ଗଣମାଧ୍ୟମ ଜରିଆରେ ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରୁଛନ୍ତି, ଯାହା ଆଦୌ ଗ୍ରହଣୀୟ ନୁହେଁ। ରାଜ୍ୟ ସରକାର କ୍ରିକେଟ ଖେଳକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଅଲିମ୍ପିକ ଆସୋସିଏଶନ, କ୍ରିକେଟ ଆସୋସିଏଶନ ଏହାକୁ ସ୍ୱାଗତ କରି ଷ୍ଟାଡିୟମର ବିକାଶ ଧାରାରେ ସାମିଲ ହୋଇଛନ୍ତି। ଆସନ୍ତା ୨୭ ତାରିଖରେ ଐତିହାସିକ ବାରବାଟୀ ଷ୍ଟାଡିୟମର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ନବୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାମାନଙ୍କ ନିକଟରେ କୃତଜ୍ଞ ବୋଲି ସଂଘର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି।

# ଉତ୍କଳ କରାଟେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୫।୨**
**(ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩୨ଜଣ ପ୍ରଶିକ୍ଷକ ଯୋଗ ଦେଇଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆର ମୁଖ୍ୟ ହାନ୍‌ସୀ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲାକବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜଣେ ୩ୟ ଡାନ୍ ଜଣେ ୨ୟ ଡାନ୍ ଏବଂ ୧୭ଜଣ ପ୍ରଥମ ଡାନ୍ ବ୍ଲାକବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନେ ହାନ୍‌ସୀ ହରି ପଟ୍ଟନାୟକଙ୍କଠାରୁ ବ୍ଲାକ୍‌ବେଲ୍ଟ ଗ୍ରହଣ କରିଥିଲେ। ଆସନ୍ତା ମାର୍ଚ୍ଚ ୮ରେ ମହିଳା ଦିବସ ଅବସରରେ ରାଜ୍ୟସ୍ତରୀୟ ‘ରିଆକ୍ଟ’ ଆତ୍ମରକ୍ଷା ପ୍ରତିଯୋଗିତା ବାଳିକାମାନଙ୍କୁ ନେଇ ଅନୁଷ୍ଠିତ ହେବ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ମହୁ

ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ ! ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି । ଏଥିରେ ଥିବା ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ । ବିଶେଷଭାବରେ ଶରୀର ଭିତରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରାଇଥାଏ ମହୁ । ତା' ସହ ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି । ଉଚ୍ଚ ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ । ଶରୀରରେ ଶର୍କରା ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ । ରକ୍ତହୀନତା ସହ ଜଡ଼ିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର । ଏହାକୁ ସେମାନେ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ । ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ । ସେମାନଙ୍କ ପାଇଁ ଏହା ବରଦାନ ସଦୃଶ । ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ ।



## ଅଷ୍ଟିଓପୋରୋସିସ୍ ପାଇଁ ଉପକାରୀ ଦହି

ଦହିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ତେବେ ଏହି ତାଲିକାରେ ଆଉ ଏକ ନୂଆ କଥାକୁ ସାମିଲ କରାଯାଇଛି । ଏହାର ଉପକାରୀ ତତ୍ତ୍ୱ ଉପରେ ତର୍ଜମା କରି ୟୁନିଭର୍ସିଟି ଅଫ୍ ଲଣ୍ଡନର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ଏକ କୌତୂହଳପୂର୍ଣ୍ଣ କଥା ଜାଣିପାରିଛନ୍ତି । ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହାକୁ ନିୟମିତ ଖାଇଲେ ତାହା ଅଷ୍ଟିଓପୋରୋସିସ୍ ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ । ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଦୈନନ୍ଦିନ ଖାଦ୍ୟ ସହ କିଛି ପରିମାଣର ଦହି ଖାଇବାକୁ ଦିଆଯାଇଥିଲା । ଏହାଦ୍ୱାରା ସେମାନେ ଏଭଳି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଉଥିବା ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଏହା ବଢ଼ାଇଥାଏ । ଦାନ୍ତକୁ ମଧ୍ୟ ଦୃଢ଼ ରଖେ । ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ, ଯାହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିବ । ଶରୀରରେ କୋଲେଷ୍ଟେରଲ୍ ଏବଂ ମେଦ ବହୁଳତାକୁ ଏହା କେତେକାଂଶରେ କମାଇଥାଏ ।



# ସୌର ଝଡ଼



ଇଂ. ମାୟାଧର ସ୍ୱାଇଁ

''ସୌର ଝଡ଼ ସାଧାରଣତଃ ସୌର କଳଙ୍କ ସହ ସଂଶ୍ଳିଷ୍ଟ ଥାଏ । ସୌର କଳଙ୍କ ହେଉଛି ସୂର୍ଯ୍ୟପୃଷ୍ଠର କଳା ଅଂଶ ଏବଂ ଏଥିରେ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ଥାଏ । ଗୋଟିଏ ସାଧାରଣ ଆକାରର ସୌର କଳଙ୍କ ପୃଥିବୀ ଭଳି ବଡ଼ ହୋଇପାରେ । ଯେତେବେଳେ ସୂର୍ଯ୍ୟପୃଷ୍ଠ ଦେଇ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ନିର୍ଗତ ହୋଇଥାଏ, ପୃଷ୍ଠର ସେହି ଅଞ୍ଚଳ ସାମାନ୍ୟ ଥଣ୍ଡା ହୋଇଥାଏ । ସୌରପୃଷ୍ଠକୁ 'କୋରୋନା' କୁହାଯାଏ ଏବଂ ଏହାର ତାପମାତ୍ରା ହେଉଛି ଛଅ ହଜାର ଡିଗ୍ରୀ ସେଲ୍‌ସିୟସ । ସୌର କଳଙ୍କର ତାପମାତ୍ରା ହେଉଛି ୪୨୦୦ ଡିଗ୍ରୀ ସେଲ୍‌ସିୟସ । ଏଣୁ ସୌର କଳଙ୍କ କଳା ଦେଖାଯାଏ ।''



ସୂର୍ଯ୍ୟ ହେଉଛି ସୌରଜଗତର ମୁଖ୍ୟ । ଏହାକୁ କେନ୍ଦ୍ର କରି ସୌରଜଗତର ସମସ୍ତ ଗ୍ରହ ପରିକ୍ରମଣ କରିଥାଆନ୍ତି । ପୃଥିବୀଠାରୁ ଏହାର ଦୂରତା ହେଉଛି ପ୍ରାୟ ୧୫ କୋଟି କିମି । ଏହାର ତିନି-ଚତୁର୍ଥାଂଶ ଉଦ୍‌ଜାନ ହୋଇଥିବା ବେଳେ ଏକ-ଚତୁର୍ଥାଂଶ ହିଲିୟମ । ସୂର୍ଯ୍ୟ ଯୋଗୁ ପୃଥିବୀରେ ଜୀବଜଗତ ସୃଷ୍ଟି ହୋଇ ତିଷ୍ଠି ରହିଛି । ଏହା ଆମକୁ ଆଲୋକ ଓ ତାପ ପ୍ରଦାନ କରିଥାଏ । ସୌରଶକ୍ତି ସାହାଯ୍ୟରେ ଉଦ୍ଭିଦଜଗତ ଖାଦ୍ୟ ପ୍ରସ୍ତୁତ କରନ୍ତି । ସୂର୍ଯ୍ୟ ଯୋଗୁ ଜଳଚକ୍ର ମାଧ୍ୟମରେ ପୃଥିବୀରେ ବୃଷ୍ଟିପାତ ହୋଇଥାଏ । ମୋଟ ଉପରେ କହିଲେ, ସୂର୍ଯ୍ୟ ହେଉଛି ସକଳ ଶକ୍ତିର ଆଧାର । କିନ୍ତୁ ବେଳେବେଳେ ପୃଥିବୀରେ ସୂର୍ଯ୍ୟର କୁପ୍ରଭାବ ପଡ଼ିଥାଏ ।

ସୂର୍ଯ୍ୟ ହେଉଛି ଗୋଟିଏ ବୃହତ୍ ତାପୀୟ-ଆଣବିକ ରିଆକ୍ଟର । ସେଠାରେ ଉଦ୍‌ଜାନ ପରମାଣୁର ତାପୀୟ ସଂଯୋଜନ ହୋଇ ହିଲିୟମ୍ ପରମାଣୁ ସୃଷ୍ଟି ହୁଏ ଏବଂ ଏହି ପ୍ରକ୍ରିୟାରେ ପ୍ରଚୁର ଶକ୍ତି ଉତ୍ପନ୍ନ ହୁଏ । ଏହାର ଆଭ୍ୟନ୍ତରୀଣ ତାପମାତ୍ରା ହେଉଛି ପ୍ରାୟ ୧୦ ଲକ୍ଷ ଡିଗ୍ରୀ ସେଲ୍‌ସିୟସ । ଏହାର ଅଭ୍ୟନ୍ତର ମୁଖ୍ୟତଃ ଅତି ଉତ୍ତପ୍ତ ପ୍ଲାଜ୍‌ମା ଗ୍ୟାସ୍‌କୁ ନେଇ ଗଠିତ । ପ୍ଲାଜ୍‌ମାକୁ ପଦାର୍ଥର ଚତୁର୍ଥ ଅବସ୍ଥା କୁହାଯାଏ । ବେଳେବେଳେ ସୂର୍ଯ୍ୟପୃଷ୍ଠରେ କିଛି ଗଣ୍ଡଗୋଳିଆ ଅବସ୍ଥା ସୃଷ୍ଟି ହୋଇ ଏଥିରୁ ପ୍ରଚୁର ପରିମାଣର ଚୁମ୍ବକୀୟ ଶକ୍ତି ବାହାରି ଏହାର ବାହ୍ୟସ୍ତର ଦେଇ ସମସ୍ତ ସୌରଜଗତକୁ ବ୍ୟାପିଥାଏ । ଏହି ଅକସ୍ମାତ୍ ଶକ୍ତି ବିସ୍ଫୋରଣକୁ 'ସୌରଶିଖା' କୁହାଯାଏ । ଏହା ସହିତ ପ୍ରାୟ ପ୍ରତ୍ୟେକ ସମୟରେ କୋରୋନାରୁ କିଛି ବସ୍ତୁ ମଧ୍ୟ ବାହାରି ଯାଇଥାଏ । ଏହାକୁ 'କୋରୋନା ବସ୍ତୁ' ନିଷ୍କାସନ କୁହାଯାଏ । ଏହି ବସ୍ତୁଗୁଡ଼ିକ ବାସ୍ତବରେ ହେଉଛି ଆୟନୀୟ କଣିକା ପ୍ରୋଟନ । ସୂର୍ଯ୍ୟପୃଷ୍ଠରୁ ତୀବ୍ର ବେଗରେ ନିର୍ଗତ ହେଉଥିବା ଏହି ଶକ୍ତି ଓ କଣିକାକୁ 'ସୌର ଝଡ଼' କୁହାଯାଏ । ଏହା କେତେ ମିନିଟରୁ ଆରମ୍ଭ କରି କେତେ ଘଣ୍ଟା ପର୍ଯ୍ୟନ୍ତ ଘଟିଥାଏ । ଏଥିରେ ବିଲିୟନ ଟନ୍‌ର ବସ୍ତୁତ୍ୱ ଥାଇପାରେ ଏବଂ ଏହା ଘଣ୍ଟା ପ୍ରତି ୮ ଲକ୍ଷରୁ ୫୦ ଲକ୍ଷ ବେଗରେ ଗତି କରିଥାଏ ।

ସୌର ଝଡ଼ ସାଧାରଣତଃ ସୌର କଳଙ୍କ ସହ ସଂଶ୍ଳିଷ୍ଟ ଥାଏ । ସୌର କଳଙ୍କ ହେଉଛି ସୂର୍ଯ୍ୟପୃଷ୍ଠର କଳା ଅଂଶ ଏବଂ ଏଥିରେ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ଥାଏ । ଗୋଟିଏ ସାଧାରଣ ଆକାରର ସୌର କଳଙ୍କ ପୃଥିବୀ ଭଳି ବଡ଼ ହୋଇପାରେ । ଯେତେବେଳେ ସୂର୍ଯ୍ୟପୃଷ୍ଠ ଦେଇ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ନିର୍ଗତ ହୋଇଥାଏ, ପୃଷ୍ଠର ସେହି ଅଞ୍ଚଳ ସାମାନ୍ୟ ଥଣ୍ଡା ହୋଇଥାଏ । ସୌରପୃଷ୍ଠକୁ 'କୋରୋନା' କୁହାଯାଏ ଏବଂ ଏହାର ତାପମାତ୍ରା ହେଉଛି ୬ ହଜାର ଡିଗ୍ରୀ ସେଲ୍‌ସିୟସ । ସୌର କଳଙ୍କର ତାପମାତ୍ରା ହେଉଛି ୪୨୦୦ ଡିଗ୍ରୀ ସେଲ୍‌ସିୟସ । ଏଣୁ ସୌର କଳଙ୍କ କଳା ଦେଖାଯାଏ । ସୌର କଳଙ୍କଗୁଡ଼ିକ ଗୋଟିଏ ଜାଗାରେ ସ୍ଥିର ନ ଥାଏ । ପୃଥିବୀରୁ ଦେଖିଲେ ୨୭ ଦିନରେ ଏଗୁଡ଼ିକର ସମ୍ପୂର୍ଣ୍ଣ ଘୂର୍ଣ୍ଣନ ହୋଇଥାଏ ।

ସୂର୍ଯ୍ୟର ଏହି ପ୍ରକାର କାର୍ଯ୍ୟକଳାପ ୧୧ବର୍ଷିଆ ଚକ୍ରରେ ହେଉଥାଏ । ଅର୍ଥାତ୍ ସୌର କଳଙ୍କର ସଂଖ୍ୟା ନିମ୍ନତମରୁ ବଢ଼ି ବଢ଼ି ସର୍ବାଧିକ ପର୍ଯ୍ୟନ୍ତ ଯାଇଥାଏ ଏବଂ ଏହାପରେ ପୁନଶ୍ଚ ହ୍ରାସ ପାଇ ନିମ୍ନତମ ହୋଇଥାଏ । ଏହି ଚକ୍ର ସମ୍ପୂର୍ଣ୍ଣ କରିବା ପାଇଁ ହାରାହାରି ଏଗାର ବର୍ଷ ଲାଗିଥାଏ । ସୂର୍ଯ୍ୟ କାର୍ଯ୍ୟକଳାପର ପରିବର୍ତ୍ତନକୁ ଏହି ସୌରଚକ୍ର ସାହାଯ୍ୟରେ ଜାଣିହୁଏ । ବିଗତ ସର୍ବାଧିକ ସୌର କଳଙ୍କ ୨୦୧୩ ମସିହାରେ ଦେଖାଦେଇଥିଲା ଏବଂ ପରବର୍ତ୍ତୀ ସର୍ବାଧିକ ସୌର କଳଙ୍କ ୨୦୨୪ ଅର୍ଥାତ୍ ଚଳିତବର୍ଷ ଦେଖାଦେବ । ସର୍ବାଧିକ ସୌର କଳଙ୍କର ଅର୍ଥ ହେଉଛି ସୂର୍ଯ୍ୟର ସର୍ବାଧିକ କାର୍ଯ୍ୟକଳାପ ଏବଂ ଏହି ସମୟରେ ସୌର ଝଡ଼ର ପରିମାଣ ବହୁଗୁଣରେ ବଢ଼ିଯାଏ ।

### ସୌର ଝଡ଼ର ପ୍ରଭାବ

ସୌର ଝଡ଼ର ପ୍ରଭାବ ପୃଥିବୀ ଉପରେ ଅନେକ ଭାବରେ ପଡ଼ିଥାଏ । ଅବଶ୍ୟ ବଡ଼ ଧରଣର ସୌର ଝଡ଼ ଆମର ଅନେକ କ୍ଷତି କରିଥାଏ । ପୃଥିବୀ ଚାରିପଟେ ଗୋଟିଏ ଚୁମ୍ବକୀୟ ବଳୟ ଅଛି । ସୌର ଝଡ଼ ଏହି ଚୁମ୍ବକୀୟ କ୍ଷେତ୍ରରେ ପରିବର୍ତ୍ତନ ଆଣିଥାଏ, ଯାହା ପୃଥିବୀର ସୁପରିବାହୀ ପୃଷ୍ଠରେ ବୈଦ୍ୟୁତିକ କ୍ଷେତ୍ର ପ୍ରେରଣ କରିଥାଏ । ଆମେ ଜାଣୁ ଯେ ପ୍ରତ୍ୟେକ ବିଦ୍ୟୁତ୍ ସଞ୍ଚାରଣ ତାର କିମ୍ବା ଉପକରଣ ଏହାର ନିଉଟ୍ରାଲ ପଏଣ୍ଟରେ ଭୂମି ସହିତ ସଂଯୋଗ କରିଥାଏ । ଏଣୁ ସୌର ଝଡ଼ ପ୍ରେରିତ ବିଦ୍ୟୁତ୍ କେନ୍ଦ୍ର ଏହା ମାଧ୍ୟମରେ ପ୍ରବେଶ କରି ବିଦ୍ୟୁତ୍ ଉପକରଣଗୁଡ଼ିକର କ୍ଷତି କରିଥାଏ । ଏହା ମଧ୍ୟ ବିଦ୍ୟୁତ୍ ଓ ଟେଲିଗ୍ରାଫ କେବୁଲର କ୍ଷତି ପହଞ୍ଚାଇଥାଏ ।

ସୌର ଝଡ଼ ତେଲ ଓ ଗ୍ୟାସ୍ ପାଇପ୍‌ରେ କଳଙ୍କି ସୃଷ୍ଟି କରିଥାଏ । ଉଡ଼ାଜାହାଜ ପଠାଉଥିବା ଉଚ୍ଚ-ଆବୃତ୍ତିର ରେଡିଓ ବାର୍ତ୍ତା ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ମହାକାଶରେ ଅବସ୍ଥାପିତ କୃତ୍ରିମ ଉପଗ୍ରହ ଓ 'ଜିପିଏସ୍'ର ବୈଦ୍ୟୁତିକ ଓ ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି ଏହାଦ୍ୱାରା ପ୍ରଭାବିତ ହେବା ଯୋଗୁଁ ପୃଥିବୀ ସହିତ ଯୋଗାଯୋଗ ବ୍ୟାହତ ହୋଇପାରେ । କୃତ୍ରିମ ଉପଗ୍ରହରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ଖଞ୍ଜା ଯାଇଥିବା ସୌର ଫଳକର କାର୍ଯ୍ୟରେ ଏହା ବାଧା ପହଞ୍ଚାଇଥାଏ । ମହାକାଶଚାରୀମାନେ ମଧ୍ୟ ଏହିସମୟରେ ପ୍ରଭାବିତ ହୋଇପାରନ୍ତି । ଏହା ଯୋଗୁ ଉତ୍ତର ମେରୁ ଓ ଦକ୍ଷିଣ ମେରୁ ଅଞ୍ଚଳରେ ରଙ୍ଗିନ ଆଲୋକ ପ୍ରଭା ଦେଖାଯାଏ ।

### ସୌର ଝଡ଼ର ଚିହ୍ନଟ

ଭୂପୃଷ୍ଠ ଓ ମହାକାଶରେ ଅବସ୍ଥାପିତ ହୋଇଥିବା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦୃଶ୍ୟମାନ ଆଲୋକ, ଅତି ବାଇଗଣୀ ରଶ୍ମି, ଗାମା ରଶ୍ମି ଓ ଏକ୍ସ ରଶ୍ମିକୁ ଚିହ୍ନଟ କରାଯାଏ । ଏଥିରେ ଥିବା ଟ୍ରାନ୍ସମିଟର ଓ ରିସିଭର ଦ୍ୱାରା ରେଡିଓ ତରଙ୍ଗ ମଧ୍ୟ ଚିହ୍ନଟ ହୁଏ ଏବଂ କଣିକା ଚିହ୍ନଟ ଯନ୍ତ୍ର ସାହାଯ୍ୟରେ ଆୟନ ଓ ଇଲେକ୍ଟ୍ରନକୁ ଗଣନା କରାଯାଏ । ମାଗ୍ନେଟୋମିଟର ଚୁମ୍ବକୀୟ କ୍ଷେତ୍ରକୁ ଠାବ କରେ । କ୍ୟାମେରା ଦ୍ୱାରା ପୃଥିବୀ ଉପରେ ସୁମେରୁ ଓ କୁମେରୁ ପ୍ରଭା ଦେଖିହୁଏ । ସୁମେରୁ ଓ କୁମେରୁ ପ୍ରଭା ସୂର୍ଯ୍ୟର ସର୍ବାଧିକ କାର୍ଯ୍ୟକଳାପ ସମୟରେ ଅଧିକ ଭାବେ ଦେଖାଦେଇଥାଏ । ପ୍ରଭାର ମୁଖ୍ୟ ରଙ୍ଗ ହେଉଛି ସବୁଜ । ଏହା ପୃଥିବୀରୁ ୮୦-୩୦୦ କିମି ଉଚ୍ଚରେ ଦେଖାଯାଏ ।

ସୌର ଝଡ଼କୁ ଚିହ୍ନଟ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ମହାକାଶ ସଂଘ ମହାକାଶକୁ ମହାକାଶଯାନ ପଠାଇଛନ୍ତି । ଭାରତ ପୃଥିବୀଠାରୁ ୧୫ ଲକ୍ଷ କିମି ଓ ସୂର୍ଯ୍ୟଠାରୁ ୧୪ କୋଟି ୮୫ ଲକ୍ଷ କିମି ଦୂରତାରେ ଥିବା ଏଲ-୧ ବିନ୍ଦୁରେ ଆଦିତ୍ୟ ଏଲ-୧ ଯାନକୁ ଅବସ୍ଥାପିତ କରିଛି । ଏଥିରେ ଥିବା ଯନ୍ତ୍ରପାତି ସୌର ଝଡ଼ରେ ନିର୍ଗତ ହେଉଥିବା ଆୟନଗୁଡ଼ିକ ଗଣନା କରିବା ସହିତ ଚୁମ୍ବକୀୟ କ୍ଷେତ୍ରକୁ ମାପ କରିବ ।

ପୃଥିବୀର ଚୁମ୍ବକ ବଳୟ ପୃଥିବୀକୁ ସୌର ଝଡ଼ରୁ ରକ୍ଷା କରୁଛି । ମାତ୍ର ସୌର ଝଡ଼ର ପରିମାଣ ଅଧିକ ହେଲେ ଏହା ରକ୍ଷା କରି ନ ପାରେ । ସେଥିପାଇଁ ଆମକୁ ପ୍ରସ୍ତୁତ ରହିବା ସହିତ ବିହିତ ପ୍ରତିକାର ପାଇଁ କାର୍ଯ୍ୟ କରିବା ଉଚିତ ।

- ୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪



## ସୁସ୍ଥ ରହିବ ହାର୍ଟ

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ହୃତ୍‌ପିଣ୍ଡ ବା ହାର୍ଟ । ଏହି ଅଙ୍ଗ ସୁସ୍ଥ ତଥା ନୀରୋଗ ରହିବା ନିହାତି ଜରୁରୀ । ନ ହେଲେ ତାହା ଜୀବନନାଶକ ସାବ୍ୟସ୍ତ ହୋଇଥାଏ । ଅସନ୍ତୁଳିତ ଖାଦ୍ୟପେୟ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଥାଏ । ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ହୃଦ୍‌ରୋଗ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା କେତେକାଂଶରେ ହ୍ରାସ ପାଇଥାଏ । କେବଳ ସେତିକି ନୁହେଁ, ବର୍ଷକୁ ଅନ୍ତତଃ ଦୁଇଥର ରକ୍ତଦାନ ଦ୍ୱାରା ହାର୍ଟ ମଧ୍ୟ ସୁସ୍ଥ ରହେ । ସବୁଠାରୁ ବଡ଼ କଥା ହେଲା, ସୁଷମ ଖାଦ୍ୟ ଖାଆନ୍ତୁ । ତା' ସହ ଚାପମୁକ୍ତ ତଥା ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ । ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ । ଦୈନିକ ଅତିକମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ । ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ଅନେକାଂଶରେ ଦାୟୀ । ତେଣୁ ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ବୟସ ୫୦ ଟପିଲେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାଲାଡ୍, ସବୁଜ ପନିପରିବା ଓ ତଟକା ଫଳ ସାମିଲ କରନ୍ତୁ ।

## ଜାଣିରଖନ୍ତୁ



- ମଦ୍ୟପାନ, ଧୂମପାନ ତଥା ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ଘାତ ବା ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ । ଏ ସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନକୁ ଆବଶ୍ୟକତାଠାରୁ ଅଧିକ ବୃଦ୍ଧି କରାଇଥାଏ । ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ ।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ ; ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ପାଲଟିଥାଏ ।
- ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ । ଏହା ଯୋଗୁଁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ ।
- କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ କମ୍ କରିଥାଏ । ଫଳରେ ହାର୍ଟ ଉପରେ ଅଧିକ ଚାପ ପଡ଼ି ନ ଥାଏ ।
- ଗ୍ରୀନ୍ ଟି, ବ୍ଲାକ୍ ଟି, କଫି ଏବଂ ଫଳରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ ।
- ଅଧିକ ମସଲା ତଥା ତେଲଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ । କାରଣ ଏଗୁଡ଼ିକର ପରିମାଣ ଅଧିକ ହେଲେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ ।
- ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ । ଅତ୍ୟଧିକ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ ।

## ନିଦ୍ରାହୀନତା ଓ ଅସନ୍ତୁଳିତ ଖାଦ୍ୟପେୟ



ସୁଷମ ଖାଦ୍ୟ ଏବଂ ଉତ୍ତମ ନିଦ୍ରା ଆମକୁ ଅନେକାଂଶରେ ସୁସ୍ଥ ରଖିଥାଏ । ତେବେ କେତେକ କାରଣରୁ ଅନେକ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଏପରି କି କିଛି ବ୍ୟକ୍ତି ବିଳମ୍ବରେ ଶୋଇବା ଏବଂ ଶୀଘ୍ର ଉଠିବା ଫଳରେ ଏହାର ପ୍ରଭାବ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ତେବେ ଠିକ୍ ଭାବରେ ନିଦ ନ ହେବା ଏକ ବଡ଼ ସମସ୍ୟା । ଏହା ଧୀରେ ଧୀରେ ଗୁରୁତର ଆକାର ଧାରଣ କରି ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ । ନିଦ୍ରାହୀନତା ପାଇଁ ଅସନ୍ତୁଳିତ ଖାଦ୍ୟପେୟ କେତେକାଂଶରେ ଦାୟୀ ବୋଲି ମତ ଦେଇଛନ୍ତି ଆମେରିକୀୟ ପୁଷ୍ଟିବିଜ୍ଞାନୀମାନେ । ଖାଦ୍ୟପେୟରେ ବାରମ୍ବାର ଏପଟସେପଟ ହେଲେ ତାହା ନିଦ୍ରାକୁ ପ୍ରଭାବିତ କରିଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ଜଣେ ବ୍ୟକ୍ତି ନିଜର ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର । ଏହାଦ୍ୱାରା ଭଲ ନିଦ ହେବା ସହ ସେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବେ ।

## ସ୍ୱା ସ୍ଥ୍ୟ ସୂ ଚ ନା

- ସକାଳୁ ବିଛଣାରୁ ଉଠିବା ପରେ କିଛି ସମୟ ସେଠାରେ ବସି ରହି ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ । ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ । କେବଳ ସେତିକି ନୁହେଁ, ଏଭଳି ଏକ୍ସରସାଇଜ କରିବା ଫଳରେ ପାଚନକ୍ରିୟା ଆହୁରି ଦୃଢ଼ ହେବା ସହ ଅଣ୍ଟା ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ ।
- ଆମକୁ ସୁସ୍ଥ ରଖିବାରେ ବ୍ରେକ୍‌ଫାଷ୍ଟର ମଧ୍ୟ ଭୂମିକା ରହିଛି । ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ଯେ ଏହାଦ୍ୱାରା ଆମର ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ ।



- ପ୍ରତିଦିନ କିଛିସମୟ ଶାନ୍ତ ପରିବେଶରେ ବିତାନ୍ତୁ । ଏହା ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରିଥାଏ ।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ । ଏହା ହେଉଛି ଭିଟାମିନ୍ 'ସି'ର ପ୍ରମୁଖ ଉତ୍ସ । ଏହାକୁ ନିୟମିତ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର କ୍ୟାନ୍‌ସର ବିଶେଷଜ୍ଞମାନେ ମତ ଦେଇଛନ୍ତି ।
- ଖାଇସାରିବା ପରେ ପରେ ଆଦୌ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଏହାର ଖରାପ ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ ।
- ଖାଇବା ପରେ ପରେ ଗାଧାନ୍ତୁ ନାହିଁ । ଏହାଦ୍ୱାରା ରକ୍ତ ସଞ୍ଚାଳନ ଶିଥିଳ ହୋଇଯାଏ ।

## ସ୍ୱାସ୍ଥ୍ୟୋପକାରୀ ପାଣିସିଙ୍ଗଡ଼ା-ପଦ୍ମନାଡ଼



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ଜଳ ଓ ସ୍ଥଳଭାଗରେ ଯେତେପ୍ରକାର ଉଦ୍ଭିଦ, ଲତା, ଗୁଳ୍ମ, ଆଦି ରହିଛି ; ସେଗୁଡ଼ିକର ଚେର, ମୂଳ, ଛାଲି, ଡାଳ, ପତ୍ର, ଫୁଲ ଓ ଫଳ ପ୍ରତ୍ୟେକ ଦ୍ରବ୍ୟ ମାନବ ଶରୀର ପାଇଁ ପ୍ରକୃତିଦତ୍ତ । ସେଗୁଡ଼ିକ ଜୀବନୀୟ ଗୁଣବତ୍ତା ତଥା ଔଷଧୀୟ ଗୁଣରେ ପରିପୂର୍ଣ୍ଣ ରହିଛି । ବିଶ୍ୱର ପ୍ରତ୍ୟେକ ଦେଶ ତଥା ଭାରତର କୋଣାନୁକୋଣେ ଜଳବାୟୁ ଅନୁଯାୟୀ ଏମିତି କେତେ ନିଆରା କିସମର ସ୍ୱାସ୍ଥ୍ୟ ଉପକାରୀ ଖାଦ୍ୟ ଦ୍ରବ୍ୟ ରହିଛି । ଏଗୁଡ଼ିକ ସବୁ ସ୍ଥାନରେ ମିଳିନଥାଏ, ଯାହାକୁ କେତେକ ବ୍ୟକ୍ତି ଜାଣି ନ ଥା'ନ୍ତି କିମ୍ବା ଖାଦ୍ୟରେ ବ୍ୟବହାର କରି ନ ଥା'ନ୍ତି । ସେଥିମଧ୍ୟରୁ ପାଣିସିଙ୍ଗଡ଼ା ଓ ପଦ୍ମନାଡ଼ ଅନ୍ୟତମ । ସ୍ୱାସ୍ଥ୍ୟ ହିତ ପାଇଁ ଏକ ଏକ ବହୁ ଉପକାରୀ ଖାଦ୍ୟ ଅଟେ । ଏ ଦୁଇ ପ୍ରକାର ଦ୍ରବ୍ୟ ଜଳ ମଧ୍ୟରେ ହିଁ ହୋଇଥାଏ ।

**ପାଣିସିଙ୍ଗଡ଼ା :** ପାଣିସିଙ୍ଗଡ଼ା (warter chestnut) ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଛି, ଯାହା ଆମ ଦାନ୍ତ ଓ ଅସ୍ଥିକୁ ମଜଭୁତ କରିଥାଏ । କେବଳ ସେତିକି ନୁହେଁ, ଏହା ଶରୀରର ଦୁର୍ବଳତା ଦୂର କରିବା, ଗ୍ୟାଷ୍ଟ୍ରିକ ସମସ୍ୟା, କୋଷ୍ଠକାଠିନ୍ୟ ଦୂର କରିବା ସହ ଅନ୍ତନଳୀକୁ ସଫା ରଖିବାରେ ସାହାଯ୍ୟ କରେ । ତା' ସହ ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ପାଣିସିଙ୍ଗଡ଼ାରେ ତନ୍ତୁଜାତୀୟ ପଦାର୍ଥ ଭରି ରହିଛି । ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥିବାରୁ ଏହା ଖାଇବା ଦ୍ୱାରା ଟନ୍‌ସିଲ ଓ ଗଳା ସମସ୍ୟା ଦୂର ହୋଇଥାଏ । ସୁନିଦ୍ରା ହେବାରେ ମଧ୍ୟ ସାହାଯ୍ୟ କରିଥାଏ । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ପାଣିସିଙ୍ଗଡ଼ା ଚରକ ସଂହିତାରେ ପାଣିସିଙ୍ଗଡ଼ା ଏକ ସ୍ୱାଦିଷ୍ଟ, ହଜମ ଶକ୍ତି ବୃଦ୍ଧିକାରକ, ପିତ୍ତ ଓ କଫ ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରାଯାଇଛି । ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ । ଏପରି ସ୍ୱାସ୍ଥ୍ୟ ଉପଯୋଗୀ ପାଣିସିଙ୍ଗଡ଼ାକୁ ଆମେ ଖାଦ୍ୟ ଭାବେ ଖାଇବା ଜରୁରୀ ।


ପାଣିସିଙ୍ଗଡ଼ା

**ପଦ୍ମନାଡ଼:** ପଦ୍ମନାଡ଼ (Lotus stem)କୁ ଭାଜି ତରକାରି କରି ଖିଆଯାଏ । ଏହା ଦେଖିବାକୁ ଧଳା । ଏହା ସାଧାରଣତଃ ଜଳାଶୟଗୁଡ଼ିକରେ ରହିଥାଏ । ଆମ ଦେଶର ପଦ୍ମଫୁଲକୁ ପ୍ରାୟତଃ ପୂଜାର୍ଚ୍ଚନାରେ ବ୍ୟବହାର କରାଯାଏ । କିନ୍ତୁ ଏହାର ନାଡ଼ରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଏଥିରେ ଭିଟାମିନ-ସି, ଆଇରନ୍, ଭିଟାମିନ୍-ବି କମ୍ପ୍ଲେକ୍ସ, ପୋଟାସିୟମ, ସୋଡିୟମ, ପ୍ରୋଟିନ ଭରପୂର ହୋଇ ରହିଛି । ଏହା ଆଣ୍ଟି-ଅକ୍ସିଡାଣ୍ଟ ଅଟେ । ଏହାକୁ ଖାଦ୍ୟ ଭାବେ ଖାଇବା ଦ୍ୱାରା ଏହା ତ୍ୱଚାକୁ ସୌନ୍ଦର୍ଯ୍ୟ ବଢ଼ାଇବା ସହ କେଶ ବୃଦ୍ଧି ଘଟିବା, ଦେହରୁ ବହୁତ ଝାଳ ନିର୍ଗତ ହେଉଥିଲେ ଏହା ସ୍ୱାଭାବିକ ହେବା ସହ ନାକରୁ କିମ୍ବା ପରିସ୍ରାରେ ରକ୍ତ ପଡୁଥିଲେ ସେଥିରୁ ଉପଶମ ମିଳିବା ବ୍ୟତୀତ ଥଣ୍ଡା କାଶ, କୁଷ୍ଠିଆ, ଚର୍ମ ରୋଗରୁ ଉପଶମ ମିଳିଥାଏ । ମହିଳା ଓ ପୁରୁଷଙ୍କ ଯୌନଶକ୍ତି ବୃଦ୍ଧି କରିବା ସହ ଶରୀରର ଖରାପ କୋଲେଷ୍ଟରଲକୁ ନିର୍ଗତ କରାଇବାରେ ସହାୟକ ହୋଇଥାଏ । ଉଚ୍ଚ ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ରଖିଥାଏ । ଏହାକୁ ନିୟମିତ ଖାଇଲେ ତାହା ଆନିମିଆ, ଉତ୍ତମ ରକ୍ତ ସଂଚାଳନ ସହ ଶରୀରରେ ଲୋହିତ ରକ୍ତକଣିକା ମାତ୍ରା ବୃଦ୍ଧି, ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ପଦ୍ମନାଡ଼କୁ ଖାଦ୍ୟ ରୂପେ ଆମେ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ।

- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭


ପଦ୍ମନାଡ଼



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ







**FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, NAYAGARH: KUMAR SAI TVS: 9778728751. **Authorised Dealers:** Rohibank:6371229226, Kalapathar:9937844941, Ranpur:9778520193, Khandapada:7008659421, Purunakatak:9439071610, Chandpur:9337112565, Raj Sunakhela:9437637421, Narasinghpur:9658410027, Odogaon:7815050701. Bhapur:7389040805, Daspalla:9938375040, Gothopatna:8249710415, Jatani:7978421266, Balugaon:9937886712, Nirakarpur:9658971360, Bhubaneshwar (CRP Square):9337022334, Baghamari:9437015363 Khurda:7008412374, Balipatna:9776036999, Mendhasala:9437072019, Pipili:9861150706, Sakhigopal:9861150706, Nimapara:7381765800, Delang:9090214582, Brahmagiri:8480928882, 6370937155, Chari Chowk:8327783765, Panaspada:6372608810, Kanas:9090214582.